ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.113, Tuesday, 11 August 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୩, ମଙ୍ଗଳବାର, ୧୧ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.113, Tuesday, 11 August 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୩, ମଙ୍ଗଳବାର, ୧୧ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Ambruta™
Pyaas Zaroori Hai

JOIN US AS A
DISTRIBUTOR!
Be the Source of
ODISHA'S
TRUSTED HYDRATION

Call us Tollfree
1800 123 6373

FOLLOW US

CALL US FOR
Business Enquiry and Bulk Order
Toll Free number : 1800 123 6373

ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▶ www.amrutadunia.org

Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ

■ Vol.13, Issue.113, Tuesday, 11 August 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୩, ମଙ୍ଗଳବାର, ୧୧ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

୮୦ତମ ସ୍ୱାଧୀନତା ଦିବସ

ଲାଲ୍‌କିଲ୍ଲାରୁ ଶୁଭିବ 'ବନ୍ଦେ ମାତରମ୍'

ନୂଆଦିଲ୍ଲୀ

ଦେଶର ୮୦ତମ ସ୍ୱାଧୀନତା ଦିବସ ଅବସରରେ ଚଳିତବର୍ଷ ଏକ ଐତିହାସିକ ଘଟଣା ଦେଖିବ ଦେଶ। ଅଗଷ୍ଟ ୧୫ରେ ଦିଲ୍ଲୀର ଲାଲକିଲ୍ଲାପ୍ରାଚୀରରୁ ପ୍ରଥମ ଥର ପାଇଁ ଜାତୀୟ ଗୀତ 'ବନ୍ଦେ ମାତରମ୍' ଗାନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ହେବାକୁ ଥିବା ସ୍ୱାଧୀନତା ଦିବସ ସମାରୋହରେ ସେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶବାସୀଙ୍କୁ ସମ୍ବୋଧିତ କରିବେ। ପ୍ରତିରକ୍ଷା ମନ୍ତ୍ରଣାଳୟର ବିବୃତିରେ ଏହି ସୂଚନା ଦିଆଯାଇଛି। ଚଳିତବର୍ଷର ଆୟୋଜନର ଆଉ ଏକ ବିଶେଷତ୍ୱ ହେଉଛି 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି। ୧୮୭୫ ମସିହାରେ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ଏହି ଗୀତ ରଚନା କରିଥିଲେ। ସ୍ୱାଧୀନତା ସଂଗ୍ରାମ ସମୟରେ ଏହା ଦେଶବାସୀଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଜାଗ୍ରତ କରିବାରେ ବିଶେଷ ଭୂମିକା ନେଇଥିଲା। ଏହି କାରଣରୁ ୧୫୦ ବର୍ଷ ପୂର୍ତ୍ତିକୁ ନେଇ ଦେଶବ୍ୟାପୀ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ଚାଲିଛି। ଏହାର ତୃତୀୟ ପର୍ଯ୍ୟାୟ ଅଗଷ୍ଟ ୭ରୁ ୧୫ ପର୍ଯ୍ୟନ୍ତ ଚାଲିଛି। ଏଥରର ସ୍ୱାଧୀନତା ଦିବସ ପାଳନର ମୁଖ୍ୟ ବିଷୟ ରହିବ 'ଯୁବଶକ୍ତି'। ■ ପୃଷ୍ଠା-୧୫

ଆନ୍ତଃମନ୍ତ୍ରିସ୍ତରୀୟ କମିଟି ବୈଠକରେ ନିଷ୍ପତ୍ତି

ଚାଷୀଙ୍କ ପାଇଁ ଆଗ୍ରିଷ୍ଟାକ୍ ପଞ୍ଜୀକରଣ ବାଧ୍ୟତାମୂଳକ ନୁହେଁ

- କୌଣସି ଚାଷୀ ନିଜର ଧାନ ବିକ୍ରି କରିବାରୁ ହେବେନି ବଞ୍ଚିତ
- ଭାଗଚାଷୀଙ୍କ ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଚାଲିଛି ପ୍ରସ୍ତୁତି

ଭୁବନେଶ୍ୱର(ବ୍ୟୁରୋ)

ଆଗାମୀ ଖରିଫଧାନ ସଂଗ୍ରହ ଋତୁ ୨୦୨୬-୨୭ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟାକୁ ସୁଗମ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀଙ୍କ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଉପସ୍ଥିତ ଥିଲେ। ଏହା ସହିତ ସମବାୟ, କୃଷି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ଅର୍ଥ ବିଭାଗର ସଚିବ ଏବଂ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ବୈଠକରେ ଆଲୋଚନାରେ ଭାଗ ନେଇଥିଲେ। ବୈଠକର ମୁଖ୍ୟ ନିଷ୍ପତ୍ତି ଓ ଆଲୋଚନା ଅନୁଯାୟୀ ବର୍ତ୍ତମାନ ଚାଷୀଙ୍କ ପାଇଁ ଆଗ୍ରିଷ୍ଟାକ ପଞ୍ଜିକରଣ ବାଧ୍ୟତାମୂଳକ ନୁହେଁ। ଏଥିପାଇଁ କୌଣସି ବି ଚାଷୀ ନିଜର ଧାନ ବିକ୍ରି କରିବାରୁ ବଞ୍ଚିତ ହେବେ ନାହିଁ। ଆସନ୍ତା ଅକ୍ଟୋବର ମାସ ପର୍ଯ୍ୟନ୍ତ ପଞ୍ଜିକରଣ ଅବଧି ଜାରି ରହିଛି। ଆଗ୍ରିଷ୍ଟାକ ଏକ ସମ୍ବନ୍ଧିତ କୃଷକ ପ୍ଲାଟଫର୍ମ ଯେଉଁଥିରେ ଚାଷୀଙ୍କ ସମସ୍ତ ତଥ୍ୟ ଏକୀକୃତ ହୋଇ ରହିବ। ଏଥିରେ ଚାଷୀ ନିଜକୁ ପଞ୍ଜିକୃତ କରିବା ଦ୍ୱାରା ନିଜର ଏକ ଅନନ୍ୟ ଫାର୍ମର ଆଇଡି ପାଇବେ। ସରକାରଙ୍କ ତରଫରୁ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧାର ଲାଭ ସୁଗମ ରୂପେ ପାଇପାରିବେ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୬ ଲକ୍ଷ ଚାଷୀ ଏହି ଅଧୀନରେ ନିଜକୁ ପଞ୍ଜିକୃତ କରାଇ ସାରିଛନ୍ତି। ସେହିପରି ଭାଗଚାଷୀଙ୍କ ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତି ଚାଲିଛି। ସମ୍ଭାବ୍ୟ ସମସ୍ୟା ଓ ଏହାର ନିଖୁଣ ସମାଧାନ କରିବା ପାଇଁ ସରକାର ଚେଷ୍ଟାରତ ଅଛନ୍ତି। ରବି ଋତୁ ୨୦୨୫-୨୬ର ସମୀକ୍ଷା ଅନୁଯାୟୀ ଗତ ରବି ଋତୁରେ ମୋଟ ୩,୬୩,୫୫୩ ଜଣ ଚାଷୀଙ୍କଠାରୁ ■ ପୃଷ୍ଠା-୧୫

ପ୍ରତ୍ୟେକ କୃଷକଙ୍କୁ ଟୋକନ ଦିଆଯିବ : ଯୋଗାଣ ମନ୍ତ୍ରୀ

ଯୋଗାଣ ମନ୍ତ୍ରୀଙ୍କ ସହ ପଶ୍ଚିମ ଓଡ଼ିଶାର ବିଧାୟକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବଲାଙ୍ଗୀର, ବରଗଡ଼ ଓ ସମ୍ବଲପୁର ବିଧାୟକମାନେ ଯୋଗ ଦେଇଥିଲେ। ଆସନ୍ତା ଖରିଫ ଋତୁରେ ଧାନ ବିକ୍ରି ପ୍ରକ୍ରିୟାକୁ ନେଇ ବିଧାୟକମାନେ ନିଜର ଉଦବେଗ ପ୍ରକାଶ କରିଥିଲେ। ଏନେଇ ମନ୍ତ୍ରୀ ଆଶ୍ୱାସନା ଦେଇ କହିଛନ୍ତି, ରାଜ୍ୟର ସମସ୍ତ କୃଷକଙ୍କ ରେଜିଷ୍ଟ୍ରେସନ୍ କରାଯିବ। ପ୍ରତ୍ୟେକ କୃଷକଙ୍କୁ ଟୋକନ ଯୋଗାଇ ଦିଆଯିବ ଏବଂ କାହାର ବି ଟୋକନ ଡ୍ରେକ ହେବ ନାହିଁ। ସରକାର ସମସ୍ତ କୃଷକଙ୍କ ଠାରୁ ଧାନ କ୍ରୟ କରିବେ। କୃଷକମାନଙ୍କୁ ହଇରାଣ କରିବା ଆମ ସରକାରଙ୍କ ମନ୍ତ୍ର ନୁହେଁ। ଜମି ମାଲିକ ଏବଂ ଭାଗ ଚାଷୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ମୋବାଇଲ୍ ଆପ୍ ପ୍ରସ୍ତୁତ କରାଯାଇଛି। ଏହି ଆପ୍ ମାଧ୍ୟମରେ ସେମାନେ ଫେସ୍ ଅଥେଣ୍ଟିକେସନ୍ ମାଧ୍ୟମରେ ନିଜର ରେଜିଷ୍ଟ୍ରେସନ୍ କରିପାରିବେ। ରେଜିଷ୍ଟ୍ରେସନ୍ ପାଇଁ ଆସନ୍ତା ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ସମୟ ରହିଛି। ଆବଶ୍ୟକତା ଅନୁଯାୟୀ ଏହି ସମୟସୀମା ଆହୁରି ବୃଦ୍ଧି କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଭୂକମ୍ପରେ ୮୦ ମୃତ

ବୋଗୋଟା

ପଶ୍ଚିମ କୋଲମ୍ବିଆରେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଏହା ୭.୬ ତୀବ୍ରତାର ଏହି ଭୂକମ୍ପ ଯୋଗୁ ଆମେରିକୀୟ ଦେଶ କୋଲମ୍ବିଆ ଏବଂ ଏହାର ପଡ଼ୋଶୀ ଇକ୍ୱେଡୋର ଥରିଉଠିବାବେଳେ ଭୟଭୀତ ଲୋକେ ନିଜ ନିଜ ଘର ଛାଡ଼ି ପଳାଇ ଆସିବାକୁ ବାଧ ହୋଇଛନ୍ତି। ସୂଚନା ଅନୁଯାୟୀଏଥିରେ ୮୦ ଜଣମୃତ୍ୟୁ ବରଣ କରିଥିବା ବେଳେ ଶତାଧିକ ଆହତ ହୋଇଛନ୍ତି । ଆମେରିକୀୟ ଭୂତତ୍ତ୍ୱ ସର୍ବେକ୍ଷଣ ଏବଂ କୋଲମ୍ବିଆର ସମକକ୍ଷ ସଂସ୍ଥାର ରିପୋର୍ଟ ଅନୁଯାୟୀ, ଏହି ଭୂକମ୍ପର କେନ୍ଦ୍ରସ୍ଥଳ କୋଲମ୍ବିଆର ରାଜଧାନୀ ବୋଗୋଟାରୁ ପ୍ରାୟ ୨୫୦ ମାଇଲ୍ ପଶ୍ଚିମରେ ଅବସ୍ଥିତ ଚୋକୋ ଅଞ୍ଚଳର ଏକ ପୌରପାଳିକା ସାନ୍ ଜୋସ୍ ଡେଲ୍ ପାଲ୍‌ମାରରେ ଥିଲା । ୟୁଏସ୍‌ଜିଏସ୍ କହିଛି ଯେ, ଏହା ଭୂପୃଷ୍ଠଠାରୁ ୬୬ମାଇଲ୍(୧୦୭ କି.ମି) ଗଭୀରତାରେ ସୃଷ୍ଟି ହୋଇଥିଲା। ଚୋକୋର ଗଭର୍ନର ନୁବିଆ କୋର୍ଡୋବା ସୋସିଆଲ ମିଡିଆରେ ଜଣାଇଛନ୍ତି ଯେ, ଆଞ୍ଚଳିକ ରାଜଧାନୀରେ କିଛି ଲୋକ ଆହତ ହୋଇଛନ୍ତି ଏବଂ କୋଠାଗୁଡ଼ିକର ବହୁତ କ୍ଷୟକ୍ଷତି ହୋଇଛି ।

ବଜ୍ରପାତରେ ୨ ଚାଷୀ ମୃତ

ବାରିପଦା(ଅମୃତ ମିଡ଼ିଆ)

ବାରିପଦା ସଦର ଥାନା ଅଧୀନ ରାଜାବସା ପଞ୍ଚାୟତର କାଶିପାଳ ଗ୍ରାମରେ ବଜ୍ରପାତ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ସୂଚନାନୁସାରେ, ଆଜି (ସୋମବାର) ଚାଷ କାମ ସାରି ଘରକୁ ଫେରୁଥିବା ସମୟରେ ବଜ୍ରାଘାତର ଶିକାର ହୋଇ କାଶିପାଳ ଗ୍ରାମର କାତୁଲ ହାଁସଦା (୪୮) ଓ ଫୁଲମଣି ହାଁସଦା (୪୦)ଙ୍କ ମୃତ୍ୟୁ ଘଟିଛି। ସ୍ୱର୍ଗତ ହରି ହାଁସଦାଙ୍କ ପୁଅ କାତୁଲ ହାଁସଦା ଓ ସ୍ୱର୍ଗତ ମଙ୍ଗଲ ହାଁସଦାଙ୍କ ପତ୍ନୀ ଫୁଲମଣି ହାଁସଦା ଗ୍ରାମ ନିକଟସ୍ଥ କ୍ଷେତରେ ଚାଷ କାମ କରୁଥିଲେ। ଆକାଶ ମେଘାଚ୍ଛନ୍ନ ହୋଇ ଘଡ଼ଘଡ଼ି ସହ ବର୍ଷା ଆରମ୍ଭ ହୋଇଥିଲା। ଏହାପରେ ଦୁହେଁ ବିଲରୁ ଘରକୁ ଫେରୁଥିବା ବେଳେ ହଠାତ୍ ସେମାନଙ୍କ ଉପରେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ହିଁ ଦୁହେଁ ଅଚେତ ହୋଇ ପଡ଼ିଥିଲେ।ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ରଙ୍ଗାମାଟିଆସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

୯ଟି ବିଭାଗରେ ୧୩୨୬ ଜଣଙ୍କୁ ନିଯୁକ୍ତି

ଶିକ୍ଷାୟନ ଜରିଆରେ ଯୁବଶକ୍ତି ପାଇଁ ସୁଯୋଗ ସୃଷ୍ଟି କରାଯାଉଛି
ଓଡିଶାରେ ଏବେ ରିଭର୍ସ-ମାଇଗ୍ରେସନ୍ ଆରମ୍ଭ ହେଲାଣି

ଭୁବନେଶ୍ୱର(ବ୍ୟୁରୋ)

ସରକାରୀ ସେବାରେ ସଫଳତା ପଦବୀ ଦ୍ୱାରା ମପା ଯାଏ ନାହିଁ, ବରଂ ନାଗରିକଙ୍କ ଜୀବନରେ କି ପରିବର୍ତ୍ତନ ଆଣିପାରୁଛନ୍ତି, ତାହା ଦ୍ୱାରା ମପାଯାଏ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୬ତମ ନିଯୁକ୍ତି ମେଳା ଅବସରରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ ଅବସରରେ କହିଛନ୍ତି। ଭୁବନେଶ୍ୱର ରେଳ ଅଡିଟୋରିଅମ ଠାରେ ଆୟୋଜିତ ଏହି ନିଯୁକ୍ତିମେଳା କାର୍ଯ୍ୟକ୍ରମରେ ଆଜି ୯ଟି ବିଭାଗରେ ୧୩୨୬ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଏଥିରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ୩୬୪ ଜଣ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୩୬୧ ଜଣ କନିଷ୍ଠ ଯନ୍ତ୍ରୀ, ଶକ୍ତି ବିଭାଗ ଓ ଡଏଚଡରେ ୧୨ ଜଣ କନିଷ୍ଠ ଯନ୍ତ୍ରୀ ଓ ୨୨୮ ଟ୍ରେନି, କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ୧୧୮ ଜଣ ସହକାରୀ କୃଷି ଅଧିକାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୧୧୧ ଜଣ ସହକାରୀ ପ୍ରାଧାପକ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗରେ ୧୫ ଜଣ କନିଷ୍ଠ ଯନ୍ତ୍ରୀ ଓ ୭୧ ଜଣ ପ୍ରାଣିଧନ ନିରିକ୍ଷକ, କ୍ରୀଡା ବିଭାଗରେ ୨୬ ଜଣ ଜୁନିଅର କୋଚ୍, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୦ ଜଣ ପ୍ରଶିକ୍ଷକ ଏବଂ ଅବକାରୀ ବିଭାଗରେ ୧୦ ଜଣ ଉପ-ନିରିକ୍ଷକଙ୍କୁ ନିଯୁକ୍ତି ମିଳିଛି। ନବନିଯୁକ୍ତଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାରୀ ଚାକିରିର ମୂଳ ଲକ୍ଷ୍ୟ ହେଉଛି ଜନସେବା । ଲୋକଙ୍କ ସମସ୍ୟା ଓ ଅଭିଯୋଗର ସମୟବଦ୍ଧ ସମାଧାନ କରିବା ଆପଣମାନଙ୍କର ନୈତିକ କର୍ତ୍ତବ୍ୟ। କୌଣସି ଲୋକ ଯେତେବେଳେ କିଛି ସମସ୍ୟା ନେଇ ଆପଣଙ୍କ ପାଖକୁ ଆସିବେ, ସେତେବେଳେ ପ୍ରଶାସନର ଅଂଶ ଭାବେ ସମ୍ମାନ ଦେଇ ସେମାନଙ୍କ ସମସ୍ୟା ଶୁଣିବା ଏବଂ ତୁରନ୍ତ ପଦକ୍ଷେପ ନେବା ହିଁ ପ୍ରକୃତ ଜନସେବା। ଆମର ଲକ୍ଷ୍ୟ ହେଉଛି ସମାଜର ଶେଷ ଧାଡିରେ ଥିବା ଲୋକ ପାଖରେ ସମସ୍ତ ସରକାରୀ ସୁବିଧା ପହଞ୍ଚାଇବା। ଏହାକୁ ମନରେ ରଖି କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।ସେ ପୁଣି କହିଥିଲେ ୨୦୩୬ ସୁଦ୍ଧା ଆମର ସମୃଦ୍ଧ ଓଡିଶା ଗଠନ ଓ ୨୦୪୭ ସୁଦ୍ଧା ଓଡିଶାକୁ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ଗ୍ରୋଥ ଇଞ୍ଜିନ କରିବାର ଲକ୍ଷ୍ୟ ରହିଛି । ଏହି ସ୍ୱପ୍ନକୁ ସାକାର କରିବା ପାଇଁ ସ୍ୱଚ୍ଛ ଓ ସୁଦୃଢ଼ ପ୍ରଶାସନ ଏବଂ ଦକ୍ଷ, ଶୃଙ୍ଖଳିତ ଓ ସେବା ମନୋଭାବ ଅଧିକାରୀ ଓ କର୍ମଚାରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡିଶାରେ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ବ୍ୟାପକ ନିଯୁକ୍ତି ଅଭିଯାନ ଆରମ୍ଭ ହୋଇଛି। ୨୦୨୪ ଜୁନ୍ ମାସରୁ ଆଜି ସୁଦ୍ଧା ସରକାରୀ ସ୍ତରରେ ୪୫ ହଜାର ୪୦୮ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଗଲାଣି ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯୁବଶକ୍ତିର ସାମର୍ଥ୍ୟର ■ ପୃଷ୍ଠା-୧୫

ବୈଧ ବୀମା ନ ଥିଲେ କଟିବ ଇ-ଚାଲାଣ

ଭୁବନେଶ୍ୱର(ବ୍ୟୁରୋ)

ରାଜ୍ୟରେ ବିନା ବୀମାରେ ରାସ୍ତାରେ ଗଡୁଛି ୬୫ଲକ୍ଷରୁ ଅଧିକ ଗାଡ଼ି। ବୀମା ନଥିବା ଗାଡ଼ିର ମାଲିକମାନଙ୍କ ଉପରେ ଏବେ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି ପରିବହନ ବିଭାଗ। ବୈଧ ବୀମା ନଥାଇ ଗାଡ଼ି ଚଳାଉଥିଲେ ଏଣିକି ସ୍ୱୟଂକ୍ରିୟ ଭାବେ ଇ-ଚାଲାଣ କଟିବ। ଆଉ ଅଭ୍ୟାସଗତ ଅମାନିଆଙ୍କ ଗାଡ଼ି ପଞ୍ଜିକରଣ ପ୍ରମାଣପତ୍ର(ଆରସି)କୁ ମଧ୍ୟ ସରକାର ବାଜ୍ୟାପ୍ତ କରିବେ। ରାଜ୍ୟରେ ଯାନବାହନ କାଗଜପତ୍ରର ଏଭଳି ସଙ୍ଗୀନ ସ୍ଥିତିକୁ ନେଇ ଉଦବେଗ ବ୍ୟକ୍ତ କରିବା ସହ ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ ଜିରୋ ଟଲେରାନ୍ସ ନୀତି ଆପଣାଇବାକୁ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ସରକାରୀ ତଥ୍ୟ ଅନୁସାରେ, ରାଜ୍ୟରେ ମୋଟ ୧,୦୧,୪୧,୯୫୧ଟି ପଞ୍ଜିକୃତ ଯାନବାହନ ମଧ୍ୟରୁ ମାତ୍ର ୩୫ଲକ୍ଷ ୬୮ହଜାର ୩୧୮ଟି ଗାଡ଼ିର ବୈଧ ବୀମା ରହିଛି। ଏବେ ୬୫.୭୩ଲକ୍ଷ ଗାଡ଼ି ବିନା ବୈଧ ବୀମାରେ ଯାତାୟତ କରୁଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ମୋଟର ଯାନ ନିୟମାବଳୀର ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ପରିବହନ ବିଭାଗ ଏବେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ସହାୟତା ନେଉଛି। ଏହି କ୍ରମରେ ରାଜ୍ୟର ସମସ୍ତ ଟୋଲଗେଟ୍ ଦେଇ ଯାତାୟତ କରୁଥିବା ଯାନବାହନଗୁଡ଼ିକର ବୈଧ ବୀମା , ଫିଟନେସ ଓ ପ୍ରଦୂଷଣ ପ୍ରମାଣପତ୍ରକୁ ଇ-ଡିଟେକ୍ସନ ମାଧ୍ୟମରେ ସ୍ୱଂୟକ୍ରିୟ ପଦ୍ଧତିରେ ଯାଂଚ କରାଯିବ। ଅନଲାଇନ୍ ଯାଂଚ ସମୟରେ କାଗଜପତ୍ର ଠିକ୍ ନଥିଲେ ସଙ୍ଗେସଙ୍ଗେ ସ୍ୱୟଂକ୍ରିୟ ଇ-ଚାଲାଣ ଜାରି ହେବ। ନିୟମିତ ନିୟମ ଭାଙ୍ଗୁଥିବା ଗାଡ଼ିଗୁଡ଼ିକୁ ଜବତ କରାଯିବ।

ବଢୁଛି ଚାଷୀ ଅସନ୍ତୋଷ

ଅନ୍ନଦାତାଙ୍କୁ ନେଇ ଫସିବ ସରକାର

ଧାନ ପଞ୍ଜୀକରଣ ଓ ବିକ୍ରି ପ୍ରକ୍ରିୟାକୁ ନେଇ ତେଜୁଛି ଚାଷୀଙ୍କ ଅସନ୍ତୋଷ। ଚାଷୀଙ୍କ ସମସ୍ୟା ଦୂରକରିବା, ସାର କଳାବଜାରୀ ବନ୍ଦକରିବା ଏବଂ ଧାନ ପଞ୍ଜୀକରଣ ପ୍ରକ୍ରିୟାକୁ ସରଳ କରିବା ଦାବିରେ ଚାଷୀ ସଂଗଠନଗୁଡ଼ିକ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଚାଷୀ ସଂଗଠନର ଅଭିଯୋଗ, ପ୍ରତି ଫସଲ ଋତୁରେ ଧାନ ପଞ୍ଜୀକରଣ ଓ ବିକ୍ରି ସମୟରେ ବିଭିନ୍ନ କଟକଣା ଏବଂ ଜଟିଳ ନିୟମ ଯୋଗୁଁ ଚାଷୀମାନେ ସମସ୍ୟାରେ ପଡୁଛନ୍ତି। ଏବେ ନୂଆ କରି ଲାଗୁ ହୋଇଥିବା 'ଏଗ୍ରିଷ୍ଟାକ୍' ପଞ୍ଜୀକରଣ ବ୍ୟବସ୍ଥା ମଧ୍ୟ ଚାଷୀଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଥିବା ସେମାନେ କହିଛନ୍ତି। ଆଗକୁ ପୈର ଓ ପଞ୍ଚାୟତ ନିର୍ବାଚନ ଥିବାବେଳେ ଚାଷୀଙ୍କ ଏଭଳି ଅସନ୍ତୋଷ ରାଜ୍ୟ ସରକାରଙ୍କ ପାଇଁ ବୁମେରାଂ ହେବାର ଆଶଙ୍କା ରହିଛି।

- ଚାଷୀଙ୍କୁ ମିଳୁନି ସାର, ବଢ଼ିଚାଲିଛି କଳାବଜାର
- 'ଏଗ୍ରିଷ୍ଟାକ୍' ପଞ୍ଜୀକରଣକୁ ନେଇ ତୀବ୍ର ବିରୋଧ
- ବନ୍ୟାଦାଉକୁ ବଳିଯାଉଛି ସରକାରୀ ନିୟମ ଛାଟ
- ଜିଲ୍ଲାପାଳଙ୍କ ଆଗରେ ଚାଷୀଙ୍କ ବିଷପାନ ଉଦ୍ୟମ

ଭୁବନେଶ୍ୱର (ବ୍ୟୁରୋ)

ସରକାରଙ୍କ ଚାଷୀମାରଣ ନୀତି ଓ ବିଭିନ୍ନ ଆଇନକାନୁନ ପ୍ରଣୟନକୁ ନେଇ ଏବେ ଚାରିଆଡ଼େ ବିକ୍ଷୋଭ ଆରମ୍ଭ ହେଲାଣି। ବିଭିନ୍ନ ଜାଗାରେ ଚାଷୀ ସଂଗଠନଗୁଡ଼ିକ ଏଗ୍ରିଷ୍ଟାକ୍ ନିୟମକୁ ସମ୍ପୂର୍ଣ୍ଣ ବାତିଲ କରି ପୂର୍ବଭଳି ସରଳ ପ୍ରକ୍ରିୟାରେ ଧାନ ପଞ୍ଜୀକରଣ କରାଯିବାକୁ ଦାବି କରିଛନ୍ତି। ସେମାନଙ୍କ କହିବା ଅନୁସାରେ, ଜମିର ଆରଓଆର ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ ଚାଷୀଙ୍କ ଉପରେ ନୂଆ କଠୋର ନିୟମ ଲାଗୁ କରାନଯାଉ। କେବଳ ଧାନ ପଞ୍ଜୀକରଣ ନୁହେଁ, ସାର କଳାବଜାରୀକୁ ନେଇ ମଧ୍ୟ ଚାଷୀ ସଂଗଠନଗୁଡ଼ିକ ଅସନ୍ତୋଷ ପ୍ରକାଶ କରିଛନ୍ତି। ସାରର କଳାବଜାରୀ ବନ୍ଦ କରିବା ସହ ଚାଷୀଙ୍କୁ ନିର୍ଦ୍ଧାରିତ ଦରରେ ସାର ଯୋଗାଇବାକୁ ସେମାନେ ଦାବି କରିଛନ୍ତି। ଚାଷୀଙ୍କ ସମସ୍ୟା ସମାଧାନ ନହେଲେ ଆଗାମୀ ଦିନରେ ବଲାଙ୍ଗୀରରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ସଂଗଠନଗୁଡ଼ିକ ଚେତାବନୀ ଦେଇଛନ୍ତି। ପଞ୍ଜୀକରଣ କରିଥିଲେ ମଧ୍ୟ ଧାନ ବିକ୍ରି କେତେଦୂର ପୂରଣ ହେଉଛି, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

ସେପଟେ ସାର କଳାବଜାରୀ ଚାଲିଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ସାର ବିକ୍ରୟ କେନ୍ଦ୍ରଗୁଡ଼ିକରେ ଯାଞ୍ଚ କରିଛି ଏନଫ

ଆଦିବାସୀଙ୍କ ବିକାଶ ଏକ ଧୂଆଁବାଣ

କାଳେ କାଳେ ଆଦିବାସୀମାନେ ଅବହେଳିତ। ସେମାନଙ୍କ ବିକାଶ ଲାଗି ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଥିଲେ ବି ସେମାନଙ୍କ ଚାଲିଚଳଣି, ପରମ୍ପରା ଓ ଜୀବନଶୈଳୀରେ ସେଭଳି ପରିବର୍ତ୍ତନ ସମ୍ଭବ ହୋଇପାରିନି। ଆଦିବାସୀ ବା ଜନଜାତି ହେଉଛନ୍ତି ଆମ ସଭ୍ୟତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବର୍ତ୍ତମାନ ବିଶ୍ୱର ୯୦ଟି ଦେଶରେ ୫୦ କୋଟିରୁ ଅଧିକ ଆଦିବାସୀ ବସବାସ କରୁଛନ୍ତି। ବିଶ୍ୱର ମୋଟ ଜନସଂଖ୍ୟାର ୫% ଓ ଆମ ଦେଶର ଜନସଂଖ୍ୟାର ପ୍ରାୟ ୯% (ପ୍ରାୟ ୧୧କୋଟି) ହେଉଛନ୍ତି ଆଦିବାସୀ। ଆମ ରାଜ୍ୟର ବି ପ୍ରତି ଚାରିଜଣରେ ଜଣେ ଅର୍ଥାତ୍ ପ୍ରାୟ ଏକ ଚତୁର୍ଥାଂଶ (୨୦୧୧ ଜନଗଣନା ଅନୁଯାୟୀ ୨୨.୮୫%) ଜନସଂଖ୍ୟା ହେଉଛନ୍ତି ଆଦିବାସୀ। ସେମାନଙ୍କର ନିଜସ୍ୱ ଭିନ୍ନ ଭିନ୍ନ ଭାଷା, ସଂସ୍କୃତି ଓ ଜାତିସତ୍ତା ରହିଛି। ବିଶେଷଜ୍ଞମାନଙ୍କ ମତରେ ଆଦିବାସୀମାନଙ୍କ ମଧ୍ୟରେ ୫,୦୦୦ରୁ ଅଧିକ ଭାଷା ପ୍ରଚଳିତ। ଯଦିଓ ସରକାରୀ ଭାବେ ରାଜ୍ୟର ୧୩ଟି ଆଦିମ ଜନଜାତି ସମେତ ୬୨ଟି ଆଦିବାସୀ ସମ୍ପ୍ରଦାୟଙ୍କୁ ହିଁ ଅନୁସୂଚୀତ ଜନଜାତିର ସ୍ୱୀକୃତି ଦିଆଯାଇଛି କିନ୍ତୁ ମାଲକାନଗିରିର କୋଣ୍ଡାଦୋରା, ଗଜପତିର ଶୁଦ୍ଧ ଶବର, ରାୟଗଡ଼ାର ଝୋଡ଼ିଆ, ଅନୁଗୋଳର କାନ୍ଧିଆ ମୁଣ୍ଡା ପରି ଆହୁରି ଅନେକ ଆଦିବାସୀ ସମ୍ପ୍ରଦାୟ ରହିଛନ୍ତି ଯେଉଁମାନେ ଏଯାଏଁ ସରକାରଙ୍କ ଦ୍ୱାରା ଆଦିବାସୀ ମାନ୍ୟତା ପାଇବାରୁ ବଞ୍ଚିତ ରହିଛନ୍ତି। ଲାଗୁଛି ଯେମିତି ଆଦିବାସୀଙ୍କ ବିକାଶ ଏକ ଧୂଆଁବାଣ ପାଲଟିଛି।

ସୁଶାନ୍ତ କୁମାର ଦାସ

ବିଶ୍ୱରେ ଏତେ ସଂଖ୍ୟାରେ ଆଦିବାସୀ ବସବାସ କରୁଥିଲେ ମଧ୍ୟ ସେମାନେ ସମାଜରେ ସର୍ବାଧିକ ଶୋଷିତ, ଅବହେଳିତ ଓ ନିର୍ଯାତିତ ହୋଇ ଜୀବନ ଯାପନ କରୁଛନ୍ତି। ବିଶ୍ୱର ଜନସଂଖ୍ୟାର ୫% ହୋଇଥିଲେ ମଧ୍ୟ ବିଶ୍ୱର ସବୁଠାରୁ ଦରିଦ୍ର ଜନତାଙ୍କ ୧୫%ରୁ ଅଧିକ ହେଉଛନ୍ତି ଏମାନେ। ଜଙ୍ଗଲ ପାହାଡ଼ରେ, ପ୍ରକୃତିର କୋଳରେ ପିଢ଼ି ପିଢ଼ି ଧରି ବସବାସ କରୁଥିବା ଆଦିବାସୀମାନଙ୍କ ଅସ୍ତିତ୍ୱ ଆଜି ବିଭିନ୍ନ କାରଣରୁ ବିପନ୍ନ ହେବାକୁ ବସିଛି। ଏକ୍ଷେତ୍ରରେ ବୈପୁବିକ ପରିବର୍ତ୍ତନ ଆଣିବାରେ ଆମ ବ୍ୟବସ୍ଥା ଫେଲ ମାରିଛି ବୋଲି କୁହାଯାଇପାରେ।

ସାମ୍ରାଜ୍ୟବାଦୀ ବିକାଶର ବିପଜ୍ଜନକ ସ୍ଥିତି

ଆଦିବାସୀଙ୍କ ଜଙ୍ଗଲ ଓ ପରିବେଶ କ୍ରମଶଃ ଧ୍ୱଂସ ହେବାରେ ଲାଗିଥିବା ବେଳେ ସେମାନଙ୍କ ପ୍ରକୃତି କେନ୍ଦ୍ରିକ ସଂସ୍କୃତି, ଭାଷା ଓ ଧର୍ମ ଆଜି ସଙ୍କଟର ସମ୍ମୁଖୀନ ହୋଇଛି। ଆଣ୍ଡାମାନର ଜାରୱା, ଓଡ଼ିଶାର ମାଙ୍କଡ଼ିଆ ପରି ବିଶ୍ୱରେ ଅନେକ ଆଦିବାସୀ ସମ୍ପ୍ରଦାୟ ଓ ସେମାନଙ୍କ ମାତୃଭାଷା ଧୀରେ ଧୀରେ ବିଲୁପ୍ତ ହେବାରେ ଲାଗିଛି। ବିଶ୍ୱରେ ଆଦିବାସୀମାନଙ୍କ ଏହି ସଙ୍କଟମୟ ସ୍ଥିତିକୁ ଲକ୍ଷ୍ୟ କରି ମିଳିତ ଜାତିସଂଘ ପ୍ରଥମେ ଆନୁଷ୍ଠାନିକ ଭାବେ ଏକ ଉଦ୍ୟମ ଆରମ୍ଭ କରିଥିଲା। ୧୯୮୨ ମସିହା ୯ ଅଗଷ୍ଟ ତାରିଖରେ ପ୍ରଥମ ଥର ପାଇଁ ଜାତିସଂଘର ମାନବାଧିକାର କମିଶନ ଦ୍ୱାରା ଗଠିତ 'ୱାର୍କିଂ ଗ୍ରୁପ୍ ଅନ୍ ଇଣ୍ଡିଜିନସ୍ ପପୁଲେସନ୍' ପୃଥିବୀର ବିଭିନ୍ନ ଦେଶର ଆଦିବାସୀମାନଙ୍କ ସ୍ୱାର୍ଥରକ୍ଷା ଓ ଅଧିକାର ପ୍ରତିଷ୍ଠା ପାଇଁ ଏକ ସଭାର ଆୟୋଜନ କରି ବିଭିନ୍ନ ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ବିଶ୍ୱର ଆଦିବାସୀମାନଙ୍କୁ ମାନବାଧିକାର ପ୍ରଦାନ ଲକ୍ଷ୍ୟରେ ଆହୁତ ସେହି ପ୍ରଥମ ସଭାର ଦିନ ଅର୍ଥାତ୍ ୯ ଅଗଷ୍ଟକୁ ସ୍ମରଣୀୟ କରିବା ପାଇଁ ଜାତିସଂଘ ଏହି ଦିନଟିକୁ ବିଶ୍ୱ ଆଦିବାସୀ ଦିବସ ଭାବେ ଘୋଷଣା କରିଥିଲା। ୧୯୯୪ ମସିହାଠାରୁ ଜାତିସଂଘର ଦପ୍ତର ଜେନେଭା ସମେତ ପୃଥିବୀର ବିଭିନ୍ନ ଦେଶରେ ପ୍ରତିବର୍ଷ ଏହି ଦିବସକୁ ବିଶ୍ୱ ଆଦିମ ଜନଜାତି ବା ଆଦିବାସୀ ଦିବସ ରୂପେ ପାଳନ କରାଯାଉଛି।

ବିକାଶ ନାମରେ ଆଦିବାସୀଙ୍କୁ ଶୋଷଣ

ଆମ ଦେଶରେ ଆଦିବାସୀଙ୍କ ଇତିହାସ ହେଉଛି ଶାସକ ଶ୍ରେଣୀଙ୍କ ଦ୍ୱାରା ଶୋଷଣ, ଦମନ ତଥା ଅତ୍ୟାଚାରର ଇତିହାସ। ଅର୍ଥନୈତିକ ଭାବେ ଶୋଷିତ, ସାମାଜିକ ଭାବେ ନିର୍ଯାତିତ ଓ ବିକାଶର ମାପକାଠିରେ ଅବହେଳିତ ଆଦିବାସୀମାନେ ଅତ୍ୟନ୍ତ ଦାରିଦ୍ର୍ୟ, ଅବହେଳା ଓ ପଶ୍ଚାଦପଦତାର ବୋଝ ତଳେ ବଞ୍ଚିବାକୁ ବାଧ୍ୟ ହୋଇଛନ୍ତି। ପୂର୍ବରୁ ସାମନ୍ତବାଦୀ ବ୍ୟବସ୍ଥାରେ ଆଦିବାସୀମାନେ ରାଜା ଓ ଜମିଦାରଙ୍କ ଦ୍ୱାରା ଶୋଷିତ ତଥା ଅତ୍ୟାଚାରିତ ହୋଇ ଆସିଥିଲେ। କିନ୍ତୁ ବ୍ରିଟିଶମାନଙ୍କ ଆଗମନ ପରେ ସେମାନଙ୍କ ଉପରେ ଶୋଷଣ ଓ ଅତ୍ୟାଚାରର ମାତ୍ରାଟି ବହୁଗୁଣରେ ବଢ଼ିଯାଇଥିଲା। ଦେଶର ବିଶାଳ ଜଙ୍ଗଲ ସମ୍ପଦକୁ ଲୁଟ୍ କରିବା ଲକ୍ଷ୍ୟରେ ବ୍ରିଟିଶମାନେ ହିଁ ସର୍ବପ୍ରଥମେ ୧୮୬୫ ମସିହାରେ ଜଙ୍ଗଲ ବିଭାଗ ଗଠନ କରି ଆଦିବାସୀମାନଙ୍କୁ ଜଙ୍ଗଲ ଉପରେ ଥିବା ସେମାନଙ୍କ ପାରମ୍ପରିକ ଅଧିକାରରୁ ବଞ୍ଚିତ କରିଥିଲେ। ପରବର୍ତ୍ତି ସମୟରେ ୧୮୯୪ ମସିହାରେ ସେମାନଙ୍କ କୁଖ୍ୟାତ ଜମି ଅଧିଗ୍ରହଣ ଆଇନ ପ୍ରଣୟନ କରିବା ପରେ 'ବିକାଶ' ନାଁରେ ଆଦିବାସୀଙ୍କୁ ସେମାନଙ୍କ ଭିଟାମାଟିରୁ ବଳପୂର୍ବକ ଉତ୍ପାଡ଼ୁ କରିବାର ବାଟ ଖୋଲିଥିଲେ। ଆଦିବାସୀ ଅଞ୍ଚଳଗୁଡ଼ିକୁ ନିଜର ଆଇନଗତ ଓ ପ୍ରଶାସନିକ ନିୟନ୍ତ୍ରଣ ଭିତରକୁ ଆଣିବାକୁ ବ୍ରିଟିଶମାନେ ଅତ୍ୟନ୍ତ ସୁନିୟୋଜିତ ଭାବେ ସମତଳ ଅଞ୍ଚଳରୁ ବହୁସଂଖ୍ୟାରେ ଅଣଆଦିବାସୀ ସମ୍ପ୍ରଦାୟର ସାହୁକାର ଏବଂ ସୁଧଖୋର ମହାଜନ ଓ କର୍ମଚାରୀମାନଙ୍କୁ ଆଦିବାସୀ ବହୁଳ ଅଞ୍ଚଳରେ ଅନୁପ୍ରବେଶର ବ୍ୟବସ୍ଥା କରିଥିଲେ। ଏହାଦ୍ୱାରା ସେମାନଙ୍କ ଉପରେ ଶୋଷଣ ତଥା ଅତ୍ୟାଚାରର ମାତ୍ରା ବୃଦ୍ଧି ପାଇଥିଲା।

ଉପନିବେଶବାଦକୁ ବିରୋଧ କରିଥିଲେ

ତେବେ ନିଜର କ୍ଷମତା ଓ ନ୍ୟସ୍ତସ୍ୱାର୍ଥ ପାଇଁ ବ୍ରିଟିଶ ଶାସନ ଆଗରେ ଦେଶର ଅଧିକାଂଶ ସାମନ୍ତବାଦୀ ରାଜା, ମହାରାଜା ଓ ଜମିଦାର ଆତ୍ମସମର୍ପଣ କରିଥିବା ବେଳେ ଆଦିବାସୀମାନେ କିନ୍ତୁ ପ୍ରଥମରୁ ହିଁ ତା'ର ଦୃଢ଼ ପ୍ରତିରୋଧ କରିଥିଲେ। ଦେଶର ମୁଖ୍ୟଭୂମିରେ ସ୍ୱାଧୀନତା ସଂଗ୍ରାମ ଆନୁଷ୍ଠାନିକ ଭାବେ ଆରମ୍ଭ ହେବାର ଅନେକ ପୂର୍ବରୁ ଔପନିବେଶିକ ଶାସନ ବିରୁଦ୍ଧରେ ଆଦିବାସୀମାନେ ହିଁ ସର୍ବପ୍ରଥମେ ସଶସ୍ତ୍ର ବିଦ୍ରୋହର ବିଗୁଲ ବଜାଇଥିଲେ। ଜମି ଓ ଜଙ୍ଗଲ ଉପରେ ଥିବା ପାରମ୍ପରିକ ଅଧିକାରର ସୁରକ୍ଷା ପାଇଁ ୧୮୦୮ ରୁ ୧୯୪୨ ମଧ୍ୟରେ ଦେଶର ବିଭିନ୍ନ ପ୍ରାନ୍ତରେ ତୀଲକା ମାଝି, ବୀରସା ମୁଣ୍ଡା, ସିଦ୍ଧୁ-କାନ୍ହୁ, କୋମରାମ୍ ଭୀମ୍, ଆଲୁରୀ ସୀତାରାମ ରାଜୁ, ଚକରା ବିଷୋୟୀ, ରିନ୍ଦୋ ମାଝୀ, ଲକ୍ଷ୍ମଣ ନାୟକ, ଧରଣୀଧର ଭୂୟାଁ ପରି ଅନେକ ବୀର ଯୋଦ୍ଧାଙ୍କ ନେତୃତ୍ୱରେ ଆଦିବାସୀମାନଙ୍କ ବଡ଼ ବଡ଼ ବିଦ୍ରୋହ ସବୁ ସଙ୍ଗଠିତ ହୋଇଥିଲା। ଏସବୁ ଆନ୍ଦୋଳନମାନଙ୍କରେ ଲକ୍ଷ ଲକ୍ଷ ସଂଖ୍ୟାରେ ଆଦିବାସୀ ବୀରତ୍ୱର ସହ ଭାଗ ନେଇ ପ୍ରାଣବଳୀ ଦେଇଥିଲେ। ଏସବୁ ବିଦ୍ରୋହର ଚାପରେ ହିଁ ତତ୍କାଳୀନ ବ୍ରିଟିଶ ସରକାର ଆଦିବାସୀ ବହୁଳ ଅଞ୍ଚଳରେ ସେମାନଙ୍କ ଜମି ଅଧିକାରର ସୁରକ୍ଷା ପାଇଁ କିଛି କିଛି ଆଇନଗତ ବ୍ୟବସ୍ଥା କରିବାକୁ ବାଧ୍ୟ ହୋଇଥିଲେ। ଆଦିବାସୀଙ୍କ ଜମି ଅଧିକାରକୁ କିଛି ମାତ୍ରାରେ ସୁରକ୍ଷିତ କରୁଥିବା ୧୮୭୭ ମସିହାର ସାନ୍ତାଳ ପ୍ରଗଣା ଟେନେସୀ ଆଇନ ଓ ୧୯୦୮ ମସିହାର ଛୋଟନାଗପୁର ଟେନେନ୍ସୀ ଆଇନ ସେମାନଙ୍କ ବିଦ୍ରୋହର ଚାପରେ ହିଁ ବ୍ରିଟିଶମାନେ କରିବାକୁ ବାଧ୍ୟ ହୋଇଥିଲେ।

ମିଳୁନି ଜଙ୍ଗଲ ଅଧିକାର ଆଇନର ସୁଫଳ

ଦେଶର ସ୍ୱାଧୀନତା ଆନ୍ଦୋଳନରେ ଆଦିବାସୀମାନଙ୍କ ବିପୁଳ ତ୍ୟାଗ ଓ ବଳିଦାନ ସତ୍ତ୍ୱେ ୧୯୪୭ ମସିହାରେ ଦେଶ ସ୍ୱାଧୀନ ହେବା ପରେ ବି ସେମାନଙ୍କୁ ଅଣଦେଖା କରାଗଲା। ବ୍ରିଟିଶମାନେ ଯିବା ପରେ ଆମ ଦେଶର ଶାସକ ଶ୍ରେଣୀ କ୍ଷମତାକୁ ଆସିବା ପରେ ବି ଦେଶର ଆଦିବାସୀଙ୍କ ସ୍ଥିତିରେ କୌଣସି ଆଖିଦୃଶିଆ ପରିବର୍ତ୍ତନ ହେଲାନି। ଏପଟିକି ବ୍ରିଟିଶମାନଙ୍କ ଦ୍ୱାରା ଅପହୃତ ସେମାନଙ୍କ ଜଙ୍ଗଲ ଅଧିକାର ତ ଫେରିଲାନି ବରଂ ତାକୁ ଆହୁରି କଡ଼ାକଡ଼ି କରିବାକୁ ପ୍ରଚେଷ୍ଟା ଆରମ୍ଭ ହେଲା। ଜଙ୍ଗଲ ଉପରେ ଅଧିକାରକୁ ନେଇ ଆଦିବାସୀମାନଙ୍କୁ ସରକାର ଓ ଜଙ୍ଗଲ ବିଭାଗ ଅପରାଧୀ ସୁଲଭ ବ୍ୟବହାର ପ୍ରଦର୍ଶନ କଲେ। ୧୯୮୦ର ବହୁଚର୍ଚ୍ଚିତ ଜଙ୍ଗଲ ସଂରକ୍ଷଣ ଆଇନ ଆଦିବାସୀଙ୍କୁ ନିଜ ଜଙ୍ଗଲରେ ହିଁ ପର ବା ଅନୁପ୍ରବେଶକାରୀ କରିଦେଲା। ଏପରିକି ଆଦିବାସୀଙ୍କ ଦୀର୍ଘ ଲଢ଼େଇର ଫଳସ୍ୱରୂପ ସରକାର କରିଥିବା ଐତିହାସିକ ଜଙ୍ଗଲ ଅଧିକାର ଆଇନ - ୨୦୦୬ ମଧ୍ୟ ଆଦିବାସୀମାନଙ୍କୁ ଜଙ୍ଗଲ ଉପରେ ପୂର୍ଣ୍ଣ ଅଧିକାର ଦେବାରେ ବିଫଳ ହେଲା। ଏଥିରେ ପ୍ରଥମ ଥର ପାଇଁ ଜଙ୍ଗଲ ଜମିରେ ଆଦିବାସୀଙ୍କ ଅଧିକାରକୁ ସୀମିତ ସ୍ୱୀକୃତି ଦିଆଯାଇଥିଲେ ବି ତା'କୁ ପାଇବା ପାଇଁ ଅନେକ ସଂଘର୍ଷ କରିବାକୁ ପଡୁଛି।

ଭାଷା, ସଂସ୍କୃତି ପାଇଁ ଅସ୍ତିତ୍ୱର ସଙ୍କଟ

ଦେଶ ସ୍ୱାଧୀନ ହେବା ପରେ ଭାଷା ଭିତ୍ତିରେ ବିଭିନ୍ନ ରାଜ୍ୟ ଗଠିତ ହେଲା, କିନ୍ତୁ ଆଦିବାସୀମାନଙ୍କ ପାଇଁ ଭାଷା ଆଧାରରେ କୌଣସି ସ୍ୱତନ୍ତ୍ର ରାଜ୍ୟ ଗଠନ କରାଗଲା ନାହିଁ। ଏପରିକି ଭିଲ, ଗୋଣ୍ଡ, କୁଇ, ସାନ୍ତାଳ ପରି ବଡ଼ ବଡ଼ ଆଦିବାସୀ ସମ୍ପ୍ରଦାୟ ବସବାସ କରୁଥିବା ଅଞ୍ଚଳକୁ ଗୋଟିଏ ଶାସନାଧୀନ ନକରି ସେମାନଙ୍କୁ ବିଭିନ୍ନ ରାଜ୍ୟରେ ବିଭାଜିତ କରି ରଖାଗଲା। ରାଜ୍ୟମାନଙ୍କର ଯେଉଁ ସୀମାରେଖା ନିର୍ଦ୍ଧାରଣ କରାଗଲା, ତା'ର ସବୁଠାରୁ ବଡ଼ ଶିକାର ଏ ଦେଶର ଆଦିବାସୀ ସମ୍ପ୍ରଦାୟ ହୋଇଛନ୍ତି। ବିଭିନ୍ନ ରାଜ୍ୟର ସୀମାରେଖାକୁ ଜାଣିଶୁଣି ବିଭିନ୍ନ ଆଦିବାସୀ ରହୁଥିବା ଅଞ୍ଚଳ ମଧ୍ୟ ଦେଇ ଯିବା ଫଳରେ ଆଦିବାସୀମାନେ ଆଉ ଗୋଟିଏ ପ୍ରଶାସନିକ ବ୍ୟବସ୍ଥାରେ ନରହି ଭାଗ ଭାଗ ହୋଇ ବିଭିନ୍ନ ରାଜ୍ୟରେ ରହିଲେ। ଏହାଫଳରେ ନୂତନ ଗଠିତ ରାଜ୍ୟମାନଙ୍କରେ ସେମାନେ ସଂଖ୍ୟାଲଘୁ ହୋଇଯାଇ ନିଜର ରାଜନୈତିକ ପ୍ରଭାବ ହରାଇଲେ। ସେମାନଙ୍କ ଭାଷା, ସଂସ୍କୃତି ଓ ସାହିତ୍ୟ ପାଇଁ ଅସ୍ତିତ୍ୱର ସଙ୍କଟ ସୃଷ୍ଟି ହେଲା।

ଜମି, ଜଙ୍ଗଲ ସୁରକ୍ଷାରୁ ବଞ୍ଚିତ

୧୯୫୦ ମସିହାରେ ଦେଶର ଆଦିବାସୀମାନଙ୍କୁ କିଛି ସାମ୍ବିଧାନିକ ସୁରକ୍ଷାର ବ୍ୟବସ୍ଥା କରିବା ଲକ୍ଷ୍ୟରେ ସେମାନେ ବସବାସ କରୁଥିବା ଅଂଚଳକୁ ସମ୍ବିଧାନର ୫ମ ଓ ୬ଷ୍ଠ ଅନୁଚ୍ଛେଦରେ ସାମିଲ କରାଯାଇଥିଲା। ଏହି ପ୍ରକ୍ରିୟାରେ ଦେଶର ଅଧିକାଂଶ ଆଦିବାସୀ ଅଞ୍ଚଳ ଅନୁସୂଚୀତ ଅଞ୍ଚଳରେ ସାମିଲ ହୋଇ ବିଭିନ୍ନ ପ୍ରକାରର ସାମ୍ବିଧାନିକ ସୁରକ୍ଷା ଓ ଅଧିକାରର ସୁଯୋଗ ପାଇଲେ। ତେବେ ସରକାରମାନଙ୍କ ଖାମଖିଆଲି ନୀତି ଲାଗି ଆଜି ମଧ୍ୟ ଦେଶର ଅନେକ ଆଦିବାସୀ ଗାଁ ଅନୁସୂଚୀତ ଅଞ୍ଚଳରେ ସାମିଲ ହୋଇ ନପାରି ବିଭିନ୍ନ ପ୍ରକାର ସାମ୍ବିଧାନିକ ସୁରକ୍ଷାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ଜମି, ଜଙ୍ଗଲର ସୁରକ୍ଷା ପାଇଁ ରହିଥିବା ଆଇନଗତ ବ୍ୟବସ୍ଥାରୁ ବଞ୍ଚିତ ହୋଇଛନ୍ତି। ରାଜନୈତିକ ବ୍ୟବସ୍ଥାରେ ଉପଯୁକ୍ତ ପ୍ରତିନିଧିତ୍ୱ ପାଇପାରୁ ନାହାନ୍ତି।

କର୍ପୋରେଟ୍ ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ

ବିଶ୍ୱ ଆଦିବାସୀ ଦିବସ ଆଜି ଏପରି ଏକ ସମୟରେ ପାଳିତ ହେଉଛି, ଯେତେବେଳେ ଆଦିବାସୀ ଓ ସେମାନଙ୍କ ଅଧିକାର ଉପରେ ସରକାର ଓ କର୍ପୋରେଟ୍‌ମାନଙ୍କ ଆକ୍ରମଣ ଜୋରଦାର ହୋଇଛି। କେନ୍ଦ୍ରର ମୋଦି ସରକାରଙ୍କ ଗତ ବାର ବର୍ଷର ଶାସନ କାଳରେ କର୍ପୋରେଟଙ୍କ ସ୍ୱାର୍ଥରେ ଦେଶର ଆଦିବାସୀ ଓ ପାରମ୍ପରିକ ବନଜୀବୀମାନଙ୍କ ଉପରେ ସବୁଠାରୁ ବେଶୀ ଆକ୍ରମଣ ହୋଇଛି। ଗୋଟିଏ ପଟେ ଜଙ୍ଗଲ ଅଧିକାର ଆଇନ - ୨୦୦୬ ଅନୁଯାୟୀ ଜଙ୍ଗଲ ଅଧିକାର ପାଇନଥିବା ଆଦିବାସୀମାନଙ୍କୁ ଜଙ୍ଗଲରୁ ଉଚ୍ଛେଦ କରିବାକୁ କୋର୍ଟ ମାଧ୍ୟମରେ ଚେଷ୍ଟା କରାଯାଉଥିବା ବେଳେ ଅନ୍ୟପଟେ ଖୋଦ୍ ଆଇନରେ ହିଁ ସଂଶୋଧନ କରି ଏହି ଐତିହାସିକ ଆଇନକୁ ଦୁର୍ବଳ କରିବାକୁ ଷଡ଼ଯନ୍ତ୍ର ହୋଇଛି। ଜଙ୍ଗଲ ଅଧିକାର ଆଇନ- ୨୦୦୬କୁ ଦୁର୍ବଳ କରିବାକୁ ନିକଟ ଅତିତରେ ଜଙ୍ଗଲ ସଂରକ୍ଷଣ ଆଇନର ନିୟମାବଳୀରେ ସଂଶୋଧନ କରାଯାଇଛି। କର୍ପୋରେଟଙ୍କ ସ୍ୱାର୍ଥରେ ହିଁ ପ୍ରଥମେ ଜଙ୍ଗଲ ଓ ଆଦିବାସୀ ବିରୋଧୀ କ୍ଷତିପୂରଣକାରୀ ବନୀକରଣ (କାମ୍ପା) ଆଇନ ପ୍ରଣୟନ ହୋଇଥିବା ବେଳେ ଭାରତୀୟ ଜଙ୍ଗଲ ଆଇନ - ୧୯୨୭ ଓ ପରିବେଶ ଆଇନରେ ପରିବର୍ତ୍ତନ କରିବାକୁ ଚେଷ୍ଟା ହୋଇଛି। ଏହାଦ୍ୱାରା ସରକାର ଜଙ୍ଗଲ ଜମି ଉପରେ ଅଧିକାର ନିର୍ଦ୍ଧାରଣରେ ଗ୍ରାମସଭାର କ୍ଷମତାକୁ ଉଚ୍ଛେଦ କରିଛନ୍ତି। ଫଳରେ ସରକାର ଗ୍ରାମସଭାର ଅନୁମତି ବିନା ଏଣିକି ବଡ଼ ବଡ଼ କମ୍ପାନୀଙ୍କୁ ହଜାର ହଜାର ହେକ୍ଟରର ଜଙ୍ଗଲ ଜମି ହସ୍ତାନ୍ତର କରିପାରିବେ। ସେହିପରି ସରକାର ଗତ ୨୦୨୩ରେ ଅତ୍ୟନ୍ତ ତରବରିଆ ଭାବେ ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ରେ ସଂଶୋଧନ କରି ଯେଉଁ ନୂଆ ଆଇନ ଏବଂ ଜୈବ ବିବିଦ୍ଧତା ଆଇନ - ୨୦୨୩କୁ ପ୍ରଣୟନ କଲେ, ତାହା ସିଧାସଳଖ ଭାବେ କର୍ପୋରେଟ୍‌ଙ୍କ ସ୍ୱାର୍ଥରକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା। ତ'ଦ୍ୱାରା ଦେଶର ପ୍ରାୟ ୧୬ ଭାଗ ଜଙ୍ଗଲ ଜମି ଓ ତା' ଉପରେ ଥିବା ଜଙ୍ଗଲ ସମ୍ପଦକୁ ସରକାର ଜଙ୍ଗଲ ସଂରକ୍ଷଣ ଆଇନର ପରିସରରୁ ମୁକ୍ତ କରି ତାକୁ ବିକାଶ ଓ ବନୀକରଣ ନାଁରେ ଦେଶୀ ବିଦେଶୀ କମ୍ପାନୀଙ୍କ ହାତରେ ତେକିଦେବା ଆରମ୍ଭ କରିଛନ୍ତି।

ବିକାଶ ଓ ପ୍ରକଳ୍ପ ନାଁରେ ବିସ୍ଥାପନ

ଦେଶର ଶାସକ ଶ୍ରେଣୀ ଆଦିବାସୀମାନଙ୍କୁ ସ୍ୱାଧୀନ ଭାବେ ବିକଶିତ ହେବାକୁ ସୁଯୋଗ ସୃଷ୍ଟି କରିବା ପରିବର୍ତ୍ତେ ସେମାନଙ୍କ ଉପରେ ତଥାକଥିତ ସାମ୍ରାଜ୍ୟବାଦୀ-ପୁଞ୍ଜିବାଦୀ ବିକାଶର ମଡ଼େଲକୁ ଲଦିବାକୁ ଚେଷ୍ଟିତ। ପ୍ରାକୃତିକ ସମ୍ପଦର ଲୁଟ୍ ଉପରେ ଆଧାରିତ ଏହି ସାମ୍ରାଜ୍ୟବାଦୀ ବିକାଶର ମଡ଼େଲ ଫଳରେ ସେମାନେ ନିଜର ଜମି ଓ ଜଙ୍ଗଲରୁ ବଳପୂର୍ବକ ବିସ୍ଥାପିତ ହୋଇ ଦାଣ୍ଡର ଭିକାରୀ ହେବାରେ ଲାଗିଛନ୍ତି। ବିକାଶ ନାଁରେ ଦେଶରେ ଯେତେସବୁ ବଡ଼ ବଡ଼ ନଦୀବନ୍ଧ, ଶିଳ୍ପ ଓ ଖଣି ପ୍ରକଳ୍ପ ହୋଇଛି ତା'ର ଲାଭ ଅନ୍ୟମାନେ ପାଇଥିବା ବେଳେ ଆଦିବାସୀମାନଙ୍କ ଭାଗ୍ୟରେ କେବଳ ବିସ୍ଥାପନ ହିଁ ପଡ଼ିଛି। ଯଦିଓ ସେମାନଙ୍କ ସଂଖ୍ୟା ଦେଶର ମୋଟ ଜନସଂଖ୍ୟାର ମାତ୍ର ୮-୯% ଅଟେ, କିନ୍ତୁ ଦେଶର ମୋଟ ବିସ୍ଥାପିତ ଲୋକଙ୍କ ମଧ୍ୟରୁ ଅଧା ହେଉଛନ୍ତି ଆଦିବାସୀ। ଉପଯୁକ୍ତ, ଯଥାପୂର୍ବରୁ ଏବଂ ଯଥେଷ୍ଟ କ୍ଷତିପୂରଣ ବିନା ବିକାଶ ନାଁରେ ସେମାନଙ୍କୁ ନିଜର ଭିଟାମାଟିରୁ ବଳପୂର୍ବକ ଉଚ୍ଛେଦ କରାଯାଇଛି। ଉଭୟ ସରକାରୀ ଓ ଘରୋଇ କମ୍ପାନୀଙ୍କ ମୁନାଫା ପାଇଁ ସେମାନେ ନିଜର ଜମି, ଜଙ୍ଗଲ, ପ୍ରାକୃତିକ ବାସସ୍ଥାନ ଏବଂ ସର୍ବୋପରି ନିଜର ପାରମ୍ପରିକ ଜୀବିକା ବି ହରାଉଛନ୍ତି। ଲଗାତାର ସରକାରୀ ଉପେକ୍ଷା ଓ ପ୍ରତାରଣାର ଶିକାର ହୋଇ ସେମାନେ ଏକରକମ ଅନିଶ୍ଚିତ ତଥା ଦୁର୍ଦ୍ଦଶାମୟ ଜୀବନ ଯାପନ କରିବାକୁ ବାଧ୍ୟ ହୋଇଛନ୍ତି। ସବୁଠାରୁ ଉଦ୍‌ବେଗର ବିଷୟ, ବିକାଶ ଓ ପ୍ରକଳ୍ପ ନାଁରେ ସେମାନଙ୍କ ଜମି, ଜଙ୍ଗଲ ଓ ଜୀବିକାକୁ ଛଡ଼େଇ ନେବା ପୂର୍ବରୁ ସେମାନଙ୍କ ମତାମତ ନେବାର ସର୍ବନିମ୍ନ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ବି ଲାଗୁ କରିବାକୁ ସରକାର ଆଗ୍ରହୀ ନୁହଁନ୍ତି।

କାଶୀପୁରରୁ କଳିଙ୍ଗନଗର ଦମନଲୀଳା

ଗତ ୮ ଦଶନ୍ଧୀ ମଧ୍ୟରେ ବିକାଶ ନାଁରେ ଯେତେସବୁ ପ୍ରକଳ୍ପ ହୋଇଛି, ତା'ପାଇଁ ସବୁଠାରୁ ବେଶି ମୂଲ୍ୟ କେବଳ ଆଦିବାସୀମାନେ ହିଁ ଦେଇଛନ୍ତି। ଦେଶୀ ବିଦେଶୀ କମ୍ପାନୀଙ୍କ ପ୍ରକଳ୍ପ ବା ଲୁଟ୍‌କୁ କାର୍ଯ୍ୟକାରୀ କରିବାକୁ ଯାଇ କାଶୀପୁର ଠାରୁ କଳିଙ୍ଗନଗର ପର୍ଯ୍ୟନ୍ତ ସବୁଠି କେବଳ ଆଦିବାସୀମାନଙ୍କୁ ହିଁ ହତ୍ୟା ଓ ଦମନ କରି ସେମାନଙ୍କ ଜମି, ଜଙ୍ଗଲ ଓ ଜୀବିକାରୁ ଉତ୍ପାଡ଼ିବା ଦେଖାଯାଇଛି। ଆଜି ବି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବିଶେଷ କରି ଦକ୍ଷିଣ ଓଡ଼ିଶାରେ କମ୍ପାନୀମାନଙ୍କ ଖଣି ଖନନ ଓ କାରଖାନା ପାଇଁ ଆଦିବାସୀମାନଙ୍କ ଉପରେ ଦମନ, ଅତ୍ୟାଚାର, ମିଥ୍ୟା କେଶ୍ କରିବା ଅବ୍ୟାହତ ରହିଛି। କୋରାପୁଟର ମାଲି ପର୍ବତ, ଦେଓମାଳି, ବାଲଡ଼ା ଠାରୁ ଆରମ୍ଭ କରି ରାୟଗଡ଼ା-କଳାହାଣ୍ଡି ସୀମାନ୍ତରେ ଥିବା ନିୟମଗିରି, ସିଜି

ପୃଷ୍ଠା ୩

କାଗଜରେ ଲକ୍ଷପତି, ବାସ୍ତବରେ କେତେ ସ୍ୱାବଲମ୍ବୀ

* ୧.୨୩ ଲକ୍ଷର ଲକ୍ଷ୍ୟ, ୧୫,୩୧୬ ମହିଳା ଏବେ ବି ଲକ୍ଷପତି ଆୟରୁ ଦୂର
* ସରକାରୀ ଯୋଜନାର ସଫଳତା ନେଇ ବଡ଼ ପ୍ରଶ୍ନ

କଳାହାଣ୍ଡି(ଅମୃତ ମିଡିଆ): ମହିଳାଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା, ନିଜ ଗୋଡ଼ରେ ଠିଆ କରାଇବା ଏବଂ ପରିବାରର ଆୟ ବଢ଼ାଇବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ 'ଲକ୍ଷପତି ଦିଦି' ଭଳି ଯୋଜନା ଉପରେ ଗୁରୁତ୍ୱ ଦିଆଯାଉଛି। ସରକାରୀ ତଥ୍ୟରେ ଏହି ଯୋଜନାର ସଫଳତାର ଚିତ୍ର ମଧ୍ୟ ଦେଖାଯାଉଛି। କିନ୍ତୁ ଏହି ସଫଳତା କେବଳ କାଗଜରେ ନା ମହିଳାଙ୍କ ଜୀବନରେ ତାହାର ପ୍ରକୃତ ପ୍ରଭାବ ପଡ଼ିଛି ଏବେ ଏହା ହିଁ ବଡ଼ ପ୍ରଶ୍ନ। ୨୦୨୬ ମସିହା ଜୁନ୍ ୨୯ ତାରିଖ ପର୍ଯ୍ୟନ୍ତର ବ୍ଲକ୍ ?ଭିତ୍ତିକ ତଥ୍ୟ ଅନୁସାରେ କଳାହାଣ୍ଡି ଜିଲ୍ଲାରେ ମୋଟ ୧ ଲକ୍ଷ ୨୨ ହଜାର ୯୪୪ ଜଣଙ୍କୁ ଲକ୍ଷପତି ଦିଦି ଭାବେ ସୃଷ୍ଟି କରିବା ପାଇଁ ସମ୍ଭାବ୍ୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ୧ ଲକ୍ଷ ୭ ହଜାର ୬୨୮ ଜଣ ଲକ୍ଷପତି ଦିଦି ଭାବେ ସୃଷ୍ଟି ହୋଇଥିବା ଦର୍ଶାଯାଇଛି। ଏହି ହିସାବରେ ଜିଲ୍ଲାର ସଫଳତା ହାର ୮୮ ପ୍ରତିଶତ। କିନ୍ତୁ ଏହି ସଫଳତାର ଅନ୍ୟ ପାର୍ଶ୍ୱଟି ମଧ୍ୟ ରହିଛି। ତଥ୍ୟ ଅନୁସାରେ ୧୫ ହଜାର ୩୧୬ ଜଣ ଏବେ ବି ୧ ଲକ୍ଷ ଟଙ୍କା ବାର୍ଷିକ ଆୟ ସୀମାରେ ପହଞ୍ଚି ପାରିନାହାନ୍ତି। ସବୁଠାରୁ ଅଧିକ ଚିନ୍ତାର ବିଷୟ ହେଉଛି ଲାଞ୍ଜିଗଡ଼ ବ୍ଲକ୍ ?ର ସ୍ଥିତି। ଏଠାରେ ୮ ହଜାର ୨୨୦ ଜଣଙ୍କୁ ଲକ୍ଷ୍ୟ ଭାବେ ଧରାଯାଇଥିବାବେଳେ ୪ ହଜାର ୯୧୮ ଜଣ ଲକ୍ଷପତି ଦିଦି ହୋଇଥିବା

ଦର୍ଶାଯାଇଛି। ଅର୍ଥାତ୍ ୩ ହଜାର ୩୦୨ ଜଣ ଏବେ ବି ଲକ୍ଷ୍ୟରୁ ପଛରେ ଏବଂ ଏଠାରେ ସଫଳତା ହାର ମାତ୍ର ୬୦ ପ୍ରତିଶତ। ଭବାନୀପାଟଣା ବ୍ଲକ୍‌ର ଚିତ୍ର ମଧ୍ୟ ପ୍ରଶ୍ନ ସୃଷ୍ଟି କରୁଛି। ଏଠାରେ ୧୮ ହଜାର ୫୩ ଜଣଙ୍କୁ ଲକ୍ଷ୍ୟ ଧରାଯାଇଥିବାବେଳେ ୧୩ ହଜାର ୩୧୫ ଜଣ ଲକ୍ଷପତି ଦିଦି ହୋଇଛନ୍ତି ଏବଂ ୪ ହଜାର ୭୩୮ ଜଣ ଏବେ ବି ଏକ ଲକ୍ଷ ଟଙ୍କା ଆୟ ସ୍ତରରୁ ତଳେ ରହିଛନ୍ତି। ଏଠାରେ ସଫଳତା ହାର ୭୪ ପ୍ରତିଶତ। କର୍ଲାମୁଣ୍ଡାରେ ମଧ୍ୟ ୩ ହଜାର ୭୯୧ ଜଣଙ୍କ ଲକ୍ଷ୍ୟ ମଧ୍ୟରୁ ୨ ହଜାର ୮୧୩ ଜଣ ଲକ୍ଷପତି ଦିଦି ହୋଇଥିବାବେଳେ ୯୭୮ ଜଣ ପଛରେ ଅଛନ୍ତି ଏବଂ ସଫଳତା ହାର ୭୪ ପ୍ରତିଶତ। ଅନ୍ୟପକ୍ଷରେ କେସିଙ୍ଗା ବ୍ଲକ୍‌ରେ ସଫଳତା ହାର ୧୦୦ ପ୍ରତିଶତ, କୋକସରାରେ ୯୮, ଜୁନାଗଡ଼ରେ ୯୪, ଥୁଆମୂଳ ରାମପୁରରେ ୯୩, ଗୋଲାମୁଣ୍ଡାରେ ୯୩, ମଦନପୁର ରାମପୁରରେ ୯୩, ନର୍ଲାରେ ୯୨, ଜୟପାଟଣାରେ ୯୧, ଧର୍ମଗଡ଼ରେ ୮୯ ଏବଂ କଲମପୁରରେ ୮୮ ପ୍ରତିଶତ ରହିଛି। ଏହି ତଥ୍ୟ ଦେଖିଲେ ଜିଲ୍ଲାରେ ଯୋଜନାର ଅଗ୍ରଗତି ହୋଇଥିବା ସ୍ପଷ୍ଟ, କିନ୍ତୁ ବ୍ଲକ୍ ? ଅନୁସାରେ ସଫଳତାରେ ଏତେ ବଡ଼ ତାରତମ୍ୟ କାହିଁକି—ତାହା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ମହିଳାଙ୍କ ନାମକୁ ଲକ୍ଷପତି ଦିଦି ତାଲିକାରେ ସାମିଲ କରିଦେବା ଏବଂ ପ୍ରକୃତରେ ତାଙ୍କ ହାତକୁ ସ୍ଥାୟୀ ଆୟ ଆସିବା—ଏହି ଦୁଇଟି କ'ଣ ସମାନ ? ଗ୍ରାମାଞ୍ଚଳ ହେଉ କି ସହରାଞ୍ଚଳ, ଆଜି ମଧ୍ୟ ଅନେକ ମହିଳା ନିଜସ୍ୱ ସ୍ଥାୟୀ ଆୟର ଅଭାବରେ ପରିବାର ଉପରେ ନିର୍ଭରଶୀଳ। କେବଳ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ, ଋଣ ପ୍ରଦାନ କିମ୍ବା ତାଲିକାରେ ନାମ ସାମିଲ କରିଦେଲେ ମହିଳା ଆତ୍ମନିର୍ଭର ହୋଇଯିବେ ନାହିଁ; ତାଙ୍କ ଉତ୍ପାଦ ପାଇଁ ନିଶ୍ଚିତ ବଜାର, ବ୍ୟବସାୟ ପାଇଁ ପ୍ରଶିକ୍ଷଣ, ସହଜ ଋଣ, ଉତ୍ପାଦନ ପାଇଁ ଆବଶ୍ୟକ ସାଧନ, ବଜାର ସଂଯୋଗ ଏବଂ ନିରନ୍ତର ସରକାରୀ ସହଯୋଗ ଆବଶ୍ୟକ। ପୂର୍ବ ସରକାରଙ୍କ ସମୟରେ ମଧ୍ୟ ମହିଳା ସଶକ୍ତିକରଣ ଓ ସ୍ୱାବଲମ୍ବନ ନାମରେ ଅନେକ ଯୋଜନା ଚାଲିଥିଲା, ଏବେର ସରକାର ମଧ୍ୟ ମହିଳାଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବାର ପ୍ରତିଶ୍ରୁତି ଦେଉଛନ୍ତି; କିନ୍ତୁ ଯଦି ଯୋଜନାର ଲାଭ ମହିଳାଙ୍କ ଜୀବନରେ ସ୍ଥାୟୀ ଆୟ, ନିଜସ୍ୱ ବ୍ୟବସାୟ ଓ ଆର୍ଥିକ ନିଷ୍ପତ୍ତି ନେବାର କ୍ଷମତାରେ ପରିଣତ ନହୁଏ, ତେବେ ପୂର୍ବ ସରକାର ଭଳି ବର୍ତ୍ତମାନ ସରକାର ମଧ୍ୟ ମହିଳାଙ୍କୁ ପ୍ରକୃତ ଅର୍ଥରେ ଆତ୍ମନିର୍ଭର କରିବାରେ ବିଫଳ ହେବ କି ?ଏହି ପ୍ରଶ୍ନ ଏବେ ଗୁରୁତ୍ୱ ପାଇଛି। ତେଣୁ ସରକାରୀ ରିପୋର୍ଟରେ କେତେ ଜଣଙ୍କୁ 'ଲକ୍ଷପତି' କୁହାଗଲା ତାହା ଠାରୁ ବଡ଼ ପ୍ରଶ୍ନ ହେଉଛି, ସେହି ମହିଳାଙ୍କ ବାର୍ଷିକ ଆୟ ପ୍ରକୃତରେ କେତେ, ଆୟ କେତେ ଦିନ ଧରି ସ୍ଥାୟୀ ରହୁଛି, ବ୍ୟବସାୟ ଚାଲୁଛି କି ନାହିଁ, ଉତ୍ପାଦ ବିକ୍ରି ପାଇଁ ବଜାର ମିଳୁଛି କି ନାହିଁ ଏବଂ ସରକାରୀ ସହାୟତା ପାଇବା ପରେ ମହିଳାଙ୍କ ଜୀବନରେ ପ୍ରକୃତ ପରିବର୍ତ୍ତନ କେତେ ଆସିଛି। ଏସବୁର ସ୍ୱଚ୍ଛ ଓ ସାର୍ବଜନୀନ ତଥ୍ୟ ସାମ୍ନାକୁ ଆସିଲେ ହିଁ 'ଲକ୍ଷପତି ଦିଦି' ଯୋଜନାର ସଫଳତା କାଗଜରେ ନା ବାସ୍ତବରେ—ତାହାର ପ୍ରକୃତ ଚିତ୍ର ସ୍ପଷ୍ଟ ହେବ।

୨୭ ଲିଟର ଦେଶୀମଦ ଜବତ, ଜଣେ ଗିରଫ

ଖପ୍ରାଖୋଲ(ଅମୃତ ମିଡିଆ) ଅଶୋକ କୁମାର ବାଗ: ଖପ୍ରାଖୋଲ ଥାନା ଅଞ୍ଚଳର ନାନ୍ଦୁପଲା ଗ୍ରାମ ନିକଟରେ ଅବୈଧ ଭାବେ ଦେଶୀ ମଦ ବିକ୍ରି ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିବା ସହ ୨୭ ଲିଟର ଦେଶୀ (ଆଇଡି) ମଦ ଜବତ କରିଛି। ଏନେଇ ଖପ୍ରାଖୋଲ ଥାନାରେ କେସ୍ ନଂ-୧୬୩/୨୦୨୬ ଓଡ଼ିଶା ଅବକାରୀ ଆଇନ ୨୦୦୮ର ଧାରା ୫୨(ଏ) ଅନୁଯାୟୀ ମାମଲା ରୁଜୁ ହୋଇଛି। ପୁଲିସ ସୂଚନା ଅନୁଯାୟୀ, ସୋମବାର ଦିନ ପ୍ରାୟ ୧ଟା ସମୟରେ ଖପ୍ରାଖୋଲ ଥାନାର ଏଏସ୍‌ଆଇ ରବୀନ୍ଦ୍ର କୁମାର ପୁଲିସ କର୍ମଚାରୀଙ୍କ ସହ ପେଟ୍ରୋଲିଂ ଡ୍ୟୁଟିରେ ଥିବା ବେଳେ

ନାନ୍ଦୁପଲା ଗ୍ରାମ ନିକଟ ରାସ୍ତା କଡ଼ରେ ଜଣେ ଯୁବକ ଅବୈଧ ଭାବେ ଦେଶୀ ମଦ ବିକ୍ରି କରୁଥିବା ଦେଖିଥିଲେ। ଯାଞ୍ଚ ବେଳେ ନାନ୍ଦୁପଲା ଗ୍ରାମର ସରୋଜ ଭୋଇ (୨୫)ଙ୍କ ନିକଟରୁ ଦୁଇଟି ୧୫ ଲିଟର କ୍ଷମତା ବିଶିଷ୍ଟ ଧଳା ପ୍ଲାଷ୍ଟିକ ଜାର ଜବତ କରାଯାଇଥିଲା। ସେଥିରୁ ଗୋଟିଏ ଜାର ରେ ପ୍ରାୟ ୧୫ ଲିଟର ଏବଂ ଅନ୍ୟଟିରେ ପ୍ରାୟ ୧୨ ଲିଟର, ମୋଟ ୨୭ ଲିଟର ଦେଶୀ ମଦ ଥିବା ଜଣାପଡ଼ିଥିଲା। ଏହାସହ ଗୋଟିଏ ଷ୍ଟିଲ୍ ଖୁରି, ଗୋଟିଏ ଫାଇବର ଗ୍ଲାସ୍ ଏବଂ ୪୭୦ ଟଙ୍କା ନଗଦ ଜବତ କରାଯାଇଛି। ପରେ ଅଭିଯୁକ୍ତ ସରୋଜ ଭୋଇଙ୍କୁ ଥାନାକୁ ଆଣି ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ମାମଲାର ତଦନ୍ତ ଅଧିକାରୀ ଭାବେ ଏଏସ୍‌ଆଇ ନବୀନ କୁମାର ଭୋଇ ଦାୟିତ୍ୱ ନେଇଥିବା ପୋଲିସ ସୂତ୍ରରୁ ଜଣାପଡିଛି ।

ସାଇକେଲରେ ହରିଶଙ୍କର ଯାଉଥିଲେ, ରାସ୍ତାରେ ଚାଲିଗଲା ଜୀବନ

ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ: ଜଣେ ବୃଦ୍ଧଙ୍କ ପାଇଁ ସୋମବାର ସକାଳଟି ହୋଇଗଲା ଜୀବନର ଶେଷ ସକାଳ। ହରିଶଙ୍କର ଦର୍ଶନ ପାଇଁ ସାଇକେଲରେ ବାହାରିଥିବା ବେଳେ ରାସ୍ତାରେ ତାଙ୍କୁ ମୃତ୍ୟୁ ଅପେକ୍ଷା କରିଥିଲା। ଖପ୍ରାଖୋଲ ଥାନା ଅନ୍ତର୍ଗତ ହରିଶଙ୍କର ଛକ ନିକଟରେ ସୋମବାର ସକାଳ ପ୍ରାୟ ୯ଟା ସମୟରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ସାଇକେଲ ଆରୋହୀ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରଗଡ଼ ଜିଲ୍ଲା ବୁଡେନ ଥାନା ଅନ୍ତର୍ଗତ ଲୁହାଖେନ ଗ୍ରାମର ରୁଦ୍ରମଣି ବରିହା (୬୬)। ସୂଚନା ଅନୁଯାୟୀ, ରୁଦ୍ରମଣି ସାଇକେଲ ଯୋଗେ ହରିଶଙ୍କର ଅଭିମୁଖେ ଯାଉଥିବା ସମୟରେ କୁଆବାଉଁଶ ଗ୍ରାମର ରାଜେନ୍ଦ୍ର ବରିହା ଏକ ବାଇକ୍ ?ରେ ଆସୁଥିବା ବେଳେ ହରିଶଙ୍କର ଛକ ନିକଟରେ ତାଙ୍କୁ ଧକ୍କା ଦେଇଥିଲେ। ଧକ୍କା ଏତେ ଜୋରଦାର ଥିଲା ଯେ ରୁଦ୍ରମଣି ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି

ଗୁରୁତର ରୁଦ୍ରମଣିଙ୍କୁ ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନାକୁ ଆଣିଥିଲେ। ତେବେ ଡାକ୍ତର ଅଞ୍ଜନ ତ୍ରିପାଠୀ ତାଙ୍କୁ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ବାଇକ୍ ? ଚାଳକ ରାଜେନ୍ଦ୍ର ବରିହା ମଧ୍ୟ ଦୁର୍ଘଟଣାରେ ଆହତ ହୋଇଥିବା ଜଣାପଡ଼ିଛି। ଘଟଣାକୁ ନେଇ ଖପ୍ରାଖୋଲ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ହରିଶଙ୍କର ଦର୍ଶନ ପାଇଁ ଘରୁ ବାହାରିଥିବା ରୁଦ୍ରମଣି ଆଉ ଘରକୁ ଫେରି ନପାରିବା ଘଟଣା ପରିବାର ଓ ପରିଚିତଙ୍କ ମଧ୍ୟରେ ଗଭୀର ଦୁଃଖ ସୃଷ୍ଟି କରିଛି।

ବିଶ୍ୱ ଆଦିବାସୀ ଦିବସ ପାଳନ

ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୪ ଦଫା ଦାବିପତ୍ର

ରାଇଘର(ଅମୃତ ମିଡିଆ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଜନଜାତି ବିକାଶ ପରିଷଦ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ପାରମ୍ପରିକ ପୋଷାକ ରେ ସଜ୍ଜିତ ହୋଇ ହଜାର ହଜାର ଲୋକ ମା ମାଉଲି ମନ୍ଦିର ରୁ ବିରାଟ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟଳୟ ପହଞ୍ଚି ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠି ଙ୍କୁ ପ୍ରଦାନ କରି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ । ଆଦିବାସୀଙ୍କୁ ଅଣଦେଖା କରାଯିବା ସହ ସାମ୍ବିଧାନିକ ଅଧିକାର ପାଇବାରେ ଆମେ ବଞ୍ଚିତ ତେଣୁ ଆମେ ୧୪ ଦଫା ଦାବି ପ୍ରଦାନ କରିଥିଲେ। ଅଗଷ୍ଟ ୯ ତାରିଖ କୁ ଜାତୀୟ ବିଶ୍ୱ ଆଦିବାସୀ ଦିବସ କୁ ଜାତୀୟ ଛୁଟି ଦିବସ ବାହାର ନିଯୁକ୍ତି ବନ୍ଦ କରାଯାଇ ଜିଲ୍ଲା ଭିତ୍ତିକ ନିଯୁକ୍ତି । ନକଲି ଆଦିବାସୀ ଚିହ୍ନଟ କରବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଆଦି ଅନ୍ୟତମ।ଦାବି ପତ୍ର ପ୍ରଦାନ ବେଳେ ସୁବର୍ଣ୍ଣ ଗଣ୍ଡ, ଲଛ ମନ୍ ନାୟକ ଙ୍କ ସମେତ ବହୁ ଜନଜାତି ବିକାଶ ପରିଷଦ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍କଳ କନ୍ଧସମାଜ ବୁଡୁକା ପ୍ରଗଣା ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ

ବଙ୍ଗୋମୁଣ୍ଡା(ଅମୃତ ମିଡିଆ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ମୁରିବାହାଲ ବ୍ଲକ ପତ୍ରାପାଲି (କ) ପଞ୍ଚାୟତ ଦେବଙ୍ଗ ଗାଁରେ ଉତ୍କଳ କନ୍ଧ ସମାଜ ବୁଡୁକା ପ୍ରଗଣା ବଙ୍ଗୋମୁଣ୍ଡା ର ଶାନ୍ତି କମିଟି ଏବଂ ଦେବଙ୍ଗ ଗ୍ରାମବାସୀ ଙ୍କ ମିଳିତ ଆନୁକୂଲ୍ୟରେ ବିଶ୍ୱ ଆଦିବାସୀ ଦିବସ ମହାଆଡମ୍ବର ପାଳନ କରାଯାଇଛି। ପ୍ରଥମେ ଗ୍ରାମ୍ୟ ଇଷ୍ଟଦେବି ଙ୍କୁ ଗାଁର ଝାଙ୍କରଙ୍କ ଦ୍ୱାରା ପୂଜାର୍ଚ୍ଚନା କରି କନ୍ଧ ସମାଜ ର ପାରମ୍ପରିକ ଢକା ବାଦ୍ୟ ସହ ନଗର ପରିକ୍ରମା କରାଯାଇଥିଲା। ପରେ ପରେ ବଜାର ପ୍ରାଙ୍ଗଣ ସଭା ସ୍ଥଳ କୁ ଉତ୍ସବ ମୁଖରିତ ବହୁ ସଂଖ୍ୟାରେ ପୁରୁଷ ମହିଳା ଉପସ୍ଥିତ ରହି ବିଶ୍ୱ ଆଦିବାସୀ ଦିବସ ପାଳନ କରିଥିଲେ। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଉତ୍କଳ କନ୍ଧ ସମାଜ କେନ୍ଦ୍ର କମିଟି ସଭାପତି ଚିନ୍ତାମଣି ଭୋଇ, ମୁଖ୍ୟବକ୍ତା ଭାବେ ଯୁବରାଜ ମାଝୀ, ସମ୍ମାନୀୟ ଅତିଥି ଭାବେ କେନ୍ଦ୍ର କମିଟି ସମ୍ପାଦକ ପ୍ରଦୀପ ମାଝୀ ଙ୍କ ସହ ବଲାଙ୍ଗୀର ଜିଲ୍ଲା ର ବିଭିନ୍ନ ପ୍ରଗଣା ର ସଭାପତି ତଥା କର୍ମକର୍ତ୍ତା ଏବଂ ବୁଡୁକା ପ୍ରଗଣା ବଙ୍ଗୋମୁଣ୍ଡା ର ଶାନ୍ତି କମିଟି ସଭ୍ୟ ଏବଂ ଗ୍ରାମ୍ୟ ସଭାପତି ମାନେ ଉପସ୍ଥିତ ଥିଲେ। ଶାନ୍ତି କମିଟି ର ଆବାହକ ନକୁଳ ମାଝୀ ଙ୍କ ଆହ୍ୱାନ ଏବଂ ଦେବଙ୍ଗ ଗ୍ରାମବାସୀ ଙ୍କ ମିଳିତ ସହଯୋଗ ରେ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଇଥିଲା। ଉକ୍ତ ସଭା କୁ ନେତୃମଣୀ ଭୋଇ ପରିଚାଳନା କରିଥିବା ବେଳେ ଈଶ୍ୱର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପ୍ରଦୀପ ଭୋଇ, ବସନ୍ତ ଭୋଇ, ଦେବକାନ୍ତ ମାଝୀ, ସାମନ୍ତ ଭୋଇ, ସଞ୍ଜୟ ଭୋଇ, ଜ୍ୟୋତିର୍ମୟ ଭୋଇ, ଗୁପ୍ତେଶ୍ୱର ଭୋଇ, ସୁଧାଂଶୁ ଭୋଇ, ଜନ୍ମେଜୟ ଭୋଇ, ରୋମାନ୍ ଭୋଇ, ଧନଞ୍ଜୟ ଭୋଇ, ଅନ୍ତର୍ଯ୍ୟାମୀ ଭୋଇ ପ୍ରମୁଖ ଙ୍କ ସମେତ କନ୍ଧ ପରିବାର ମାନେ ସହଯୋଗ କରିଥିଲେ।

ନିଶା କାରବାର ବିରୋଧରେ ନାଗରିକ ମଞ୍ଚର ଆଲୋଚନାସଭା

ବରଗଡ଼(ଅମୃତ ମିଡିଆ): ବରଗଡ଼ ସହର ଓ ଜିଲ୍ଲାରେ ଦିନକୁ ଦିନ ବିଗୁଡୁଥିବା ଆଇନ-ଶୃଙ୍ଖଳା ପରିସ୍ଥିତି, ନାଗରିକ ମଞ୍ଚ ସଭାପତି ଭୀଷ୍ମଦେବ ସରାଫଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଏବଂ ବୃଦ୍ଧି ପାଉଥିବା ନିଶା କାରବାରକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି । ଏହି ସମସ୍ତ ପ୍ରସଙ୍ଗକୁ ନେଇ ଆସନ୍ତା ରବିବାର ବରଗଡ଼ ନାଗରିକ ମଞ୍ଚ ପକ୍ଷରୁ ଏକ ସାଧାରଣ ଆଲୋଚନା ସଭା ଆୟୋଜନ କରାଯାଇଛି। ଏହି ସଭାରେ ବରଗଡ଼ର ବର୍ତ୍ତମାନ ଆଇନ-ଶୃଙ୍ଖଳା ପରିସ୍ଥିତି, ନିଶା ଓ ଅପରାଧିକ କାର୍ଯ୍ୟକଳାପର ବୃଦ୍ଧି ଏବଂ ସାଧାରଣ ଲୋକଙ୍କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ସେହିପରି ଏହି ସମସ୍ୟାଗୁଡ଼ିକର ପ୍ରତିବାଦ ଓ ସମାଧାନ ପାଇଁ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ । ନାଗରିକ ମଞ୍ଚ ପକ୍ଷରୁ ବରଗଡ଼ବାସୀଙ୍କୁ ଏହି ସଭାରେ ଯୋଗଦେଇ ନିଜ ମତାମତ ରଖିବା ଓ ସହରର ସୁରକ୍ଷା ଓ ଶାନ୍ତି ପ୍ରତିଷ୍ଠା ଦିଗରେ ଏକତ୍ରିତ ହେବାକୁ ଆହ୍ୱାନ କରାଯାଇଛି । ଏଥିରେ ବରଗଡ଼ ମହିଳା ସମିତି, ସମଲେଶ୍ୱରୀ ସଂଘ, କୋଶଳ ସେନା, ଅଟୋ ରିକ୍ସା ସଂଘ, ବସ ମାଲିକ ସଂଘ, ପୂର୍ବତନ ସୈନିକ ସଂଘ, ବ୍ୟବସାୟୀକ ସଂଘ, ସଂକଳ୍ପ ପରିବାର, ଆମ୍ବେଦକର ଯୁବକ ସଂଘ, ନିଷ୍ଠା ପରିବାର ଓ ଅନ୍ୟାନ ସଂଗଠନ ଉପସ୍ଥିତ ଥିଲେ । ନାଗରିକ ମଞ୍ଚର ସମ୍ପାଦକ ଭବାନୀ ସାହୁ କାର୍ଯ୍ୟକ୍ରମର ସଂଚାଳନ କରିଥିବା ବେଳେ ଆଇନଜୀବୀ ହରିହର ପ୍ରଧାନ, ମହେଶ ଅଗ୍ରୱାଲ, ରାଜକୁମାର ବିଶି, ପ୍ରିତମ ସିଂ, ବାସୁଦେବ ଦାଶ, ଶେଖ ନଜ୍ଜୁ, କବି ମହାରଣା, ମନ୍ଦାକିନୀ ପତି, ସୂର୍ଯ୍ୟ ପ୍ରକାଶ ଦାଶ, ମାନସ ଚାନ୍ଦ, ବିରବଲ ମହାକୁଡ଼, ରିନୁ ପତି, ବୈଜୟନ୍ତି ପଣ୍ଡା, ମିଲିପମା ବେହେରା, ଅନୁପ ଶତପଥି, ସଞ୍ଜି ପଣ୍ଡା, ଶ୍ୟାମ ପଣ୍ଡା ଓ ଅନ୍ୟମାନେ ମତାମତ ରଖିଥିଲେ ।

ଶ୍ରାବଣର ଦ୍ୱିତୀୟ ସୋମବାର

* ଐତିହାସିକ ୬୪ଯୋଗିନୀ ପୀଠ ରାଣୀପୁର ଝରିଆଲ ଚଳଚଞ୍ଚଳ
* ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ବଙ୍ଗୋମୁଣ୍ଡା(ଅମୃତ ମିଡିଆ): ଶ୍ରାବଣ ମାସ ର ଦ୍ୱିତୀୟ ସୋମବାର ରେ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ର ଉପାନ୍ତ ଇଲାକାରେ ଥିବା ଐତିହାସିକ ଯୋଗିନୀ ପୀଠ ରାଣୀପୁର ଝରିଆଲ ରେ ହଜାର ହଜାର କାଉଡ଼ିଆ ଭକ୍ତଙ୍କ ସମାଗମ ହୋଇଛି। ଶ୍ରଦ୍ଧାଳୁ ମାନେ ସୋମେଶ୍ୱର ମହାଦେବ ଙ୍କୁ ଦର୍ଶନ କରି ଜଳଲାଗି କରିଥିଲେ । ରାଣୀପୁର ଝରିଆଲ ମନ୍ଦିର ଟ୍ରଷ୍ଟ କମିଟି ତରଫରୁ ସମସ୍ତ ଭକ୍ତଙ୍କ ବିଶେଷ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ଟ୍ରଷ୍ଟ କମିଟି, ସ୍ଥାନୀୟ ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଏବଂ ଅଞ୍ଚଳର ବିଭିନ୍ନ ସଂଗଠକ ଓ ସଂଗଠନର ସମାଜକର୍ମୀ ମାନେ ସହଯୋଗ କରିଥିଲେ। ଆଜି ଭୋର ରୁ ମନ୍ଦିର ଖେଲାଯିବା ପରେ ବାବା ଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଏହା ପରେ ଭକ୍ତମାନେ ଲାଇନ ରେ ରହି ବାବାଙ୍କ ଦର୍ଶନ ଦେଇଥିଲେ। ଟ୍ରଷ୍ଟ କମିଟି ସଭାପତି ମାଣିକ ଚନ୍ଦ ଜୈନ, ଆବାହକ ଅନିଲ କୁମାର ତ୍ରିପାଠୀ, ସମ୍ପାଦକ କ୍ଷୀରସିନ୍ଧୁ ଭୋଇ, ମଞ୍ଜେସ ମେହେର, ପରମାନନ୍ଦ ଭୋଇ, ପ୍ରହଲ୍ଲାଦ ସାହୁ, ମନ୍ଦିର ପୂଜକ ଜଗମୋହନ ତ୍ରିପାଠୀ, ଗୋପୀନାଥ ସାହୁ ପ୍ରମୁଖ ସ୍ଥିତି ସମୀକ୍ଷା କରିବା ସହ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି। ମୁଖ୍ୟ ପୂଜକ ଜଗମୋହନ ତ୍ରିପାଠୀ,ମେଘନାଦ ତ୍ରିପାଠୀ,ରବି ତ୍ରିପାଠୀ, ଶିବା ତ୍ରିପାଠୀ, ରିଙ୍କୁ ପଣ୍ଡା, ବିଶ୍ୱନାଥ ପଢି ଓ ସୁଧାଂଶୁ ମୁଣ୍ଡ,ସୋମ ତ୍ରିପାଠୀ, ଆୟୁଷ ଷଡଙ୍ଗୀ ପ୍ରମୁଖ ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ। ଟ୍ରଷ୍ଟ କମିଟିର

ସମ୍ପାଦକୀୟ...

କାଷ୍ଠ ସଙ୍କଟ !

ସ୍ୱର୍ଗଦ୍ୱାରରେ ପୁଣି କି ସଙ୍କଟ ! ସେଠି ତ ସବୁ ସୁବିଧା ଉପଲବ୍ଧ ! ଯେଉଁଠି ସ୍ୱର୍ଗ ଶବ୍ଦର ବ୍ୟବହାର ହେଉଛି,ସେଭଳି ସ୍ଥାନ ତ ପବିତ୍ର, ସେଭଳି ସ୍ଥାନରେ ତ ମହାନତା ରହିଛି। ସେଭଳି ସ୍ଥାନରେ ପୁଣି କି ସଙ୍କଟ, ସେଭଳି ସ୍ଥାନରେ ପୁଣି ସମସ୍ୟା ? ସମସ୍ୟା ତ ଅତି ଗମ୍ଭୀର। ସ୍ୱର୍ଗଦ୍ୱାରରେ ଏବେ କାଠ ସଙ୍କଟ ! ସ୍ୱର୍ଗଦ୍ୱାରକୁ ଶବଦାହ ପାଇଁ ଆସୁଥିବା ଲୋକମାନଙ୍କ ପାଇଁ ଏବେ କାଠ ସଙ୍କଟ । ସ୍ୱର୍ଗଦ୍ୱାରରେ ପୁଣି କାଠ ସଙ୍କଟ କାହିଁକି ? ସରକାର ତ ମାଗଣାରେ ଯୋଗାଉଛନ୍ତି କାଠ, ସମ୍ପୂର୍ଣ୍ଣ ମାଗଣା। ଏକାଥରକେ ଦେଢ଼କିଷ୍ଟାଲ୍ କାଠ ମାଗଣାରେ। ଏମିତି ସୁବିଧା କେଉଁଠି ମିଳିବ ? ଏଭଳି ସୁବିଧା ଯେଉଁଠାରେ ମାଗଣାରେ ଏକାଥରକେ ଉପଲବ୍ଧ ହେଉଥିବା କାଠରେ ସମ୍ପୂର୍ଣ୍ଣ ଶବଦାହ ହୋଇଯାଉଛି। ଏତେ ସୁବିଧା ବି କେବଳ ଓଡ଼ିଶାରେ କାହିଁକି , ସାରା ଭାରତରେ ବି ଉପଲବ୍ଧ ହୋଇପାରିବ ନାହିଁ। ଏଣୁ ବ୍ରାହ୍ମଣରୁ ନେଇ ଚଣ୍ଡାଳ ପର୍ଯ୍ୟନ୍ତ, ସମସ୍ତେ ରାତି ପାହିଲେ ଧାଉଁଛନ୍ତି ସ୍ୱର୍ଗଦ୍ୱାରକୁ । କହିବାର ଅର୍ଥ ସେମାନଙ୍କ ପରିବାରରେ ଯଦି ସେମିତି କିଛି ଘଟଣା..ଅଘଟଣ ଘଟିଯାଏ, ଯଦି କାହାର କୌଣସି କାରଣରୁ ମୃତ୍ୟୁ ହୋଇଯାଏ,ତେବେ ଦାହ ସଂସ୍କାର ପାଇଁ ପୁରୀ ତ ପଡ଼ିଛି ଭାରି ଶସ୍ତାଜାଗା ଯେଉଁଠି ସବୁ କିଛି ମାଗଣାରେ ଉପଲବ୍ଧ। ମୂଳକଥା କାଠ ତ ମାଗଣା। କାଠୁରିଆ ବି ମାଗଣା। ଦାହ ସଂସ୍କାର ତ ମାଗଣା। ଦାହ ସଂସ୍କାରକ ଅବା ଦାହକ ବି ମାଗଣା। ଏମିତି ସୁବିଧା ଜଗତେ କାହିଁ। ଏଭଳି ସୁବିଧା କେବଳ ପୁରୀରେ ଉପଲବ୍ଧ ଯେହେତୁ ପୁରୀରେ ବସିଛନ୍ତି, ପୁରୀରେ ବିରାଜମାନ ଅଛନ୍ତି ଜଗତର ନାଥ ସ୍ୱୟଂ ଶ୍ରୀ ଜଗନ୍ନାଥ। ସେଥିପାଇଁ ତ ସବୁକିଛି ମାଗଣା। ହେଲେ ଓଏଫ୍‌ଡିସି ଏତେ ପରିମାଣରେ କାଠ ଯୋଗାଇ ପାରିବାରେ ପ୍ରକାଶ କରିଛି ନିଜର ଅକ୍ଷମତା । କାରଣ ସ୍ୱର୍ଗଦ୍ୱାରରେ ଆଗରୁ ଯେତେବେଳେ ଦୈନିକ ଅତିବେଶିରେ ପଚାଶରୁ ଷାଠିଏଟି ମଧ୍ୟରେ ଶବ ଆସି ପହଞ୍ଚୁଥିଲା, ଏବେ କିନ୍ତୁ କେବେ କେବେ ଦାହପାଇଁ ଶହେରୁ ଊର୍ଦ୍ଧ୍ୱ ଶବ ଆସି ପହଞ୍ଚୁଯାଉଛି ସ୍ୱର୍ଗଦ୍ୱାରରେ ଦାହ ପାଇଁ ଗୋଟିଏ ଗୋଟିଏ ଦିନରେ । ଯାହାପାଇଁ ଏକାଦିନରେ କାଠ ବି ସେହି ଅନୁସାରେ ଅଧିକ ଲାଗିଯାଇପାରେ। ଆନୁମାନିକ ଶହେରୁ ଦେଢ଼ଶହ କ୍ୱିଣ୍ଟାଲ। ଏତେ କାଠ ସବୁବେଳେ ଏକ ସୀମିତ ସମୟ ମଧ୍ୟରେ ଯୋଗାଡ଼ କରିବା କି ସମ୍ଭବ ? ସେଥିପାଇଁ ତ ନିଜର ଅକ୍ଷମତା ପ୍ରକାଶ କରିଛି ଓଡ଼ିଶା ଫରେଷ୍ଟ ଡେଭଲପମେଣ୍ଟ କର୍ପୋରେସନ୍ - ଓଏଫ୍‌ଡିସି। ଆଗରୁ ତ ଏତେ ସଂଖ୍ୟାରେ ଆସୁନଥିଲା ହେଲେ ଧୀରେ ଧୀରେ ଶବ ସଂଖ୍ୟା ବଢ଼ିବାରେ ଲାଗିଲା। ବହୁ ଆରମ୍ଭରୁ ଗୋଟାଏ ଦିନରେ ଯେଉଁଠି ମାତ୍ର ପଚାଶ ଭିତରେ ସୀମିତ ରହୁଥିଲା ଶବଦାହ ଏବେ କିନ୍ତୁ କେବେ କେବେ ଶହେପଚାଶରୁ ବି ଟପିଯାଉଛି ଗୋଟାଏ ଦିନରେ । ତେବେ ପୁରା ସ୍ୱର୍ଗଦ୍ୱାରକୁ ଏତେ ସଂଖ୍ୟକ ଶବ ଆସିବା ପଛର କାରଣ କ'ଣ ହୋଇପାରେ ? ଧୀରେ ଧୀରେ ଜନସଂଖ୍ୟା ବୃଦ୍ଧି ତ ସୁନିଶ୍ଚିତରୂପେ ଗୋଟାଏ କାରଣ। ତେବେ ଆଶାଠାରୁ ଅଧିକ ସଂଖ୍ୟାରେ ଶବ ଦାହପାଇଁ ଆସିଯିବା ହିଁ ହୋଇଛି ଚିନ୍ତାର କାରଣ। ଶବଦାହ ପାଇଁ ଶ୍ମଶାନ ତ ବିଭିନ୍ନ ସ୍ଥାନରେ ରହିଛି ଅଥଚ ରାଜ୍ୟର ବିଭିନ୍ନ ସ୍ଥାନରୁ ସ୍ୱର୍ଗଦ୍ୱାରକୁ ଶବ ଦାହ ପାଇଁ ଆସି ପହଞ୍ଚିବା କେବେ ବି ଗ୍ରହଣଯୋଗ୍ୟ ହୋଇନପାରେ। ଅତି ଚିନ୍ତାର ବିଷୟ ହୋଇପାରେ। ତଥାପି ସବୁ ଶବକୁ ଯାହା ଯେମିତି କରି ଦାହ ତ କରାଯାଉଛି ହେଲେ ଆଗାମୀ ଦିନରେ କିନ୍ତୁ ଏତେ ସଂଖ୍ୟାରେ ଶବଦାହ କରାଇବା ପ୍ରାୟତଃ ସମ୍ଭବ ହେବନାହିଁ କାରଣ ମୁଖ୍ୟତଃ କାଠର ଅଭାବ। ଦାହସଂସ୍କାର ପାଇଁ ସ୍ୱର୍ଗଦ୍ୱାରକୁ କାଠ ଯୋଗାଉଥିବା ଓଏସ୍‌ଏଫ୍‌ଡିସି ମଧ୍ୟ ସବୁଦିନ ଏତେସଂଖ୍ୟକ କାଠ ଯୋଗାଇବରେ ନିଜର ଅକ୍ଷମତା ପ୍ରକାଶ କରିଛି। ସେଣୁ ସରକାର ଏବେ ଚିନ୍ତାରେ। ତେବେ ପୁରୀ ବାହାରୁ ମଧ୍ୟ ଆସୁଛି ଶବ ଦାହପାଇଁ ଯାହା ପଛର କାରଣ ସମ୍ପୂର୍ଣ୍ଣ ପ୍ରାଚୀନ ଏବଂ ପାରମ୍ପରିକ ଏବଂ ସେହି କାରଣ ଯାହା ପୂର୍ବକାଳରୁ ଗଢ଼ି ଆସିଛି ଜନମାନସରେ । ସ୍ୱର୍ଗଦ୍ୱାରରେ ଦାହକଲେ କାଳେ ପୁନର୍ଜନ୍ମରୁ ମୁକ୍ତି ମିଳେ ! ଏହା କେତେଦୂର ବିଜ୍ଞାନସମ୍ମତ , ତାହା ତ ବିଚାରସାପେକ୍ଷ। ତେବେ ସ୍ୱର୍ଗଦ୍ୱାରରେ ବର୍ଷକ ବାରମାସ ଅତି ସୁବିଧାରେ ଦାହସଂସ୍କାର କାର୍ଯ୍ୟ ସମ୍ପାଦନ ହୋଇଯାଉଥିବାରୁ ଗରିବରୁ ଧନୀ ବର୍ଗର ଲୋକେ ବି ବିନା ଦ୍ୱିଧାରେ ଚାଲି ଆସୁଛନ୍ତି ସେମାନଙ୍କ ପରିବାରର ମୃତ ସଦସ୍ୟଙ୍କ ଶବ ସଂସ୍କାର ପାଇଁ। ଯାହାକି କେବେ ବି ସମିଚୀନ ନୁହେଁ। ଏଣୁ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଉଭୟ ସ୍ୱର୍ଗଦ୍ୱାରରେ ଶବ ଦାହ ନେଇ କିଛି ଗାଇଡ୍ ଲାଇନ୍ ଜାରି କରିବା ସହ ରାଜ୍ୟରେ ବ୍ୟାପକ ପରିମାଣରେ ନୂଆ ନୂଆ ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱ ଆରୋପ କରିବା ଉଚିତ। ଯାହାଫଳରେ ଓଏସ୍‌ଏଫ୍‌ଡିସି ସ୍ୱର୍ଗଦ୍ୱାରକୁ ଆବଶ୍ୟକ ପରିମାଣରେ କାଠ ଯୋଗାଇପାରେ ।

ଜ୍ଞାନାମୃତ

ରାଜକନ୍ୟା

ଜଣେ ରାଜା ଥରେ ବିନା କାରଣରେ ତାଙ୍କର ଜଣେ ପାରିଷଦଙ୍କୁ ଅତି କାଠୋର ଦଣ୍ଡ ବିଧାନକଲେ। ଏପରି କି ବାରମ୍ବାର କାକୁତିମିନତି, ବାରମ୍ବାର ଗୁହାରି କଲା ପରେ ବି କେହି ବି ତାଙ୍କ କଥା ଶୁରିନଥିଲେ କି କେହି ବି ତାଙ୍କ କଥା ଉପରେ ଧ୍ୟାନ ଦେଇନଥିଲେ। କେହି ବି କିଛି ଧ୍ୟାନ ଦେବା ଦରକାର ନ ଥିଲା। କେବଳ ରାଜାଙ୍କୁ କିନ୍ତୁ ସେ ବିଷୟରେ ଧ୍ୟାନ ଦେବାର ଥିଲା। ହେଲେ ରାଜା କିନ୍ତୁ ଥିଲେ ନିର୍ଦ୍ଦୟ ରାଜା କିନ୍ତୁ ଥିଲେ ନିଷ୍ଠୁର। ସାମାନ୍ୟ ଅପରାଧ ପାଇଁ ରାଜା ତାଙ୍କର ଜଣେ ପାରିଷଦକୁ କଠାର ରୁ ଅତି କଠୋର ଦଣ୍ଡରେ ଦଣ୍ଡରେ ଦଣ୍ଡିତ କରିଥିଲେ। ରାଜା ତାଙ୍କର ସେହି ପାରିଷଦଙ୍କୁ ଅତି ଭୟଙ୍କର ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ। ଦିନ ବାର ଦେଖି ରାଜା ତାଙ୍କର ସେହି ପାରିଷଦଙ୍କୁ ଦଣ୍ଡ ଶୁଣାଇଦେଲେ। ଶେଷରେ ରାଜାଙ୍କ ସମ୍ମୁଖରେ ସେହି ପାରିଷଦଙ୍କ ପରିବାର ଲୋକ ମଧ୍ୟ ଗୁହାରି କଲେ। ତଥାପି ରାଜା କିନ୍ତୁ ସେ ବିଷୟରେ ତିଳେମାତ୍ର କର୍ଣ୍ଣପାତ କରିନଥିଲେ କି ସେମାନଙ୍କ ପରିବାର ସଦସ୍ୟ ଯେ କେହି ବି ରାଜାଙ୍କୁ ଯେତେ ଅନୁରୋଧ କଲାପରେ ରାଜା କିନ୍ତୁ ନଛୋଡ଼ବନ୍ଧା। ତାଙ୍କ ଜିଦ୍‌ରେ କିନ୍ତୁ ସେ ଅଟଳ। ସବୁ କଥାକୁ ପଛରେ ପକାଇ ମାହାରାଜା ଶେଷରେ ତାଙ୍କର ସେହି ଅଭିଯୁକ୍ତ ଅପରାଧୀଙ୍କୁ ପ୍ରାଣଦଣ୍ଡ ଆଦେଶ ଦେଇଦେଲେ ଏବଂ ଏକ ନିର୍ଦ୍ଦିଷ୍ଟ ସମୟରେ ସଂପୃକ୍ତ ପାରିଷଦଙ୍କୁ ମୃତ୍ୟୁ ଦଣ୍ଡ ବିଧାନର ବ୍ୟବସ୍ଥା କରାଗଲା। ତେବେ ଦଣ୍ଡ ବିଧାନ ଦିନ ରାଜାଙ୍କ ସଭାରେ ଉପସ୍ଥିତ ରାଜଦରବାରର ସଦସ୍ୟମାନଙ୍କ ମଧ୍ୟରେ ସଂପୃକ୍ତ ପାରିଷଦଙ୍କ ଧର୍ମପତ୍ନୀଙ୍କ ଆଖିରୁ ଧାର ଧାର ହୋଇ ବହିଯାଉଥିବା ଲୁହ କିନ୍ତୁ ଉପସ୍ଥିତ ସଭାସଦଙ୍କୁ ବିଚଳିତ କଲେ ମଧ୍ୟ ରାଜାଙ୍କ ଉପରେ କିନ୍ତୁ ସେହି ଲୁହର କୌଣସି ବି ପ୍ରଭାବ ପଡ଼ିନଥିଲା। ତେବେ ମୃତ୍ୟୁ ପୂର୍ବରୁ କିନ୍ତୁ ସେହି ପାରିଷଦ ତାଙ୍କ ପତ୍ନୀଙ୍କ ଆଖି ଲୁହରେ ବିଚଳିତ ହୋଇ ତାଙ୍କ ପୁଅଙ୍କୁ କହି ଦେଇଗଲେ ଏକ ଶେଷ ବାକ୍ୟ। ଯାହା ଥିଲା କିଛି ଏହିଭଳି । ମା' ଆଖି ଲୁହର ମୂଲ୍ୟ ବୁଝିବୁ ... ବାପାର ହତ୍ୟାର ପ୍ରତିଶୋଧ ନେବୁ। ବାସ୍ ତା' ପରେ ସବୁକିଛି ଶେଷ।. ପାରିଷଦଙ୍କ ପୁତ୍ର ମଧ୍ୟ ମନରେ ବାପାଙ୍କର ଏହି ଶେଷକଥାକୁ ମନେ ରଖିଲେ ଏବଂ ରାଜାଙ୍କ ଉପରେ ପିତୃହତ୍ୟାର ପ୍ରତିଶୋଧ ନେବା ପାଇଁ ମନେ ମନେ ସ୍ଥିର କଲେ ଏବଂ ମନ କଥା ମନରେ ରଖି ପାରିଷଦ ପୁତ୍ର ସେ ତାଙ୍କ କାମରେ ଆଗେଇ ଚାଲିଲେ। ତେବେ ସମୟ ସମୟ ସୁବିଧା ଦେଖି କିନ୍ତୁ ସେ ସେହି ନିଷ୍ଠୁର ରାଜାଙ୍କ ଉପରେ ପିତୃହତ୍ୟାର ପ୍ରତିଶୋଧ ନେବାର ଯୋଜନା ପ୍ରସ୍ତୁତ କରିଚାଲିଲେ ଧୀରେ ଧୀରେ। ସେମିତି ବି ସମୟ ଆସିଲା ଥରେ ଯେବେ ସେହି ପାରିଷଦ ପୁତ୍ର ସୁଯୋଗ ଦେଖି ରାଜାଙ୍କ ଏକମାତ୍ର ଅଲାଅଳା କନ୍ୟାକୁ ଫୁସୁଲେଇ ଅନ୍ଧାର ରାତିରେ ଗାୟବ କରିଦେଲେ। ରାତି ପାହିଲାରୁ ରାଜ ଦରବାରରେ ଭାଳେଣି ପଡ଼ିଗଲା। ରାଜା ବି ଚିନ୍ତାରେ ପଡ଼ିଗଲେ।

ଶିବଙ୍କ ଆରାଧନାରେ ଶ୍ରାବଣ ମାସ

କାଳୀ ଦାସ

ଆଧ୍ୟାତ୍ମିକ ସାଧନା ପାଇଁ ସବୁଠାରୁ ଶ୍ରେଷ୍ଠ ସମୟ ହେଲା ଚତୁର୍ମାସ୍ୟ। ଚତୁର୍ମାସ୍ୟର ମାସ ଗୁଡିକ ହେଲା ଶ୍ରାବଣ,ଭାଦ୍ରବ,ଆଶ୍ୱିନ ଏବଂ କାର୍ତ୍ତିକ।ଏହି ଚାରି ମାସ କୁ ନେଇ ଚତୁର୍ମାସ୍ୟ। ହୋଇଥାଏ।ସାଧାରଣ ଗୃହସ୍ଥ ମାନେ ଏହି ଚତୁର୍ମାସ୍ୟା ରେ ପୁନ୍ୟ ଅର୍ଜନ କରିବା ପାଇଁ ସାତ୍ୱିକ ଜୀବନ ଯାପନ କରିଥାନ୍ତି । ଶ୍ରାବଣ ମାସ ହେଉଛି ଚତୁର୍ମାସ୍ୟର ପ୍ରଥମ ମାସ।ଏହି ସମୟ ରେ ଆଧ୍ୟାତ୍ମିକ ସାଧନା ରେ ନିୟୋଜିତ ସାଧକ ମାନେ ବା ଆଧ୍ୟାତ୍ମିକ ଗୁରୁ ମାନେ ହିମାଳୟ କୁ ଛାଡି ଜନ ବସତି କୁ ଆସିଥାନ୍ତି।ସେମାନଙ୍କ ମୂଳ ଉଦ୍ଦେଶ୍ୟ ହେଲା ସାଧାରଣ ମଣିଷ କୁ ଆଧ୍ୟାତ୍ମିକ ଚିନ୍ତା ଓ ଚେତନାର ଆଲୋକ ଦେବା।

ଶ୍ରାବଣ ମାସ ରେ ଭାରତ ରେ ମୌସୁମୀ ବର୍ଷା ର ପ୍ରଭାବ ଦେଖିବା କୁ ମିଳିଥାଏ।ପଶୁ,ପକ୍ଷୀ,ଗଛ ବୃକ୍ଷ ଜୀବ ଜନ୍ତୁ ମୌସୁମୀ ର ସ୍ୱର୍ଗ ପାଇ ଉଲ୍ଲାସିତ ହୋଇଥାନ୍ତି।ଲୋକମାନେ ଶ୍ରାବଣ ମାସ କୁ ସାତ୍ୱିକ ମାସ ଭାବ ରେ ମାନିଥାନ୍ତି ।

ଶ୍ରୀମଦ ଭଗବତ ଗୀତା ରେ ତିନି ପ୍ରକାରର ଆହାରର ଉଲ୍ଲେଖ କରାଯାଇଛି ।ସେହି ଗୁଡିକ ହେଲେ ସାତ୍ୱିକ ଆହାର,ରାଜସିକ ଆହାର ଓ ତାମସିକ ଆହାର ।ସାତ୍ୱିକ ଆହାର ଖାଇବା ଦ୍ୱାରା ମଣିଷ କିଛି କାଂଶ ରେ ନିଜ ମନ କୁ ସଞ୍ଚମ କରିପାରିବ ବୋଲି ବିଶ୍ୱାସ ରହିଛି ।

ହିନ୍ଦୁ ମାନ୍ୟତା ଅନୁସାରେ ଆଧ୍ୟାତ୍ମିକ ସାଧନାର ଅର୍ଥ ହେଲା ନିଜ ମନ ଓ ଇନ୍ଦ୍ରିୟ କୁ ସଞ୍ଚମ କରିବା ।ସେଥିପାଇଁ ଆମର ସମସ୍ତ ପୂଜା ପର୍ବାଣିରେ କିପରି ମନ କୁ ସଞ୍ଚମ କରାଯାଇପାରିବ ତାର ଉଲ୍ଲେଖ ରହିଛି ।

ଶ୍ରାବଣ ମାସ କୁ ଶିବଙ୍କ ମାସ ବୋଲି ମଧ୍ୟ କୁହାଯାଏ ।ଏହି ମାସ ରେ ଲୋକମାନେ ମୁଖ୍ୟତଃ ଶିବଙ୍କର ଆରାଧନା କରିଥାନ୍ତି ।ହିନ୍ଦୁ ମାନ୍ୟତା ଅନୁସାରେ ଦକ୍ଷ ନନ୍ଦିନୀ ସତୀ ଶ୍ରାବଣ ମାସ ରେ ଶିବଙ୍କର ସାନ୍ନିଧ୍ୟ ପାଇଥିଲେ ।ପୁରାଣରେ ଉଲ୍ଲେଖ ରହିଛି ଯେ ଏହି ମାସରେ ଦେବତା ଓ ରାକ୍ଷାସ ମାନେ ଅମୃତ ପାଇବା ପାଇଁ ଖୀର ସମୁଦ୍ର କୁ ମନ୍ଥନ କରିଥିଲେ ଏବଂ ଖୀର ସମୁଦ୍ର ରୁ ହଳାହଳ ବିଷ ବାହାରିଥିଲା ।ହଳାହଳ ବିଷର ଜ୍ୱାଳା ରେ ସମଗ୍ର ବ୍ରହ୍ମାଣ୍ଡ ଜଳିବା କୁ ଲାଗିଥିଲା ।ହଳାହାଳ ବିଷ କୁ କଣ କରାଯିବ ସେଥିପାଇଁ ସମସ୍ତେ ଚିନ୍ତିତ ଥିବା ବେଳେ ଭଗବାନ ଶିବ ସ୍ୱୟଂ ସେହି ବିଷ ପାନ କରିଥିଲେ ।ଶିବଙ୍କ ପତ୍ନୀ ଉମା ହଳାହଳ ବିଷ ଯେପରି ଭଗବାନ ଶିବଙ୍କ ଉଦର କୁ ନ ପହଞ୍ଚୁ ସେଥିପାଇଁ ଶିବଙ୍କର କଣ୍ଠ ରେ ହାତ ରଖିଦେଲେ ।ହଳାହଳ ବିଷ ଭଗବାନ ଶିବଙ୍କ କଣ୍ଠରେ ରହିଗଲା ଏବଂ ବିଷର ଜ୍ୱାଳା ରେ ଭଗବାନ ଶିବଙ୍କ କଣ୍ଠ ନୀଳ ହୋଇଗଲା ।ସେହି ଦିନ ଠାରୁ ଭଗବାନ ଶିବଙ୍କୁ ନୀଳକଣ୍ଠ ବୋଲି କୁହାଗଲା ।ବିଷର ଜ୍ୱାଳା ରୁ ଶିବଙ୍କୁ ମୁକ୍ତ କରିବା ପାଇଁ ଜଳାଅଭିଷେକ କରାଯାଇଥାଏ ।ବିଭିନ୍ନ ପ୍ରକାର ଫୁଲ ଯଥା ଧୁତୁରା,ଚମ୍ପା ଓ ଅରଖ ଦିଆ ଯାଇ ଭଗବାନ ଶିବଙ୍କ ଆରାଧନା କରାଯାଇଥାଏ । ମହାଭାରତ ରେ ଉଲ୍ଲେଖ ରହିଛି ଯେ ଅର୍ଜୁନ ଶତ୍ରୁଙ୍କ ଉପରେ ବିଜୟ ପାଇବା ପାଇଁ ଶିବଙ୍କୁ ଆରାଧନା କରିଥିଲେ ଏବଂ ଶିବଙ୍କ କୃପା ରୁ ଅର୍ଜୁନଙ୍କୁ ପଶୁପତି ଅସ୍ତ୍ର ମିଳିଥିଲା ।ପଶୁପତି ଅସ୍ତର ପ୍ରୟୋଗ ଏବଂ ଉପସଂହାର ର ଜ୍ଞାନ ସ୍ୱୟଂ ଭଗବାନ ଶିବ ଅର୍ଜୁନଙ୍କୁ ଦେଇଥିଲେ ।ହିନ୍ଦୁ ମାନ୍ୟତା ଅନୁସାରେ ସୃଷ୍ଟି ,ସ୍ଥିତି ଓ ପ୍ରଳୟ ତ୍ରିମୂର୍ତ୍ତି ଯଥା ବ୍ରହ୍ମା , ବିଷ୍ଣୁ ଓ ମହେଶ୍ୱରଙ୍କ ହାତରେ ଅଛି । ମହାଦେବ ଶିବ ସ୍ୱୟଂ ଯୋଗେଶ୍ୱର । ବିଶ୍ୱାସ ରହିଛି ଯେ ଭଗବାନ ଶିବ ହେଉଛନ୍ତି ଶ୍ମଶାନ ବାସୀ ।ଜୀବନର ସତ୍ୟ କୁ ମାନବ ସମାଜ ଆଗରେ ବାଢ଼ି ଥାନ୍ତି । ମୃତ୍ୟୁ ଏକ ଚିରନ୍ତନ ସତ୍ୟ ।କାଳିର କ୍ଷମତା ଶିଳ ମଣିଷ ମୃତ୍ୟୁ ପରେ ଅସହାୟ ହୋଇ ଯେଉଁଠି ଶୋଇଛି ଜଣେ ସର୍ବହରା ମୃତ୍ୟୁ ପରେ ସେଇଠି ଶୋଇଛି ।

ଏହି ଦୃଶ୍ୟ ମଣିଷ ମନ ରେ ବୈରାଗ୍ୟ ଉଜାଗର କରେ। ଆଦିଶଂକରାଚାର୍ଯ୍ୟ ମଧ୍ୟ ଏହି ସତ୍ୟ କୁ ଉଜାଗର କରିଥିଲେ ‘ନୁମା କୁରୁ ଧନ ଜନ ଯୌବନ ଗର୍ବ, ନିମିଷକେ ହରତି କାଳ ସର୍ବ’।

ଶ୍ରାବଣ ମାସରେ କାଉଡିବାଲା ମାନେ ବିଭିନ୍ନ ନଦୀର ପାଣି ଆଣି ମାଇଲ ମାଇଲ ରାସ୍ତା ଚାଲି ଶିବଙ୍କୁ ଜଳାଭିଷେକ କରିଥାନ୍ତି ।ଶିବଙ୍କ ଆରାଧନା ପାଇଁ କାଉଡିଆ ମାନେ ରାସ୍ତାରେ ଯିବା ବେଳେ କେତେକ ସ୍ଥାନରେ ଦୁର୍ଘଟଣାର ଶିକାର ମଧ୍ୟ ହୁଅନ୍ତି ।

ଶ୍ରାବଣ ସୋମବାର ଦିନ ମୁଖ୍ୟତଃ ଏହି ଜଳାଭିଷେକ କରାଯାଇଥାଏ ।କାଉଡି ବାଲା ମାନେ କାନ୍ଧରେ କାଉଡି ଧରି ଶିବ ଭକ୍ତି ରେ ଲୀନ ହୋଇଥାନ୍ତି ।ଶ୍ରାବଣର ବର୍ଷା ଧାରା ସେମାନଙ୍କ ଭକ୍ତିରେ ବାଧା ସୃଷ୍ଟି କରିପାରେନାହିଁ ।ଅନେକ ସ୍ଥାନ ରେ ଗଙ୍ଗା ରୁ ପାଣି ଆଣି ଲୋକମାନେ ରୁଦ୍ରଅଭିଷେକ କରିଥାନ୍ତି ।ଏହି ପରମ୍ପରା ରାମେଶ୍ୱରମ ରେ ମଧ୍ୟ ରହିଛି ।ଭକ୍ତ ମାନେ ବନାରସ ରୁ ଗଙ୍ଗା ଜଳ ନେଇ ରାମେଶ୍ୱରମ କୁ ଯାଇ ଚଢାଇ ଥାନ୍ତି ।ଶ୍ରାବଣ ମାସ ରେ ଯେଉଁ ଭକ୍ତ ଭକ୍ତି ଓ ଶ୍ରଦ୍ଧାରେ ଶିବଙ୍କ ପୂଜାଅର୍ଚ୍ଚନା କରେ ସେହି ଭକ୍ତଙ୍କ ମନକାମନା ଶିବ ପୂରଣ କରିଥାନ୍ତି ।ଶିବ ମନ୍ଦିର ରେ ଭକ୍ତଙ୍କ ଭିଡ ମଧ୍ୟ ଜମିଥାଏ। କାଉଡିବାଲା ଶିବଙ୍କ ଭକ୍ତି ପାଇଁ ସବୁ କଷ୍ଟ ଉଠାଇବା ପାଇଁ ପ୍ରସ୍ତୁତ ।ଏହା କୁ ଆମେ କହିପାରିବା ଭକ୍ତିର ଶକ୍ତି ।

ବ୍ରହ୍ମପୁର,
ଖୋଡ଼ାସିଙ୍ଗ କଳିଙ୍ଗନଗର ,
ଫୋନ ନମ୍ବର -
୭୨୦୫୧୦୦୮୩୯

ଓଡ଼ିଶାର ପ୍ରଥମ ବାଚସ୍ପତି

ଅକ୍ଷୟ କୁମାର ରାଉତ

ଭାରତ ବର୍ଷର ସ୍ୱାଧିନତା ଆନ୍ଦୋଳନରେ ଅନେକ ସଂଗ୍ରାମୀ ବଳିପଡିଗଲେ। ସେମାନଙ୍କ ଭିତରୁ ଅନେକ ବିଦେଶୀ ସରକାରଙ୍କ ବିରୁଦ୍ଧରେ ଆପୋଷହୀନ ଭାବରେ ଲଢେଇ ଜରୁଥିଲେ। ଦେଶସେବା ଥିଲା ସେମାନଙ୍କର ଜୀବନର ବ୍ରତ। ଏହିଭଳି ଯେଉଁ କେତେଜଣ ଶେଷ ନିଃଶ୍ୱାସ ତ୍ୟାଗ ପୂର୍ବରୁ ନିଜ ନୀତିରୁ ବିଚ୍ୟୁତ ହୋଇ ନଥିଲେ। ମୁକୁନ୍ଦ ପ୍ରସାଦ ଦାସ ସେମାନଙ୍କ ଭିତରୁ ଥିଲେ ଅନ୍ୟତମ।

ବାଲେଶ୍ୱର ଜିଲ୍ଲାର ଗଣ୍ଡିବେଡ ନିକଟରେ ଏକ ଛୋଟ ଗାଁ ପାବର୍ତୀପୁର। ଏହି ଗାଁରେ ଏକ ସଂଭ୍ରାନ୍ତକରଣ ବଂଶରେ ୧୮୮୭ ମସିହା ଅଗଷ୍ଟ ମାସ ୧୨ ତାରିଖରେ ହର ପ୍ରସାଦ ଦାସଙ୍କ ବଡ ପୁତ୍ରରୂପେ ଜନ୍ମ ଗ୍ରହଣ କଲେ ମୁକୁନ୍ଦ ପ୍ରସାଦ। ତାଙ୍କର ଦୁଇଭାଇ ଓ ଗୋଟିଏ ଭଉଣୀ ମଧ୍ୟ ଥିଲେ। ମୁକୁନ୍ଦ ପ୍ରାସଦ ଗାଁରୁ ପାଠପଢା ଆରମ୍ଭ କରି ସୋର ମାଇନର ସ୍କୁଲରେ ପାଠପଢିଲେ। ମାଲବାହୀ ରେଳଗାଡିରେ ବସି ମାଇନର ପରୀକ୍ଷା ଦେବା ପାଇଁ ଭଦ୍ରକ ଯାଇଥିଲେ। ମୁକୁନ୍ଦ ପ୍ରସାଦ ଜଣେ କୃତି ଛାତ୍ର ଥିଲେ।ସେ ତାଙ୍କର ପିଉସାଙ୍କ ନିକଟରେ ରହି ବାଲେଶ୍ୱର ମିଶନ ସ୍କୁଲରେ ମେଟ୍ରିକ ପାଠ ପଢୁଥିଲେ। ତାଙ୍କ ପିତା ଜଣେ ପ୍ରଥମିକ ଶିକ୍ଷକ ଥିବାରୁ ମୁକୁନ୍ଦ ପ୍ରସାଦ ପିଉସାଙ୍କ ଉପରେ ନିର୍ଭର କରୁଥିଲେ। ପିଉସା ମେସ୍ ଖର୍ଚ୍ଚ ବାବଦକୁ ଦିନକୁ ୬ ପଇସା ଦେଉଥିଲେ। ମୁକୁନ୍ଦ ପ୍ରସାଦ ଭଦ୍ରକରୁ ନୌକାରେ ଆସି କଟକରେ ମେଟ୍ରିକ ପରୀକ୍ଷା ଦେଇ ମେଟ୍ରିକ ପାସ୍ କରିଥିଲେ। ମୁକୁନ୍ଦ ପ୍ରସାଦ ଆର୍ଥିକ ଅଭାବ ଯୋଗୁ କଲେଜରେ ପଢିପାରି ନଥିଲେ। ସେ ଘରୋଇ ଭାବେ ପଢାପଢି କଲିକତାରେ ମୁକ୍ତ୍ୟାର ପରୀକ୍ଷା ଦେଇ ସଫଳତାର ସହ କୃତ କାର୍ଯ୍ୟ ହେଲେ। ବାଲେଶ୍ୱରସ୍ଥ ଝାଡେଶ୍ୱର ମନ୍ଦିର ନିକଟରେ ଗୋଟିଏ ଭଡା ଘର ନେଇ ମୁକ୍ତ୍ୟାର କାର୍ଯ୍ୟ ଆରମ୍ଭ କରିଥିଲେ। ସେ ଥିଲେ ଜଣେ ସ୍ୱାଧୀନଚେତା ନିର୍ଭୀକ ସତ୍ୟର ପୂଜାରୀ ମଣିଷ, ଅତି କମ୍ ଦିନ ମଧ୍ୟରେ ସେ ଜଣେ ନାମଜାଦା ମୁକ୍ତ୍ୟାର ଓ ଆଇନଜୀବୀ ଭାବେ ବାଲେଶ୍ୱର ଜିଲ୍ଲାରେ ପ୍ରସିଦ୍ଧ ଲାଭ କଲେ । ଥରେ କୌଣସି ଏକ କେସ୍ ସମ୍ବନ୍ଧରେ କଲିକତା ଯାଇଥିଲେ, ଯିବା ପୂର୍ବରୁ ସମସ୍ତଙ୍କୁ କହିଥିଲେ ଯଦି ଏହି କେସ୍‌ରେ ସେ ହାରି ଯାଆନ୍ତି, ତେବେ ସେ ପବିତ୍ର ଗଙ୍ଗା ନଦୀରେ ଆତ୍ମ ବିସର୍ଜନ କରିବେ, କିନ୍ତୁ ସେ କେସ୍‌ରେ ବିଜୟୀ ହୋଇ ଖୁସିରେ ଘରକୁ ଫେରିଲେ।

ଦିନେ ବାଲେଶ୍ୱରର କଲେକ୍ଟର ଦେବ ସାହେବଙ୍କୁ ଏସ୍.ଡି.ଓ.ଙ୍କ କୋର୍ଟରେ ସାକ୍ଷୀ ଦେବାକୁ ପଡିଲା। ମୁକ୍ତ୍ୟାର ଭାବେ ମୁକୁନ୍ଦ ପ୍ରସାଦ ଦେଖିଲେ ଯେ କଲେକ୍ଟର ଏସ୍.ଡି.

ନକଲି ସାର ବଣ୍ଟନ ଅଭିଯୋଗ ଆଣିଲେ ଚାଷୀ

ବିନା ବିଲ୍‌ରେ କମ୍‌ଦରରେ ଦିଆଯାଉଥିଲା ସାର

ନୀଳଗିରି (ଅମୃତ ମିଡିଆ) : ବନ୍ୟା ଛାଡିବା ପରେ ଚାଷୀର ଦୁର୍ଦ୍ଦଶା ବଢିଥିଲା,କେଉଁଠି ଚଳି ବିଲରେ ବାଲି ଚଢିଥିଲା ତ କେଉଁଠି ରୁଆ ଯାଇଥିବା ବିଲ ପଚି ନଷ୍ଟ ହୋଇଥିଲା ।ଏସବୁ ଶଙ୍କଟରୁ ଚାଷୀ ନିଜର ଅଣ୍ଟା ସଳଖି ନଥିବା ବେଳେ ଏବେ ନୀଳଗିରିରେ ଚାଷୀର ଚିନ୍ତା ବଢାଇଛି ନକଲି ସାର ।ଚାଷୀଟିଏ ସାର ବିଲକୁ ନେଇ ଯିବା ପରିବର୍ତ୍ତେ ସାର ଧରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ନିଆରା ପ୍ରତିବାଦ ଜଣାଇଛି ଯାହା ଚର୍ଚ୍ଚାର ବିଷୟ ପାଲଟିଛି ।ନୀଳଗିରି ବ୍ଲକରେ ସରକାରୀ ସାର ପ୍ରଦାନରେ ଘୋଟାଲା ହୋଇଥିବା ନେଇ ଅଭିଯୋଗ ଆଣିଛନ୍ତି ୨ ଟି ପଞ୍ଚାୟତର ଚାଷୀମାନେ । ନୀଳଗିରି ବ୍ଲକର ମଛୁଆ ଓ ବେଗୁନିଆ ପଞ୍ଚାୟତର ଚାଷୀମାନଙ୍କୁ ଓରମାସ ପକ୍ଷରୁ ଏଫପିଓ ସଂସ୍ଥାର ସିଇଓଙ୍କ ଜରିଆରେ କୃଷିମିତ୍ରଙ୍କ ଦ୍ୱାରା ବେଗୁନିଆ ପଞ୍ଚାୟତରେ ୧୮ ଚାଷୀ ଓ ମଛୁଆ ପଞ୍ଚାୟତରେ ୧୫ ଚାଷୀଙ୍କୁ ଚଳିତ ମାସ ୬ ତାରିଖରେ ଡିଏପି ବସ୍ତା ପିଛା ୧୪୨୦ ଟଙ୍କା ,ୟୁରିଆ ବସ୍ତା ପିଛା ୪୦୦ ଟଙ୍କା ଓ ପଟାସ ସାର ବସ୍ତା ପିଛା ୧୩୫୦ ଟଙ୍କା ବଣ୍ଟନ କରାଯାଇଥିଲା ।ମଛୁଆ ଗ୍ରାମରେ ୬୫ ବସ୍ତା ସାର ପ୍ରଦାନ କରାଯାଇ ବିଲ୍ ? ପ୍ରଦାନ କରାନଯାଇ ଚାଷୀଙ୍କ ଠାରୁ ୯୧ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ନିଆଯାଇଥିବା ବେଳେ ସମାନ ଭାବରେ ବେଗୁନିଆ ପଞ୍ଚାୟତରେ ୬୯ ବସ୍ତା ସାର ପ୍ରଦାନ କରାଯାଇ ୯୬ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ନିଆଯାଇଛି ।ହେଲେ ଚାଷୀ ମାନେ ସାର ଗୁଡିକୁ ବିଲରେ ପକାଇବାକୁ ନେବା ପରେ ସାରର ସତ ସାମ୍ନାକୁ ଆସିଥିଲା ।ଡିଏପି ସାର

ଗୁଡିକ ଧଳା ପରିବର୍ତ୍ତେ କଳା ରଙ୍ଗର ହୋଇଥିବା ବେଳେ ୨ ଦିନ ପର୍ଯ୍ୟନ୍ତ ପାଣିରେ ପଡିଲେ ମଧ୍ୟ ତାହା ମିଳଉନାହିଁ ଅପରପକ୍ଷରେ ପଟାସ ସାର ଗୁଡିକରେ ଲୁଣ ସହ କେବଳ ଇଟା ଗୁଣ୍ଡ ବା ଲାଲ୍ ରଙ୍ଗ ମିଶାଯାଇଥିବା ଦେଖିବାକୁ ପାଇଥିଲେ ଚାଷୀ ।ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ହେଲେ କୌଣସି ପଦକ୍ଷେପ ନିଆଯାଇନଥିଲା ।ଫଳରେ ଆଜି ବାଧ ହୋଇ ଚାଷୀମାନେ ସାର ବସ୍ତା ଧରି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଶିବିରରେ ପହଞ୍ଚିଥିଲେ । ସେଠାରେ ଚାଷୀ ଓ ଅଧିକାରୀଙ୍କ ମଧ୍ୟରେ କିଛି ସମୟ ପାଇଁ ଉତ୍ତେଜନାର ପରିସ୍ଥିତି ସୃଷ୍ଟି ହୋଇଥିଲା ।କିପରି ବିନା ଆଇଡ ଧାରୀ ସଂସ୍ଥା ବିନା କୌଣସି ବିଲ୍ ରେ ଡୁପ୍ଲିକେଟ ସାର ଚାଷୀଙ୍କୁ ପ୍ରଦାନ କଲା ଅଭିଯୋଗ ପରେ କାହିଁକି ଏ ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ ବସିଥିଲେ ବୋଲି ପ୍ରଶ୍ନ କରିଥିଲେ ଚାଷୀମାନେ ।ପରେ ଚାଷୀ ବନମାଳୀ ଜେନା ପଟାସ ସାରକୁ ଦବା ପରିବର୍ତ୍ତେ ସାର ରୂପରେ ଚାଷ ନଷ୍ଟ କରିବାକୁ ଦେଉଛନ୍ତି,ଆମକୁ ଆମ ଟଙ୍କା ଫେରଷ୍ଟ ହେଉ ଭଲ ସାର ମିଳୁ ,ଏ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ।ସେହିପରି ଚାଷୀ ଧୀରେନ୍ଦ୍ର ବେହେରା କହିଛନ୍ତି ଚାଷୀଙ୍କ ଠାରୁ ଧାନ କିଣିବା ବେଳେ ଖାଦ ଅଛି ଏଫକ୍ୟୁ ବୁଝାଇ କଟ୍‌ନୀ ଛଟ୍‌ନୀ କରୁଛନ୍ତି ହେଲେ ସାର ପ୍ରଦାନ ସମୟରେ ଆଉ ସାରର ମାନ ଯାଞ୍ଚ କରି ପ୍ରଦାନ କରିପାରୁନାହାନ୍ତି ଏ ସାର ଘୋଟାଲାରେ ଯିଏ ଯିଏ ଅଛନ୍ତି ସେମାନଙ୍କୁ ଧରାଯାଉ ଯେଉଁଠି ସାର ପ୍ରସ୍ତୁତ ହେଉଥିଲା ସେ ସ୍ଥାନକୁ ମଧ୍ୟ ଚଢାଉ କରାଯାଉ ବୋଲି କହିଛନ୍ତି ।ଏହାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କ ପକ୍ଷରୁ କୁହାଯାଇଥିବା ବେଳେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା କହିଛନ୍ତି ଏଗୁଡିକ ଓରମାସ ପକ୍ଷରୁ ଏପିଓଙ୍କ ମାଧ୍ୟମରେ ବଣ୍ଟନ ହେଉଥିଲା ଏ ବାବଦରେ କୃଷି ବିଭାଗ ଅବଗତ ନାହିଁ, ଯେହେତୁ ବିନା କାଗଜ ପତ୍ର ଓ ବିନା ଆଇଡ୍ ?ରେ ଏ ସାର ବଣ୍ଟନ ହେଉଥିଲା ତେଣୁ ପ୍ରଥମେ କାର୍ଯ୍ୟାନୁଷ୍ଠାନ ନିଆଯିବ ସାରର ଯାଞ୍ଚ ରିପୋର୍ଟ ଆସିବା ପରେ ପୁନଃ କାର୍ଯ୍ୟାନୁଷ୍ଠାନ ନିଆଯିବ ।ସାର ବସ୍ତା ଗୁଡିକୁ ଜବତ କରାଯିବା ସହ ଲ୍ୟାବ ଟେଷ୍ଟ ପାଇଁ ଭୁବନେଶ୍ୱରକୁ ପଠାଯାଇଛି ବୋଲି କହିଛନ୍ତି ।

ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାଲିଚନ୍ଦ୍ରପୁର (ଅମୃତ ମିଡିଆ) : ପଡରାଜପୁର, ବାଲିଚନ୍ଦ୍ରପୁର ସ୍ଥିତ 'ସ୍ୱାମୀ ବିବେକାନନ୍ଦ ଆବାସିକ ଶିକ୍ଷାନୁଷ୍ଠାନ' ରେ ଅତି ଭବ୍ୟତାର ସହ ଏକ ସ୍ୱାଗତ ସମାରୋହ ପାଳିତ ହୋଇଯାଇଛି । ଶିକ୍ଷାବର୍ଷ ୨୦୨୬-୨୮ ର ନବାଗତ +୨ ବିଜ୍ଞାନର ପ୍ରଥମ ବର୍ଷ ଶିକ୍ଷାର୍ଥୀଙ୍କ ପାଇଁ ୨ୟ ବର୍ଷର ଶିକ୍ଷାର୍ଥୀ ଓ ଶିକ୍ଷାନୁଷ୍ଠାନର ମିଳିତ ଆୟୋଜନରେ ସମାରୋହଟି ଆୟୋଜିତ ହୋଇଥିଲା । ଏହି ସଭାରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରାଧାପକ ଡ. ଶ୍ରୀନିବାସ ମହାନ୍ତି ଅଧ୍ୟକ୍ଷତା କରିଥିଲେ । ଏହି ସଭାରେ ଅବସର ପ୍ରାପ୍ତ ଆଦର୍ଶ ଶିକ୍ଷକ ଶ୍ରୀଯୁକ୍ତ ବୈଲୋଚନ ସାହୁ ମହୋଦୟ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ନବାଗତ ଶିକ୍ଷାର୍ଥୀଙ୍କୁ ସ୍ୱାଗତ ସମ୍ଭାଷଣ କରି ପ୍ରଦାନ ନବାଗତ ଶିକ୍ଷାର୍ଥୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିବାସହ ୨ୟ ବର୍ଷ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଶୃଙ୍ଖଳା ପ୍ରତି ଗୁରୁତ୍ୱପୂର୍ଣ୍ଣ ଉପଦେଶ ମାନ ପ୍ରଦାନ କରିଥିଲେ, ତାଙ୍କ ସହ ଶିକ୍ଷାନୁଷ୍ଠାନର ଇଂରାଜୀ ଅଧ୍ୟାପକ ଶ୍ରୀଯୁକ୍ତ ଅଜୟ କୁମାର ସାହୁ ମହାଶୟ ଯୋଗ ଦେଇ ନବାଗତ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ କରିବା ସହ ଉଚ୍ଚ ମାର୍ଗରେ ଯିବା ପାଇଁ ପ୍ରୋତ୍ସାହିତ କରିଥିଲେ, ଏହା ସହ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ତଥା ମୁଖ୍ୟ ପୁରୋଧା ଇଂ. ଜ୍ୟୋତି ପ୍ରକାଶ ସାହୁ ମହୋଦୟ ମଞ୍ଚାସୀନ ହୋଇ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ନୂତନ ସ୍ୱପ୍ନ ଓ ଜ୍ଞାନ ମନ୍ଦିରର ଅପେକ୍ଷା ହୃଦୟରୁ ବଞ୍ଚିବାର କଥା କହିବା ସାଙ୍ଗକୁ ସମସ୍ତଙ୍କୁ ପରିବାର କହି ସ୍ନେହ ଆଦର ଭାବ ପ୍ରକାଶ କରିଥିଲେ। ଏଥି ସହ ଶିକ୍ଷାନୁଷ୍ଠାନର ଇତିହାସ ବିଭାଗର ଅଧ୍ୟାପକ ଶ୍ରୀଯୁକ୍ତ ରୁଦ୍ରନାରାୟଣ ଦାଶ ମହାଶୟ କଳା ଓ ବିଜ୍ଞାନର ସମନ୍ୱୟକୁ ଦର୍ଶାଇ ନବାଗତମାନଙ୍କୁ ସ୍ୱାଗତ ଜଣାଇଥିଲେ । ମଞ୍ଚବ୍ୟତିତ ମଞ୍ଚ ନିକଟରେ ସ୍ୱାଗତ ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିଲା । ୧ମ ବର୍ଷ ଶିକ୍ଷାର୍ଥୀଙ୍କୁ ଉପହାର ସ୍ୱାଗତ ଜଣାଇବ ସହ ସେମାନଙ୍କ ମଙ୍ଗଳ କାମନା କରିଥିଲେ। ଏହି ସଭାକୁ ସାଫଲ୍ୟ ମଣ୍ଡିତ କରିବାରେ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ଅଧ୍ୟାପିକା ଶ୍ରାବଣୀ ପାତ୍ର୍ୟ, ପ୍ରୀତିପନ୍ନା ବିଶ୍ୱାଳ,ସୁପ୍ରିୟା ଶତପଥୀ, ମଧୁସ୍ମିତା, ସାହୁ, ଲିସାରାଣୀ ପ୍ରଧାନ, କୃଷ୍ଣପ୍ରିୟା ସାମଲ ଆଦି ସହ ମମତା ସାହୁ, ଅର୍ଚ୍ଚିତା ଦାଶ, ଦେବାଶିଷ ଓଝା, କଳ୍ପତରୁ ଜେନା, ଶିବସୁନ୍ଦର ଦାଶ ପ୍ରମୁଖଙ୍କ ସକ୍ରିୟ ସହଯୋଗରେ ସଭାଟି ସାଫଲ୍ୟ ମଣ୍ଡିତ ହୋଇଥିଲା। ଶେଷକୁ ଚିନ୍ମୟ ଓଝା ଓ ତନ୍ମୟ ରଞ୍ଜନ ସିଂହ ଧନ୍ୟବାଦ୍ ଦେଇ ସଭା ବିଶ୍ରାମ କରାଯାଇଥିଲା। ସଭାର ବିଶ୍ରାମ ପରେ ହୋଇ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମଟି ବିଶ୍ରାମ ନେଇଥିଲା ।

ତେଜିଲା ବସଷ୍ଟାଣ୍ଡ ସ୍ଥାନାନ୍ତରଣ ବିବାଦ

ଶିକ୍ଷାବିଭାଗ ଜମିରେ ବସ୍‌ଷ୍ଟାଣ୍ଡ ନିର୍ମାଣକୁ ବିରୋଧ

ନୀଳଗିରି (ଅମୃତ ମିଡିଆ) : ନୀଳଗିରି ସହରରେ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣପାଇଁ ନୀଳଗିରି ବିଧାୟକଙ୍କ ପ୍ରଚେଷ୍ଟାରେ ରାଜ୍ୟସରକାର ଅର୍ଥମଞ୍ଜୁର କରିଥିବା ଏବଂ ବିଧାୟକଙ୍କ ସମେତ ବିଭାଗୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରିଥିବା ଜଣାଯାଇଛି । ନୀଳଗିରି ବାଲିଗୋହିରୀ ଠାରେ ଥିବା ପୁରୁଣା ବସଷ୍ଟାଣ୍ଡ ଜରାଜୀର୍ଣ୍ଣ ହୋଇପଡ଼ିଥିବା ବେଳେ ଯାତ୍ରୀଙ୍କ ପାଇଁ ଆବଶ୍ୟକୀୟ ସାଧନର ସୁବିଧା ନଥିବାରୁ ମାନ୍ୟବର ବିଧାୟକ ସନ୍ତୋଷ କୁମାର ଖଟୁଆ ନୂତନ ଏବଂ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ଅବଗତ କଲାପରେ ନିଜଗତ ମୌଜାରେ ଥିବା ୧୮୯୧ନମ୍ବର ପ୍ଲଟକୁ ଚୟନ କରାଯାଇ କିଛିଦିନ ପୂର୍ବରୁ ବିଧାୟକ ଏବଂ ସ୍ଥାନୀୟ ପ୍ରଶାସନ ସର୍ଭେ କରିଥିବା ଜଣାଯାଇଛି । ତେବେ ନୂତନ ବସଷ୍ଟାଣ୍ଡ ନିର୍ମାଣକୁ ବିରୋଧକରି ଅଗଷ୍ଟ ୯ତାରିଖରେ ପ୍ରାୟ ୫ଶହ ଦଷ୍ତଖତ ସମ୍ବଳିତ ଦାବିପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ବସଷ୍ଟାଣ୍ଡ ପାଇଁ ଚୟନ ହୋଇଥିବା ସ୍ଥାନଟି ଉପରୋକ୍ତ ମୌଜାର ଖାତାନଂ ୭୪୮ ଏବଂ ପ୍ଲଟ ନଂ ୧୮୯୧ ହେଉଛି ଏକ ଶିକ୍ଷାବିଭାଗର । ପ୍ଲଟଟି ମଧ୍ୟ ଶାରଦ ଦୁଇ ଅନ୍ତର୍ଭୁକ୍ତ । ତେବେ ବିଧାୟକଙ୍କ ଉନ୍ନତ ଚିନ୍ତାଧାରାକୁ ସାଧାରଣରେ ଗ୍ରହଣ କରାଯାଇଥିଲେ ମଧ୍ୟ ନୂତନ ବସଷ୍ଟାଣ୍ଡ ନିର୍ମାଣହେଲେ ଏହା ପାର୍ଶ୍ୱରେ ସରକାରୀ ଉଚ୍ଚ ବିଦ୍ୟାଳୟ ନୀଳଗିରି ଏବଂ ଅଙ୍ଗନବାଡ଼ି କେନ୍ଦ୍ର ଥିବାରୁ ବସ ଚଲାଚଳ ହେଲେ ପିଲାମାନଙ୍କର ପାଠପଢାରେ ବ୍ୟାଘାତ ହେବାସହ ନିକଟରେ ଜନବସତି ଥିବାରୁ ଲୋକଙ୍କର ଜୀବନଯାପନ ଅତିସହ ହୋଇପଡିବ । ସେହି ଚୁଳନାରେ ବାଲିଗୋହିରୀ ଠାରେ ଥିବା ବସଷ୍ଟାଣ୍ଡ କୁ ଆଧୁନିକୀକରଣ କରାଯାଇ ସମସ୍ତ ଆଧୁନିକ ସୁବିଧାସୁଯୋଗ ଯୋଗାଇଦିଆଗଲେ ବସ ଚଳାଚଳ ସୁବ୍ୟବସ୍ଥିତ ହୋଇପାରିବା ସହିତ ଯାତ୍ରୀମାନେ ସମସ୍ତ ସୁବିଧା ପାଇପାରିବେ। ଯାହା ବିଧାୟକଙ୍କ ସୁଚିନ୍ତନ ମଧ୍ୟ ଫଳପ୍ରଦ ହୋଇପାରିବ। ଏନେଇ ବସଷ୍ଟାଣ୍ଡ ସ୍ଥାନାନ୍ତରିତକୁ ବିରୋଧ କରାଯାଇ ନୀଳଗିରି ଉପଜିଲ୍ଲାପାଳଙ୍କ ସହିତ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର ସାଂସଦ, ସ୍ଥାନୀୟ ବିଧାୟକ, ଆରଟିଓ ବାଲେଶ୍ୱର, ପୂର୍ବତନ ବିଧାୟକଙ୍କୁ ଅବଗତ କରାଯାଇଛି । ଯଦି କୌଣସି ଫଳପ୍ରଦ ପଦକ୍ଷେପ ନିଆନଯାଏ ତାହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବବୋଲି ଦାବୀର ଉଲ୍ଲେଖ କରାଯାଇଛି ।

ସୂର୍ଯ୍ୟକ୍ଷେତ୍ର ପ୍ରତିଷ୍ଠାନ ତରଫରୁ ପରିବେଶ ସୁରକ୍ଷାର ଭୂମିକା ସମ୍ପର୍କିତ ଜାତୀୟ କର୍ମଶାଳା

ନୂଆଦିଲ୍ଲୀ/ଲକ୍ଷ୍ମୀ ନାରାୟଣ ବେବର୍ତ୍ତା) : ରାଜ୍ୟ ଏବଂ ରାଜ୍ୟ ବାହାରେ ସ୍ୱାସ୍ଥ୍ୟ ସେବା ଶିବିର, ରକ୍ତଦାନ ଶିବିର, ବୃକ୍ଷ ରୋପଣ, ମହିଳା ମାନଙ୍କୁ କମ୍ପୁଟର ତାଲିମ ପ୍ରଦାନ, ଗାଁ ଗହଳି ର ଆଂଚଳିକ ସାମାଜିକ ସ୍ଥିତି ଅନୁଧ୍ୟାନ କରି ବିଭିନ୍ନ ସଚେତନତା ଅଭିଯାନ ଭଳି ମହତ ଜନାଭିମୁଖୀ କାର୍ଯ୍ୟକ୍ରମ ଜାରି ରଖି ଆସୁଥିବା ବିଶେଷ କରି କର୍କଟ ରୋଗ ରେ ପୀଡିତ ହୋଇ ଚିକିସା ପାଇଁ ମୁମ୍ବାଇ ଆସୁଥିବା ଓଡ଼ିଆ ଲୋକ ଙ୍କୁ ସାହାଯ୍ୟ ସହଯୋଗ ର ହାତ ବଢ଼ାଉଥିବା 'ସୂର୍ଯ୍ୟ କ୍ଷେତ୍ର ଫାଉଣ୍ଡେସନ ଅଫ ଏଜୁକେସନାଲ ଏଣ୍ଡ ଚ୍ୟାରେଟେବୁଲ ଟ୍ରଷ୍ଟ' ତରଫରୁ ଗତକାଲି ସ୍ଥାନୀୟ ଅଶୋକା ହୋଟେଲ ଠାରେ ଜାତୀୟ ସ୍ତରରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କ ରେ ଏକ ବିଶେଷ ଆଲୋଚନା ଚକ୍ର ଅନୁଷ୍ଠିତ ହେବା ସହ କିଛି ବ୍ୟକ୍ତି ବିଶେଷ ଙ୍କୁ ପଞ୍ଚମ ପରିବେଶ ରତ୍ନ ସମ୍ମାନ- ୨୦୨୬ ରେ ସମ୍ବର୍ଦ୍ଧିତ କରାଯାଇଛି । ପୂର୍ବାହ୍ନ ରେ ଆୟୋଜିତ ଏହି ଆଲୋଚନା ଚକ୍ର କୁ ମାନ୍ୟବର କେନ୍ଦ୍ର ଆଦବାସୀ ବ୍ୟାପାର ମନ୍ତ୍ରୀ କୁଏଲ ଓରାମ ପ୍ରଦୀପ ପ୍ରଜ୍ୟୋଳନ କରି ଉଦଘାଟନ କରି ଜଳବାୟୁ ପରିବର୍ତ୍ତନ, ପରିବେଶ ସୁରକ୍ଷା ର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ସେ କହିଥିଲେ ଜଳବାୟୁ ପରିବର୍ତ୍ତନ ପାଇଁ ଆଜି ମନୁଷ୍ୟ ହିଁ ଦାୟୀ । ଯେଉଁ ତୁଳନାରେ ଗଛ କଟାଯାଉଛି ସେ ଅନୁପାତ ରେ ବୃକ୍ଷ ରୋପଣ ହେଉନାହିଁ । ଏଥିନେଇ ବ୍ୟାପକ

ଜନ ସଚେତନତା ର ଆବଶ୍ୟକତା ରହିଛି ।ଜଳବାୟୁ ପରିବର୍ତ୍ତନ ମାନବ ସମାଜ ପାଇଁ ଆଗାମୀ ଦିନରେ ଯେଭଳି ବିପଦ ସୃଷ୍ଟି ନ କରୁ ତାହାକୁ ଦୃଷ୍ଟି ରେ ରଖି ସରକାରୀ ସ୍ତରରେ ଏଥିନେଇ ବୃକ୍ଷ ରୋପଣ, ସ୍ୱଚ୍ଛ ଭାରତ ଅଭିଯାନ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି । ଜଳ ର ସୁରକ୍ଷା ସହ ଅଦରକାରୀ ଜଳ, ବର୍ଷା ଜଳ କୁ ସଂରକ୍ଷଣ କରାଯାଇ ତାକୁ କିପରି ପୁନଃ ବ୍ୟବହାର ଓ ବିନିଯୋଗ କରାଯାଇ ପାରିବ ସେ ସମ୍ପର୍କ ରେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବ୍ୟକ୍ତା ଭାବେ କେନ୍ଦ୍ର ପାଣିପାଗ ବିଭାଗ ର ମହା ନିର୍ଦ୍ଦେଶକ ଡ଼. ମୃତ୍ୟୁଞ୍ଜୟ ମହାପାତ୍ର ଏଥରେ ଯୋଗ ଦେଇ କହିଥିଲେ ଜଳବାୟୁ ପରିବର୍ତ୍ତନ ଏକ ନିରନ୍ତର ପ୍ରକ୍ରିୟା । ଜଳ ସଂଗ୍ରହ,ଜଳ ସଂରକ୍ଷଣ ର ଗୁରୁତ୍ୱ ଉପରେ ଆଲୋକପାତ କରି ଡ଼. ମହାପାତ୍ର କହିଥିଲେ ଜଳାଶୟ ଖନନ, ବୃକ୍ଷ ରୋପଣ କେଉଁ ଆବାହନ କାଳ ରୁ ଭାରତୀୟ ସଂସ୍କୃତି ରେ ଏକ ମହାନ କାର୍ଯ୍ୟ ଭାବେ ଗ୍ରହଣ କରାଯାଇ ଆସିଛି । ଆମ ପୂର୍ବ ପୁରୁଷ ମାନେ ଏ ସମ୍ପର୍କ ରେ ବେଶ ସଚେତନ ଥିଲେ । ଦେଶ ର ବିଭିନ୍ନ ସ୍ଥାନ ରେ କଛ ଲୋକ ଙ୍କୁ ବଶୁଦ୍ଧ ଜଳ ଉପଲବ୍ଧ ହେଉଥିବା ବେଳେ ଆଉ କିଛି ଏଥିରୁ ବଂଚିତ । ଆମେ ନିଜେ ଜଳ ଉତ୍ସ କୁ ନଷ୍ଟ କରୁଥିବା ଏହାର ମୁଖ୍ୟ କାରଣ । ଜଙ୍ଗଲ ଅଛି ତ ଜଳ ଅଛି ତେଣୁ ବ୍ୟାପକ ବୃକ୍ଷ ରୋପଣ ର ଆବଶ୍ୟକତା ରହିଛି । ସେହିଭଳି ପ୍ରଦୂଷିତ ଜଳ କୁ ସ୍ୱଚ୍ଛ କରିବା ବର୍ଷା ଜଳ କୁ ସଂରକ୍ଷଣ କରି କିଭଳି ପୁନଃ ବିନିଯୋଗ କରାଯାଇ ପାରିବ ସେ ସମ୍ପର୍କ ରେ ସେ ମତ ରଖିଥିଲେ। ଅଯଥା ବିଜୁଳି ବ୍ୟବହାରକୁ ରୋକିବା, ଘରେ ପିଲା ଙ୍କୁ ଏ ସମ୍ପର୍କ ରେ ବୁଝାଇବା,ଜଳ ର ଅପ ବ୍ୟବହାର କୁ ରୋକିବା, ଜୀବନ ଶୈଳୀ ର ପରିବର୍ତ୍ତନ ଆଣିବା, ପ୍ଲାଷ୍ଟିକ ଦ୍ରବ୍ୟ ଠାରୁ ଦୂରେଇ ରହିବା, ଯେତେ ସମ୍ଭବ ଗାଡି ର ବ୍ୟବହାର କମ କରିବା ଉପରେ ସେ ମତ ଦେଇ ସରକାର କଣ କରୁଛନ୍ତି, ସଂସ୍ଥା କଣ କରୁଛି ସେ ସମ୍ପର୍କ ରେ ଧ୍ୟାନ ନ ଦେଇ ଆମେ ସମସ୍ତେ ପରିବେଶ ର ସୁରକ୍ଷା ଦିଗରେ ଯତ୍ନମାନ ହେଲେ ସୁସ୍ଥ ସମାଜ ଗଠନ ସହ ସମାଜରେ ଏକ ବିରାଟ ପରିବର୍ତ୍ତନ ଆସି ପାରିବ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ପୋଲିସ ପ୍ରଶାସକ ଡ଼. ସଂଜୀବ ପାଟଯୋଶୀ, ହିନ୍ଦୁସ୍ଥାନ ପେଟ୍ରୋଲିୟମ ନିଗମ ର ଉତ୍ତର ଜୋନ ଦାୟିତ୍ୱ ରେ ଥିବା ମୁଖ୍ୟ ମହା ପ୍ରବନ୍ଧକ ରମେଶ ଚନ୍ଦ୍ର ବାଗ,ହିନ୍ଦୁସ୍ଥାନ ଉର୍ବରକ ଓ ରାସାୟନିକ ନଗମ ର ପରିଚାଳନା ନିର୍ଦ୍ଦେଶକ ଡ଼. ଶିବ ପ୍ରସାଦ ମହାନ୍ତି, ନୀତି ଆୟୋଗ ର ପୂର୍ବତନ ନିର୍ଦ୍ଦେଶକ ଶ୍ରୀକାନ୍ତ ପାଣିଗ୍ରାହୀ ,ଆଇନଜୀବୀ ବିରିଜା ମହାପାତ୍ର ପ୍ରମୁଖ ଜଳବାୟୁ ପରିବର୍ତ୍ତନ ର ମୁକାବିଲା ପାଇଁ ବୈଜ୍ଞାନିକ ଉଦ୍ଭାବନ, ପରିବେଶ ସଂରକ୍ଷଣ ସମ୍ପର୍କ ରେ ନିଜ ନିଜ ମତ ବ୍ୟକ୍ତ କରିଥିଲେ।

୧୯୮୩ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ବାସୁଦେବପୁର (ଅମୃତ ମିଡିଆ) : ନରେନ୍ଦ୍ର ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କେଶବ ଚନ୍ଦ୍ର ମହାଳିକଙ୍କ ସଭାପତିତ୍ୱରେ ୧୯୮୩ ବରିଷ୍ଠ ବ୍ୟାଚ୍‌ର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିକ୍ଷକ ବ୍ରଜକିଶୋର ରାୟ, ଅଭିମନ୍ୟୁ ବେହେରା, ସୁଧାଂଶୁ ମିଶ୍ର, ଅଜୟ ସାର, ରତ୍ନାକର ଭାଇ, ବିପିନ ଭାଇଙ୍କୁ ସମ୍ମାନିତ କରାଯାଇଛି । ଏହି ଉତ୍ସବରେ ସମସ୍ତ ଛାତ୍ରଛାତ୍ରୀ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ। ସଭାପତି ଓ ଶିକ୍ଷକମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହ

ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉତ୍ତରୀୟ ଓ ବନ୍ଧେଇ ଫଟୋ ଦେଇ ଗୁରୁ ବନ୍ଦନା କରାଯାଇଥିଲା। ସାଙ୍ଗମାନେ ପରସ୍ପର ମଧ୍ୟରେ ମଜା ମଜାଳିଆ କଥବାର୍ତ୍ତା ହୋଇ ଭରପୂର ଆନନ୍ଦ ନେଇଥିଲେ।

ମଠୁଆ ଅଧିକାରୀଙ୍କ ପାଇଁ ଚାଷୀଙ୍କ ଭାଗ୍ୟ ଗୋଲ୍

ବର୍ଷା ଛାଡ଼ିଲାଣି ୧୫ ଦିନହେଲା,କ୍ଷୟକ୍ଷତିର ଆକଳନ କହିପାରୁନାହାନ୍ତି ଅଧିକାରୀ

ନୀଳଗିରି (ଅମୃତ ମିଡିଆ) : ଗତ ଜୁଲାଇ ମାସ ୨୭ ତାରିଖ ରାତିରେ ଲଗାଣ ବର୍ଷା ହେବା କାରଣରୁ ନୀଳଗିରିର ଅନେକ ସ୍ଥାନରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିଲା ।୨୮ ତାରିଖରେ କାଳଡ୍ୟାମ ଓ ସ

ବିଶ୍ୱ ଆଦିବାସୀ ଦିବସ ପାଳିତ

କଳାହାଣ୍ଡି (ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା) : ବିଶ୍ୱ ଆଦିବାସୀ ଦିବସ ଅବସରରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକରେ ଆଦିବାସୀ ସଂଘ ପକ୍ଷରୁ ଧୂମଧାମରେ ଏହି ଦିବସ ପାଳନ କରାଯାଇଛି। ଲାଞ୍ଜିଗଡ଼ ଆଦିବାସୀ ସଂଘ ପରିଚାଳନା ମଣ୍ଡଳୀ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭା ଆରମ୍ଭ ପୂର୍ବରୁ ବସନ୍ତ ପଡ଼ା ସ୍ଥିତ ଭୈରବୀ ମନ୍ଦିରଠାରୁ ଧରଣୀପେନୁଙ୍କ ପୂଜାର୍ଚ୍ଚନା କରି ଏକ ବିଶାଳମଶାଲ ଶୋଭାଯାତ୍ରା ବାହାରି ଲାଞ୍ଜିଗଡ଼ ବେଦାନ୍ତ ରିଆଲ୍ କଲୋନୀ ଖେଳ ପଡ଼ିଆରେ ପହଞ୍ଚିଥିଲା। ଲାଞ୍ଜିଗଡ଼ ଆଦିବାସୀ ସଂଘ ସଭାପତି ଶୁକୁ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ଡ. ବଳଭଦ୍ର ମାଝୀ ଯୋଗଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପସଭାପତି ରମେଶ ମାଝୀ, ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜୋନ୍- ୧ ଜିଲ୍ଲା ପରିଷଦ ଅଞ୍ଜଳି ମାଝୀ , ଲାଞ୍ଜିଗଡ଼ ସରପଞ୍ଚ ସଂଘ ସଭାପତି ସାନ୍ତୁ ମାଝୀ, ଲାଞ୍ଜିଗଡ଼ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଫକିର ମୋହନ ମାଝୀ, ଥୁଆମୁଳ ରାମପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷା ଦ୍ରୌପଦୀ ମାଝୀ, ପୂର୍ବତନ ଜିଲ୍ଲାପରିଷଦ ଟଙ୍କଧର ମାଝୀ, ଅବସରପ୍ରାପ୍ତ ରେଞ୍ଜର ହରିଶଙ୍କର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ/ ସଭ୍ୟା ମଧ୍ୟ ମଞ୍ଚାସିନ ଥିଲେ । ଅତିଥିମାନେ କହିଥିଲେ ଯେ, ଆଦିବାସୀମାନେ ପ୍ରକୃତିର ମୂଳ ନିବାସୀ । ସହିଦ ରେଣ୍ଡୋ ମାଝୀ ଓ ଲାଞ୍ଜିଗଡ଼ର ଜଳ ପୁରୁଷ କାର୍ଜି ମାଝୀଙ୍କ ଅଧୁରା ସ୍ୱପ୍ନକୁ ଯୁବପିଢି ସାକାର କରିବେ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ । ପାରମ୍ପରିକ ପୋଷାକ ଓ ବେଶଭୂଷାରେ ସାମିଲ ହୋଇ ଆଦିବାସୀ ଭାଇ ଭଉଣୀମାନେ ଡିଜେ ଓ ଆଦିବାସୀ ବାଜାରେ ନାଚ ଗୀତ ପରିବେଷଣ କରି ପୂରା ଅଞ୍ଚଳକୁ ପ୍ରକମ୍ପିତ କରିଦେଇଥିଲେ । ଲଳିତ ମୋହନ ଭୋଇ ଓ ନିରଞ୍ଜନ ମାଝୀ ପରିଚାଳନା କରିଥିଲେ । ପାତ୍ର ମାଝୀ, ଲିଙ୍ଗା ମାଝୀ, ପ୍ରଦିପ ମାଝୀ, ଜଳନ୍ଧର ମାଝୀ, ହରି ମାଝୀ, ତୁଳସୀ ମାଝୀ ଓ ସୁଦାନା ମାଝୀ ପ୍ରମୁଖ ସହଯୋଗ କରିଥିଲେ । କେସିଙ୍ଗା ଏସଡିପିଓ ସନ୍ଦିପ କୁମାର ମାଝୀ ଓ ଲାଞ୍ଜିଗଡ଼ ଅତିରିକ୍ତ ତହସିଲଦାର ସତ୍ୟବ୍ରତ ନାୟକଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା ।

ପ୍ରୟାଗରାଜ-ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ୍ ବଲାଙ୍ଗୀରରେ ରହିବ

ବଲାଙ୍ଗୀର (ଅମୃତ ମିଡିଆ) : ବଲାଙ୍ଗୀର ରେଲଷ୍ଟେସନରେ ପ୍ରୟାଗରାଜ-ବିଶାଖାପାଟଣା ଟ୍ରେନ ରହଣି ପାଇଁ ଗତ କାଲି ବଲାଙ୍ଗିର ନାଗରିକ କମିଟୀ ତରଫରୁ ବଲାଙ୍ଗିର ଗସ୍ତରେ ଥିବା ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କ୍ୱାଲାଙ୍କୁ ସାକ୍ଷାତ କରି ଦାବୀପତ୍ର ଦେବା ସଙ୍ଗେସଙ୍ଗେ ଉକ୍ତ ଟ୍ରେନ ରହଣିପାଇଁ ଅନୁରୋଧ କରିଥିଲେ। ଶ୍ରୀ ଫୁଙ୍କ୍ୱାଲା ତତ୍‌କ୍ଷଣାତ ନିଷ୍ପତ୍ତି ନେବାପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୁପାରିସ କରିଥିଲେ। ଫଳରେ ଉକ୍ତ ପ୍ରୟାଗରାଜ-ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ ନଂ. ୦୪୧୫୯/୦୪୧୬୦ ପ୍ରତ୍ୟେକ ଶୁକ୍ରବାର ଦିନ ପ୍ରୟାଗରାଜରୁ ବାହାରି ବିଶାଖାପାଟଣା ଯିବାଆସିବା କରିବ ଏବଂ ବଲାଙ୍ଗୀରରେ ୨ ମିନିଟ୍ ପାଇଁ ଅତିରିକ୍ତ ରହଣି ଆଦେଶ ହୋଇସାରିଛି। ଏହି ପତ୍ର ଆସିବା ପରେ ନାଗରିକ କମିଟି ସଭାପତି ଡ. ଶ୍ରୀକର ମିଶ୍ର ରେଲୱେ ବିଭାଗ ତଥା ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କ୍ୱାଲାଙ୍କୁ ପତ୍ର ମାଧ୍ୟମରେ ଧନ୍ୟବାଦ ଜଣାଇଛନ୍ତି ଏବଂ ପୁରୁଣା ଦାବୀ ବଲାଙ୍ଗିରରେ ପିଟ୍ ଲାଇନ, ପ୍ରୟାଗରାଜ ଓ ନୂଆଦିଲ୍ଲୀକୁ ସିଧାସଳଖ ଟ୍ରେନ ଚଳାଚଳ, ଭୁବନେଶ୍ୱରକୁ ସକାଳୁଆ ଟ୍ରେନ, ଇସପାତ ଏକ୍‌ସ୍ପ୍ରେସକୁ ଠିକ ସମୟରେ ଚଳାଚଳ, ବଲାଙ୍ଗିର ଖୋର୍ଦ୍ଧା ରେଳ ଚଳାଚଳ ଆଦି ଉପରେ ଅନୁଧ୍ୟାନ କରି ଶିଘ୍ର ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି। ଅନ୍ୟପଟେ ବଲାଙ୍ଗିର ନାଗରିକ କମିଟିର ଏହି ପ୍ରୟାସକୁ ବୁଦ୍ଧିଜିବୀ ମହଲରେ ପ୍ରଶଂସା କରାଯାଇଛି।

କେଲୁଆ ଗାଁ'ରେ ପହଞ୍ଚିଲେ ଆଶାକର୍ମୀ

୧୫ଦିନ ଧରି ଜ୍ୱରରେ ପୀଡ଼ିତ ଗ୍ରାମବାସୀ

କଳାହାଣ୍ଡି (ଅମୃତ ମିଡ଼ିଆ) : ଦୁର୍ଗମ କେଲୁଆ ଗାଁରେ ଦୀର୍ଘ ୧୫ ଦିନ ଧରି ଜ୍ୱର, ଥଣ୍ଡା ଓ କାଶ ଭଳି ରୋଗ ବ୍ୟାପିଥିବା ନେଇ ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇଛି। ତେବେ ଗାଁରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ପହଞ୍ଚି ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଅନୁଧ୍ୟାନ କରିବା ପରିବର୍ତ୍ତେ ସ୍ଥାନୀୟ ଆଶାକର୍ମୀ ଗାଁରେ ପହଞ୍ଚି ରକ୍ତ ନମୂନା ସଂଗ୍ରହ ସହିତ ଔଷଧ ବଣ୍ଟନ କରି ଫେରିଥିବା ଜଣାପଡ଼ିଛି। ଏହାକୁ ନେଇ କେଲୁଆ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନାକୁରୁଣ୍ଡି ପଞ୍ଚାୟତ ଅଧୀନ ଏହି ଅତି ଦୁର୍ଗମ ଗାଁରେ ପ୍ରାୟ ୬୦ଟି ଆଦିବାସୀ ପରିବାର ବସବାସ କରନ୍ତି ଓ ଗତ ପ୍ରାୟ ୧୫ ଦିନ ଧରି ଗାଁର ଅନେକ ଲୋକ ଜ୍ୱର, ଥଣ୍ଡା ଓ କାଶରେ ପାଡ଼ିତ ଥିବାନେଇ ଗ୍ରାମବାସୀ ପୂର୍ବରୁ ଅଭିଯୋଗ କରିଥିଲେ। ଏଭଳି ପରିସ୍ଥିତିରେ ଗାଁରେ ଡାକ୍ତରୀ ଦଳ ପହଞ୍ଚି ରୋଗୀଙ୍କ ଯାଞ୍ଚ କରିବା, ଆବଶ୍ୟକ ପରୀକ୍ଷା କରିବା ଏବଂ ରୋଗର କାରଣ ଅନୁଧ୍ୟାନ କରିବା ଜରୁରୀ ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି। ଖବର ପ୍ରକାଶ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରାଯାଇଥିଲେ ମଧ୍ୟ, କେବଳ ଆଶାକର୍ମୀଙ୍କୁ ପଠାଇ ଔଷଧ ବଣ୍ଟନ କରିଦେବା ଦ୍ୱାରା ଏତେ ଦିନ ଧରି ଜ୍ୱରକାଶରେ ପାଡ଼ିତ ଲୋକଙ୍କ ସମସ୍ୟାର ସମାଧାନ ହେବ କି ବୋଲି ପ୍ରଶ୍ନ ଉଠିଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଆଶାକର୍ମୀ ଗାଁରେ ପହଞ୍ଚି କିଛି ଔଷଧ ବଟିକା ଦେଇ ଫେରିଛନ୍ତି। କିନ୍ତୁ ଅସୁସ୍ଥ

ମେଡିକାଲ୍ ଟିମ୍ ନ ପହଞ୍ଚିବାରୁ ଅସନ୍ତୋଷ

ଲୋକଙ୍କ ଶାରୀରିକ ଅବସ୍ଥାର ବିସ୍ତୃତ ଯାଞ୍ଚ, ଆବଶ୍ୟକ ପରୀକ୍ଷା କିମ୍ବା ଗୁରୁତର ରୋଗୀଙ୍କୁ ଉଚ୍ଚତର ଚିକିତ୍ସା କେନ୍ଦ୍ରକୁ ପଠାଇବା ଭଳି ପଦକ୍ଷେପ ହୋଇଛି କି ନାହିଁ, ତାହାକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ବିଶେଷକରି କେଲୁଆଭଳି ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗର ନିୟମିତ ନଜରଦାରି ଓ ତୁରନ୍ତ ଚିକିତ୍ସା ସେବା ଆବଶ୍ୟକ ବୋଲି ଅଞ୍ଚଳବାସୀ କହିଛନ୍ତି। ନାକୁରୁଣ୍ଡିରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଥିବା ସତ୍ତ୍ୱେ କେଲୁଆ ଭଳି ଦୁର୍ଗମ ଗାଁରେ ଅସୁସ୍ଥତା ବ୍ୟାପିବା ପରେ ମଧ୍ୟ ଡାକ୍ତରୀ ଦଳ ନପହଞ୍ଚିବା ଘଟଣା ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଇଛି ବୋଲି ଅଭିଯୋଗ ହୋଇଛି। କେବଳ ଔଷଧ ବଣ୍ଟନ ନୁହେଁ, ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ କେଲୁଆ ଗାଁକୁ ପଠାଇ ସମସ୍ତ ଅସୁସ୍ଥ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଆବଶ୍ୟକ ରକ୍ତ ଓ ଅନ୍ୟାନ୍ୟ ପରୀକ୍ଷା କରାଯିବା ସହ ଗୁରୁତର ରୋଗୀଙ୍କୁ ଉଚ୍ଚତର ଚିକିତ୍ସା ସୁବିଧା ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଲୀଳାନାଟକ କଳାକାରଙ୍କ ପରଲୋକ

ବଲାଙ୍ଗୀର (ଅମୃତ ମିଡିଆ) : ବଲାଙ୍ଗିର ସଦରବ୍ଲକ ସଦାଇପାଲି ଗ୍ରାମର ଲୀଳାନାଟକ କଳାକାର ଅବିନ୍ଦ୍ର ସେଠ(୭୬)ଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟାରେ ତାଙ୍କର ଏକମାତ୍ର ପୁତ୍ର କ୍ଷମା ସେଠ ଓ ଚାରି ଝିଅ ଉପସ୍ଥିତ ଥିଲେ। ସମାଜର ରିତିନିତି ଅନୁଯାୟୀ ଶବ ସଂସ୍କାର କରାଯାଇଥିଲା। ରାମଲୀଳାରେ ସେ ଦୀର୍ଘ ୪୨ବର୍ଷ ଧରି 'ସୀତା', ଲକ୍ଷ୍ମଣପୁରାଣ ନାଟକରେ 'ମହାଲକ୍ଷ୍ମୀ' ଏବଂ ବିଭିନ୍ନ ଅପେରାରେ ଅଭିନୟ କରି ଖ୍ୟାତି ଅର୍ଜନ କରିଥିଲେ। ସାଇତ ନର୍ସିଂ କଲେଜରେ ଦିର୍ଘ ୨୦ବର୍ଷ ବଗିଚା କାମ କରି କିଛିବର୍ଷ ହେଲା ଅବସର ଗ୍ରହଣ କରିଥିଲେ। ତାଙ୍କର ବାର୍ଦ୍ଧକ୍ୟଜନିତ ମୃତ୍ୟୁରେ ସାଇତ କଲେଜର ପ୍ରତିଷ୍ଠାତା ସମାଜସେବୀ ଡ. ଶ୍ରୀକର ମିଶ୍ର, ଅଧ୍ୟକ୍ଷା ସ୍ନିଗ୍ଧାମିନତି ଦାନୀ, ସମ୍ପାଦକ ନାରାୟଣପ୍ରସାଦ ମିଶ୍ର, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଗ୍ରାମବାସୀ ଶୋକପ୍ରକାଶ କରିଛନ୍ତି।

ଅବସରକାଳୀନ ସମ୍ବର୍ଦ୍ଧନା ସଭା

ରାଇଘର (ଅମୃତ ମିଡିଆ) : ନବରଙ୍ଗପୁର ଜିଲ୍ଲା ଚୈତନ୍ୟ ମନ୍ଦିର ପରିସରରେ ଜିଲ୍ଲା ମଙ୍ଗଳ ବିଭାଗର ଚତୁର୍ଥ ଶ୍ରେଣୀ କର୍ମଚାରୀ ତମୁ ଭତରାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳ ବିଭାଗର ଜିଲ୍ଲା ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ସଭାପତି ଅରୁଣ କୁମାର ଦାସ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଶ୍ରୀ ଭତରାଙ୍କୁ ଉପଢୌକନ ଏବଂ ବିଭିନ୍ନ ଉପହାର ଦେଇ ସମ୍ମାନିତ କରାଯାଇଥିଲା ଏବଂ ସଂଘ ପକ୍ଷରୁ ଏକ ମାନପତ୍ର ପ୍ରଦାନ କରାଯାଇଥିଲା। ଉପସ୍ଥିତ କର୍ମଚାରୀ ମାନେ ଶ୍ରୀ ଭତରା ଙ୍କ ଚାକିରି ଜୀବନରେ

ଘଟିଥିବା ଅନେକ କଥା କୁ ମନ ପକାଇ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପ-ସଭାପତି ଚନ୍ଦ୍ରାବତୀ ପାତ୍ର, ଚିତ୍ରସେନ ବିଶୋୟୀ, ଭୂଧର ଭତ୍ତା, ସଦନ ହରିଜନ, ଜଗଦୀଶ ପ୍ରଧାନୀ, ସହଦେବ ପାଣ୍ଡେ ରଞ୍ଜିତ ପାତ୍ର, ତ୍ରିନାଥ ଜାଲ, ରଞ୍ଜନସୋରା, ବେଣୁଧର ସେଠିଆ, ବୈଦ୍ୟନାଥ ଭାତ୍ତା, ପଦ୍ମାବତି ବିଶୋୟୀ, ଯଜ୍ଞସେନୀ ଭତ୍ତା, ସଭାବତୀ ନାୟକ, ଗଣେଶ ଗଣ୍ଡ ସମେତ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ ଅବସର ସମୟରେ ସେ କୋଡ଼ିଙ୍ଗା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ।

କଳାହାଣ୍ଡିରେ ହାତୀ ମୃତ୍ୟୁକୁ ନେଇ ବଢୁଛି ଚିନ୍ତା

ସୁରକ୍ଷା ବ୍ୟବସ୍ଥା ନେଇ ଉଠିଲା ପ୍ରଶ୍ନ

କଳାହାଣ୍ଡି (ଅମୃତ ମିଡ଼ିଆ-ପ୍ୟାରିଲାଲ ଦୁର୍ଗା) : କଳାହାଣ୍ଡି ଜିଲ୍ଲାରେ ହାତୀ ମୃତ୍ୟୁ ଘଟଣା ପୁଣିଥରେ ବନ୍ୟଜନ୍ତୁ ସୁରକ୍ଷା ବ୍ୟବସ୍ଥାକୁ ନେଇ ଚିନ୍ତା ବଢ଼ାଇଛି। ଜିଲ୍ଲା ଉତ୍ତର ବନଖଣ୍ଡ ଅଧୀନ ନର୍ଲା ରେଞ୍ଜର କମେ ବିଟ୍‌ର ଜାମପଡ଼ା ଓ ଖଇରମାଲ ମଧ୍ୟବର୍ତ୍ତୀ ଜଙ୍ଗଲରୁ ଏକ ଦନ୍ତା ହାତୀର ମୃତଦେହ ମିଳିବା ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ବନ ବିଭାଗ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଜଙ୍ଗଲ ଭିତରେ ଦନ୍ତା ହାତୀଟି ପଡ଼ିଥିବା ଦେଖିବା ପରେ ଘଟଣା ସମ୍ପର୍କରେ ବନ ବିଭାଗକୁ ଜଣାଯାଇଥିଲା। ଖବର ପାଇ ବନ ବିଭାଗୀୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅଞ୍ଚଳକୁ ଯାଞ୍ଚ କରିଥିଲେ। ହାତୀଟିର ମୃତ୍ୟୁ କେତେ ସମୟ ପୂର୍ବରୁ ଘଟିଛି, ମୃତ୍ୟୁ ପୂର୍ବରୁ କୌଣସି ଆଘାତ ଲାଗିଥିଲା କି ନାହିଁ ଏବଂ ମୃତ୍ୟୁ ପଛରେ କୌଣସି ଅସ୍ୱାଭାବିକ କାରଣ ରହିଛି କି ନାହିଁ ସେନେଇ ତଦନ୍ତ କରାଯାଉଛି। ବନ ବିଭାଗ ପକ୍ଷରୁ ମୃତଦେହର ବ୍ୟବଚ୍ଛେଦ କରାଯାଇବା ସହ ଆବଶ୍ୟକ ନମୁନା ସଂଗ୍ରହ କରାଯାଉଛି। ପୋଷ୍ଟମର୍ଟମ ରିପୋର୍ଟ ମିଳିବା ପରେ ହିଁ ହାତୀର ମୃତ୍ୟୁର ସଠିକ୍ କାରଣ ସ୍ପଷ୍ଟ ହେବ। ତେଣୁ ବର୍ତ୍ତମାନ ସମୟରେ ବିଦ୍ୟୁତ୍ ଆଘାତ, ଶିକାର, ରୋଗ କିମ୍ବା ଅନ୍ୟ ହାତୀ ସହ ସଂଘର୍ଷକୁ ନିଶ୍ଚିତ ମୃତ୍ୟୁକାରଣ ବୋଲି କହିବା ଠିକ୍ ହେବ ନାହିଁ।

ହାତୀ ଓ ମଣିଷଙ୍କ ମଧ୍ୟରେ ସଂଘର୍ଷ

ନର୍ଲା ଓ ଏହାର ଆଖପାଖ ଜଙ୍ଗଲ ଅଞ୍ଚଳରେ ହାତୀ ଓ ମଣିଷଙ୍କ ମଧ୍ୟରେ ସଂଘର୍ଷ ମଧ୍ୟ ବାରମ୍ବାର ସାମ୍ନାକୁ ଆସୁଛି। ୨୦୨୩ରେ ନର୍ଲା ରେଞ୍ଜର ଫରେଷ୍ଟ ରେଞ୍ଜ ଅଫିସର ପ୍ରଶାନ୍ତ ପାଲ ହାତୀ ଘଉଡ଼ାଇବା ସମୟରେ ଦନ୍ତା ଆକ୍ରମଣରେ ପ୍ରାଣ ହରାଇଥିଲେ। ସେତେବେଳେ ନର୍ଲା ଅଞ୍ଚଳରେ ପ୍ରାୟ ୮୦–୯୦ଟି ହାତୀ ଥିବା ଅଧିକାରୀଙ୍କ ପକ୍ଷରୁ କୁହାଯାଇଥିଲା। ଏପରି ସ୍ଥିତିରେ ହାତୀଙ୍କ ଗତିପଥ ଓ କରିଡର ସୁରକ୍ଷା, ବିଦ୍ୟୁତ୍ ତାର ଓ ଟ୍ରାନ୍ସମିସନ୍ ଲାଇନ୍‌ର ନିୟମିତ ଯାଞ୍ଚ, ଶିକାର ରୋକିବା ପାଇଁ ପାଟ୍ରୋଲିଂ ବଢ଼ାଇବା, ଜଙ୍ଗଲର ଜଳ ଉତ୍ସ ସୁରକ୍ଷା ଏବଂ ପ୍ରତ୍ୟେକ ହାତୀ ମୃତ୍ୟୁରେ ତୁରନ୍ତ ବୈଜ୍ଞାନିକ ପୋଷ୍ଟମର୍ଟମ କରିବା ଆବଶ୍ୟକତା ରହିଛି। ଜାମପଡ଼ା-ଖଇରମାଲ ଜଙ୍ଗଲରେ ମିଳିଥିବା ନୂଆ ଦନ୍ତାର ମୃତ୍ୟୁର ପ୍ରକୃତ କାରଣ ପୋଷ୍ଟମର୍ଟମ ଓ ବିଭାଗୀୟ ତଦନ୍ତ ପରେ ସ୍ପଷ୍ଟ ହେବ। କିନ୍ତୁ କର୍ଲାପାଟର ଗଣମୃତ୍ୟୁଠାରୁ ନର୍ଲାର ପର୍ଯ୍ୟାୟକ୍ରମିକ ଘଟଣା ପର୍ଯ୍ୟନ୍ତ ତଥ୍ୟକୁ ଦେଖିଲେ କଳାହାଣ୍ଡିରେ ହାତୀ ସୁରକ୍ଷା ବ୍ୟବସ୍ଥାର ନିୟମିତ ମୂଲ୍ୟାୟନ ଓ ପ୍ରତ୍ୟେକ ମୃତ୍ୟୁର ପାରଦର୍ଶୀ ତଦନ୍ତ ଏବେ ସମୟର ଦାବି।

କଳାହାଣ୍ଡିରେ ଅଛନ୍ତି ୯୫ ହାତୀ

ଓଡ଼ିଶା ସରକାରଙ୍କ ନଭେମ୍ବର ୨୦୨୪ ହାତୀ ଗଣନା ଅନୁସାରେ କଳାହାଣ୍ଡିରେ ୯୫ଟି ହାତୀ ରେକର୍ଡ ହୋଇଥିଲା। ସେହି ସମୟରେ ସମଗ୍ର ଓଡ଼ିଶାରେ ହାତୀ ସଂଖ୍ୟା ୧,୧୦୩ ଥିଲା। ରାଜ୍ୟ ସରକାରଙ୍କ ତଥ୍ୟ ଅନୁସାରେ ଗତ ତିନି ବର୍ଷର ହାରାହାରି ହିସାବରେ ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ୮୧ଟି ହାତୀ ମରୁଥିବା ଦର୍ଶାଯାଇଛି। ଅର୍ଥାତ୍ କଳାହାଣ୍ଡି ଭଳି ହାତୀ ଉପସ୍ଥିତି ଥିବା ଜିଲ୍ଲାରେ ପ୍ରତ୍ୟେକ ହାତୀ ମୃତ୍ୟୁକୁ କେବଳ ଏକ ସାଧାରଣ ବନ୍ୟଜନ୍ତୁ ଘଟଣା ଭାବେ ନଦେଖି ଏହାର ପଛରେ ଥିବା କାରଣକୁ ବୈଜ୍ଞାନିକ ଓ ପାରଦର୍ଶୀ ଭାବେ ତଦନ୍ତ କରିବା ଜରୁରୀ।

କର୍ଲାପାଟରେ ୨୦୨୧ରେ ହୋଇଥିଲା ହାତୀଙ୍କ ଗଣମୃତ୍ୟୁ

କଳାହାଣ୍ଡିରେ ହାତୀ ମୃତ୍ୟୁ କଥା ଉଠିଲେ ୨୦୨୧ ମସିହାର କର୍ଲାପାଟ ଘଟଣା ଆଜି ବି ସ୍ମରଣୀୟ। କର୍ଲାପାଟ ବନ୍ୟପ୍ରାଣୀ ଅଭୟାରଣ୍ୟରେ ପ୍ରାୟ ଦୁଇ ସପ୍ତାହ ମଧ୍ୟରେ ଛଅଟି ହାତୀ ମୃତ୍ୟୁବରଣ କରିଥିଲେ। ପରବର୍ତ୍ତୀ ତଦନ୍ତରେ ଆଉ ଗୋଟିଏ ମୃତ ଛୁଆ ହାତୀର ମୃତଦେହ ମିଳିଥିବା ରିପୋର୍ଟ ମଧ୍ୟ ପ୍ରକାଶ ପାଇଥିଲା। ବିଶେଷଜ୍ଞ ତଦନ୍ତରେ Haemorrhagic Septicaemia ସହିତ ସମ୍ପର୍କିତ ବ୍ୟାକ୍ଟେରିଆ Pasteurella multocida ମିଳିଥିଲା। ଏହି ଘଟଣା ପରେ ହାତୀ ମୃତ୍ୟୁ ରୋକିବା ପାଇଁ ଜଙ୍ଗଲ ଭିତର ଜଳାଶୟ ନିରୀକ୍ଷଣ, ଜଳ ବିଶୋଧନ ଏବଂ ଜଙ୍ଗଲ ସୀମାବର୍ତ୍ତୀ ଗାଁଗୁଡ଼ିକର ଗୃହପାଳିତ ପଶୁଙ୍କ ଟିକାକରଣ ଭଳି ପଦକ୍ଷେପ ନିଆଯାଇଥିଲା।

୨୦୨୬ରେ ମଧ୍ୟ ବିବାଦରେ ହାତୀ ମୃତ୍ୟୁ ଘଟଣା

୨୦୨୬ ଜାନୁଆରୀରେ ପଡ଼ୋଶୀ କନ୍ଧମାଳ ଜିଲ୍ଲାର ବେଲଘର ରେଞ୍ଜରେ ଏକ ହାତୀ ମୃତ୍ୟୁ ଘଟଣା ପରେ ତାହାର ମୃତଦେହକୁ ଖଣ୍ଡବିଖଣ୍ଡ କରି କଳାହାଣ୍ଡିର କେସିଙ୍ଗା ଅଞ୍ଚଳ ନିକଟରେ ପୋତାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଥିଲା। ପରେ କଳାହାଣ୍ଡିରୁ ହାତୀର ଅବଶେଷ ଉଦ୍ଧାର ହୋଇଥିଲା। ଘଟଣାରେ ବନ ବିଭାଗୀୟ କର୍ମଚାରୀଙ୍କ ବିରୋଧରେ ତଦନ୍ତ, ନିଲମ୍ବନ ଓ ଗିରଫଦାରୀ ସମ୍ପର୍କିତ ପଦକ୍ଷେପ ନିଆଯାଇଥିବା ରିପୋର୍ଟ ପ୍ରକାଶ ପାଇଛି। ଏହି ଘଟଣାରେ ଜଣେ ବିଭାଗୀୟ ବନ ଅଧିକାରୀଙ୍କୁ ମଧ୍ୟ ଶୋକଜ୍ ନୋଟିସ ଜାରି ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି। ତଦନ୍ତରେ ହାତୀ ମୃତ୍ୟୁ ଓ ମୃତଦେହ ହଟାଇବା ପ୍ରକ୍ରିୟାକୁ ନେଇ ବିଭିନ୍ନ ଗୁରୁତର ପ୍ରଶ୍ନ ଉଠିଥିଲା।

ମେ' ୨୦୨୬ରେ ନର୍ଲାରେ ପୁଣି ଦନ୍ତା ମୃତ

୨୦୨୬ ମେ' ୨୫ରେ ନର୍ଲା ରେଞ୍ଜ ଅଧୀନ ପୋରଙ୍ଗଳ ଜଙ୍ଗଲରେ ଏକ ଦନ୍ତା ହାତୀର ମୃତଦେହ ମିଳିଥିଲା। ହାତୀଟି ଅନ୍ୟ ଏକ ଦନ୍ତା ସହ ଲଢ଼େଇରେ ମରିଥାଇପାରେ ବୋଲି ବନ ବିଭାଗ ପ୍ରାଥମିକ ଭାବେ ସନ୍ଦେହ କରିଥିଲା। ତେବେ ଅନ୍ତିମ କାର

ସମାନ୍ତରାଳ ବିକାଶ ହାସଲ କରିବୁ: ଏମ୍‌ବିଏ

ବାରିପଦା /କରଞ୍ଜିଆ(ଅମୃତମିଡିଆ): ମୟୂରଭଞ୍ଜ ଜିଲ୍ଲା, କରଞ୍ଜିଆର ମଧୁ ବାରିଷ୍ଟର ମାର୍ଗ ନିକଟରେ 'ମୟୂରଭଞ୍ଜ ବଞ୍ଚାଅ ଅଭିଯାନ କମିଟି' ତରଫରୁ ଅଗଷ୍ଟ କ୍ରାନ୍ତି ଦିବସରେ ଏକ ଆନ୍ଦୋଳନ ପାଇଁ ପୂର୍ବ ପ୍ରସ୍ତୁତି ବୈଠକ ଆରମ୍ଭ ହୋଇଛି । ତେବେ ଓଡିଶାର ସର୍ବବୃହତ ଜିଲ୍ଲା ମୟୂରଭଞ୍ଜ ର ୪ଟି ଯାକ ଉପଖଣ୍ଡ ଯଥା ବାରିପଦା ସଦର , କପ୍ତିପଦା, ବାମନଘାଟୀ ଓ ପାଞ୍ଚପିଢ ପ୍ରତ୍ୟେକ ଗୋଟିଏ ଗୋଟିଏ ଜିଲ୍ଲା ସଦୃଶ ଅଟେ । ଏହି ୪ଟି ଉପଖଣ୍ଡରେ ରହିଛି ୨୬ଟି ବ୍ଲକ୍ । ସେଥି ମଧ୍ୟରୁ ବାରିପଦା ଉପଖଣ୍ଡ ଅଧିନରେ ୧୦ଟି ବ୍ଲକ୍, କପ୍ତିପଦା ଉପଖଣ୍ଡ ଅଧିନରେ ୪ଟି ବ୍ଲକ୍, ବାମନଘାଟୀ ଉପଖଣ୍ଡ ଅଧିନରେ ୭ଟି ବ୍ଲକ୍ ଓ ପାଞ୍ଚପିଢ ଉପଖଣ୍ଡରେ ୫ଟି ବ୍ଲକ୍ ରହିଛି । ତେବେ ଦେଶ ସ୍ୱାଧୀନ ହେବାର ୮୦ ବର୍ଷ ଏବଂ ମୟୂରଭଞ୍ଜ ରାଜ୍ୟ ଭାରତ ଓ ଓଡ଼ିଶାରେ ମିଶିବାର ୭୮ ବର୍ଷ ହୋଇ ଯାଇଥିଲେ ହେଁ ବାରିପଦା ଉପଖଣ୍ଡ ଓ ବାମନଘାଟୀ ଉପଖଣ୍ଡ ର ସଦର ମହକୁମା ଗୁଡିକରେ ଯେଉଁ ଭଳି ବିକାଶ ହୋଇଛି,କପ୍ତିପଦା ଓ ପାଞ୍ଚପାଡ଼ ଉପଖଣ୍ଡ ର ସଦର ମହକୁମାରେ ସେହିଭଳି ବିକାଶ

ଅଗଷ୍ଟ କ୍ରାନ୍ତି ଦିବସର ଶପଥ

ପରିଲକ୍ଷିତ ହେଉ ନାହିଁ । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ଗମନାଗମନ, ରେଳ ଚଳାଚଳ, ପର୍ଯ୍ୟଟନ, କଳକାରଖାନା, ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ ଆଜି ସବୁ କ୍ଷେତ୍ରରେ ପଛରେ ପଡ଼ିଛନ୍ତି ଏହି ଦୁଇ ଉପଖଣ୍ଡ । ନେତା ମନ୍ତ୍ରୀ ସମସ୍ତେ ନିଜ ନିଜ ପାର୍ଟି ପାଇଁ ପାଗଳ; କିନ୍ତୁ ମାଟି ପାଇଁ ନୁହେଁ । ଓଲଟା ମୟୂରଭଞ୍ଜ ଜିଲ୍ଲାକୁ ଭାଙ୍ଗି ଖଣ୍ଡ ଖଣ୍ଡ କରି କରିବାକୁ ଚେଷ୍ଟା କରୁଛନ୍ତି କିଛି ସୁବିଧାବାଦୀ ଲୋକ । ବିଗତ ଦିନରେ ମୟୂରଭଞ୍ଜ ରାଜ୍ୟ ଏକଦା ତାର ସଂସ୍କୃତି ଓ ଐତିହ୍ୟ ପାଇଁ ବିଖ୍ୟାତ ଥିବା ବେଳେ ଷଡ଼େଇକଳା ଓ ଖରସୁଆଁ ବାସୀଙ୍କର ଅଜାଣତରେ ତାଙ୍କ ଇଚ୍ଛା ବିରୋଧରେ ତାଙ୍କୁ ଅନ୍ୟ ଏକ ଭାଷାଭାଷୀ ଓ ଅନ୍ୟ ସଂସ୍କୃତି ସମ୍ପନ୍ନ ରାଜ୍ୟରେ ଜୋର ଜବରଦସ୍ତ ମିଶାଇ ଦେଲେ । ସେଥିପାଇଁ ମୟୂରଭଞ୍ଜ ବାସୀ ଓ ସେହି ବିଚ୍ଛାନ୍ନାଞ୍ଚଳର ଅଧିବାସୀ ମାନେ ଏବେ ବି ଲୁହ ଗଡାଉଛନ୍ତି । ଏହି ପରିପ୍ରେକ୍ଷୀରେ ତାଙ୍କୁ ପୁଣି ଫେରାଇ ଆଣି ମୟୂରଭଞ୍ଜରେ ମିଶାଇବା ବଦଳରେ ଆମ ମୟୂରଭଞ୍ଜ ଜିଲ୍ଲାକୁ ବିକାଶ ନାଆଁରେ ବିନାଶ କରିବା କେଉଁ ଜ୍ଞାନୀର ପରିଚୟ ବୋଲି ମୂଳ ମୟୂରଭଞ୍ଜିଆ ମାନେ ପ୍ରଶ୍ନ କରୁଛନ୍ତି । ତେବେ ଆଗାମୀ ଦିନରେ ମୟୂରଭଞ୍ଜ ର ସମସ୍ତ ଉପଖଣ୍ଡ ଗୁଡିକର ସମାନ୍ତରାଳ ବିକାଶ ଆଧାରରେ ହିଁ ମୟୂରଭଞ୍ଜକୁ ଅଖଣ୍ଡ ରଖି ହେବ ଏବଂ ଆଗାମୀ ଦିନରେ ସମସ୍ତ ଉପଖଣ୍ଡରେ ସମାନ୍ତରାଳ ବିକାଶ ନ ହେଲେ ଦୁର୍ବାର ଆନ୍ଦୋଳନର ପ୍ରତିଶ୍ରୁତି ଦେଇ ମୟୂରଭଞ୍ଜ ବଞ୍ଚାଅ ଅଭିଯାନ କମିଟି, କରଞ୍ଜିଆର ଏହି ଉପଲକ୍ଷେ ଆୟୋଜିତ ସଭାରେ କବି ହରେକୃଷ୍ଣ ମହାନ୍ତ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଶ୍ରୀ ସଚ୍ଚିଦାନନ୍ଦ ଧନ୍ୟବାଦ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଯୁବ ବୁଦ୍ଧିଜୀବୀ ସୁଦର୍ଶନ ବେହେରା, ସମାଜସେବୀ ସିଦ୍ଧାର୍ଥ ରାୟ, ପ୍ରଦୀପ ଶତପଥି, ଆଦିବାସୀ ନେତା ସୁବାଷ ହେମ୍ବ୍ରମ୍, ବିଶିଷ୍ଟ ଚିତ୍ରଶିଳ୍ପୀ ଦୁଃଶାସନ ମହାନ୍ତ, ଆଇନ୍ ଜୀବି ସଞ୍ଜୟ କୁମାର ସାହୁ, ବିନୟ ଦାସ୍ ଓ ପରିମଳ ବେହେରା ଆଦି ଉପସ୍ଥିତ ରହି ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରିବାକୁ ପରାମର୍ଶ ଦେଇଥିଲେ । ତଦନୁସାରେ ଏହି ଶାନ୍ତିପୂର୍ଣ୍ଣ ସଭା ଆଜିଠାରୁ (କ୍ରାନ୍ତି ଦିବସରୁ) ଅଖଣ୍ଡ ଭାରତ ଦିବସ (୧୪ ଅଗଷ୍ଟ) ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସ୍ଥିର ହୋଇଛି । ତେବେ ଆଜିର 'ବିଶ୍ୱ ଆଦିବାସୀ ଦିବସ' ଅବସରରେ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ଉନ୍ନତି ପାଇଁ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଉପଖଣ୍ଡରେ ସମାନ୍ତରାଳ ବିକାଶ କରିବା ପାଇଁ ଦାବି କରିବା ସହିତ ଆଜିର 'ନାଗାସାକି ଦିବସ' ରେ ଜାପାନ୍ ର ନାଗାସିକ ରେ ଆମେରିକା କରିଥିବା ପରମାଣୁ ବୋମା ଆକ୍ରମଣକୁ ନିନ୍ଦା କରିବା ସହିତ ସେଥିରେ ମୃତାହତ ହୋଇଥିବା ଅଢ଼େଇ ଲକ୍ଷ ଆତ୍ମାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରା ଯାଇଥିଲା ।

ଥାନାରୁ ବାଲିମାଫିଆ ଚୋରାଇ ନେଇଥିବା ଜେସିବି ପୁଣି ଜବତ

ବାରିପଦା(ଅମୃତମିଡିଆ): ପୁଲିସ ଜବତ କରିଥିବା ଜେସିବିକୁ ବାଲି ମାଫିଆମାନେ ଚୋରାଇ ନେଇଥିଲେ। ମାତ୍ର ଏହାକୁ ପୁଣି ଜବତ କରି ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ରାସଗୋବିନ୍ଦପୁର ଥାନା ପୁଲିସ । ତେବେ ଜେସିବି ମାଲିକ, ଅନ୍ୟ ୨ ଜଣ ଅଟକ ଥିବା ସୂଚନା ମିଳିଛି । ସୂଚନା ଅନୁସାରେ, ଦେବଶୋଳ ଅଞ୍ଚଳରେ କେତେକ ସ୍ଥାନରେ ଗଚ୍ଛିତ ଚୋରା ବାଲିକୁ ଜେସିବି ସାହାଯ୍ୟରେ ଡମ୍ପରରେ ବୋଝେଇ କରି ଚାଲାଣ ହେଉଥିଲା । ଖବର ପାଇ ରାସଗୋବିନ୍ଦପୁର ପୁଲିସ ବିଳମ୍ବିତ ରାତିରେ ଚଢ଼ାଉ କରିଥିଲା । ଘଟଣାସ୍ଥଳରୁ ଡମ୍ପର ଚମ୍ପଟ ମାରିଥିବା ବେଳେ ଜେସିବି ମେସିନକୁ ଜବତ କରି ଚାଳକ ସହ ଥାନାକୁ ଆଣିଥିଲା ପୁଲିସ । ବିଳମ୍ବିତ ରାତ୍ରିରେ ପୁଲିସ ରଖିଥିବା ସ୍ଥାନରୁ ମାଫିଆମାନେ ଜେସିବି ଚୋରେଇ ନେଇ ଚମ୍ପଟ ମାରିଲେ । ଏହା ଜାଣିବା ପରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସାରୁମୂଳା ଅଞ୍ଚଳରୁ ଜେସିବିକୁ ଠାବ କରି ପୁଣିଥରେ ଜବତକରି ଥାନାକୁ ଆଣିଛି । ଉକ୍ତ ଘଟଣାକୁ ନେଇ ତିନି ରୁ ଚାରି ଜଣ କୁ ପୋଲିସ ଅଟକ ରଖି ଅଧିକ ତଦନ୍ତ ଆରମ୍ଭ କରିଛି । ତେବେ ରାସଗୋବିନ୍ଦପୁର ଥାନା ପରିସରରେ ଜାଗା ନଥିବା ରୁ ଜେସିବି କୁ ଥାନା ସମ୍ମୁଖ ରାସ୍ତାରେ ରଖିଥିଲା । ଅପରପକ୍ଷରେ ବାଲି ଚୋର ମାନେ କେଉଁଠୁ ଏତେ ସାହସ ପାଇଲେ ତାହାକୁ ନେଇ ବିଭିନ୍ନ ମହଲରେ ବିଭିନ୍ନ ପ୍ରକାରର ଆଲୋଚନା ହେଉଥିବାର ଲକ୍ଷ୍ୟ କରାଯାଇଛି ।

କରଞ୍ଜିଆରେ ଆଜିଠାରୁ କାର୍ଯ୍ୟକାରୀ ହେବ ଟ୍ରାଫିକ୍ ପୋଲିସ ୟୁନିଟ୍

ବାରିପଦା /କରଞ୍ଜିଆ(ଅମୃତମିଡିଆ): କରଞ୍ଜିଆ ଥାନା ସମ୍ମିଳନୀ କକ୍ଷରେ ପାଞ୍ଚପୀଢ ଉପଖଣ୍ଡର ପୋଲିସ କର୍ମଚାରୀଙ୍କୁ ନେଇ ଦୁଇଦିନିଆ ଟ୍ରାଫିକ୍ ଆଇନ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ପାଞ୍ଚପୀଢ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ଓ ସବ୍-ଇନ୍‌ସପେକ୍ଟର ସୁଧାଂଶୁ ସେଠୀ ଉପସ୍ଥିତ ଥିଲେ। ୟୁପିଡି, ଭୁବନେଶ୍ୱରରୁ ପ୍ରଶିକ୍ଷକ ଭାବେ ଯୋଗଦେଇଥିବା ରଞ୍ଜନ କୁମାର ବେହେରା ଓ ରତିରଞ୍ଜନ ଦଳେଇ ଟ୍ରାଫିକ୍ ଆଇନ, ନିୟମ ପାଳନ ଓ ଟ୍ରାଫିକ୍ ପରିଚାଳନା ସମ୍ପର୍କରେ ପୋଲିସ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ କରଞ୍ଜିଆ, ଠାକୁରମୁଣ୍ଡା, ରରୁଆଁ, ମହୁଲଡିହା ଓ ଯଶିପୁର ଥାନାର ମୋଟ ୪୫ ଜଣ ପୋଲିସ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ସୂଚନା ଅନୁଯାୟୀ, ଅଗଷ୍ଟ ୧୧ ତାରିଖରୁ କରଞ୍ଜିଆରେ ଟ୍ରାଫିକ୍ ପୋଲିସ ୟୁନିଟ୍ କାର୍ଯ୍ୟକ୍ଷମ ହେବ ବୋଲି ପାଞ୍ଚପୀଢ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାଏକ ସୂଚନା ଦେଇଛନ୍ତି। ଟ୍ରାଫିକ୍ ବ୍ୟବସ୍ଥାକୁ ସୁଦୃଢ଼ ଓ ସୁବ୍ୟବସ୍ଥିତ କରିବା ସହ ସହରରେ ବଢୁଥିବା ଯାନବାହନ ଚଳାଚଳକୁ ନିୟନ୍ତ୍ରଣ କରିବାରେ ଏହି ୟୁନିଟ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏହି ଅବସରରେ କରଞ୍ଜିଆ ବଜାରସ୍ଥିତ ନେତାଜୀ ଛକରେ ଯାତାୟାତ ସମସ୍ୟା ଦୂର କରିବା ପାଇଁ ଛକର ପ୍ରଶସ୍ତୀକରଣ ଓ ଆବଶ୍ୟକ ଭିତ୍ତିଭୂମି ବିକାଶ ନିମନ୍ତେ କରଞ୍ଜିଆ ଏନ୍‌ଏସି ଏବଂ ପୂର୍ତ୍ତ ବିଭାଗକୁ ଏସ୍‌ଡିପିଓ ନବକୃଷ୍ଣ ନାଏକ ନିବେଦନ କରିଥିଲେ।

କରଞ୍ଜିଆରେ ବିଶ୍ୱ ଆଦିବାସୀ ଦିବସ ପାଳିତ

ବାରିପଦା /କରଞ୍ଜିଆ(ଅମୃତମିଡିଆ): ମୟୂରଭଞ୍ଜ ଜିଲ୍ଲା, କରଞ୍ଜିଆଠାରେ ଆଜି ଅଗଷ୍ଟ ୯ ତାରିଖ ବିଶ୍ୱ ଆଦିବାସୀ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ମିଳିତ ଆଦିବାସୀ ମଞ୍ଚ, ପାଞ୍ଚପୀଢ଼, କରଞ୍ଜିଆ ପକ୍ଷରୁ କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଏହି ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ପ୍ରଥମେ ସଙ୍ଗୀତ ମହାବିଦ୍ୟାଳୟ ପରିସରରୁ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାଟି କରଞ୍ଜିଆ ଏନ୍.?ଏସି ଛକ, ମାଣିକ ଛକ ଦେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଏଥିରେ କରଞ୍ଜିଆ ଉପଖଣ୍ଡର ବିଭିନ୍ନ ଅଞ୍ଚଳରୁ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ଯୋଗଦେଇଥିଲେ। ଶୋଭାଯାତ୍ରାରେ ଆଦିବାସୀମାନେ ନିଜର ପାରମ୍ପରିକ ପୋଷାକ ପରିଧାନ କରିବା ସହ ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇ ନୃତ୍ୟ କରିଥିଲେ। ପାରମ୍ପରିକ ନୃତ୍ୟ, ବାଦ୍ୟ ଓ ବେଶଭୂଷା ମାଧ୍ୟମରେ ଆଦିବାସୀ ସମାଜର ସମୃଦ୍ଧ ସଂସ୍କୃତି ଓ ପରମ୍ପରାର ଝଲକ ଦେଖିବାକୁ ମିଳିଥିଲା। ଶୋଭାଯାତ୍ରା ଯୋଗୁଁ କରଞ୍ଜିଆ ସହରରେ ଏକ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା। ପରେ ଆଦିବାସୀ ମଞ୍ଚର ପ୍ରତିନିଧିମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ୧୬ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳ ଆଦିବାସୀ ମଞ୍ଚର ପ୍ରତିନିଧିମାନଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମିଳିତ ଆଦିବାସୀ ମଞ୍ଚର ସଭାପତି ପଦ୍ମଲୋଚନ ଟୁଡୁ, ଉପସଭାପତି ଗୁନାରାମ ସୟ , ସମ୍ପାଦକ ରଞ୍ଜିତ ସଂଖୁଆଳଙ୍କ ସମେତ ବିଭିନ୍ନ କୁକର ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଦସ୍ୟ ଓ ଆଦିବାସୀ ସମାଜର ବହୁ ପ୍ରତିନିଧି ଯୋଗଦେଇଥିଲେ। ଦାବିପତ୍ର ପ୍ରଦାନ ପରେ ସମସ୍ତେ ପୁଣି ସଙ୍ଗୀତ ମହାବିଦ୍ୟାଳୟ ପରିସରକୁ ଫେରିଥିଲେ। ସେଠାରେ ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଆଦିବାସୀ ସମାଜର ଅଧିକାର, ସାମାଜିକ ବିକାଶ, ଶିକ୍ଷା, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାପରେ ଆୟୋଜକମାନଙ୍କ ପକ୍ଷରୁ ବିଭିନ୍ନ ପାରମ୍ପରିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆଦିବାସୀ କଳା, ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ନିଜର ସ୍ୱତନ୍ତ୍ର ସଂସ୍କୃତି ଓ ପରମ୍ପରାକୁ ସମସ୍ତଙ୍କ ସମ୍ମୁଖରେ ପ୍ରଦର୍ଶନ କରିଥିଲେ କଳାକାରମାନେ। ସମଗ୍ର କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀ ସମାଜ ନିଜର ଭାଷା, ସଂସ୍କୃତି, ପରମ୍ପରା ଓ ଅଧିକାରର ସୁରକ୍ଷା ପାଇଁ ଏକଜୁଟ ହେବାର ବାର୍ତ୍ତା ଦେଇଥିଲେ। ବିଶ୍ୱ ଆଦିବାସୀ ଦିବସ ପାଳନକୁ ନେଇ କରଞ୍ଜିଆ ଅଞ୍ଚଳରେ ଦିନତମାମ ଉତ୍ସବମୁଖର ପରିବେଶ ଲାଗି ରହିଥିଲ।

ପ୍ରବାସୀ ଓଡ଼ିଆଙ୍କ ସ୍ୱାର୍ଥ ପାଇଁ ଛିଡ଼ା ହେବ ଓଭରସିଜ୍ କଂଗ୍ରେସ

ବାରିପଦା(ଅମୃତମିଡିଆ): ବାରିପଦା ସର୍କିଟ ହାଉସରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସର ଓଭରସିଜ କଂଗ୍ରେସ ଏନଆରଆଇ ସେଲ ପକ୍ଷରୁ ଅଣ-ନିବାସୀ ଓଡ଼ିଆ (ଏନଆରଓ)ଙ୍କ ସମ୍ପର୍କିତ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି । ଓଭରସିଜ କଂଗ୍ରେସର ଉତ୍ତର ଓଡିଶା ଆବାହକ ଆଇନଜୀବୀ ଜ୍ୟୋତିପ୍ରକାଶ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଓଭରସିଜ କଂଗ୍ରେସର ମୁଖ୍ୟ ଶରତ ଚନ୍ଦ୍ର ପ୍ରଧାନ, ରାଜ୍ୟ ଆବାହକ ଗୋପାଳ ଖଣ୍ଡେଲୱାଲ, ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଆଇନଜୀବୀ ବିଭୁପ୍ରସାଦ ଦାସ ଓ ନାରାୟଣ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ୩୧ ଡିସେମ୍ବର ୨୦୨୫ ସୁଦ୍ଧା ବିଶ୍ୱରେ ମୋଟ ୩୫.୪ ନିୟୁତ ପ୍ରବାସୀ ଭାରତୀୟ ରହିଛନ୍ତି । ଏଥିରୁ ଆମେରିକାରେ ପ୍ରାୟ ୧୨ ହଜାର, ୟୁଏଇରେ ୫ ହଜାର ଏବଂ କାନାଡ଼ାରେ ୩ ହଜାର ୪୫୬ ଜଣ ତଥା ଅନ୍ୟାନ୍ୟ ଦେଶରେ ଅଣ-ନିବାସୀ ଓଡ଼ିଆ ବାସ କରୁଛନ୍ତି । ଓଡ଼ିଶା ପ୍ରଦେଶ କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସଙ୍କ ଉଦ୍ୟମରେ ପ୍ରଥମ ଥର ପାଇଁ ଏନଆରଆଇ, ପିଆଇଓ, ଏନଆରଓ କମିଟି ଗଠନ କରାଯାଇଛି । ଏହି କମିଟି ବିଦେଶରେ ଥିବା ଓଡ଼ିଆଙ୍କ ନିରାପତ୍ତା, ଭିସା, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏବଂ ବିନିଯୋଗ ସ୍ୱାର୍ଥ ପ୍ରତି ଧ୍ୟାନଦେବ । କମିଟି ତିନି ମାସରେ ଥରେ ବୈଠକ କରିବ ଏବଂ ସମସ୍ତ ଏନଆରଓଙ୍କ ଡାଟାବେସ ପ୍ରସ୍ତୁତ କରିବ ବୋଲି ସୂଚନା ପ୍ରଦାନ କରିଛନ୍ତି ।

ଦେଶ କରମ ପରବ-୨୦୨୬ ପାଇଁ ପ୍ରସ୍ତୁତି ବୈଠକ

କରମ ପରବର ସଫଳ ଆୟୋଜନ ନେଇ ଏକାଠି ହେଲେ କରମପ୍ରେମୀ

୫୦ରୁ ଊର୍ଦ୍ଧ୍ୱ ଯୁବବନ୍ଧୁଙ୍କ ଶପଥ

ବାରିପଦା / ସାହାରପଡା(ଅମୃତମିଡିଆ): ଆଗାମୀ ଦେଶ କରମ ପରବ-୨୦୨୬କୁ ସଫଳ ଓ ଶୃଙ୍ଖଳିତ ଭାବେ ପାଳନ କରିବା ନେଇ ମୟୂରଭଞ୍ଜ ଜିଲ୍ଲା ଯଶିପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖେରଣା ପଥପ୍ରାନ୍ତ ବଙ୍ଗଳାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖେରଣା , ଚିଙ୍ଗୁଡ଼ିପୋଖରୀ, ଭାଲୁପାହାଡ଼ି ଓ ଛଣୁଆଁ ଗ୍ରାମର କରମପ୍ରେମୀ ବନ୍ଧୁମାନଙ୍କୁ ନେଇ ଏହି ବୈଠକ ଆୟୋଜିତ ହୋଇଥିଲା। ସଂଯୋଜକ ଜିତେନ୍ ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ପୂର୍ବରୁ ଦେଶ କରମ ପରବ ଆୟୋଜନ କରିଥିବା ଆଠଟି ପୀଠର କାର୍ଯ୍ୟକର୍ତ୍ତା ମାନେ ପ୍ରମୁଖ ଉପସ୍ଥିତ ଥିଲେ।ରାଜ୍ୟ ସଂଯୋଜକ ଅଧ୍ୟାପକ ନିରଞ୍ଜନ ମହାନ୍ତ ସାଂଗଠନିକ ସ୍ତରରେ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରି ଦେଶ କରମ ପରବକୁ ସଫଳ କରିବା ପାଇଁ ଯୁବବନ୍ଧୁମାନଙ୍କୁ ଉତ୍ସାହିତ କରିଥିଲେ। ବୈଠକରେ ଯୋଗଦେଇଥିବା ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଯୁବବନ୍ଧୁ କରମରାଜାଙ୍କ ନାମରେ ଶପଥ ନେଇ ପରବକୁ ସଫଳ କରିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ଚଳିତବର୍ଷ ଦେଶ କରମ ପରବ ସେପ୍ଟେମ୍ବର ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ପାଳନ ହେବାକୁ ଥିବାବେଳେ ଏହାକୁ ନେଇ କରମପ୍ରେମୀଙ୍କ ମଧ୍ୟରେ ଏବେଠାରୁ ଉତ୍ସାହ ଦେଖାଦେଇଛି। ସର୍ବଶେଷରେ ଅବସରପ୍ରାପ୍ତ ଶିକ୍ଷକ ବଳରାମ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ସାଧାରଣ ସଭା ଏହି ସପ୍ତାହ ମଧ୍ୟରେ ଆୟୋଜନ କରିବା ସହ କରମ ପରବର ବାର୍ତ୍ତାକୁ ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା

ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ପାଇଁ ପୁରାତନ ଛାତ୍ର ସଂସଦ କମିଟି ଗଠନ

ବାରିପଦା (ଅମୃତମିଡିଆ): ମୟୂରଭଞ୍ଜ ଜିଲ୍ଲା, ମୋରଡା ରେ ସର୍ବ ପୁରାତନ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ର ୭୫ବର୍ଷ ପୂର୍ତ୍ତି ଅବସରରେ ପ୍ଲାଟିନମ ଜୁବୁଲି ପାଳନ ହେବାକୁ ଯାଉଛି । ଆଜି ବିଦ୍ୟାଳୟ ର ପୁରାତନ ଛାତ୍ରମାନେ ବିଦ୍ୟାଳୟ ରେ ଏକାଠି ହୋଇ ମହାଆଡ଼ମ୍ବାର ରେ ଜୁବୁଲି କିପରି ପାଳନ କରାଯିବ ସେବିଷୟ ରେ ଆଲୋଚନା କରିଥିଲେ । ପ୍ଲାଟିନମ ଜୁବୁଲି ର କାର୍ଯ୍ୟକାରୀ କମିଟି ସର୍ବସମତି କ୍ରମେ ପୂର୍ବରୁ ମୋନୋନୀତ କରାଯାଇଥିଲା । ଜୁବିଲି କମିଟି ର କାର୍ଯ୍ୟକାରୀ କମିଟି ସଭାପତି ସୋମ୍ୟ ସଂଜୀବ ମହାପାତ୍ର ଓ ସାଧାରଣ ସମ୍ପାଦକ ସୌରଭ ମହାନ୍ତି ଙ୍କ ଆହ୍ୱାନ ରେ ମୋରଡା ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ର ପୁରାତନ ଛାତ୍ର ସଂସଦ କମିଟି ଗଠନ କରାଯାଇଛି । ଖବର ପାଇ ବିଦ୍ୟାଳୟ ରେ ଶତାଧିକ ପୁରାତନ ଛାତ୍ର ଯୋଗଦେଇ ଥିବାର ଦେଖିବାକୁ ମିଳିଥିଲା । ସଭାରେ ଆଦିବାସୀ ସମାଜର ଅଧିକାର, ସ

ଖଲ୍ଲିକୋଟ ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

୧୬୫ ଜଣ ବିଦ୍ୟାର୍ଥୀ ପୁରସ୍କୃତ

ପୋଲସରା (ଅମୃତ ମିଡିଆ): ସୋମବାର ପୋଲସରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଖଲ୍ଲିକୋଟ ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ସଂକୁଳ ପ୍ରମୁଖ ବିଭୂତି ଭୂଷଣ ପାତ୍ରଙ୍କ ଅଧ୍ୟକ୍ଷତା ଏବଂ ପ୍ରଧାନ ଆଚାର୍ଯ୍ୟ ଦାଶରଥି ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ଏଥିରେ ପୋଲସରା ସମେତ କୋଦଳା, ବିକ୍ରମପୁର, ଖଲ୍ଲିକୋଟ, ବି. ଏନ୍. ପୁର, ଲଙ୍ଗଳେଶ୍ୱର, ତାଳସର, ବେଗୁନିଆପଡ଼ା ଆଦି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିଶୁବର୍ଗ, ବାଳବର୍ଗ, କିଶୋରବର୍ଗ ଓ ପ୍ରଶ୍ନମଞ୍ଚ ବିଭାଗରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଆଶୁଭାଷଣ, କଥାକଚନ, ମୂର୍ତ୍ତିକଳା, ଗଣିତ ବିଜ୍ଞାନ, ଗଣିତ ପ୍ରୟୋଗ, ଗଣିତ ପତ୍ରବାଚନ, ବିଜ୍ଞାନ ପ୍ରୟୋଗ, ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପତ୍ରବାଚନ, ନିବନ୍ଧ ଆଦି ବିଷୟ ଉପରେ ଆଧାରିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।କାର୍ଯ୍ୟକ୍ରମର ଶୁଭାରମ୍ଭ ମୁଖ୍ୟ ଅତିଥି ସ୍ଥାନିୟ ପିଏମଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ପ୍ରଭାକର ପ୍ରଧାନ ମଞ୍ଚୋଚ୍ଚାରଣ ମଧ୍ୟରେ ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ସମ୍ମାନିତ ଅତିଥିଭାବରେ ଅଂଶଗ୍ରହଣ କରିଥିବା ବିଦ୍ୟା ମନ୍ଦିର ଗୁଡିକର ପ୍ରଧାନ ଆଚାର୍ଯ୍ୟ ରଜନୀକାନ୍ତ ବେହେରା, ରବିନ୍ଦ୍ର ନାଥ ଦାସ, ସନ୍ତୋଷ ଶତପଥୀ,ଭି. ଡାଇସ୍ୱରି, ବବିତା କୁମାରୀ ଦାସ, ରମାଗୌଡ ଓ ଦେବବାଳା

ପଟ୍ଟନାୟକ ପ୍ରମୁଖ ଆଚାର୍ଯ୍ୟାବୃନ୍ଦଙ୍କ ସମେତ ୨୧ ଜଣିଆ ବିଚାରକ ମଣ୍ଡଳୀବୃନ୍ଦ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜକ ଅନୁଷ୍ଠାନର ପରିଚାଳନା କମିଟି ସଭାପତି ଯଦୁନାଥ ମିଶ୍ର, ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପ୍ରଧାନ ଏବଂ ଅଧ୍ୟକ୍ଷ ଶ୍ରୀଯୁକ୍ତ ପାତ୍ର ଜ୍ଞାନ ବିଜ୍ଞାନ ମେଳାର ଉଦ୍ଦେଶ୍ୟ, କାର୍ଯ୍ୟକାରିତା ଏବଂ ସଫଳତାକୁ ନେଇ ପିଲାମାନଙ୍କୁ ମାର୍ଗଦର୍ଶନ ଦେବାସହ ପ୍ରତିଯୋଗୀ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟ ଉଜ୍ଜଳ କାମନା କରିଥିଲେ।

ଏହି ଅବସରରେ ପ୍ରତିଯୋଗିତାରେ ପ୍ରଥମ, ଦିତୀୟ, ତୃତୀୟ ସ୍ଥାନ ହାସଲ କରିଥିବା ମୋଟ, ୧୬୫ ଜଣ କୃତିତ୍ୱ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ମଞ୍ଚାସିନ ଅତିଥିମାନେ ଶିକ୍ଷା ବିକାଶ ସମିତି, ଓଡ଼ିଶା ଖଲ୍ଲିକୋଟ ସଂକୁଳ ପ୍ରମାଣ ପତ୍ର ୨୦୨୬-୨୦୨୭ ଏବଂ ଟ୍ରଫି ପ୍ରଦାନ କରି ସେମାନଙ୍କ ଦକ୍ଷତାକୁ ଭୂୟସ୍ୱସୀ ପ୍ରଶସ୍ୱସା କରିଥିଲେ ଏବଂ ଆସନ୍ତା ସେପ୍ଟମ୍ବର ମାସ ତା.୨୨ ଓ ୨୩ ତାରିଖ ଦିନ ହିଞ୍ଜିଳିକାଟୁ ଏବଂ ଭଞ୍ଜନଗର ଠାରେ ହେବାକୁ ଥିବା ଦୁଇ ଦିବସୀୟ ବିଭାଗ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଯୋଗଦେବାକୁ ଯୋଗ୍ୟ ବିବେଚିତ କେବଳ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତିତ୍ୱ ବିଦ୍ୟାର୍ଥୀମାନଙ୍କ ସଫଳତା ସକାଶେ ଆଶିର୍ବାଦ ସହିତ ଶୁଭକାମନା ଜଣାଇଥିଲେ। ପ୍ରାରମ୍ଭରେ ଶିଶୁ ସମ୍ପତ୍ତ, ଅତିଥି ମଞ୍ଚାସିନ ମାତୃପ୍ରଣାମ-ବ୍ରହ୍ମନାଦ-ମାତୃ ପ୍ରଣାମ ପରେ ଅତିଥି ପରିଚୟ ପ୍ରଧାନ ଆଚାର୍ଯ୍ୟ ଦାଶରଥି ସ୍ୱାଇଁ, ସ୍ୱାଗତ ଅଭିଭାଷଣ ସଂକୁଳ ସଂଯୋଜକ ତଥା ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଦାସ, ବୃତ୍ତକଥନ ସଂକୁଳ ବିଜ୍ଞାନ ପ୍ରମୁଖ ତଥା ଗୁରୁମା ସୁନୀତା ସାହୁ,ବ୍ୟକ୍ତିଗତ ଗୀ ତୃତୀୟ ଶ୍ରେଣୀର ଶିଶୁ ଭଉଣୀ ପଲ୍ଲୀ ଗାନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପରିଚାଳନା କମିଟି ସମ୍ପାଦକ ଦୁର୍ଗାପ୍ରସାଦ ମହାପାତ୍ର ଓ ସହସମ୍ପାଦକ ଅରୁଣ କୁମାର ଜେନା, ଉପସଭାପତି ପ୍ରମୁଖ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଅମୂଲ୍ୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ ସମସ୍ତ ଗୁରୁମା, ଆଚାର୍ଯ୍ୟ, ଅତିଥିଭାବକ ଓ କର୍ମଚାରୀଗଣ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

ଘଟଣା/ଦୁର୍ଘଟଣା

ବାଇକ୍ ସହ ପାଣିରେ ପଡି ଯୁବକ ମୃତ

ଆଳି (ଅମୃତ ମିଡିଆ): କେନ୍ଦ୍ରାପଡା ଜିଲ୍ଲା ଆଳି ଥାନା ଅଞ୍ଚଳରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ଭୂଇଁପୁର ବଜାରରୁ ଫେରୁଥିବା ବେଳେ ଆଳି-ଭୂଇଁପୁର ରାସ୍ତାରେ ବାଇକ୍‌ରୁ ଭାରସାମ୍ୟ ହରାଇ ବିଲରେ ଥିବା ପାଣିରେ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଆଳି ଥାନା ଅନ୍ତର୍ଗତ ଛୋଟନାଥପୁର ଶାସନ ଗ୍ରାମର ସୌଭାଗ୍ୟ ଷଡଙ୍ଗି(୪୯) । ଭୂଇଁପୁର ଅଞ୍ଚଳକୁ କୌଣସି କାର୍ଯ୍ୟରେ ଯାଇ ସୌଭାଗ୍ୟ ଘରକୁ ଫେରିବା ସମୟରେ ପ୍ରବଳ ବର୍ଷା ହେଉଥିଲା । ଭୂଇଁପୁର ବେଳେ ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟରେ ବାଡେଇ ହୋଇ ଯାଇଥିଲେ। ଉଭୟେ ଗାଡି ସହ ପାର୍ଶ୍ୱରେ ଥିବା ପାଣିରେ ପଡିଯାଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ । ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କେନ୍ଦ୍ରାପଡା ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । କେନ୍ଦ୍ରାପଡା ନେବା ବାଟରେ ମାନସଙ ମୃତ୍ୟୁ ଘଟିଥିଲା ।

ସୌଭାଗ୍ୟ ଷଡଙ୍ଗି

ତାରିଣୀ ମନ୍ଦିର ଅତିକ୍ରମ କରିବା ପରେ ରାସ୍ତାର ଏକ ମୋଡଶିରେ ଭାରସାମ୍ୟ ହରାଇ ବାଇକ୍ ସହିତ ରାସ୍ତା ପାର୍ଶ୍ୱ ଚାଷଜମିକୁ ପଶିଯାଇଥିଲେ । ଚାଷଜମି ବନ୍ୟା ଜଳରେ ବୁଡି ରହିଥିବାରୁ ସୌଭାଗ୍ୟ ପାଣିରୁ ଉଠିପାରି ନ ଥିଲେ । ଦମକଳ ବାହିନୀ ତାଙ୍କୁ ପାଣିରୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ବାଇକ୍ ଆରୋହୀ ମୃତ

ପଟ୍ଟାମୁଣ୍ଡାଇ (ଅମୃତ ମିଡିଆ): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ତନୁପୁର ଗ୍ରାମ ନିକଟରେ ବୁଲେଟ୍‌ରେ ଯାଉଥିବା ୨ଜଣ ଆରୋହୀ ରାସ୍ତାପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯିବାରୁ ଜଣଙ୍କର ମୃତ୍ୟୁ ଘଟିଛି । ମୃତକ ତନୁପୁର ଗ୍ରାମର ମାନସ ମଲ୍ଲିକ (୨୮) । ମାନସ ଗାଁର ଜିତୁଆ ମଲ୍ଲିକ (୨୬)ଙ୍କ ବୁଲେଟ୍‌ରେ ପଟ୍ଟାମୁଣ୍ଡାଇରୁ ଗ୍ରାମକୁ ଫେରୁଥିବା

ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ମାର୍ଶାଘାଇ (ଅମୃତ ମିଡିଆ): ମାର୍ଶାଘାଇ ବ୍ଲକ ମଙ୍ଗଳାଛକ-ତଳସଙ୍ଗା ଚିତ୍ରୋପୁଲା ନଦୀବନ୍ଧ ରାସ୍ତାର ତାଳସଙ୍ଗା ନିକଟରେ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ଭୂଷରଙ୍ଗ ଗ୍ରାମର ବିଶ୍ୱଜିତ୍ ରାୟବାହାଦୁର (୩୫) । ଶନିବାର ବିଶ୍ୱଜିତ୍ ବାଇକ୍ ଯୋଗେ ନିଜ ଗ୍ରାମରୁ ଫେରୁଥିବା ସମୟରେ ତାଳସଙ୍ଗା ମହାଦେବ ମନ୍ଦିର ନିକଟରେ ଏକ ଗାଡି ତାଙ୍କୁ ଧକ୍କା ଦେଇ ପଳାଇଥିଲା । ଚିକିତ୍ସା ପାଇଁ ତାଙ୍କୁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଥିଲା । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ପରେ କଟକ ନିଆଯାଇଥିଲା । ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ।

ରାଜପଥରେ ପାର୍କିଂ ହେଉଛି 'ଆମ ବସ୍'

ବଢୁଛି ଟ୍ରାଫିକ ସମସ୍ୟା

ହାଟଡିହି (ଅମୃତ ମିଡିଆ): କେନ୍ଦୁଝର ଜିଲା ହାଟଡିହା ବ୍ଲକରେ ସ୍ଥାୟୀ ବସ ଷ୍ଟାଣ୍ଡ ନାହିଁ କି ପାର୍କିଂ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ନାହିଁ, ଯାହାଫଳରେ ବାଧ ହୋଇ ରାଜପଥରେ 'ଆମ ବସ' ଗୁଡ଼ିକ ପାର୍କିଂ କରାଯାଉଛି । ଗ୍ରାମାଞ୍ଚଳର ଲୋକମାନଙ୍କୁ ସହଜରେ ବ୍ଲକ ଆସିବା ପାଇଁ ସରକାର 'ଆମ ବସ' ବ୍ୟବସ୍ଥା କରିଥିଲେ ହେଁ ଏହାର ପାର୍କିଂ ସ୍ଥାନ ପ୍ରତି କାହାର ନଜର ନାହିଁ । ବ୍ଲକ ଅଧୀନ ୩୧ଟି ପଞ୍ଚାୟତ ପାଇଁ ମୋଟ ୮ଟି ଆମ ବସ ଚାଲୁଥିବାବେଳେ ଆନନ୍ଦପୁର-ଭଦ୍ରକ ୫୩ ନଂ ରାଜ୍ୟ ରାଜପଥର ବ୍ଲକ ସମ୍ମୁଖରେ ଏହି ବସଗୁଡ଼ିକ ପାର୍କିଂ କରାଯାଇବା ଯୋଗୁ ଅନେକ ସମୟରେ ନାନା ଟ୍ରାଫିକ ସମସ୍ୟା ସୃଷ ହେଉଛି । ଷ୍ଟାଣ୍ଡ ନଥିବାରୁ ଯାତ୍ରୀମାନେ ମଧ୍ୟ ଗାଡ଼ିକୁ ଅପେକ୍ଷା କରିବା ଓ ଘରକୁ ଫେରିବା କ୍ଷେତ୍ରରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାତି ସମୟରେ କେବଳ ବ୍ଲକ ପରିସରରେ ବସଗୁଡ଼ିକ ରହୁଥିଲେ ହେଁ ଦିନବେଳେ ସେଠାରେ ପାର୍କିଂ ପାଇଁ ସୁବିଧା ନାହିଁ ବୋଲି ହାଟଡିହା ବିଡ଼ିଓ ରଞ୍ଜନ ପରିଡ଼ା ପ୍ରକାଶ କରିଛନ୍ତି। ତେଣୁ ଏଭଳି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

ଧୋୟାଞ୍ଚଳ ବୁଲି ସ୍ଥିତି ପରଖିଲେ ଜିଲ୍ଲାପାଳ

କେନ୍ଦ୍ରାପଡା (ଅମୃତ ମିଡିଆ): କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର ପଟ୍ଟାମୁଣ୍ଡାଇ ବ୍ଲକର ଧୋୟା ଅଞ୍ଚଳ ପରିଦର୍ଶନ କରିଛନ୍ତି। ଶ୍ରୀ ଆୟାର ଧୋୟା ଅଞ୍ଚଳର ଅଳପୁଆ, ତରଡ଼ିପାଳ, ପେଣ୍ଡପାଳ, ଅମୃତ ମଣୋହା, ଅଣ୍ଡରା, ନିଳକଂଠପୁର, ଶ୍ରୀରାମପୁର, ଡାମରପୁର ପ୍ରଭୃତି ଗ୍ରାମ ପଞ୍ଚାୟତ ପରିଦର୍ଶନ କରି ବିପନ୍ନ ମାନଙ୍କୁ ଭେଟିବା ସହ ବିଭିନ୍ନ ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ମେଡିକାଲ ଟିମ ଓ ଔଷଧ, ବିଜୁଳି ତୁରନ୍ତ ସଂଯୋଗ କରିବା ଓ ପାନୀୟ ଜଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ବିପନ୍ନମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳଙ୍କ ସହିତ ବିଧାୟକ ଧ୍ରୁବ ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡିଓ ଶୀତଳ ଅଗ୍ରୱାଲ ଓ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧି ପ୍ରମୁଖ ଉପସ୍ଥିତି ଥିଲେ।

ସ୍ୱଚ୍ଛତା ପକ୍ଷ ପଦଯାତ୍ରା

ବେଗୁନିଆପଡା (ଅମୃତ ମିଡିଆ): ସୋମବାର ଦିବା ୧୧ଘଣ୍ଟ ସମୟରେ କୋଦଳା ସ୍ଥିତ କାକୁଡ଼ିଆପୋଡା ଗ୍ରାମଠାରେ, ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱଚ୍ଛତା ପଦଯାତ୍ରା ପାଳନ କରାଯାଇଅଛି। ଏଥିରେ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଙ୍କ ସହ ବହୁସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦାନ ଦେଇ ସ୍ୱଚ୍ଛ ପାଖୁଡା ଉପଲକ୍ଷେ ପଦଯାତ୍ରା ମାଧ୍ୟମରେ ଜନ ସଚେତନତା କରାଯାଇଥିଲା। ମହାବିଦ୍ୟାଳୟ ର ଅଧ୍ୟକ୍ଷ ରଘୁନାଥ ମୁଦୁଲି ଏବଂ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜିକା

ଜୋର୍ ଧରିଲା ଶ୍ମଶାନ, ଠାକୁରାଣୀ ଶାଳରୁ ଜବରଦଖଲ ଉଚ୍ଛେଦ ଦାବି

ପାଟଣା (ଅମୃତ ମିଡିଆ): କେନ୍ଦୁଝର ଜିଲା ପାଟଣା ବ୍ଲକ ବୁଢ଼ୀ କାପୁଡ଼ି ଗାଁ ଡେନ୍ତେଳା ଗ୍ରାମର ଶ୍ମଶାନ ଓ ଠାକୁରାଣୀ ଶାଳରେ ଉକ୍ତ ଗ୍ରାମର ସୁଦାମ ମହାନ୍ତ ଓ ତାଙ୍କ ୨ପୁଅ କାର୍ତ୍ତିକ ଓ ତିଳ କୁମାର ଜବରଦଖ ଭାବେ ଜେସିବି ମେଶିନ ଯୋଗେ ବିଲ ଖୋଳାଇ ଶ୍ମଶାନ ରାସ୍ତା ଓ ବୈତରଣୀ ନଦୀ ଘାଟକୁ ଅବରୋଧ କରୁଥିବାରୁ ଉକ୍ତ ଜମିର ଚିହ୍ନଟ ଓ ଉଚ୍ଛେଦ ଦାବିରେ ସୋମବାର ଗାଁର ୫୦ରୁ ଉର୍ଦ୍ଧ୍ୱ ମହିଳା ସ୍ଥାନୀୟ ସରପଞ୍ଚ ମମତା ନାଏକଙ୍କ ନେତୃତ୍ୱରେ ପାଟଣା ତହସିଲଦାର ଅଶିନୀ କୁମାର ନାଏକଙ୍କୁ ଦାବିପତ୍ର ଦେଇଛନ୍ତି। ସୂଚନା ଯେ, ଏଥିପୂର୍ବରୁ ଗ୍ରାମବାସୀ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ ହେଁ ତୁରୁମୁଙ୍ଗା ପୋଲିସ ନିଷ୍କ୍ରିୟତା ଯୋଗୁ ମହିଳାମାନେ ସୋମବାର ପାଟଣା ତହସିଲଦାରଙ୍କ ଦ୍ୱାରସ୍ଥ ହେଇଛନ୍ତି।

ସରପଞ୍ଚଙ୍କ ସହ ଗ୍ରାମର ୱାର୍ଡମେମ୍ବର କଷ୍ଟେଇ କାରୁଆ, ଶକୁନ୍ତଳା ମହାନ୍ତ, ତରୁଲତା ମହାନ୍ତ, ଗୀତା ରାଣୀ ମହାନ୍ତ, ସାବିତ୍ରୀ ମହାନ୍ତ, ମନ୍ଦୋଦରୀ ମହାନ୍ତ, ସୌଦାମିନୀ ମହାନ୍ତ ଓ ବନିତା ମହାନ୍ତଙ୍କ ସହ ୫୦ରୁ ଉର୍ଦ୍ଧ୍ୱ ମହିଳା ପାଟଣା ତହସିଲଦାରଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ପୁରୁଷୋତ୍ତମପୁରରେ ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ପୁରୁଷୋତ୍ତମପୁର (ଅମୃତ ମିଡିଆ): ପୁରୁଷୋତ୍ତମପୁର ସରସ୍ୱତୀ ଶିଶୁମନ୍ଦିର ରେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ଡାକୁଆ ଙ୍କ ସଂଯୋଜନା ରେ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଯୋଜନା

ଅନୁସାରେ ଆସିକା ସଂକୁଳର ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ପୁରୁଷୋତ୍ତମପୁର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତୀ ସଙ୍ଗୀତା ସେଠୀ ମହୋଦୟାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରାଯାଇଥିଲା। ପରିଚାଳନା ସମିତିର ସଭାପତି ଶ୍ରୀଯୁକ୍ତ ଜଗବନ୍ଧୁ ଦଳାଇ, ସମ୍ପାଦକ ଶ୍ରୀଯୁକ୍ତ ଅକ୍ଷୟ କୁମାର ବେହେରା ସଂକୁଳ ପ୍ରମୁଖ ଶ୍ରୀଯୁକ୍ତ ଜଗନ୍ନାଥ ସେଠୀ, ସଂକୁଳ ସଂଯୋଜକ ଶ୍ରୀଯୁକ୍ତ ସୁନୀଲ କୁମାର ଗୌଡ଼, ଉପସଭାପତି ଶ୍ରୀଯୁକ୍ତ ସିମାଞ୍ଚଳ ସେଠୀ, ସହ ସମ୍ପାଦକ ଶ୍ରୀଯୁକ୍ତ ରବିନ୍ଦ୍ର କୁମାର ମହାପାତ୍ର, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ଶଶାଙ୍କ ଶେଖର ରାଓ, ଓ ପରିଚାଳନା ସମିତିର ଅନ୍ୟାନ୍ୟ ସଦସ୍ୟ ସଦସ୍ୟା ମଞ୍ଚାସୀନ ଥିଲେ।

ଏହି ବିଜ୍ଞାନ ମେଳାରେ ସ୍ଥାନୀୟ ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ନିରଞ୍ଜନ ଡାକୁଆ ଅତିଥି ଙ୍କ ପରିଚୟ ପ୍ରଦାନ କରିଥିଲେ । ସଂକୁଳ ର ସମସ୍ତ ପ୍ରଧାନଆଚାର୍ଯ୍ୟ ମଧ୍ୟ ମଞ୍ଚାସୀନ ଥିଲେ।

ଏହି ବିଜ୍ଞାନ ମେଳାରେ ଗଣିତ ପ୍ରକଳ୍ପରେ ୬୬ ଜଣ, ସଂସ୍କୃତ ଜ୍ଞାନ ପ୍ରଶ୍ନମଞ୍ଚରେ ୬୯ ଜଣ, ବିଜ୍ଞାନ ପ୍ରକଳ୍ପରେ ୬୯, ଗଣିତ ପ୍ରକଳ୍ପରେ ୨୬, ଗଣିତ ପତ୍ରବାଚନରେ ୧୩, ଗଣିତ ପ୍ରୟୋଗ ରେ ୧୩, କଥା କଥନରେ ୧୨, ଡଡ କାଳୀନ ଭାଷଣ ରେ ୬, ମୂର୍ତ୍ତିକଳାରେ ରେ ୧୪, ବିଜ୍ଞାନ ପ୍ରକଳ୍ପରେ ୪୬, ବିଜ୍ଞାନ ପତ୍ରବାଚନରେ ୨୧, ବିଜ୍ଞାନ ପ୍ରୟୋଗରେ ୧୩ ଜଣ ଶିଶୁ, ଏହି ଭଳି ମୋଟ ୩୬୮ ଜଣ ପ୍ରତିଯୋଗୀ ଭାଗଗ୍ରହଣ କରିଥିଲେ। ବିଭିନ୍ନ ବିଦ୍ୟାଳୟ ରୁ ଆସିଥ ?ବା ବିଚାରକ ମଣ୍ଡଳୀଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀ ଚୟନ କରାଯାଇ ପୁରସ୍କୃତ କରାଯାଇଥିଲା ।

ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଗୁରୁଜୀ ଗୁରୁମା ଓ ସ୍ଥାନୀୟ ବିଦ୍ୟାଳୟର ଗୁରୁଜୀ ଗୁରୁମା ବାହାନ ଚାଳକ ଭାଇ ସେବକ ସେବିକା ସମ୍ପୂର୍ଣ୍ଣ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଶ୍ରୀମତୀ ତ୍ରିପୁରା ପାତ୍ର, ସୁନାରାଣୀ ପାଳ, ନିବେଦିତା ପଣ୍ଡା, ପ୍ରମୋଦିନୀ ସାହୁ ପରିଚାଳନା କରି ସୁଚାରୁରୂପେ ସମ୍ପାଦନ କରିଥିଲେ । ପରିଶେଷରେ ସଂକୁଳ ପ୍ରମୁଖ ଓ ସ୍ଥାନୀବିଦ୍ୟାଳୟର ସମ୍ପଦକ ଧନ୍ୟବାଦ ଅର୍ପଣ କରିଥିଲେ ।

ଅଙ୍ଗଡାଘାଟ- ନଗଡଘାଟ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ବିପର୍ଯ୍ୟସ୍ତ

ରାଜନଗର (ଅମୃତ ମିଡିଆ): ରାଜନଗର ବ୍ଲକର ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି । ଗୋପାଳପୁର-କେରଡାଗଡ ପୂର୍ତ ବିଭାଗ ରାସ୍ତାର ଓଲରା ଛକଠାରୁ ଯାଇଥିବା ଅଙ୍ଗଡାଘାଟ ନଗଡଘାଟ ୩କିଲୋମିଟର ରାସ୍ତାରେ ଖାଲଖମା ସୃଷ୍ଟି ହୋଇ ମରଣଯ'। ପାଲଟିଛି । ତିକିଏ ଅସାବଧାନ ହେଲେ ଦୁର୍ଘଟଣା ଘଟିବାର ଆଶଙ୍କା ସୃଷ୍ଟି ହୋଇଛି । ଗାଡି ମଟର ତ ଦୂରର କଥା, ସାଇକେଲ ଆରୋହୀ ମଧ୍ୟ ପଡି ଖଣ୍ଡିଆ ଖାବରା ହୋଇଥିବା ନଜିର ରହିଛି । ଏହି ରାସ୍ତା ଉପରେ ସାନବଡଗୋପାଳପୁର, ଓଣ୍ଡିଆ, ବେଲପାଳ ପ୍ରଭୃତି ପଂଚାୟତର ହଜାର ହଜାର ଲୋକେ ଯିବା ଆସିବା ପାଇଁ ନିର୍ଭର କରିଥାନ୍ତି । ପ୍ରତିଦିନ ଏହି ରାସ୍ତା ଦେଇ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ସହ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ, ଗର୍ଭବତୀ, ପ୍ରସୂତୀ ମହିଳା ଯିବା ଆସିବା କରିଥାନ୍ତି । ଖରାଦିନ କଥା ଅଲଗା, ବର୍ଷା ସମୟରେ

ବରିଷ୍ଠ ଆଇନଜୀବୀ ପୀତବାସ ନାୟକଙ୍କ ସ୍ମୃତିଚାରଣ ସଭା

ପୁରୀ (ବ୍ୟୁରୋ): ସ୍ଥାନୀୟ ଏଚ୍‌ଆର ଲଜ ପରିସରରେ ବରିଷ୍ଠ ଆଇନଜୀବୀ ପୀତବାସ ନାୟକଙ୍କ ୧୬ତମ ଶ୍ରାଦ୍ଧ ଦିବସ ଅବସରରେ ସ୍ମୃତିଚାରଣ ସଭା ପୁରୀ ଜିଲ୍ଲା ଓକିଲ ସଂଘର ସମ୍ପାଦକ ଶରତ ଚନ୍ଦ୍ର ରାୟଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଏହି ସ୍ମୃତିଚାରଣ ସଭାକୁ ପୁରୀ ଜିଲ୍ଲା ଓକିଲ ସଂଘର ସଭାପତି

ପ୍ରେମାନନ୍ଦ ମହାନ୍ତି ଉଦ୍ଘାଟନ କରିଥିଲେ। ଆଇନଜୀବୀ ମନୋଜ ମହାପାତ୍ର, ଗୁରୁ ପ୍ରସାଦ ମହାନ୍ତି, ମନୋଜ ପଟ୍ଟନାୟକ, ପ୍ରଦୀପ କୁମାର ଜେନା, ଶିବ ଶଙ୍କର ନାୟକ, ମୋନାଲିସା ମିଶ୍ର, ନୀଳିମା ମିଶ୍ର, ପ୍ରିୟବ୍ରତ ନାୟକ, ରମେଶ ଚନ୍ଦ୍ର ସିଂ, କାହ୍ନୁ ଚରଣ ଜେନା, ବାକାଶ ଶତପଥୀ, ବିପିନ ବିହାରୀ ଦଳାଇ, ଅଶୋକ ସାମନ୍ତରାୟ, ସୁଦୀପ ଜେନା, ଶୁଭେନ୍ଦୁ ଦାଶ, ସୌଭିକ ସେନ, ବିପୁଲ ପ୍ରଧାନ ଟିକିନା ସେନାପତି, ପ୍ରମୋଦ କୁମାର ପ୍ରଧାନ, ରଞ୍ଜିତା ମହାନ୍ତି ଏବଂ ଗୁରୁ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

■ ୧୩୨ ଦିନରେ ସତ୍ୟାଗ୍ରହୀଙ୍କ ପଦଯାତ୍ରା ■

ନୀରବ ସଂଘର୍ଷ ଓ ହୃଦୟରେ ମହାପ୍ରଭୁଙ୍କ ଦର୍ଶନର ଆଶା

ପୁରୀ (ବ୍ୟୁରୋ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ସହରବାସୀଙ୍କ ନିମନ୍ତେ ସ୍ୱତନ୍ତ୍ର ପ୍ରବେଶ ଓ ଦର୍ଶନ ବ୍ୟବସ୍ଥା ଦାବିରେ ଚାଲିଥିବା ଅହିଂସାମୂଳକ ନୀରବ ସତ୍ୟାଗ୍ରହ ଆଜି ୧୩୨ତମ ଦିନରେ ପହଞ୍ଚିଛି। ୧୩୨ ଦିନ ଧରି ଗୋଟିଏ ବି ଦିନ ବିରତି ନନେଇ ସତ୍ୟ ଓ ଅହିଂସାର ପଥରେ ଚାଲିଛି ଏହି ନୀରବ ପଦଯାତ୍ରା। ଦିନ ପରେ ଦିନ ବିତୁଛି, କିନ୍ତୁ ପୁରୀବାସୀଙ୍କ ଦାବିରେ ନା ଆସିଛି ଶିଥିଳତା, ନା କମିଛି ମହାପ୍ରଭୁଙ୍କ ଦର୍ଶନ ପାଇଁ ଆଶା। ଗତ ଅପ୍ରେଲ ୧ ତାରିଖ ଉତ୍କଳ ଦିବସ ଠାରୁ ପୁରୀ ବଳଗଣ୍ଡି ସ୍ଥିତ ଭକ୍ତ ସାଲବେଗ ପାଠରୁ ପ୍ରତିଦିନ ଆରମ୍ଭ ହେଉଛି ଏହି ନୀରବ ସତ୍ୟାଗ୍ରହ ପଦଯାତ୍ରା। ହାତରେ ଦାବିର ପ୍ଲାକାର୍ଡ, ମୁହଁରେ ନୀରବତା ଓ ମନରେ ମହାପ୍ରଭୁଙ୍କ ପ୍ରତି ଅଗାଧ ଆସ୍ଥା ନେଇ ପଦଯାତ୍ରୀ ସତ୍ୟାଗ୍ରହୀମାନେ ପ୍ରତିଦିନ ପଦଯାତ୍ରା କରି ସରକାର ଓ ପ୍ରଶାସନଙ୍କ ନିକଟରେ ନିଜ ଦାବିର ସନ୍ଦେଶ ପହଞ୍ଚାଇ ଆସୁଛନ୍ତି। ଏହି ଆନ୍ଦୋଳନର ଦାବି ସ୍ୱଷ୍ଟ-ପୁରୀ ସହରବାସୀଙ୍କ ପାଇଁ ଶ୍ରୀମନ୍ଦିରରେ ପୂର୍ବପରି ସ୍ୱତନ୍ତ୍ର ପ୍ରବେଶ ଓ ଦର୍ଶନର ସୁବିଧା ପୁନଃସ୍ଥାପନ। ପୁରୀବାସୀଙ୍କ ପାଇଁ ମହାପ୍ରଭୁ କେବଳ ଜଣେ ଦେବତା ନୁହନ୍ତି; ସେମାନଙ୍କ ଜୀବନ, ଆସ୍ଥା, ପରମ୍ପରା ଓ ଭାବନାର ଅବିଚ୍ଛିନ୍ନ ଅଂଶ। ତେଣୁ ନିଜ ଆରାଧ୍ୟଙ୍କୁ ସହଜ ଓ ସୁବିଧାଜନକ ଭାବେ ଦର୍ଶନ କରିବାର ବ୍ୟବସ୍ଥା ପାଇଁ ଏହି ଦାବି ଦୀର୍ଘଦିନ ଧରି ଉଠାଯାଇଆସୁଛି।୧୩୨ ଦିନର ଏହି ନୀରବ ସତ୍ୟାଗ୍ରହ ଏକ ନୂଆ ବାର୍ତ୍ତା ଦେଉଛି-ସତ୍ୟାଗ୍ରହୀଙ୍କ ନୀରବତା ନିରବ ନୁହେଁ, ଏହା ଏକ ଦାବିର ସ୍ୱର। ପ୍ଲାକାର୍ଡରେ ଲେଖା ଶବ୍ଦ ଠାରୁ ଅଧିକ କଥା କହୁଛି ପ୍ରତିଦିନର ପଦଯାତ୍ରା। ତପ୍ତ ରାସ୍ତା ହେଉ କି ବର୍ଷା, ଧୂପ ହେଉ କି ପର୍ବପର୍ବାଣୀ-ନିଜ ଦାବି ପାଇଁ ପଦଯାତ୍ରୀ ସତ୍ୟାଗ୍ରହୀମାନଙ୍କ ପାଦ ଅଟକି ନାହିଁ। ଆଜିର ପଦଯାତ୍ରାରେ ସର୍ବଶ୍ରୀ ବିଶ୍ୱନାଥ ମିଶ୍ର, ଶିବସୁନ୍ଦର ମିଶ୍ର, ଚକ୍ରଧର ମହାପାତ୍ର, ହରିଶଙ୍କର ମିଶ୍ର, ଯାଦବାନନ୍ଦ ରାୟ, ମନୋରଞ୍ଜନ ରଣସିଂହ, ଶିଶିରକାନ୍ତ ଶତପଥୀ, ନିହାରିକା ତ୍ରିପାଠୀ, ରଶ୍ମିତା ଦଳେଇ, ସୁଭଦ୍ରା ସାହୁ, ମମତା ସ୍ୱାଇଁ, ସନ୍ତୋଷ ସେନାପତି, ମାନସ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ। ସତ୍ୟାଗ୍ରହର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, "୧୩୨ ଦିନ ଧରି ଆମେ ନୀରବ ରହିଛୁ, କିନ୍ତୁ ଆମର ଦାବି ନୀରବ ହୋଇନାହିଁ। ପ୍ରତିଦିନର ପଦଯାତ୍ରା ମାଧ୍ୟମରେ ଆମେ ଆମର କଥା ସରକାର ଓ ପ୍ରଶାସନଙ୍କ ନିକଟରେ ପହଞ୍ଚାଇଆସୁଛୁ। ଆମେ କାହାରି ବିରୋଧୀ ନୁହେଁ। ଆମର ଏକମାତ୍ର ଆଶା-ପୁରୀବାସୀଙ୍କ ଭାବନାକୁ ସମ୍ମାନ ମିଳୁ ଏବଂ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୂର୍ବପରି ସ୍ୱତନ୍ତ୍ର ବ୍ୟବସ୍ଥା ପୁନଃସ୍ଥାପିତ ହେଉ। ଆମେ ବିଶ୍ୱାସ କରୁଛୁ, ସତ୍ୟ ଓ ଅହିଂସାର ଏହି ପଥ ନିଶ୍ଚିତ ଭାବେ ଫଳ ଦେବ। ୧୩୨ ଦିନର ଏହି ନୀରବ ଯାତ୍ରା ଆଜି ଏକ ଗଭୀର ବିଶ୍ୱାସ ସହ ଆଗକୁ ବଢ଼ିଛି-ଦାବି ଶୁଣାଯିବ, ପୁରୀବାସୀଙ୍କ ଭାବନାକୁ ସମ୍ମାନ ମିଳିବ ଏବଂ ମହାପ୍ରଭୁଙ୍କ ଦର୍ଶନ ପାଇଁ ସୁବିଧା ପୁନଃସ୍ଥାପିତ ହେବ। ଯେପର୍ଯ୍ୟନ୍ତ ନ୍ୟାୟସଙ୍ଗତ ଦାବି ପୂରଣ ହୋଇନାହିଁ, ସେପର୍ଯ୍ୟନ୍ତ ସତ୍ୟ, ଅହିଂସା ଓ ନୀରବତାର ଏହି ପଦଯାତ୍ରା ନିରବଚ୍ଛିନ୍ନ ଭାବେ ଜାରି ରହିବ। ୧୩୨ ଦିନର ନୀରବତା ଆଜି ମଧ୍ୟ କହୁଛି- ପାଦ ଚାଲୁଛି ଅଧିକାର ପାଇଁ, ନୀରବତା କହୁଛି ନ୍ୟାୟ ପାଇଁ,ଆଉ ହୃଦୟ ଅପେକ୍ଷା କରୁଛି ମହାପ୍ରଭୁଙ୍କ ଦର୍ଶନ ପାଇଁ।

ହୋଇପାରୁନି ଜଳ ନିଷ୍କାସନ

ନରେନ୍ଦ୍ର ପୋଖରୀ ଚକଡ଼ା ରାସ୍ତା ଜଳମଗ୍ନ

ପୁରୀ (ବ୍ୟୁରୋ): ପୁରୀର ପ୍ରମୁଖ ପୁଷ୍କରିଣୀ ମଧ୍ୟରେ ନରେନ୍ଦ୍ର ପୁଷ୍କରିଣୀ ଅନ୍ୟତମ। ଶ୍ରୀମନ୍ଦିର ତଥା ମହାପ୍ରଭୁଙ୍କ ନୀତି ସହ ନରେନ୍ଦ୍ର ପୁଷ୍କରିଣୀର ସମ୍ପର୍କ ରହିଛି। ପବିତ୍ର ଅକ୍ଷୟ ତୃତୀୟା ଠାରୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କ ସହ ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ, ଶ୍ରୀକ୍ଷେତ୍ର ପଞ୍ଚ ପାଣ୍ଡବ ଭାବେ ବିବେଚିତ ପଞ୍ଚ ମହାଦେବ ଆସି ପୁଷ୍କରିଣୀରେ ୨୧ ଦିନ ଧରି ନୌକା ବିହାର କରିଥାନ୍ତି। ତେଣୁ ନରେନ୍ଦ୍ର ପୁଷ୍କରିଣୀକୁ ପବିତ୍ର ପୁଷ୍କରିଣୀ ଭାବେ ବିବେଚନା କରାଯାଇଥାଏ। ବାହାର ଚନ୍ଦନ ଯାତ୍ରା ସହ ଭକ୍ତମାନେ ବର୍ଷତମାମ ନରେନ୍ଦ୍ର ପୁଷ୍କରିଣୀକୁ ଆସିବା ସହ ମହାପ୍ରଭୁଙ୍କ ଆସ୍ଥାନ ବା ଚକଡ଼ାକୁ ଯାଇ ଦର୍ଶନ କରିଥାନ୍ତି। ଏଥିପାଇଁ ସରକାରଙ୍କ ପକ୍ଷରୁ ପୁଷ୍କରିଣୀର ଅନେକ ଉନ୍ନତୀକରଣ କାର୍ଯ୍ୟ କରାଯାଇଥିଲେ ମଧ୍ୟ ବର୍ଷା ଦିନରେ ପୁଷ୍କରିଣୀରୁ ପାଣି ଠିକ ଭାବେ ନିଷ୍କାସନ ହୋଇପାରୁନଥିବାରୁ ସମସ୍ୟା ଦେଖାଯାଇଛି। ଫଳରେ ଭକ୍ତଙ୍କ ଠାରୁ ଆରମ୍ଭ କରି ଶ୍ରଦ୍ଧାଳୁ ଏବଂ ସ୍ଥାନୀୟ ଜନସାଧାରଣ ଅନେକ ସମସ୍ୟା ଭୋଗୁଛନ୍ତି। କିଛି ଦିନ ତଳେ ଲଘୁଚାପଜନିତ ଲଗାଣ ବର୍ଷା ଫଳରେ ନଦୀ ସହ ପୁଷ୍କରିଣୀରେ ଜଳ ସ୍ତର ବୃଦ୍ଧି ପାଇଥିଲା। ଜଳସ୍ତର ବୃଦ୍ଧି କାରଣରୁ ନରେନ୍ଦ୍ର ପୁଷ୍କରିଣୀ ଚକଡ଼ା ବା ଚାରିପାଖ ରାସ୍ତାରେ ପ୍ରବଳ ଚକଡ଼ା ରାସ୍ତା ଜଳମଗ୍ନ । ବର୍ଷାଜଳ ଜମି ରହି ଲହଡ଼ି ମାରୁଛି। ଠିକ୍ ଭାବରେ ଜଳ ନିଷ୍କାସନ ହୋଇ ନ ପାରିବାରୁ ଚକଡ଼ା ରାସ୍ତା ଜଳମଗ୍ନ ହୋଇପଡ଼ିଛି । ସେହି ଜଳପୂର୍ଣ୍ଣ ଚକଡ଼ା ରାସ୍ତା ଦେଇ ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକେ ଅସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି। ଏ ନେଇ ଭକ୍ତ ମନରଞ୍ଜନ ଗୋଛାୟତ କହିଛନ୍ତି, ପାଣି ବଢ଼ିବା କାରଣରୁ ଓଦା ହୋଇଯାଇ ଚନ୍ଦନ ଚକଡ଼ାରେ ଥିବା ମନ୍ଦିରକୁ ଯାଇ ଦର୍ଶନ କଲୁ। ଏକ ନିଆରା ଅନୁଭୂତି ମିଳିଲା। ପାଣି ଥିବାରୁ ଭୟ ଲାଗୁଥିଲା। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ଯେପରି ପାଣି ଠିକ ସେ ନିଷ୍କାସନ ହୋଇପାରିବ। ସ୍ଥାନୀୟ ବାସିନ୍ଦା କହିଛନ୍ତି, ବର୍ଷା କାରଣରୁ ମୂଷା ନଈରେ ପାଣି ବୃଦ୍ଧି ହୋଇଛି। ସେହି ପାଣିଗୁଡ଼ିକ ଦେବୀଘାଟ ନିକଟ ଶଙ୍ଖ ଦେଇ ପୁଷ୍କରିଣୀକୁ ପ୍ରବେଶ କରୁଛି । ଅପରପକ୍ଷରେ ଶଙ୍ଖଦେଇ ପାଣି ପୋଖରୀରୁ ଯାଇପାରୁନାହିଁ। ଫଳରେ ଜଳସ୍ତର ବୃଦ୍ଧି ହୋଇଛି ।

ମହର୍ଷି ଚରକ ଜୟନ୍ତୀ ଶୁଭାରମ୍ଭ

ପୁରୀ (ବ୍ୟୁରୋ): ପବିତ୍ର ଶ୍ରାବଣ କୃଷ୍ଣପକ୍ଷ ଦ୍ୱାଦଶୀ ତିଥି ସୋମବାରରେ ପୁରୀ ସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ଶ୍ରୀମନ୍ଦିରର ସିଂହଦ୍ୱାର ପରିସରରେ ମହର୍ଷି ଚରକ ଜୟନ୍ତୀର ଶୁଭ ଉଦ୍ଘାଟନ କରାଯାଇଥିଲା । ଆସନ୍ତା ତା ୧୭/୮/୨୦୨୬ ରିଖ ସୋମବାର ଦିନ ମହର୍ଷି ଚରକଙ୍କର ଜୟନ୍ତୀ ପାଳନ ହେବାକୁ ଯାଉଅଛି । ଏହି ଅବସରରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର କାୟ ଚିକିତ୍ସା ସ୍ୱାତକୋତ୍ତର ବିଭାଗ ଓ ସିଦ୍ଧାନ୍ତ ସଂହିତା ବିଭାଗ ସମନ୍ୱୟ ଭାବେ ଚରକ ଜୟନ୍ତୀକୁ ପାଳନ କରୁଅଛନ୍ତି। ମୁଖ୍ୟ ଚୁନରା ସେବକ ଡା. ଶରତ କୁମାର ମହାନ୍ତି ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରି ମହାପ୍ରଭୁଙ୍କ ପାଖରେ ସମର୍ପିତ କରିଥିଲେ।ମହାବିଦ୍ୟାଳୟର ଅଧକ୍ଷ ପ୍ର. (ଡ଼ା.) ବିପିନ ବିହାରୀ ଖୁଣ୍ଟିଆଙ୍କ ନିର୍ଦ୍ଦେଶ କ୍ରମେ ସେଠାରେ କାୟ ଚିକିତ୍ସା ସ୍ୱାତକୋତ୍ତର ବିଭାଗର ଅଧ୍ୟାପିକା ପ୍ର. (ଡ଼ା.) ପ୍ରଜ୍ଞା ପ୍ରିୟଦର୍ଶିନୀ ମଲ୍ଲିକ, ଡା. ସୋନାଲିକା ଜେନା, ଡ଼ା. ଭାରତୀଲତା ଆଚାର୍ଯ୍ୟ, ଡା. ସତ୍ୟଜିତ ବେହେରା,ପ୍ର. (ଡ଼ା.) ରଞ୍ଜନ କୁମାର କାଷ୍ଠା, ପ୍ର. (ଡ଼ା.) ସୁରମା ମିଶ୍ର, ପ୍ର.(ଡା.) ତନୁଚନ୍ଦ୍ର ମରାଇ, ପ୍ର.(ଡା.) ସୁଦେଷ୍ଣା ମେହେର,ଡା. ଜିତେନ୍ଦ୍ର ସାମଲ, ଡା. ମଧୁମିତା ପାଣିଗ୍ରାହୀ,ଡା. ଚନ୍ଦନ କୁମାର ସାହୁ, ଡ଼ା. ବିଜୟଶ୍ରୀ ଶତପଥି ସମେତ ସମସ୍ତ କାୟ ଚିକିତ୍ସାର ସ୍ନାତକୋତ୍ତର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ବିଶ୍ୱକଲ୍ୟାଣାର୍ଥେ ମହାପ୍ରଭୁଙ୍କ ସମ୍ମୁଖରେ ପ୍ରାର୍ଥନା କରିଥିଲେ।

ସ୍ୱର୍ଗଦ୍ୱାରରେ ଅଧିକ କାଠ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ପୁରୀ (ବ୍ୟୁରୋ): ପୁରୀ ମହାନଗରରେ ଥିବା ସଙ୍ଗଶ୍ରୀ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସୋମବାର ପୂର୍ବାହ୍ନରେ ସ୍ୱର୍ଗଦ୍ୱାରରେ ଅଧିକ କାଠ ଯୋଗାଇଦେବା ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ଦାବିପତ୍ର ପ୍ରଦାନ କରିଥିଲେ । ସ୍ୱର୍ଗଦ୍ୱାରରେ ଶବ ଘଣ୍ଟା ଘଣ୍ଟା ଧରି କାଠକୁ ଅପେକ୍ଷା କରୁଛି । ଯେତିକି କାଠ ଯୋଗାଣ ହେଉଛି ତାହା ପର୍ଯ୍ୟାପ୍ତ ହେଉନାହିଁ । ମହିଳା ସଂଗଠନ ସଙ୍ଗଶ୍ରୀ ଫାଉଣ୍ଡେସନ ସ୍ୱର୍ଗଦ୍ୱାରରେ ଅଧିକ କାଠ ଯୋଗାଇଦେବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛି। ହିନ୍ଦୁ ଧର୍ମ ଲୋକଙ୍କ ବିଶ୍ୱାସ ରହିଛି ସ୍ୱର୍ଗଦ୍ୱାରରେ ଶବ ସଂସ୍କାର କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ । ପ୍ରତିଦିନ ୨ଶହରୁ ଊର୍ଦ୍ଧ୍ୱ ଶବ ପିଣ୍ଡି ଓ ତଳେ ଦୟନୀୟ ଅବସ୍ଥାରେ ପଡି ରହୁଛି । କର୍ମଚାରୀମାନଙ୍କ ରୁକ୍ଷ ବ୍ୟବହାର ଶବ ସାଥିରେ ଆସିଥିବା ଆତ୍ମୀୟ ମାନଙ୍କୁ ଅତିଷ୍ଠ କରୁଛି । ସ୍ୱର୍ଗଦ୍ୱାର ପରିଚାଳନା ପାଇଁ ନୂଆ କମିଟି ଗଠନ, ସ୍ୱର୍ଗଦ୍ୱାର ଭିତର ସଫା କରିବା ପାଇଁ ଦାବି କରିଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଟ୍ରଷ୍ଟର ନିର୍ଦ୍ଦେଶିକା ଅରୁଣିମା ନନ୍ଦ, ସଭାନେତ୍ରୀ ରତ୍ନମଣୀ ନାୟକ, ସମ୍ପାଦିକା ପଦ୍ମିନୀ ବେହେରା, ସହ ସମ୍ପାଦିକା ମମତା ମିଶ୍ର, ସଂଯୋଜିକା ବିତିତ୍ରା ମିଶ୍ର, ପ୍ରିୟଦର୍ଶିନୀ ମହାପାତ୍ର, ଭାରତୀ ମହାନ୍ତି, ସଂଘମିତ୍ରା ପଟ୍ଟନାୟକ, ମାମି ଦାସ, ଗିତିଶ୍ରୀ ଦେବୀ, ପୂଜା ପ୍ରଧାନ,ପ୍ରତିମା ମିଶ୍ର, ଗାୟତ୍ରୀ ଜେନାଙ୍କ ସମେତ ଅନୁଷ୍ଠାନର ସଦସ୍ୟା ମାନେ ଯୋଗ ଦେଇଥିଲେ ।

ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟବୀମାରେ ସାମ୍ବାଦିକଙ୍କୁ ଅନ୍ତର୍ଭୁକ୍ତ ନକରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ପୁରୀ (ବ୍ୟୁରୋ): ରାଜ୍ୟରେ ପଞ୍ଜୀକୃତ ସାମ୍ବାଦିକମାନଙ୍କୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାରେ ସ୍ୱାସ୍ଥ୍ୟ କାର୍ଡ ଦିଆଯାଇଥିଲା। ଚଳିତବର୍ଷ ଏହି ସ୍ୱାସ୍ଥ୍ୟ କାର୍ଡକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତିତ କରାଯିବା ପାଇଁ ମସୁଧା ଚାଲିଛି । ଜନପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହାତରେ ସୂଚନା ଓ ଲୋକସମ୍ପର୍କ ବିଭାଗ ରହିଛି । ଓଡିଶା ସାମ୍ବାଦିକ ସଂଘ (ଓଜେୟୁ) ରାଜ୍ୟ କମିଟି ତାକରାରେ ପ୍ରତି ଜିଲ୍ଲାରେ ସଂଘର କର୍ମକର୍ତ୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି । ପୁରୀ ଶାଖା ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କୁ ସଂଘ ପକ୍ଷରୁ ସୋମବାର ପୂର୍ବାହ୍ନରେ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଦର୍ଶାଯାଇଛି ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାକୁ ଅପରିବର୍ତ୍ତିତ ରଖାଯାଉ । ଏଥିରେ ସାମ୍ବାଦିକଙ୍କ ପିତାମାତାଙ୍କୁ ତାଲିକାଭୁକ୍ତ କରାଯାଉ । ଯଦି ଆୟୁଷ୍ମାନ ଭାରତ ଯୋଜନାରେ ସାମ୍ବାଦିକଙ୍କୁ ଅନ୍ତର୍ଭୁକ୍ତ କରାଯାଏ ତେବେ ସଂଘ ରାଜ୍ୟର ପ୍ରତି ଜିଲ୍ଲାରେ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି । ଦାବିପତ୍ର ଦେବା ସମୟରେ ଜିଲ୍ଲା ସଭାପତି ବିଜୟ କୁମାର ମିଶ୍ର, ସମ୍ପାଦକ ସୁଧାଂଶୁ ଶେଖର କର, ସଂଘର ଆଇନ ପରାମର୍ଶଦାତା ରାମଚନ୍ଦ୍ର ମହାପାତ୍ର, ଯୁଗ୍ମ ସମ୍ପାଦିକା ବନିତା ଦୀକ୍ଷିତ, ଦିବ୍ୟରଞ୍ଜନ ବିଶୋଇ, ଅରୁଣ କୁମାର, ପ୍ରଦୀପ କୁମାର ପ୍ରଧାନ, ଅନିମେଶ ପଟ୍ଟନାୟକ ,ସଞ୍ଜୟ ଅଗ୍ରୱାଲ ,ଅକ୍ଷୟ କୁମାର ସ୍ୱାଇଁ,ସନ୍ତୋଷ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ପରିତ୍ୟକ୍ତ ଅବସ୍ଥାରେ ପୁରୀ ପେଣ୍ଠକଟା ବେଳାଭୂମି

ପଡୁନି ପ୍ରଶାସନର ଶୁଭ ଦୃଷ୍ଟି

ପୁରୀ (ବ୍ୟୁରୋ): ଦିନକୁ ଦିନ ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବାରେ ଲାଗିଛି । ମହାପ୍ରଭୁଙ୍କ ଦର୍ଶନ ସହିତ ସୁନ୍ଦର ବେଳାଭୂମିର ମଜା ନେବା ପାଇଁ ପୁରୀକୁ ପର୍ଯ୍ୟଟକ ସୁଅ ଛୁଟୁଛି । ପର୍ଯ୍ୟଟକ ଯେପରି ସୁନ୍ଦର ଅନୁଭୂତି ନେଇ ଫେରିବେ ଏଥିପାଇଁ ବେଳାଭୂମି ଗୁଡିକୁ ବିଶେଷ ଦୃଷ୍ଟି ଦେଉଛି ଜିଲ୍ଲା ପ୍ରଶାସନ । ହେଲେ ପରିତାପର ବିଷୟ ପୁରୀର ପେଣ୍ଠକଟା ବେଳାଭୂମିର ବିକାଶ ଉପରେ ସରକାରଙ୍କ ଯେପରି ଶୁଭ ଦୃଷ୍ଟି ପଡୁନାହିଁ । ଯାହାକୁ ନେଇ ପୁରୀ ସହରର ବୁଦ୍ଧିଜୀବୀ, ପେଣ୍ଠକଟା ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ଏହାକୁ ଉନ୍ନତିକରଣ କରାଗଲେ ସ୍ଥାନୀୟ ଲୋକେ ଉପକୃତ ହୁଅନ୍ତେ ବୋଲି କହିଛନ୍ତି ।ପୁରୀ ସହର ପେଣ୍ଠକଟା ଅଞ୍ଚଳ ଏକ ପ୍ରମୁଖ ଅଞ୍ଚଳ । ଏଥିରେ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ, ଇଣ୍ଡୋର ଷ୍ଟାଡିୟମ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ ଆଇଟିଆଇ ସମେତ ବହୁ ସରକାରୀ କାର୍ଯ୍ୟାଳୟ ରହିଛି । ଅନେକ ହୋଟେଲ ମଧ୍ୟ ରହିଛି । ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ପେଣ୍ଠକଟା ଅଞ୍ଚଳରେ ରହୁଛନ୍ତି । ଅନେକ ବଡ ବଡ କ୍ରୀଡ଼ା ଇଭେଣ୍ଟ ଏଠାରେ ଆୟୋଜନ ହେଉଥିବାରୁ ଅନେକ ଜାତୀୟ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ଏଠାରେ ଥିବା ଷ୍ଟାଡିୟମକୁ ଆସୁଛନ୍ତି। ପେଣ୍ଠକଟା ଅଞ୍ଚଳରେ ଅନେକ ଉଚ୍ଚ ଶିକ୍ଷା ଅନୁଷ୍ଠାନ ଥିବାବେଳେ ଅନେକ ଛାତ୍ରଛାତ୍ରୀ ଏଠାରେ ରହୁଛନ୍ତି । ହେଲେ ପେଣ୍ଠକଟା ବେଳାଭୂମିର ବିକାଶ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ହୋଇନଥିବାରୁ ଏହି ବେଳାଭୂମି ପରିତ୍ୟକ୍ତ ଅବସ୍ଥାରେ ରହିଛି । ସେଠାରେ କିଛି ମତ୍ସ୍ୟଜୀବୀ ରହୁଥିବା ବେଳେ ବେଳାଭୂମି ପ୍ରଦୂଷିତ ଅବସ୍ଥାରେ ରହିଛି । ବେଳାଭୂମି ଆବର୍ଜନାମୟ । ଏହାକୁ ବିକଶିତ କରିବାକୁ ଦାବି ହୋଇଛି ।ପେଣ୍ଠକଟା ବାସିନ୍ଦା ବିସ୍ମୟ ମିଶ୍ର କହିଛନ୍ତି, 'ପୁରୀ ସହର ପୁରାତନ ବେଳାଭୂମି ହେଉଛି ପେଣ୍ଠକଟା ଓ ଚକ୍ରତୀର୍ଥ ବେଳାଭୂମି । ପୂର୍ବରୁ ପୁରୀକୁ ଆସୁଥିବା ବିଦେଶୀ ପର୍ଯ୍ୟଟକ ଏହି ବେଳାଭୂମିରେ ବୁଲିବାକୁ ଅଧିକ ପସନ୍ଦ କରୁଥିଲେ । କାରଣ ପେଣ୍ଠକଟା ଓ ଚକ୍ରତୀର୍ଥ ବେଳାଭୂମି ବେଶ୍ ଶାନ୍ତ ଓ ନିରୋଳା ବାତାବରଣ ଥିଲା । ହେଲେ ଏହି ବିଚ୍ ବିକାଶ ଉପରେ ପୁରୀ ଜିଲ୍ଲା ପ୍ରଶାସନ କି ସରକାର କେହି ଧ୍ୟାନ ଦେଲେନି । ଫଳରେ ଏହି ବେଳାଭୂମି ଆବର୍ଜନାରେ ପରିଣତ ହେବା ଧୀରେ ଧୀରେ ପରିତ୍ୟକ୍ତ ବିଚ୍ ପାଲଟିଗଲା । ଯଦି ପେଣ୍ଠକଟା ବେଳାଭ

କ୍ଷୀର

ଏହାକୁ ପିଇବା ଦ୍ୱାରା ତାପମାନ ନର୍ମାଲ ରହିଥାଏ। ଶରୀରର ଟେମ୍ପରଚରକୁ ବଢ଼ାଇ କ୍ୟାଲୋରୀ ସୁଷ୍ଟି କରି ତାହାକୁ ହ୍ରାସ କରାଇଥାଏ। ଏଭଳି ହେବା ଦ୍ୱାରା ଓଜନ ନିୟନ୍ତ୍ରଣରେ ରହିଥାଏ।

କିଛି ଲୋକଙ୍କୁ କ୍ଷୀର ପିଇବାକୁ ଆଦୌ ଭଲ ଲାଗି ନଥାଏ। ଛୁଆମାନେ କ୍ଷୀର ନ ପିଇବା ପାଇଁ ଅନେକ ପ୍ରକାରର ବାହାନା କରିଥାନ୍ତି। କ୍ଷୀରରେ କ୍ୟାଲସିୟମ ଏବଂ ପ୍ରୋଟିନ ଭରପୁର ମାତ୍ରାରେ ମହକୁତ ଥାଏ ଯାହା ଶରୀର ପାଇଁ ବହୁତ ସାହାଯ୍ୟକାରୀ ହୋଇଥାଏ। ଅଧିକାଂଶ ଲୋକ ଗରମ କ୍ଷୀର ପିଇବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଆପଣ ଜାଣିଛନ୍ତି କି ଗରମ କ୍ଷୀର ଅପେକ୍ଷା ଥଣ୍ଡା କ୍ଷୀରରେ ଅଧିକ ଫାଇଦା ମିଳିଥାଏ। ଆମେ ଆପଣଙ୍କୁ ଥଣ୍ଡା କ୍ଷୀରରୁ ମିଳୁଥିବା ଫାଇଦା ବିଷୟରେ ଜଣାଇବୁ। ତାହେଲେ ଆସନ୍ତୁ ଜାଣିବା ଏହା ବିଷୟରେ। -ଲୋକମାନେ ଓଜନ କମାଇବାକୁ ବିଭିନ୍ନ ପ୍ରକାର ଉପାୟ ଆପଣେଇଥାନ୍ତି। ତଥାପି ସେମାନଙ୍କର ଓଜନ କମି ନଥାଏ। ଏଭଳି ପରିସ୍ଥିତିରେ ଆପଣ ଗରମ କ୍ଷୀର ବଦଳରେ ଥଣ୍ଡା କ୍ଷୀର ପିଇ ମଧ୍ୟ ସହଜରେ ନିଜର ଓଜନ କମାଇପାରିବେ। ଏହାକୁ ପିଇବା ଦ୍ୱାରା ତାପମାନ ନର୍ମାଲ ରହିଥାଏ। ଶରୀରର ଟେମ୍ପରଚରକୁ ବଢ଼ାଇ କ୍ୟାଲୋରୀ ସୁଷ୍ଟି କରି ତାହାକୁ ହ୍ରାସ କରାଇଥାଏ। ଏଭଳି ହେବା ଦ୍ୱାରା ଓଜନ ନିୟନ୍ତ୍ରଣରେ ରହିଥାଏ। -କ୍ଷୀରରେ କ୍ୟାଲସିୟମ ଏବଂ ପ୍ରୋଟିନ ଭରପୁର ମାତ୍ରାରେ ମହକୁତ ଥାଏ, ଉଷୁମ କ୍ଷୀର କୁ ପିଇବା ଦ୍ୱାରା ଶରୀର ତନ୍ଦୁରୁସ୍ତ ରହିଥାଏ। ଏହା ସହିତ ଭଲ ନିଦ ମଧ୍ୟ ହୋଇଥାଏ। ଯେତେବେଳେ ଶରୀର ଦୁର୍ବଳ ଲାଗିଥାଏ ସେତେବେଳେ ଥଣ୍ଡା କ୍ଷୀର ପିଇ ଦିଅନ୍ତୁ। କ୍ଷୀର ପିଇବା ଦ୍ୱାରା ଶରୀର ତେଜୀୟାନ ରହିଥାଏ। -କିଛି ଲୋକଙ୍କୁ ଏସିଡିଟିର ବହୁତ ଅଧିକ ଅସୁବିଧା ରହିଥାଏ। ଏହିଭଳି ଲୋକଙ୍କୁ ଏସିଡିଟିରୁ ମୁକ୍ତି ପାଇବାକୁ ହେଲେ ଥଣ୍ଡା କ୍ଷୀର ପିଇବା ଉଚିତ। ଥଣ୍ଡା କ୍ଷୀର ପିଇବା ଦ୍ୱାରା ଶରୀରରେ ଗ୍ୟାସ ହୋଇ ନଥାଏ ଏବଂ ପେଟ ବ୍ୟଥା ଭଳି ସମସ୍ୟା ରହି ନଥାଏ। -କେତେକ ଲୋକଙ୍କୁ ଖାଦ୍ୟ ଖାଇବା ପରେ ମଧ୍ୟ ଭୋକ ଲାଗିଥାଏ। ଭୋକ କମାଇବାକୁ ଚାହିଁଲେ ଆପଣ ଥଣ୍ଡା କ୍ଷୀର ପିଇ ପାରିବେ। ଥଣ୍ଡା କ୍ଷୀର ପିଇବା ଦ୍ୱାରା ଭୋକ ଲାଗି ନଥାଏ ଓ ପେଟ ସମ୍ବନ୍ଧିତ ଅନ୍ୟ ସମସ୍ୟା ମଧ୍ୟ ହୋଇ ନଥାଏ। -ଅନେକ ଲୋକ ବ୍ୟାୟାମ କରିବା ପରେ ଏମିତି ଡ୍ରିଙ୍କ୍ ପିଇବାକୁ ଚାହିଁଥାନ୍ତି। ଯେଉଁଥିରେ ସେମାନଙ୍କ ଶରୀରକୁ ଫାଇଦା ମିଳି ପାରିବ। ଏହିଭଳି ପରିସ୍ଥିତିରେ ଆପଣ ଥଣ୍ଡା କ୍ଷୀର ପିଇ ପାରିବେ ଏହାକୁ ପିଇବା ଦ୍ୱାରା ଶରୀରକୁ ପ୍ରୋଟିନ ମିଳିଥାଏ। -ଥଣ୍ଡା କ୍ଷୀର ପିଇବା ଦ୍ୱାରା ଚେହେରାରେ ଚମକ ଆସିଥାଏ। ଚେହେରାରେ ଚମକ ଆସିବା ସହିତ ତ୍ୱଚାକୁ ଟାଇଟ,ହାଇଡ୍ରେଟ ଏବଂ ନରମ କରାଇଥାଏ।

ଏହି ସମସ୍ୟାରୁ ବି ମୁକ୍ତି ଦେବ ଜୁଆଣି

ଜୁଆଣି କେବଳ ଆପଣଙ୍କ ରୋଷେଇ ଘରେ ମସଲା ଭାବେ ବ୍ୟବହାର ହୁଏନାହିଁ, ବରଂ ଆୟୁର୍ବେଦରେ ମଧ୍ୟ ଜୁଆଣିକୁ ଅନେକ ରୋଗରୁ ମୁକ୍ତି ପାଇଁ ରାମବାଣ ଭାବେ ବର୍ଣ୍ଣନା କରାଯାଇଛି । ଲୋକମାନେ ପ୍ରାୟତଃ ଏହାକୁ କେବଳ ପେଟ ଯନ୍ତ୍ରଣା, ଗ୍ୟାସ୍ କିମ୍ବା ଏସିଡିଟି ଦୂର କରିବା ପାଇଁ ବ୍ୟବହାର କରନ୍ତି। କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଏହି ଜୁଆଣି ଅନେକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାରେ ସମାନ ପ୍ରଭାବଶାଳୀ ଭାବେ କାର୍ଯ୍ୟ କରିଥାଏ । ଏହାକୁ ନିୟମିତ ଭାବରେ ସେବନ କରି ଆପଣ ନିଜକୁ ବିଭିନ୍ନ ରୋଗରୁ ରକ୍ଷା କରିପାରିବେ। ଏଠାରେ, ଆମେ ଆପଣଙ୍କୁ ଏହାର ଲାଭ ବିଷୟରେ କହିବୁ।

ଶ୍ୱାସକ୍ରିୟା ଏବଂ ଫୁସଫୁସ ସମସ୍ୟାରୁ ମୁକ୍ତି- ଜୁଆଣିରେ ଥାଇମୋଲ୍ ନାମକ ଏକ ଯୌଗିକ ଥାଏ, ଯେଉଁଥିରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ରହିଛି। ଯଦି ଆପଣଙ୍କର ଥଣ୍ଡା, କାଶ, ନାକ ବନ୍ଦ ହୋଇଯାଏ, କିମ୍ବା ଆପଣ ଶ୍ୱାସରୋଗରେ ପୀଡିତ, ତେବେ ଜୁଆଣି ପାଣି କିମ୍ବା ଭଜା ଜୁଆଣିର ଧୂଆଁ ନେବା ଶ୍ୱାସନଳୀକୁ ସଫା କରିବାରେ ବହୁତ ସହାୟକ ହୋଇପାରେ।

ସନ୍ଧି ଏବଂ ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି- ବୟସ ବଢିବା ମାତ୍ରେ ଗଣ୍ଠି ଏବଂ ଆଣ୍ଠୁରେ ଯନ୍ତ୍ରଣା ହେବା ସାଧାରଣ କଥା। ଗଣ୍ଠି ଫୁଲା ଏବଂ ଯନ୍ତ୍ରଣା କମାଇବାରେ ଜୁଆଣି ବେଶ ପ୍ରଭାବଶାଳୀ। ଜୁଆଣିର ତେଲକୁ ମାଲିସ୍ କରିବା କିମ୍ବା ଏହାର କାଢା ସେବନ କରିବା ଦ୍ୱାରା ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ।

ଓଜନ ହ୍ରାସରେ ସହାୟକ- ଯଦି ଆପଣ ଓଜନ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ସକାଳେ ଖାଲି ପେଟରେ ଜୁଆଣି ପାଣି ପିଇବା ଦ୍ୱାରା ଆପଣଙ୍କର ମେଟାବୋଲିଜିମ୍ ବୃଦ୍ଧି ପାଏ, ଯାହା କ୍ୟାଲୋରୀକୁ ଶୀଘ୍ର ନଷ୍ଟ କରିବାରେ ସାହାଯ୍ୟ କରେ ଏବଂ ଆପଣଙ୍କ ଓଜନକୁ ନିୟନ୍ତ୍ରଣରେ ରଖେ।

ସଂକ୍ରମଣ ପ୍ରତିରୋଧ ଏବଂ ରୋଗ ପ୍ରତିରୋଧକ ଶକ୍ତି- ଜୁଆଣିରେ ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଫଙ୍ଗାଲ୍ ଗୁଣ ଅଛି। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ଶକ୍ତିଶାଳୀ କରେ ଏବଂ ପରିବର୍ତ୍ତନଶୀଳ ପାଗ ଯୋଗୁଁ ହେଉଥିବା ବିଭିନ୍ନ ସଂକ୍ରମଣରୁ ରକ୍ଷା କରେ।

ମହିଳାଙ୍କ ମାସିକ ଋତୁସ୍ରାବ ଯନ୍ତ୍ରଣାରୁ ମୁକ୍ତି ଦିଏ- ମାସିକ ଋତୁସ୍ରାବ ସମୟରେ ନିମ୍ନ ପେଟ ଏବଂ ପିଠି ଯନ୍ତ୍ରଣା ପାଇଁ ଜୁଆଣି ଅତ୍ୟନ୍ତ ଲାଭଦାୟକ। ଉଷୁମ ପାଣି ସହିତ ଜୁଆଣି ନେବା ଦ୍ୱାରା ପେଟର ଯନ୍ତ୍ରଣା ତୁରନ୍ତ କମିଯାଏ। ରାତିରେ ଏକ ଗ୍ଲାସ୍ ପାଣିରେ ଏକ ଚାମଚ ଜୁଆଣି ଭିଜାଇ ରଖନ୍ତୁ। ସକାଳେ ଏହାକୁ ଫୁଟାନ୍ତୁ ଏବଂ ଛାଣି ଦିଅନ୍ତୁ। ଏହି ଉଷୁମ ପାଣିକୁ ଖାଲି ପେଟରେ ପିଅନ୍ତୁ। ବିକଳ୍ପ ଭାବରେ, ଆପଣ ଏହାକୁ ଭଜା ଏବଂ ଚିମୁଟାଏ କଳା ଲୁଣ ସହିତ ଖାଇପାରିବେ।

ଯୌନରୋଗ ଓ ପୁରୁଷ ବନ୍ଧ୍ୟାତ୍ୱ

ଯୌନ ସମ୍ପର୍କ ଦ୍ୱାରା ସଂକ୍ରମିତ ବିଭିନ୍ନ ପ୍ରକାର ରୋଗ ପୁରୁଷଙ୍କର ପ୍ରଜନନ କ୍ଷମତା କମାଇବା ସହ ପ୍ରୋଷ୍ଟେଟ୍ କର୍କଟ ଓ ଗଳା କର୍କଟ ସମେତ ଅନ୍ୟାନ୍ୟ ଚରମ ସ୍ୱାସ୍ଥ୍ୟ ସଂକଟ ଆଣିଥାଏ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ, ବନ୍ଧ୍ୟାତ୍ୱ ବା ପ୍ରଜନନହୀନତା ଏବେ ବିଶ୍ୱବ୍ୟାପୀ ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ ସଂକଟ ଭାବେ ଉଭା ହୋଇଛି। ପ୍ରଜନନହୀନତା ପଛରେ ଅନେକ କାରଣ ରହିଥିବା ବେଳେ ଯୌନ ସଂକ୍ରମିତ ରୋଗ ବା ସେକ୍ସୁଆଲି ଟ୍ରାନ୍ସମିଟେଡ୍ ଡିଜିଜ୍ (ଏସ୍‌ଟିଡି) ଏହାର ଅନ୍ୟତମ ପ୍ରମୁଖ କାରଣ। ତେବେ ମହିଳାଙ୍କ ତୁଳନାରେ ପୁରୁଷମାନେ ଏହାର ବେଶୀ ଶିକାର ହେଉଥିବା ଜଣାଯାଏ। ଏଭଳି ଯୌନ ରୋଗ ମଧ୍ୟରେ 'କ୍ଲେମିଡିଆ' ଅନ୍ୟତମ। ଏହା ଏପରି ଏକ ଏସ୍‌ଟିଡି ଯାହା ଯୌନକ୍ରିୟା ବେଳେ ବୀଜାଣୁ ସଂକ୍ରମଣରୁ ହୋଇଥାଏ। ଏଥି ଯୋଗୁଁ ଅଣ୍ଡକୋଷ ଫୁଲିଯିବା ସହ ପରିସ୍ରା ଓ ଯୌନକ୍ରିୟା କଲା ବେଳେ ପୁରୁଷର ଗୁପ୍ତାଙ୍ଗରେ ଭୀଷଣ ଯନ୍ତ୍ରଣା ହୁଏ। ସେହିପରି ଏକ ଏସ୍ ?ଟିଡି ହେଉଛି 'ଗନେରିଆ', ଯାହା ମଳଦ୍ୱାର, ଡଣ୍ଟି ଓ ମୂତ୍ରାଶୟକୁ ପ୍ରଭାବିତ କରିବା ସହ କ୍ଲେମିଡିଆ ଅନୁରୂପ ଯନ୍ତ୍ରଣା ଦେଇଥାଏ। ଅନ୍ୟ ପକ୍ଷରେ ଅସୁରକ୍ଷିତ ଯୌନାଭ୍ୟାସ ଦ୍ୱାରା 'ହେପାଟାଇଟିସ ଏ' ସଂକ୍ରମିତ ହୋଇଥାଏ, ଜ୍ୱର ଓ କ୍ଲାନ୍ତି ଆଣିଥାଏ। ଶାରୀରିକ ସଂସର୍ଗ ଯୋଗୁଁ ଲାଳ, ଝାଳ ଓ ରକ୍ତ ପରି ତରଳ ପଦାର୍ଥ ଦ୍ୱାରା 'ହେପାଟାଇଟିସ ବି' ଓ 'ସିଫିଲିସ' ପରି ରୋଗ ମଧ୍ୟ ସଂକ୍ରମିତ ହୋଇଥାଏ ଯଦ୍ଦ୍ୱାରା ବାନ୍ତି ହେବା, ଓକାର ଆସିବା, ଭୋକ ନଲାଗିବା ଓ ଜଣ୍ଡିସ୍ ହେବା ଆଦି ଲକ୍ଷଣ ଦେଖାଦେଇଥାଏ। ତେବେ ନିୟମିତ ପରୀକ୍ଷା ଦ୍ୱାରା ଆଗୁଆ ଯୌନ ରୋଗକୁ ଚିହ୍ନଟ କରି ଆବଶ୍ୟକ ଚିକିତ୍ସା ବଳରେ ସ୍ୱାଭାବିକ ଜୀବନ ବିତାଇହେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ କରିଛନ୍ତି।

ସୁସ୍ଥ କେଶ ପାଇଁ ଖାଦ୍ୟ



ସୁନ୍ଦର, ଘନ ଓ ଲମ୍ବା କେଶ ପାଇବାକୁ ଅଧିକାଂଶ ଲୋକ ଦାମୀ ସାମ୍ପୁ କିମ୍ବା ତେଲ ଉପରେ ନିର୍ଭର କରୁଥିବା ବେଳେ, ବାସ୍ତବରେ ଏହାର ମୂଳ ରହସ୍ୟ ଆମ ଦୈନନ୍ଦିନ ଖାଦ୍ୟରେ ଲୁଚି ରହିଛି। ବିଶେଷଜ୍ଞମାନଙ୍କ ମତାନୁସାରେ, କେଶର ସ୍ୱାସ୍ଥ୍ୟ ଆମ ଶରୀରର ଭିତରୁ ଆସୁଥିବା ପୋଷଣ ଉପରେ ନିର୍ଭର କରେ। ସାଧାରଣତଃ କେଶ ଝଡ଼ିବା କିମ୍ବା ଧୀର ବୃଦ୍ଧିର କାରଣ ଖୋଜିବା ସମୟରେ ଆମେ ବାହ୍ୟ ଦ୍ରବ୍ୟକୁ ଦୋଷ ଦେଉଥାଉ, କିନ୍ତୁ ପ୍ରକୃତ ସମସ୍ୟା ଆମ ଖାଦ୍ୟ ଅଭ୍ୟାସରେ ଲୁଚି ରହିଥାଏ। ଶରୀରକୁ ଯଥେଷ୍ଟ ପୋଷକ ତତ୍ତ୍ୱ ମିଳିଲେ ଏହାର ପ୍ରଭାବ ପ୍ରଥମେ କେଶ ଉପରେ ଦେଖାଯାଏ। ତେଣୁ ସୁସ୍ଥ ଓ ଶକ୍ତିଶାଳୀ କେଶ ପାଇଁ ସଠିକ୍ ଖାଦ୍ୟ ଅଭ୍ୟାସ ଅତ୍ୟାବଶ୍ୟକ।

ସୁସ୍ଥ କେଶ ପାଇଁ ଜରୁରୀ ଖାଦ୍ୟ:- ପ୍ରୋଟିନ୍ ଭରା ଖାଦ୍ୟ: କେଶର ମୂଳ ଉପାଦାନ କେରାଟିନ୍, ଯାହା ପ୍ରୋଟିନ୍‌ରୁ ତିଆରି ହୋଇଥାଏ। ଡାଲି, ମୁଗ, ଚଣା, ରାଜମା, ସୋୟାବିନ୍, ଅଣ୍ଡା, କ୍ଷୀର ଓ ପନିର ଭଳି ଖାଦ୍ୟ କେଶ ବୃଦ୍ଧିକୁ ସହାୟତା କରେ। ଲୌହ ସମୃଦ୍ଧ ସବୁଜ ପନିପରିବା: ପାଳଙ୍ଗ, ମେଥି, ସୋରିଷ ଶାଗ ଓ ବଥୁଆ ଭଳି ସବୁଜ ପତ୍ରଯୁକ୍ତ ଶାଗରେ ଆଇରନ୍ ଓ ଫୋଲେଟ୍ ଥାଏ, ଯାହା ରକ୍ତ ସଞ୍ଚାଳନ ବଢାଇ କେଶ ମୂଳକୁ ପୋଷଣ ଯୋଗାଏ।

ବାଦାମ ଓ ମଞ୍ଜି: ବାଦାମ, ଅଖରୋଟ, ଚିଆ ଓ ଅଳସୀ ମଞ୍ଜିରେ ଓମେଗା-୩ ଫ୍ୟାଟି ଏସିଡ୍, ବାୟୋଟିନ୍ ଓ ଭିଟାମିନ୍-ଇ ରହିଥାଏ। ଏହା କେଶକୁ ଶକ୍ତିଶାଳୀ କରି ଚମକ ବଢାଏ।

ଭିଟାମିନ-ସି ଭରପୁର ଫଳ: ଅଁଳା, କମଳା, ଲେମ୍ବୁ, ପିଚୁଳି ଓ ଅମୃତଭଣ୍ଡାରେ ଭିଟାମିନ-ସି ଥାଏ, ଯାହା କୋଲାଜେନ ଗଠନରେ ସାହାଯ୍ୟ କରି କେଶକୁ ଶକ୍ତିଶାଳୀ କରେ।

ପୁରା ଶସ୍ୟ: ଓଟସ୍, ବ୍ରାଉନ୍ ରାଇସ୍, ବାର୍ଲି ଓ ମାଣ୍ଡିଆରେ ଜିଙ୍କ୍, ଆଇରନ୍ ଓ ବି-କମ୍ପ୍ଲେକ୍ସ ଭିଟାମିନ୍ ରହିଥାଏ, ଯାହା କେଶ ବୃଦ୍ଧି ଚକ୍ରକୁ ପ୍ରୋତ୍ସାହିତ କରେ।

ଦୁଗ୍ଧଜାତ ଖାଦ୍ୟ: କ୍ଷୀର, ଦହି ଓ ପନିର କେବଳ କ୍ୟାଲସିୟମ୍ ନୁହେଁ, ପ୍ରୋଟିନ୍ ଓ ଭିଟାମିନ୍ ବି ୧୨ ଯୋଗାଇ କେଶକୁ ଭିତରୁ ମଜବୁତ କରେ।

ପାଣି ଓ ସ୍ୱାସ୍ଥ୍ୟକର ଚର୍ବି: ଦିନକୁ ୮-୧୦ ଗ୍ଲାସ୍ ପାଣି ପିଇବା କେଶକୁ ହାଇଡ୍ରେଟ୍ ରଖେ। ଏହା ସହିତ ଘିଅ, ଚିନାବାଦାମ ତେଲ ଓ ଅଲିଭ୍ ତେଲ ପରି ସ୍ୱାସ୍ଥ୍ୟକର ଚର୍ବି କେଶକୁ କୋମଳ ଓ ଚକଚକିଆ କରେ।

କ୍ୟାନସର ରୋକିପାରେ କିସମିସ୍

କିସମିସରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି ଯାହା ଅନ୍ତନଳୀ କାର୍ଯ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ। ଏହା ଆପଣଙ୍କ ଅନ୍ତନଳୀରେ ବ୍ୟାକ୍ଟେରିଆର ସନ୍ତୁଳନକୁ ମଧ୍ୟ ନିୟନ୍ତ୍ରଣ କରିଥାଏ।

ଆଜିର ବ୍ୟସ୍ତବହୁଳ ଜୀବନରେ ସ୍ୱାସ୍ଥ୍ୟର ଯତ୍ନ ନେବାକୁ କାହାର ସମୟ ନାହିଁ। ହଁ ଟିକେ ନିଜର ଖାଦ୍ୟ ଓ ପାନୀୟର ସନ୍ତୁଳନ ବା ଟାଇମ ଟେବୁଲ୍ ରଖିବା। ତେଣୁ ଆମେ ପ୍ରତିଦିନ ନାନା ପ୍ରକାରର ମାରାତ୍ମକ ରୋଗର ଶିକାରହେଉଥିବା ଦେଖିବାକୁ ମିଳୁଛି। ଆମେ ଏହି ରୋଗରୁ ଟିକେ ମୁକ୍ତି ପାଇବା ପାଇଁ ବହୁ ଉପାୟ ଓ ଚିକିତ୍ସା ରହିଥିବାବେଳେ ଏମିତି କିଛି ଖାଦ୍ୟ ପଦାର୍ଥ ରହିଛି ଯାହା ରୋଗରୁ ଆମକୁ କେତେକାଂଶରେ ସାହାଯ୍ୟ କରିଥାଏ ଓ ରୋଗକୁ ଅଧିକ ବଢ଼ିଯିବାକୁ ଦେଇନଥାଏ। ତେବେ ଆସନ୍ତୁ ଜାଣି ଆମେ ଜାଣିବା ସେମିତିକା କିଛି ଖାଦ୍ୟ ତଥା ଟିପ୍ସ୍ ବିଷୟରେ । ଆଜିର ଦୈନନ୍ଦିନ ଜୀବନରେ କିସ୍‌ମିସ୍‌ର ସେବନ ସ୍ୱାସ୍ଥ୍ୟ ପ୍ରତି ହିତକର ବୋଲି କୁହାଯାଇଛି। ଅନେକ ଲୋକ କାଜୁ ଓ କିସ୍‌ମିସ ଭଳି ଡ୍ରାଏଫ୍ରୁଟସ ଖାଇବାକୁ ବେଶ୍ ପସନ୍ଦ କରିଥାନ୍ତି। କେବଳ ସେତିକି ନୁହେଁ ବିଭିନ୍ନ ପ୍ରକାରର ଖାଦ୍ୟ ପଦାର୍ଥରେ କିସମିସ୍‌ର ମିଶ୍ରଣ ଏହାର ସ୍ୱାଦକୁ ଦ୍ୱିଗୁଣିତ କରିଥାଏ।

ଗାଟିଏ ଦିନରେ ପ୍ରାୟ ୩୦ରୁ ୪୦ ଗ୍ରାମ କିସମିସ୍ ଖାଇବା ଶରୀର ପାଇଁ ଉପଯୋଗୀ ହୋଇଥାଏ। ଅନ୍ୟପକ୍ଷରେ, ଅଧିକ ମାତ୍ରାରେ କିସମିସ୍ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ଖରାପ ହୋଇପାରେ ବୋଲି ଡାକ୍ତରମାନେ ମତ ଦେଇଛନ୍ତି।

କିସମିସ୍ ଫାଇବରର ସର୍ବୋତ୍ତମ ଉତ୍ସ ଏବଂ ଏହା ହଜମ ପ୍ରକ୍ରିୟାରେ ମଧ୍ୟ ସାହାଯ୍ୟ କରିଥାଏ। ଏଥିରେ ଟାର୍ଟାରିକ୍ ଏସିଡ୍ ମଧ୍ୟ ରହିଥାଏ ଯାହା ପେଟ ସମସ୍ୟାରୁ ମୁକ୍ତି ପାଇବାରେ ସାହାଯ୍ୟ କରିଥାଏ। ଅନୁସନ୍ଧାନରୁ ଜଣାପଡିଛି ଯେ କିସମିସରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି ଯାହା ଅନ୍ତନଳୀ କାର୍ଯ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ। ଏହା ଆପଣଙ୍କ ଅନ୍ତନଳୀରେ ବ୍ୟାକ୍ଟେରିଆର ସନ୍ତୁଳନକୁ ମଧ୍ୟ ନିୟନ୍ତ୍ରଣ କରିଥାଏ। କିସମିସ୍ ଆଇରନ୍ ଷ୍ଟରକୁ ବଢାଇଥାଏ ଏବଂ ହାଡକୁ ଶକ୍ତିଶାଳୀ ରଖିବାରେ ସାହାଯ୍ୟ କରିଥାଏ। ଗୋଟିଏ ଦିନରେ ପ୍ରାୟ ୩୦ରୁ ୪୦ ଗ୍ରାମ କିସମିସ୍ ଖାଇବା ଶରୀର ପାଇଁ ଉପଯୋଗୀ ହୋଇଥାଏ। ଅନ୍ୟପକ୍ଷରେ, ଅଧିକ ମାତ୍ରାରେ କିସମିସ୍ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ଖରାପ ହୋଇପାରେ ବୋଲି ଡାକ୍ତରମାନେ ମତ ଦେଇଛନ୍ତି। ଅନ୍ୟ ପୋଷକ ତତ୍ତ୍ୱକୁ ଅବଶୋଷିତ କରିବାରେ କିସ୍‌ମିସ୍‌ର କ୍ଷମତା ଥିବାରୁ କ୍ୟାନସରଜନିତ ରୋଗ ରୋକିବାରେ ଏହା ସହାୟକ ହୋଇଥାଏ ବୋଲି ଅନୁସନ୍ଧାନକାରୀମାନେ ଜାଣିପାରିଛନ୍ତି।

ଅମୃତ ଦୁନିଆ

୧୧ ଅଗଷ୍ଟ ୨୦୨୬

ଏକାମ୍ର

ପୋଲିସ କଣ୍ଟ୍ରୋଲ ରୁମରେ ସଫେଇ କର୍ମଚାରୀଙ୍କୁ ଅସଦାଚରଣ

ଡିସିପି ଅଫିସ୍‌ର ଦ୍ୱାରସ୍ଥ ହେଲେ ପୀଡ଼ିତା



ଭୁବନେଶ୍ୱର(ବ୍ୟୁରୋ) : ପୋଲିସ କଣ୍ଟ୍ରୋଲ ରୁମରେ ସଫେଇ କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗ । ଡିସିପି ଅଫିସର ଦ୍ୱାରସ୍ଥ ହେଲେ ପାଡ଼ିତା ସଫେଇ କର୍ମଚାରୀ । ମଞ୍ଜେଶ୍ୱର ପୋଲିସ କଣ୍ଟ୍ରୋଲ ରୁମର ଆସିଷ୍ଟାଣ୍ଟ କମାଣ୍ଡର ଦୀପକ ନାୟକଙ୍କ ନାମରେ ସାଙ୍ଘାତିକ ଅଭିଯୋଗ ଆଣିଲେ ପାଡ଼ିତା । ଗତ ୨ ତାରିଖରେ ମହିଳା ସଫେଇ କର୍ମଚାରୀ ଆସିଷ୍ଟାଣ୍ଟ କମାଣ୍ଡର ଦୀପକ କୁମାର ନାୟକଙ୍କ ଚାମ୍ବର ସଫା କରୁଥିବା ବେଳେ ଅସଦାଚରଣର ଶିକାର ହୋଇଛନ୍ତି ବୋଲି କହିଛନ୍ତି ପାଡ଼ିତା । ୩ ତାରିଖରେ ମଞ୍ଜେଶ୍ୱର ଥାନାରେ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ ମହିଳା । ଆଉ ୫ ତାରିଖରେ କୌଣସି ପ୍ରମାଣ ନାହିଁ ବୋଲି ଥାନା ଅଧିକାରୀ କହିଥିଲେ । ଘଟଣାକୁ ଚପେଇ ଦେବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଛନ୍ତି ମହିଳା । କେବଳ ଅସଦାଚରଣ ନୁହେଁ, ବରଂ ନିମ୍ନ ଜାତି କହି ଆକ୍ଷେପ କରିବା ଭଳି ଅଭିଯୋଗ ଆଣିଛନ୍ତି ପାଡ଼ିତା । ଥାନାରେ କୌଣସି ସମାଧାନ ନହେବା ପରେ ଆଜି ଡିସିପି ଅଫିସଙ୍କ ଦ୍ୱାରସ୍ଥ ହୋଇଛନ୍ତି ପାଡ଼ିତା ।

ଶିକ୍ଷାନୁଷ୍ଠାନ ନିକଟରେ ଦୋକାନରେ ମିଳିବନି ନିଶାଦ୍ରବ୍ୟ

ଭୁବନେଶ୍ୱର(ବ୍ୟୁରୋ): ଶିକ୍ଷାନୁଷ୍ଠାନ ନିକଟରେ ନିଶାକୁ ନା । ନିଶା ବେପାରୀଙ୍କ ଉପରେ ରାଜଧାନୀରେ ସ୍ପେଶାଲ କ୍ରାଇମ ୟୁନିଟର ରେଡ୍ । ଭୁବନେଶ୍ୱରର ବିଭିନ୍ନ ସ୍କୁଲ ଓ କଲେଜ ନିକଟରେ ଥିବା ଦୋକାନ ଗୁଡିକରେ ଅଚାନକ ଚଢାଉ କରାଯାଇଛି । ନିଶା ବିକ୍ରିକୁ ରୋକିବା ଏବଂ ଯୁବପିଢ଼ିଙ୍କୁ ନିଶା କବଳରୁ ଦୂରେଇ ରଖିବା ପାଇଁ ସ୍ପେଶାଲ୍ କ୍ରାଇମ ୟୁନିଟ୍ ପକ୍ଷରୁ ଏହି ଅଭିଯାନ ଆରମ୍ଭ ହୋଇଛି । ଅଚାନକ ଦୋକାନ ଉପରେ ଡଗ୍ ସ୍କାଡ୍ ସହ ସ୍ପେଶାଲ କ୍ରାଇମ ୟୁନିଟର ରେଡ୍ । ଅତିରିକ୍ତ ଡିସିପି ସ୍ୱରାଜ ଦେବତାଙ୍କ ନେତୃତ୍ୱରେ ଇନଷ୍ଟାସିଟି ଥାନା ଅଞ୍ଚଳରେ ରେଡ୍ । ଶିକ୍ଷାନୁଷ୍ଠାନ ନିକଟରେ ଥିବା ବିଭିନ୍ନ ଦୋକାନରେ ଚାଲିଛି ଅଚାନକ ଚଢ଼ାଉ । ପିଲାଙ୍କ ଭବିଷ୍ୟତ ସହ ଖେଳିଲେ ଛାଡ଼ ନାହିଁ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ଶିକ୍ଷାନୁଷ୍ଠାନ ନିକଟରେ ନିଶାଦ୍ରବ୍ୟ ବିକ୍ରି ଜଲେ ନିଆଯାଉଛି କଡ଼ା କାର୍ଯ୍ୟାନୁଷ୍ଠାନ। ଆଗକୁ ମଧ୍ୟ ଏଭଳି ଅଚାନକ ଯାଞ୍ଚ ଜାରି ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ଯଦି ଚଢ଼ାଉ ସମୟରେ ନିଶା ସାମଗ୍ରୀ ମିଳେ, ତେବେ ଦୋକାନୀ କିମ୍ବା ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ । କେବଳ ଚଢ଼ାଉ ନୁହେଁ, ଆଗକୁ ମଧ୍ୟ ଏଭଳି ଅଚାନକ ଯାଞ୍ଚ ଜାରି ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ଏହା ଦ୍ୱାରା ନିଶା ବିକ୍ରେତାଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା ସହ ଛାତ୍ରଛାତ୍ରୀଙ୍କୁ ନିଶାଠାରୁ ଦୂରେଇ ରଖିବା ପୋଲିସର ମୁଖ୍ୟ ଲକ୍ଷ୍ୟ ଆଉ ଏହି ଅଭିଯାନ ନିଶା କାରବାରୀଙ୍କ ଉପରେ କେତେ ପ୍ରଭାବ ପକାଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ।

ପଞ୍ଚାୟତକୁ ମିଳିବ ଦୁଇଗୁଣା ଅଧିକ ଅର୍ଥ

୬୭୩୩ ପଞ୍ଚାୟତକୁ ମିଳିବ ୧୨୧୮ କୋଟି

ଭୁବନେଶ୍ୱର(ବ୍ୟୁରୋ): ଷଷ୍ଠ ରାଜ୍ୟ ଅର୍ଥ କମିଶନ (ଏସଏଫ୍‌ସି) ସୁପାରିସ ଅନୁସାରେ ପଞ୍ଚାୟତକୁ ଦୁଇ ଗୁଣା ଅଧିକ ଅର୍ଥ ମିଳିବ । ବ୍ଲକ୍ ଓ ଜିଲ୍ଲା ପରିଷଦକୁ ମଧ୍ୟ ଅଧିକ ପାଣ୍ଠି ଦେବାକୁ ଅର୍ଥ କମିଶନ ସୁପାରିସ କରିଛନ୍ତି । ଏହି ସୁପାରିସକୁ ଲାଗୁ କରି ପାଣ୍ଠି ଦେବାକୁ ପଞ୍ଚାୟତିରାଜ ବିଭାଗ ନିଷ୍ପତ୍ତି ନେଇଛି । ଆସନ୍ତା ୧୫ ତାରିଖ ସୁଦ୍ଧା ଗ୍ରାମପଞ୍ଚାୟତ ଡେଭଲପମେଣ୍ଟ ପ୍ଲାନ୍ (ଜିପିଡିପି) ଅପଲୋଡ କରିବାକୁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସବୁ ପଞ୍ଚାୟତ/ବ୍ଲକ୍/ଜିଲ୍ଲା ପରିଷଦକୁ ନିର୍ଦ୍ଦେଶ ଦିଆଯାଇଥିଲା । ଜୁନ୍ ୧୯ ତାରିଖରୁ ଅପଲୋଡ୍ ପ୍ରକ୍ରିୟା ଆରମ୍ଭ ହେଲାଣି । କିନ୍ତୁ ଅଧିକାଂଶ ପଞ୍ଚାୟତ ଏବେ ସୁଦ୍ଧା ଜିପିଡିପି ଅପଲୋଡ୍ କରିନାହାନ୍ତି । ଜିପିଡିପି ଆଧାରରେ ପଞ୍ଚାୟତ ଓ ଗାଁରେ ବିକାଶମୂଳକ କାମର ନକ୍ସା ଅଙ୍କାଯାଏ । ୧୫ ତାରିଖ ସୁଦ୍ଧା ଜିପିଡିପି ଅପଲୋଡ୍ ନ ହେଲେ ପଞ୍ଚାୟତରେ ବିକାଶମୂଳକ କାମ ଠପ୍ ହୋଇଯିବ । ନିର୍ଦ୍ଧାରିତ ସମୟ ଭିତରେ ଏହାକୁ ଅପଲୋଡ୍ କରିବାକୁ ସବୁ ଜିଲ୍ଲାପାଳ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଡିଓଙ୍କୁ ଚିଠି ଲେଖିଛି ପଞ୍ଚାୟତିରାଜ ବିଭାଗ । ନଚେତ୍ କୌଣସି ପାଣ୍ଠି ମିଳିବନି ବୋଲି ଚେତାଇ ଦିଆଯାଇଛି । ରାଜ୍ୟର କେଉଁ ପଞ୍ଚାୟତ, ବ୍ଲକ୍ ଓ ଜିଲ୍ଲା ପରିଷଦକୁ କେତେ ପାଣ୍ଠି ମିଳିବ, ହିସାବ ଚୂଡ଼ାନ୍ତ କରିଛନ୍ତି ସରକାର । ଅଣ ଆଦିବାସୀ ଅଞ୍ଚଳରେ ଥିବା ପଞ୍ଚାୟତକୁ ପୂର୍ବରୁ ବାର୍ଷିକ ୭ରୁ ୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏସଏଫ୍‌ସି ବା ରାଜ୍ୟ ସରକାରଙ୍କ ସୂତ୍ରରୁ ପାଣ୍ଠି ମିଳୁଥିଲା । କିନ୍ତୁ ଏହାକୁ ଦୁଇ ଗୁଣା ବଢ଼ାଇ ଦିଆଯାଇଛି । ୫ହଜାର ପର୍ଯ୍ୟନ୍ତ ଜନସଂଖ୍ୟା ରହୁଥିବା ପଞ୍ଚାୟତକୁ ବାର୍ଷିକ ୧୪ ଲକ୍ଷ ୩୯ ହଜାର ୮୨୧ ଟଙ୍କାର ଅନୁଦାନ ମିଳିବ । ୨୦୨୬-୨୭ରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବର୍ଷକୁ ଏହି ହିସାବରେ ପାଣ୍ଠି ଦିଆଯିବ । ଏବେ ୫ ହଜାର ପର୍ଯ୍ୟନ୍ତ ଜନସଂଖ୍ୟା ଥିବା ମୋଟ ୨୨୪୬ ପଞ୍ଚାୟତ ଅଛନ୍ତି । ଏହି ସବୁ ପଞ୍ଚାୟତକୁ ବର୍ଷକୁ ମୋଟ ୩୩୪ କୋଟି ୬୧ଲକ୍ଷ ୩୭ ହଜାର ଟଙ୍କାର ପାଣ୍ଠି ମିଳିବ । ୫୦୦୧ରୁ ୭୫୦୦ ଜନସଂଖ୍ୟା ରହୁଥିବା ପଞ୍ଚାୟତକୁ ରାଜ୍ୟ ସରକାର ବାର୍ଷିକ ୧୭ ଲକ୍ଷ ୮୭ ହଜାର ଟଙ୍କାର ପାଣ୍ଠି ଦେବେ । ଏହି ବର୍ଗରେ ମୋଟ ୧୮୩୯ଟି ପଞ୍ଚାୟତ ଆସୁଛନ୍ତି । ରାଜ୍ୟ ସରକାର ଏ ସବୁ ପଞ୍ଚାୟତ ପାଇଁ ବର୍ଷକୁ ମୋଟ ୩୨୮ କୋଟି ୭୭ ଲକ୍ଷ ୩୬ ହଜାର ଟଙ୍କାର ପାଣ୍ଠି ଯୋଗାଇବେ । ୭୫୦୧ରୁ ୧୦ ହଜାର ଜନସଂଖ୍ୟା ବିଶିଷ୍ଟ ପଞ୍ଚାୟତକୁ ବାର୍ଷିକ ୧୯ ଲକ୍ଷ ୨୦ ହଜାର ୯୩୭ ଟଙ୍କାର ଅନୁଦାନ ମିଳିବ । ଏହି ବର୍ଗରେ ଆସୁଥିବା ୫୩୧ ପଞ୍ଚାୟତକୁ ବର୍ଷକୁ ମୋଟ ୧୦୨ କୋଟି ଟଙ୍କାର ପାଣ୍ଠି ଦିଆଯିବ । ୧୦ହଜାରରୁ ଅଧିକ ଜନସଂଖ୍ୟା ଥିବା ୫୦ଟି ପଞ୍ଚାୟତକୁ ୨୨ ଲକ୍ଷ ୩୪ ହଜାର ଟଙ୍କା ଲେଖାଏଁ ପାଣ୍ଠି ମିଳିବ । ଏ ବାବଦରେ ମୋଟ ୧୧ କୋଟି ୧୭ଲକ୍ଷ ଟଙ୍କାର ଅନୁଦାନ ଦିଆଯିବ । ଅଣ ଆଦିବାସୀ ଅଞ୍ଚଳରେ ଥିବା ମୋଟ ୪୬୬୬ ପଞ୍ଚାୟତକୁ ୭୭୬ କୋଟି ୫୬ଲକ୍ଷ ଟଙ୍କାର ଅନୁଦାନ ମିଳିବ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ଟ୍ରାଇବାଲ ସବ୍ ପ୍ଲାନ୍ (ଟିଏସପି) ପଞ୍ଚାୟତ ପାଇଁ ମଧ୍ୟ ଅଧିକ ପାଣ୍ଠିର ବ୍ୟବସ୍ଥା ହୋଇଛି । ୫ହଜାର ଜନସଂଖ୍ୟା ବିଶିଷ୍ଟ ଟିଏସ୍‌ପି ପଞ୍ଚାୟତ ପାଇଁ ୧୯ ଲକ୍ଷ ୩୬ ହଜାର ୨୧୮ କୋଟି ୨୭ ଲକ୍ଷ ଟଙ୍କାର ଅନୁଦାନ ରାଶି ମିଳିବ । ୫୦୦୧ରୁ ୭୫୦୦ ପଞ୍ଚାୟତ ବିଶିଷ୍ଟ ୭୧୭ଟି ଟିଏସ୍‌ପି ପଞ୍ଚାୟତକୁ ବର୍ଷକୁ ୨୩ଲକ୍ଷ ୨୪ ହଜାର ଲେଖାଏଁ ପାଣ୍ଠି ମିଳିବ । ଏ ବାବଦରେ ରାଜ୍ୟ ସରକାର ମୋଟ ୧୬୬ କୋଟି ୬୩ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇବେ । ୭୫୦୧ରୁ ୧୦ହଜାର ଜନସଂଖ୍ୟା ବିଶିଷ୍ଟ ପଞ୍ଚାୟତକୁ ୨୪ ଲକ୍ଷ ୯୮ହଜାର ଓ ୧୦ହଜାର ଜନସଂଖ୍ୟାରୁ ଅଧିକ ପଞ୍ଚାୟତକୁ ୨୯ ଲକ୍ଷ ୫ହଜାର ଟଙ୍କା ଲେଖାଏଁ ପାଣ୍ଠି ମିଳିବ । ଆଂକାକ୍ଷୀ ବ୍ଲକ୍‌କୁ ବର୍ଷକୁ ୧୦ ଲକ୍ଷ ୬୩ ହଜାର ଲେଖାଏଁ ପାଣ୍ଠି ଦିଆଯିବ । ଅନ୍ୟ ସବୁ ବ୍ଲକ୍‌କୁ ବାର୍ଷିକ ୮ ଲକ୍ଷ ୮୫ ହଜାର ଟଙ୍କାର ପାଣ୍ଠି ମିଳିବ । ସେହିଭଳି ଜିଲ୍ଲା ପରିଷଦ ପାଇଁ ଏସଏଫ୍‌ସି ପାଣ୍ଠିରୁ ବାର୍ଷିକ ମୋଟ ୨୦୩ କୋଟି ଟଙ୍କା ମିଳିବ । ଏହି ପାଣ୍ଠି ମିଳିବା ପାଇଁ ଅନେକ କଡ଼ା ସର୍ତ୍ତ ରହିଛି । ପୂର୍ବରୁ ଚତୁର୍ଥ ଓ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଅଧୀନରେ ପଞ୍ଚାୟତକୁ ମିଳିଥିବା ସବୁ ଟଙ୍କା ଖର୍ଚ୍ଚ କରିଥିଲେ ହିଁ ଚଳିତ ଆର୍ଥିକ ବର୍ଷ ପାଇଁ ନୂଆ ପାଣ୍ଠି ମିଳିବ ବୋଲି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ରଖାଯାଇଛି । ପୁଣି ଏସଏଫସି ପାଣ୍ଠିରୁ କୌଣସି ଧାର୍ମିକ କାମ, ମେଳା, ନୂଆ ଗାଡ଼ି କିଣି ପାରିବେନି । ଏହି ଅନୁଦାନରୁ ଦେଇହେବନି ବୋଲି ବିଭାଗ ସ୍ପଷ୍ଟ କରିଛି । ଜଳବାୟୁ ସହନଶୀଳ ପାଇଁ ପ୍ରକଳ୍ପ ହାତକୁ ନେଇହେବ । ଗ୍ରୀନ ବିଲ୍ଡିଂ, ଅକ୍ଷୟ ଶକ୍ତି, ଜଳାଶୟର ପୁନରୁଦ୍ଧାର କାମ କରିହେବ । ସେପଟେ କିନ୍ତୁ ପଞ୍ଚାୟତକୁ ମିଳିବାକୁ ଥିବା କେନ୍ଦ୍ରୀୟ ପାଣ୍ଠିରେ ଓଡ଼ିଶା କ୍ଷତି ସହିବ । କେନ୍ଦ୍ରୀୟ ଷୋଡ଼ଶ ଅର୍ଥ କମିଶନଙ୍କ ନୂଆ ଫର୍ମୁଲା ଅନୁସାରେ ଗତବର୍ଷ ତୁଳନାରେ ଓଡ଼ିଶା ପ୍ରାୟ ୫୨୯ କୋଟି ଟଙ୍କା ହରାଇବାର ଆଶଙ୍କା ଅଛି ।

ସାର କଳାବଜାରକୁ ରୋକିବାକୁ ସରକାରଙ୍କ ବଡ଼ ପଦକ୍ଷେପ

ରାଜ୍ୟ ଓ ଜିଲ୍ଲାସ୍ତରରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ଗଠନ

ଭୁବନେଶ୍ୱର(ବ୍ୟୁରୋ): ସାର କଳାବଜାରୀ ରୋକିବାକୁ ସରକାରଙ୍କ ବଡ଼ ପଦକ୍ଷେପ । ରାଜ୍ୟରେ ବର୍ତ୍ତମାନ ୧ ଲକ୍ଷ ୩୭ ହଜାର ୨୦୨ ଟନ୍ ସାର ମହଜୁଦ ରହିଛି । ମୋଟ୍ ମହଜୁଦରୁ ୨ ଲକ୍ଷ ୬ ହଜାର ୩୬୮ ଟନ୍ ସାର ଚଇଉଏ (ପ୍ରାଥମିକ କୃଷି ସମବାୟ ସମିତି) କୁ ଏବଂ ୧୪୨୬ ଟନ୍ ସାର ଡିଲରମାନଙ୍କୁ ପ୍ରଦାନ କରାଯାଇଛି । କେବଳ ମାର୍କଫେଡ୍ ପାଖରେ ୨୯ ହଜାର ଟନ୍ ସାର ମହଜୁଦ ରହିଛି । କଳାବଜାରୀ ଏବଂ ନକଲି ସାର ବିକ୍ରିକୁ ରୋକିବା ପାଇଁ ରାଜ୍ୟ ଓ ଜିଲ୍ଲା ସ୍ତରରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଛି । ଆଗାମୀ କୃଷି ଋତୁକୁ ଦୃଷ୍ଟିରେ ରଖି ରାଜ୍ୟରେ ସାରର ଅଭାବ ଯେପରି ନହୁଏ, ସେଥିପାଇଁ ସରକାର ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ରାଜ୍ୟରେ ବର୍ତ୍ତମାନ ୧ ଲକ୍ଷ ୩୭ ହଜାର ୨୦୨ ଟନ୍ ସାର ସୁରକ୍ଷିତ ଭାବେ ମହଜୁଦ ରହିଛି । ଚାଷୀମାନଙ୍କୁ ସହଜରେ ସାର ଯୋଗାଇଦେବା ପାଇଁ ସମବାୟ ସମିତି ଏବଂ ଡିଲରମାନଙ୍କ ଜରିଆରେ

ବଣ୍ଟନ ଜାରି ରହିଛି । ଚାଷୀମାନେ ଯେପରି ସମୟ ମଧ୍ୟରେ ଏବଂ ସଠିକ୍ ଦରରେ ସାର ପାଇପାରିବେ, ସେଥିପାଇଁ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି । ସାରର କୃତ୍ରିମ ଅଭାବ ସୃଷ୍ଟି ଏବଂ କଳାବଜାରୀକୁ ସମ୍ପୂର୍ଣ୍ଣ ରୂପେ ପ୍ରତିହତ କରିବା ପାଇଁ ସରକାର ଅତି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇ ବଜାର ଉପରେ କଡ଼ା ନଜର ରଖାଯାଇଛି । ଯଦି କେହି ବ୍ୟକ୍ତି କିମ୍ବା ବ୍ୟବସାୟୀ ସାର କଳାବଜାରୀ କରୁଥିବା ଧରାପଡ଼ନ୍ତି, ତେବେ ସେମାନଙ୍କ ବିରୁଦ୍ଧରେ ଆଇନଗତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବଜାରରେ ନକଲି ସାର ବିକ୍ରି ହେଉଥିବା ନେଇ କୌଣସି ଅଭିଯୋଗ ନଜରକୁ ଆସିଲେ, ତୁରନ୍ତ ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

ମହାଦେବଙ୍କୁ ଜଳଲାଗି କରୁଛନ୍ତି କାଉଡିଆ

ଭୁବନେଶ୍ୱର(ବ୍ୟୁରୋ): ସୋମବାର ଶ୍ରାବଣ ମାସର ଦ୍ୱିତୀୟ ସୋମବାର । ଜଳାଭିଷେକ ଲାଗି ଶିବାଳୟରେ ରାତିରୁ ଲାଗିଛି କାଉଡ଼ିଆଙ୍କ ଧାଡ଼ି । ଶ୍ରୀଲିଙ୍ଗରାଜ, ଶ୍ରୀଲୋକନାଥ ପୀଠ ସମେତ ରାଜ୍ୟର ପ୍ରମୁଖ ଶିବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଏକାମ୍ର କ୍ଷେତ୍ରାଧିପତି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ରାତିରୁ ଲାଗିଛି କାଉଡିଆଙ୍କ ଲମ୍ବା ଧାଡ଼ି । ସେହିପରି ଭୋଗରାଇ ବାବା ଚନ୍ଦନେଶ୍ୱରଙ୍କ ପୀଠରେ ଜଳାଭିଷେକ କରୁଛନ୍ତି ଲକ୍ଷାଧିକ କାଉଡ଼ିଆ । ଭୋର ୪ ଟାରୁ ବାବାଙ୍କ ଦ୍ୱାରଫିଟା ନୀତିକାନ୍ତି ପରେ ଜଳାଭିଷେକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ନୟାଗଡର ପ୍ରସିଦ୍ଧ ଶୈବକ୍ଷେତ୍ର ଲତୁବାବାଙ୍କ ପୀଠରେ ଆଜି ଶହ ଶହ କାଉଡିଆ ଜଳଲାଗି କରୁଛନ୍ତି । ରାତି ୩ଟାରେ ମନ୍ଦିର ଖୋଲାଯିବା ପରେ ଠାକୁରଙ୍କ ନିତାକାନ୍ତି କରାଯାଇ ୪ଟା ରାତିରୁ ଜଳଲାଗି ଆରମ୍ଭ ହୋଇଛି । କାଉଡିଆମାନେ କଣ୍ଟିଲୋ , କଟକ ଓ ରାଜ୍ୟର ବିଭିନ୍ନ ନଦୀରୁ ପାଣି ଆଣି ମାନସିକ ପୂରଣ ପାଇଁ ଲତୁବାବାଙ୍କ ମସ୍ତକରେ ଜଳଲାଗି କରୁଛନ୍ତି । ସୋମବାର ଶିବାଳୟରେ ଗୁଡ଼ିକରେ ଅସମ୍ଭାଳ ଭିଡ଼କୁ ଦୃଷ୍ଟିକୁ ଦେଖି କାଉଡ଼ିଆଙ୍କ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି ବ୍ୟବସ୍ଥା କରାଯାଇଛି ।

ଦିନ ଦିପହରରେ ରାଜରାସ୍ତାରେ ଯୁବକଙ୍କୁ ଖଣ୍ଡାଚୋଟ

୨ ଅଭିଯୁକ୍ତ ଗିରଫ, ୨ ଖଣ୍ଡା ଜବତ

ଭୁବନେଶ୍ୱର(ବ୍ୟୁରୋ): ରବିବାର ସକାଳେ ହେଲା ପାଟିତୁଣ୍ଡ। ଦେଖାଦେଖି ହେବେ ବୋଲି ଉଭୟ ଗୋଷ୍ଠୀ ପରସ୍ପରକୁ ଟକର ଦେଲେ। ସତକୁ ସତ ମାତ୍ର ୨/୩ଘଣ୍ଟା ପରେ ଗୋଟିଏ ପକ୍ଷ ଅପରପକ୍ଷର ଜଣଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣି ପକାଇଲେ। ଦିନ ଦିପହରେ ରାଜଧାନୀର ରାଜରାସ୍ତାରେ ଘଟିଗଲା ଦୁର୍ବୃତ୍ତମାନଙ୍କ ଭୟଙ୍କର କାଣ୍ଡ। ସୌଭାଗ୍ୟକୁ ଖଣ୍ଡା ଚୋଟରେ ଗୁରୁତର ସତ୍ୟଜିତ ବରାଳ ବଡ଼ ଅଘଟଣରୁ ବର୍ତ୍ତି ଯାଇଛନ୍ତି। ସେହିଭଳି ବଡ଼ଗଡ଼ ଥାନା ପୁଲିସ ୨ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବଡ଼ଗଡ଼ ଥାନା ପଦାସାହିର ନିହାର ସିଂହ(୧୯) ଓ ଆଶୁତୋଷ ପାତ୍ର(୧୯)। ସେମାନଙ୍କଠାରୁ ପୁଲିସ ୨ଟି ଖଣ୍ଡା ଜବତ କରିଛି। ଏହି ମାମଲାରେ ସମ୍ପୃକ୍ତ ନିହାରର ୪ ସାଙ୍ଗ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଗିରଫ କରିବାକୁ ବଡ଼ଗଡ଼ ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଘଟଣାଟି ଆଜି ରାଜଧାନୀର ବିଗିଡ଼ିଯାଇଥିବା ଆଇନଶୃଙ୍ଖଳା ସ୍ଥିତିର ଏକ ନଗ୍ନ ନମୁନା ବୋଲି ଚର୍ଚ୍ଚା ହେଉଛି। କିଶୋର ବୟସରୁ ଅଳ୍ପ ଦିନ ହେଲା ଯୁବକ ଅବସ୍ଥାକୁ ଆସିଥିବା

ନିହାର ଓ ଆଶୁତୋଷଙ୍କ ଭଳି ପିଲାମାନେ ଖଣ୍ଡା ଧରି ଦିନ ଦିପହରରେ ରାଜରାସ୍ତାରେ ଏଭଳି କାଣ୍ଡ ଭିଆଇ ପାରୁଥିବାରୁ ପୁଲିସ ପ୍ରତି ଅପରାଧୀମାନଙ୍କର ଆଦୌ ଭୟ ନାହିଁ ବୋଲି ଚର୍ଚ୍ଚା ଜୋର ଧରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବାଙ୍କୁଆଳ ମହୁଲପଡ଼ାସାହି ଅଞ୍ଚଳର ସତ୍ୟଜିତ୍‌ଙ୍କ ସହ ବଡ଼ଗଡ଼ ପଦାସାହି ଅଞ୍ଚଳର ନିହାର, ଆଶୁତୋଷଙ୍କ ଭିତରେ ବିବାଦ ଲାଗି ରହିଥିଲା। ବହୁ ସମୟରେ ସେମାନଙ୍କ ଭିତରେ ଟକରାଟକରି ଚାଲିଥିଲା। ଆଜି ସକାଳ ପ୍ରାୟ ୧୦ଟା ବେଳେ ପୁରୀ ଜାତୀୟ ରାଜପଥରେ ସତ୍ୟଜିତ୍ ଓ ନିହାର ମଧ୍ୟରେ ପୁଣି ପାଟିତୁଣ୍ଡ ହୋଇଥିଲା। ଏହାପରେ ସେମାନେ ପୂର୍ବ ଭଳି ପରସ୍ପରକୁ ଧମକ ଦେଇ ସେଠାରୁ ପଳାଇଥିଲେ। ଏଥିରେ ନିହାର ବେଶ୍ ଉତ୍ତେଜିତ ହୋଇପଡ଼ିଥିଲା ଏବଂ ଆଜି ହିଁ ସତ୍ୟଜିତ୍‌କୁ ପାନେ ଦେବାକୁ ଯୋଜନା କରିଥିଲା। ଏନେଇ ସେ ତା'ର ସାଙ୍ଗ ଆଶୁତୋଷ ଓ ଅନ୍ୟ ୪ଜଣଙ୍କୁ ଡାକି ଯୋଜନା କରିଥିଲା। ଆଜି ହିଁ ସତ୍ୟଜିତକୁ ଆକ୍ରମଣ କରାଯିବ ବୋଲି ସ୍ଥିର ହୋଇଥିଲା। ଯୋଜନା ଅନୁସାରେ ନିହାର ଉକ୍ତ ଅଞ୍ଚଳରେ ଘୂରି ବୁଲିଲା ଏବଂ ସତ୍ୟଜିତକୁ ଠାବ କରିବାକୁ ଛକି ରହିଲା। ଅପରାହ୍ନ ପ୍ରାୟ ସାଢ଼େ ୧୨ଟା ବେଳେ ସତ୍ୟଜିତ୍ ଓ ତା'ର ଜଣେ ସାଙ୍ଗ ହୋଟେଲ୍ ଦେଶୀ ଆଡିକ୍ଟ ନିକଟରେ ଥିବା ନିହାର ଦେଖିଥିଲା। ତୁରନ୍ତ ସେ ସାଙ୍ଗମାନଙ୍କୁ ଫୋନ୍‌କଲା। ମାତ୍ର କେଇ ମିନିଟ୍ ଭିତରେ ଆଶୁତୋଷ ଓ ଅନ୍ୟ ୪ଜଣ ୩ଟି ବାଇକ୍‌ରେ ପହଞ୍ଚିଥିଲେ। ସେମାନେ ଖଣ୍ଡା ଧରି ଆସିଥିଲେ। ସତ୍ୟଜିତ୍ କିଛି ବୁଝିବା ପୂର୍ବରୁ ସେମାନେ ତାଙ୍କୁ ଅତର୍କିତ ଆକ୍ରମଣ କଲେ। ଜୀବନ ବିକଳରେ ସତ୍ୟଜିତ ଧାଇଁଥିଲେ ବି ଅଭିଯୁକ୍ତମାନଙ୍କ ଖଣ୍ଡା ଚୋଟରୁ ବର୍ତ୍ତି ପାରିନଥିଲେ। ନିହାରର ଖଣ୍ଡା ପାହାରରେ ତାଙ୍କର ଗୋଟିଏ ହାତ ଓ ପିଠିରେ ଗଭୀର କ୍ଷତ ହୋଇଥିଲା। ଘଟଣା ବେଳେ ବହୁ ଲୋକ ଦେଖୁଥିଲେ ହେଁ ଖଣ୍ଡାଧାରୀ ଦୁର୍ବୃତ୍ତମାନଙ୍କ ଆଗକୁ ଯାଇ ରୋକିବାକୁ କାହାର ହୁ ନଥିଲା। ସତ୍ୟଜିତ ରକ୍ତାକ୍ତ ହୋଇ ତଳ

ଉଗ୍ରରୂପ ନେଲା ଝାଡ଼ଖଣ୍ଡ ଛାତ୍ର ଆନ୍ଦୋଳନ

ବିଧାନସଭାକୁ ଧସେଇ ପଶିଲେ ଶିକ୍ଷାର୍ଥୀ

- ପୋଲିସ୍‌ର ଘନଘନ ଲାଠି ମାଡ଼
- ପରୀକ୍ଷାରେ ଅନିୟମିତତାର ତଦନ୍ତ ଦାବି

ନୂଆଦିଲ୍ଲୀ,୧୦।୮: ଦୀର୍ଘଦିନ ଧରି ଝାରଖଣ୍ଡରେ ଚାଲିଥିବା ଛାତ୍ର ଆନ୍ଦୋଳନ ଆଜି ଉଗ୍ର ରୂପ ନେଇଛି । ପୁଲିସ୍‌ର କଡ଼ା କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ରାଞ୍ଚି ସ୍ଥିତ ଝାରଖଣ୍ଡ ବିଧାନସଭା ପରିସରରେ ଧସେଇ ପଶିଛନ୍ତି ଶିକ୍ଷାର୍ଥୀ । ବିକ୍ଷୋଭକାରୀଙ୍କୁ ରୋକିବାକୁ ପୁଲିସ୍ ଅନେକ ବ୍ୟାରିକେଡ ଲଗାଇଥିଲା । ସେହିପରି ଭିଡ଼ ଘଉଡ଼ାଇବାକୁ ପୁଲିସ୍ ପାଣି ମାଡ଼ ମଧ୍ୟ କରିଥିଲା । ଏହା ସତ୍ତ୍ୱେ ଅନେକ ବିକ୍ଷୋଭକାରୀ ବିଧାନସଭା ଭିତରେ ପଶିବାକୁ ସକ୍ଷମ ହୋଇଛନ୍ତି । ଏଥିପାଇଁ ପୁଲିସ୍ ପକ୍ଷରୁ କିଛି ସ୍ଥାନରେ ଲାଠିଚାର୍ଜ ମଧ୍ୟ କରାଯାଇଛି । ଏହାର ପ୍ରତିବାଦରେ ଶିକ୍ଷାର୍ଥୀମାନେ ଏବେ ବିଧାନସଭା ନିକଟ ମୁଖ୍ୟ ରାସ୍ତାରେ ବସି ଆନ୍ଦୋଳନ ଆରମ୍ଭ କରି ଦେଇଛନ୍ତି । ବିକ୍ଷୋଭକାରୀମାନେ ବିଧାନସଭା ପରିସରରେ ପ୍ରବେଶ କରିଥିଲେ ହେଁ ଗୃହ କାର୍ଯ୍ୟ ସ୍ୱାଭାବିକ ଚାଲିଥିବା ଜଣାପଡ଼ିଛି । ପୁଲିସ୍ ବିକ୍ଷୋଭକାରୀଙ୍କୁ ବିଧାନସଭା ପରିସରରୁ ବାହାର କରିବାକୁ ଚାହୁଁଥିବା ବେଳେ ତୀବ୍ର ଉତ୍ତେଜନା ଲାଗି ରହିଛି । ପ୍ରଶ୍ନପତ୍ର ଲିକ୍ ଓ ପ୍ରବେଶିକା ପରୀକ୍ଷାରେ ସଂସ୍କାର ଦାବି କରି ହଜାର ହଜାର ଶିକ୍ଷାର୍ଥୀ ଆଜି ଝାରଖଣ୍ଡ ବିଧାନସଭା ଅଭିମୁଖେ ଶୋଭାଯାତ୍ରା ଆରମ୍ଭ କରିଛନ୍ତି। ନିଯୁକ୍ତି ପରୀକ୍ଷାରେ ସଂସ୍କାର ସହ ଅନିୟମିତତାର ତଦନ୍ତ ଦାବିରେ ସେମାନେ ଆନ୍ଦୋଳନ କରୁଛନ୍ତି । ଆନ୍ଦୋଳନକାରୀମାନେ ବ୍ୟାରିକେଡ୍ ଭାଙ୍ଗି ଝାରଖଣ୍ଡ ବିଧାନସଭା ଆଡ଼କୁ ଯାଉଥିବା ବେଳେ ପୁଲିସ ସେମାନଙ୍କ ଉପରକୁ ପାଣି ମାଡ଼ କରିଛି । ପାଣିର ଜୋରଦାର ଧାର ମାଡ଼ ହେବା ପରେ ଶିକ୍ଷାର୍ଥୀମାନେ ପଛକୁ ହଟି ନଥିଲେ, ବରଂ ସେମାନେ ସେଠାରେ ନାଚିବା ଆରମ୍ଭ କରିଥିଲେ । ଏହାପୂର୍ବରୁ ବିହାରରେ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା । ଶିକ୍ଷାର୍ଥୀମାନେ ପାଣି ମାଡ଼ ହେବା ପରେ ଖୁସିରେ ନାଚିବାକୁ ଲାଗିଥିଲେ । ଏବେ ଝାରଖଣ୍ଡରେ ଏହାର ପୁନରାବୃତ୍ତି ଘଟିଛି । ନିଯୁକ୍ତି ପରୀକ୍ଷାରେ ସଂସ୍କାର ସହ ଅନିୟମିତତାର ତଦନ୍ତ ଦାବିରେ ୯ ଦିନ ହେଲା ଅନଶନ କରୁଥିବା ଛାତ୍ର ନେତା ଦେବେନ୍ଦ୍ରନାଥ ମାହତୋ ମଧ୍ୟ ଆଜି ବିକ୍ଷୋଭ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ସେ ଅନଶନ ଯୋଗୁ ଅତ୍ୟନ୍ତ ଦୁର୍ବଳ ହୋଇଯାଇଥିବାରୁ ଅନେକ ଛାତ୍ରମାନେ ତାଙ୍କୁ କାନ୍ଧରେ ବସାଇ ବିଧାନସଭା ଅଭିମୁଖେ ନେଇଛନ୍ତି । ଏହି ସମୟରେ ଦେବେନ୍ଦ୍ର ଆନ୍ଦୋଳନକାରୀଙ୍କୁ କହିଛନ୍ତି ଯେ କେହି ବି ପୁଲିସ ସହ ଯୁକ୍ତିତର୍କ କିମ୍ବା ମାରପିଟ କରିବେ ନାହିଁ। ପୁଲିସ୍ ଯଦି କୌଣସି ସ୍ଥାନରେ ଅଟକାଇବ, ତା'ହେଲେ ଶୃଙ୍ଖଳିତ ଭାବରେ ବିଧାନସଭାରେ ପହଞ୍ଚିବା ପାଇଁ ନୂଆ ରାସ୍ତା ଖୋଜିବାକୁ ସେ ବିକ୍ଷୋଭକାରୀଙ୍କୁ କହିଛନ୍ତି ।

ଜେପିଏସ୍‌ସିର ପୂର୍ବତନ ଅଧ୍ୟକ୍ଷ ଗିରଫ

ଝାରଖଣ୍ଡରେ ପ୍ରଶ୍ନପତ୍ର ଲିକ ଓ ପରୀକ୍ଷା ଅନିୟମିତତାକୁ ନେଇ ଛାତ୍ର ଆନ୍ଦୋଳନ ଉଗ୍ର ରୂପ ନେଇଛି । ବିକ୍ଷୋଭକାରୀମାନେ ଆଜି ବିଧାନସଭା ଆଡ଼କୁ ଯାଉଥିବା ବେଳେ ପୁଲିସ୍ ସେମାନଙ୍କ ଉପରେ ପାଣି ମାଡ଼ କରିବା ସହ ଲାଠି ଚାର୍ଜ କରିଛି । ଏହାକୁ ନେଇ ତୀବ୍ର ଉତ୍ତେଜନା ଲାଗି ରହିଥିବା ବେଳେ ଗିରଫ ହୋଇଛନ୍ତି ଝାରଖଣ୍ଡ ପ୍ରଶାସନିକ ସେବା କମିଶନ(ଜେପିଏସ୍‌ସି)ର ପୂର୍ବତନ ଅଧ୍ୟକ୍ଷ ଏଲ ଖିଆଙ୍ଗତେ। ତାଙ୍କୁ ରାଜ୍ୟ ସିଆଇଡି ଗିରଫ କରିଛି। ଜେପିଏସ୍‌ସିର ୧୪ତମ ସିଭିଲ୍ ସର୍ଭିସ୍ ପରୀକ୍ଷାକୁ ନେଇ ଉଠିଥିବା ଅନିୟମିତତା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। କଳା ତାଲିକା ଭୁକ୍ତ ହୋଇଥିବା କମ୍ପାନୀ ଟିଟିପିଏଲକୁ ଜେପିଏସସିର ୧୪ତମ ସିଭିଲ୍ ସର୍ଭିସ୍ ପରୀକ୍ଷା ପରିଚାଳନା ପାଇଁ କାହିଁକି ଅନୁମତି ଦିଆଯାଇଥିଲା ବୋଲି ପ୍ରଶ୍ନ ଉଠିଥିଲା। ଏହାକୁ ନେଇ ଖିଆଙ୍ଗତେ ବିବାଦ ମଧ୍ୟକୁ ଆସିଥିଲେ। ଅଧ୍ୟକ୍ଷ ହେବା ପୂବଆରୁ ଖିଆଙ୍ଗତେ ଝାରଖଣ୍ଡର ମୁଖ୍ୟ ସଚିବ ଥିଲେ। ମୁଖ୍ୟ ସଚିବ ଭାବେ ଅବସର ନେବା ପରେ ରାଜ୍ୟ ସରକାର ତାଙ୍କୁ ଜେପିଏସ୍‌ସିର ଅଧ୍ୟକ୍ଷ କରିଥିଲେ। ହେଲେ ୧୪ତମ ଜେପିଏସ୍‌ସି ପରୀକ୍ଷାକୁ ନେଇ ବିବାଦ ସୃଷ୍ଟି ହେବାରୁ ଜୁଲାଇ ୨୨ରେ ସେ ଏହାର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ନିରପେକ୍ଷ ତଦନ୍ତ କଥା କହି ସେ ପଦ ଛାଡ଼ିଥିଲେ।

ଛାତ୍ରଙ୍କ ଉପରେ ଲାଠିଚାର୍ଜ ପ୍ରସଙ୍ଗ

ଲୋକସଭାରେ ଉତ୍ତର ରଖିବେ ଶାହ



ସଂସଦର ମୌସୁମୀ ଅଧିବେଶନରେ ଗୃହକାର୍ଯ୍ୟ ଲଗାତାର ପ୍ରଭାବିତ ହେବାରେ ଲାଗିଛି। ଗତ କିଛି ଦିନ ହେବ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଗୃହରେ ଛାତ୍ରଙ୍କ ଉପରେ ଲାଠିଚାର୍ଜ ସମ୍ପର୍କିତ ମାମଲା ଉପରେ ବୟାନ ଦେବା ପାଇଁ ଦାବି ହେଉଛି। ଏହି କାରଣରୁ ଲୋକସଭାରେ ଚାଲି ପାରୁନି ଗୃହକାର୍ଯ୍ୟ। ଏବେ କୁହାଯାଉଛି ଯେ, ଗୃହମନ୍ତ୍ରୀ ଲାଠିଚାର୍ଜ ପ୍ରସଙ୍ଗ ଉପରେ ଜବାବ୍ ଦେବାକୁ ପ୍ରସ୍ତୁତ ହୋଇଯାଇଛନ୍ତି। ସେ ଲୋକସଭାରେ ଏହାର ଜବାବ୍ ଦେବେ। କୁହାଯାଉଛି ଯେ, ବାଚସ୍ପତି ଖୁବ୍ ଶୀଘ୍ର ଗୃହମନ୍ତ୍ରୀଙ୍କ ବୟାନ ଦେବାର ସମୟସୀମା ଧାର୍ଯ୍ୟ କରିବେ। ସଂସଦର ମୌସୁମୀ ଅଧିବେଶନକୁ ବାରମ୍ବାର ପ୍ରଭାବିତ କରିବା ନେଇ ବିରୋଧି ସାଂସଦଙ୍କୁ କେନ୍ଦ୍ରମନ୍ତ୍ରୀ କିରେନ ରିଜିଜୁ କଡା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ସରକାରଙ୍କ ପକ୍ଷରୁ ଖୁବ୍ ସ୍ପଷ୍ଟ ଭାବରେ କୁହାଯାଇଛି ଯେ, ଛାତ୍ରଙ୍କ ଆନ୍ଦୋଳନ ଓ ସେ ସମ୍ପର୍କିତ ସବୁ ମାମଲା ଉପରେ ସରକାର ବିସ୍ତାର ଭାବରେ ଚର୍ଚ୍ଚା ପାଇଁ ପ୍ରସ୍ତୁତ ଅଛନ୍ତି।' ରିଜିଜୁ କହିଛନ୍ତି, ମୋର ବିରୋଧିଙ୍କୁ ଅନୁରୋଧ, ଯେତେବେଳେ ସରକାର ଛାତ୍ର ଆନ୍ଦୋଳନକୁ ନେଇ ଚର୍ଚ୍ଚା କରିବାକୁ ପ୍ରସ୍ତୁତ, ସେତେବେଳେ ଆପଣ ଚର୍ଚ୍ଚା ସମୟରେ ହଙ୍ଗାମା କରିବେନି। ସରକାରଙ୍କ ଜବାବ୍ ସମ୍ପୂର୍ଣ୍ଣ ଭାବରେ ଶାନ୍ତିର ସହ ଶୁଣିବେ। ବିରୋଧୀଙ୍କୁ ଏହାର ଭରସା ଦେବାକୁ ପଡିବ, ସେମାନେ ବିତର୍କ ବେଳେ ହଙ୍ଗାମା କିମ୍ବା ପଳାୟନ କରିବେନି। ସରକାର ଚର୍ଚ୍ଚା କରିବାକୁ ପ୍ରସ୍ତୁତ, କିନ୍ତୁ କଂଗ୍ରେସ, ସମାଜବାଦୀ ପାର୍ଟି ଓ ବିରୋଧି ଦଳଙ୍କ ଭିତରେ ମତଭେଦ ରହିଛି। କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷମଲ୍ଲିକାର୍ଜୁନ ସୋମବାର ପୁଣିଥରେ ଅମିତ ଶାହ ଗୃହରେ ମନ୍ତବ୍ୟ ଦେବା ନେଇ ଦାବି କରିଛନ୍ତି। ସେ କହିଛନ୍ତି, ୧୭ ଦିନ ହେବ ଆମେ ପୁରା ଚେଷ୍ଟା କରୁଛୁ ସେ ଗୃହକୁ ଆସି ପିଲାଙ୍କ ସହ ହୋଇଥିବା ଅନ୍ୟାୟ ଉପରେ ବୟାନ ଦିଅନ୍ତୁ। କିନ୍ତୁ 'ଆପଣ ଗୃହକୁ ଅଣଦେଖା କରୁଛନ୍ତି, ଏହାର ଅର୍ଥ ହେଉଛି ଯେଉଁମାନେ ଆପଣଙ୍କୁ ନିର୍ବାଚିତ କରି ସଂସଦ ପଠାଇଛନ୍ତି, ଆପଣ ତାଙ୍କର ଅପମାନ କରୁଛନ୍ତି।

ଚୁଟ୍‌କୀରେ...

ପାକିସ୍ତାନ ପାଇଁ କାଳ 'ହାରାମୀ' ନାଳ
ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବ ଭାରତ

ନୂଆଦିଲ୍ଲୀ,୧୦।୮: ହାରାମୀ ନାଳ । ପୁଣି କେହି କେହି ଏହାକୁ ଧୋକାବାଜ ନାଳ ବୋଲି କୁହନ୍ତି । ମଣିଷ ହାରାମୀ ହୋଇପାରେ । କିନ୍ତୁ ନାଳ .. କେବେଠାରୁ ହାରାମୀ ହେଲା... ଭାରତ-ପାକିସ୍ତାନ ସୀମାରେ ଏମିତି ଗୋଟିଏ ନାଳ ଅଛି, ଯାହାକୁ ଦୁଇ ଦେଶ.. ହାରାମୀ ନାଳ ବୋଲି କୁହନ୍ତି । ଧୋକାବାଜ ନାଳ ବୋଲି କୁହନ୍ତି । ଏବେ ସେହି ନାଳ ପାକିସ୍ତାନ ପାଇଁ ଚିନ୍ତାର କାରଣ ପାଲଟିଛି । କାହିଁକି ଓ କେମିତି ଜାଣିବା ପାଇଁ ଭିଡିଓକୁ ପୁରା ଦେଖନ୍ତୁ । ପାକିସ୍ତାନର ଚାଲୁ ମାତ୍ ଦେବାକୁ ଭାରତର ବଡ଼ ପ୍ରସ୍ତୁତି ! ଗୋଟେ ପଟେ ପାକିସ୍ତାନର ସାମରିକ ତତ୍ପରତା, ଅନ୍ୟପଟେ ଭାରତର ବର୍ଡର ଇନ୍‌ଫ୍ରାଷ୍ଟ୍ରକଚରକୁ ମଜବୁତ କରିବାର ରଣନୀତି । ସୀମାରେ ପାକିସ୍ତାନର ତଥାକଥିତ 'ପ୍ରୋଜେକ୍ଟ ଅବାବିଲ୍' ନେଇ ଚର୍ଚ୍ଚା ଜୋର୍ । ଏହାର ବହୁ ପୂର୍ବରୁ ସର୍ କ୍ରିକ୍ ଅଞ୍ଚଳରେ ନିଜ ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିସାରିଛି ଭାରତ । ୨୨ କିଲୋମିଟର ଲମ୍ବା ଏହି ନାଳ କିଛି ସାଧାରଣ ନାଳ ନୁହେଁ । ଏହା ହେଉଛି ହାରାମୀ ନାଳ । ଆଖିକୁ ଧୋକା ଦେଉଥିବା ଏହି ନାଳର ଆଉ ଗୋଟିଏ ନାମ ଅଛି, ତାହା ହେଲା ଧୋକାବାଜ ନାଳ । 'ହାରାମୀ ନାଳ, ଯେତିକି ଚର୍ଚ୍ଚିତ, ଏହାର ଭୌଗୋଳିକ ଏବଂ ସାମରିକ ଗୁରୁତ୍ୱ ତାଠାରୁ ଅଧିକ ।କାହିଁକି ଗୁରୁତ୍ୱପୂର୍ଣ୍ଣ ହାରାମୀ ନାଳ ? ଗୁଜରାଟର କଚ୍ଛ ଜିଲ୍ଲାର ବିବାଦୀୟ ସର୍ କ୍ରିକ୍ ଅଞ୍ଚଳ ।

ଖଣି ଉପରେ ରାଜ୍ୟଙ୍କ କ୍ଷମତା କମିବ

ନୂଆଦିଲ୍ଲୀ,୧୦।୮: ଖଣି ଉପରେ କିମ୍ବା ଖଣି ଥିବା ଅଞ୍ଚଳରେ ରାଜ୍ୟଗୁଡ଼ିକର ଟିକସ ଲଗାଇବା କ୍ଷମତାକୁ ସଙ୍କୁଚିତ କରିବାକୁ କେନ୍ଦ୍ର ସରକାର ଏକ ବିଲ୍ ଲୋକସଭାରେ ଆଗତ କରିଛନ୍ତି। ଖଣି ଓ ଖଣିଜ (ବିକାଶ ଓ ନିୟାମକ) ସଂଶୋଧନ ବିଲ୍‌ରେ ରାଜ୍ୟମାନଙ୍କ କ୍ଷମତା ସଙ୍କୁଚିତ କରିବାକୁ ଉଦ୍ୟମ କରାଯାଇଛି। ଏହି ବିଲ୍‌ରେ ଖଣି ଓ ଖଣିଜ ଥିବା ଅଞ୍ଚଳକୁ କେନ୍ଦ୍ର ସରକାରଙ୍କ ଅଧୀନକୁ ନେଇଯିବା ପାଇଁ ପ୍ରୟାସ ହୋଇଛି। ଏହି ବିଲ୍‌ରେ ଏକ ସମ୍ପୂର୍ଣ୍ଣ ନୂଆ ଧାରା ୯(ଡି) ଯୋଡ଼ାଯାଇଛି। ସେଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ ରାଜ୍ୟ ସରକାର ଖଣିଜ ଅଧିକାର କିମ୍ବା ଖଣିଜ ଥିବା ଅଞ୍ଚଳ ଉପରେ ଖଣିଜର ପରିମାଣ, ଖଣିଜ ମୂଲ୍ୟ, ରୟାଲ୍‌ଟି କିମ୍ବା ଅନ୍ୟ ଯେକୌଣସି ଉପାୟରେ କୌଣସି ଟିକସ, ସେସ୍ କିମ୍ବା ସେହି ଧରଣର ଶୁଳ୍କ ଲଗାଇପାରିବେ ନାହିଁ। ଏମ୍‌ଏମ୍‌ଡିଆର ସଂଶୋଧନ ନିୟମ ୨୦୨୬ ଲାଗୁ ହେବା ପୂର୍ବରୁ ସରକାରଙ୍କ ନିକଟରେ ଜମା କରାଯାଇନଥିବା ଏହି ଧରଣର ଟିକସକୁ ବୈଧ ବିଚାର କରାଯିବ। ଯଦି ସେଭଳି ଟିକସ ରାଜ୍ୟ ସରକାର ସଂଗ୍ରହ କରିସାରିଥିବେ କିମ୍ବା ସରକାରଙ୍କ ନିକଟରେ ଜମା କରାଯାଇଥିବ ତେବେ ତାହାକୁ ଫେରସ୍ତ କରାଯିବ ନାହିଁ। ଏହି ବିଲ୍ ଜରିଆରେ ସରକାର ଖଣି କ୍ଷେତ୍ରକୁ ଏକ ନିର୍ଦ୍ଦିଷ୍ଟ ଆର୍ଥିକ ନିୟମ ପ୍ରଦାନ କରିବାକୁ ଚାହୁଁଛନ୍ତି।

ପୁଞ୍ଜି ପ୍ରତ୍ୟାହାରରୁ ୪୫,୩୦୬ କୋଟି ସଂଗ୍ରହ

ନୂଆଦିଲ୍ଲୀ, ୧୦।୮: ପୁଞ୍ଜି ପ୍ରତ୍ୟାହାର ଓ ସମ୍ପତ୍ତି ମନେଟାଇଜେସନ୍ ମାଧ୍ୟମରେ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୪୫,୩୦୬ କୋଟି ଟଙ୍କା ସଂଗ୍ରହ କରିଛନ୍ତି ବୋଲି ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ସୂଚନା ଦେଇଛନ୍ତି। ସେ କହିଲେ, ଆଲୋଚ୍ୟ ବର୍ଷ ପାଇଁ ରହିଥିବା ଧାର୍ଯ୍ୟ ଲକ୍ଷ୍ୟ ୩୩,୮୩୭ କୋଟି ଟଙ୍କାଠାରୁ ପ୍ରକୃତ ସଂଗ୍ରହ ଯଥେଷ୍ଟ ଅଧିକ ଥିଲା। ପୁଞ୍ଜି ପ୍ରତ୍ୟାହାରରୁ ସରକାର ୧୬,୮୮୫.୫୬ କୋଟି ଟଙ୍କା ଓ ସମ୍ପତ୍ତି ମନେଟାଇଜେସନ୍‌ରୁ ୨୩,୪୨୦.୪୯ କୋଟି ଟଙ୍କା ସଂଗ୍ରହ କରିଥିଲେ। ଚଳିତ ଆର୍ଥିକ ବର୍ଷରେ ସରକାର ପୁଞ୍ଜି ପ୍ରତ୍ୟାହାର ଓ ସମ୍ପତ୍ତି ମନେଟାଇଜେସନ୍‌ରୁ ୮୦ ହଜାର କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେଥିରୁ ୫୯,୦୮୩ କୋଟି ଟଙ୍କା ସଂଗ୍ରହ ହୋଇସାରିଲାଣି। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, କୋଲ୍ ଇଣ୍ଡିଆ, ଭାରତୀୟ ଜୀବନ ବୀମା ନିଗମ, ଭାରତୀୟ ରେଳ ଫାଇନାନ୍ସ କର୍ପୋରେସନ ଲିମିଟେଡ୍, କୋଚିନ ସିପ୍‌ୟାର୍ଡ ଓ ଭାରତୀୟ ଔଷଧ ଫାର୍ମାସ୍ୟୁଟିକାଲ୍ କର୍ପୋରେସନରୁ ପୁଞ୍ଜି ପ୍ରତ୍ୟାହାର ଜରିଆରେ ଏହି ପାଣ୍ଠି ସଂଗ୍ରହ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୧-୨୨ରେ ପୁଞ୍ଜି ପ୍ରତ୍ୟାହାର ଜରିଆରେ ୧୩,୩୪୪ କୋଟି ଟଙ୍କା, ୨୦୨୨-୨୩ରେ ୩୫,୨୯୪ କୋଟି ଟଙ୍କା ଓ ୨୦୨୩-୨୪ରେ ୧୬,୫୦୭ କୋଟି ଟଙ୍କା ସଂଗ୍ରହ କରାଯାଇଥିଲା। ୨୦୨୪-୨୫ରେ ଏହି ସଂଗ୍ରହ ୧୦,୧୬୩ କୋଟି ଟଙ୍କା ଥିଲା।

ବଡ଼ଧରଣ ଆତଙ୍କୀ ଆକ୍ରମଣର ପର୍ଦ୍ଦାଫାସ

୮୬ ହ୍ୟାଣ୍ଡ ଗ୍ରେନେଡ୍ ଜବତ

ଚଣ୍ଡୀଗଢ଼, ୧୦।୮: ସ୍ୱାଧୀନତା ଦିବସ ଅର୍ଥାତ୍ ଅଗଷ୍ଟ ୧୫ ପୂର୍ବରୁ ଭାରତରେ ଏକ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ଘଟାଇବାକୁ ପାକିସ୍ତାନର ଗୁପ୍ତଚର ସଂସ୍ଥା ଓଝଓ ଏବଂ ବିଦେଶରେ ଥିବା ଆତଙ୍କୀ ହ୍ୟାଣ୍ଡଲରମାନେ ଏକ ବିରାଟ ଷଡ଼ଯନ୍ତ୍ର ରଚିଥିଲେ । ପଞ୍ଜାବ ପୁଲିସ ଏବଂ କାଉଣ୍ଟର ଇଣ୍ଟେଲିଜେନ୍ସର ମିଳିତ କାର୍ଯ୍ୟାନୁଷ୍ଠାନରେ ଏହି ବଡ଼ଧରଣର ଷଡ଼ଯନ୍ତ୍ରକୁ ପଣ୍ଡ କରାଯାଇଛି । ପଞ୍ଜାବ ପୁଲିସର କାଉଣ୍ଟର ଇଣ୍ଟେଲିଜେନ୍ସ ଜଳନ୍ଧର ଏବଂ ଏସ୍‌ବିଏସ୍ ନଗର ପୁଲିସର ମିଳିତ ଅପରେସନ୍‌ରେ ବବ୍ର ଖାଲସା ଇଣ୍ଟରନ୍ୟାସନାଲର ଏକ ଆତଙ୍କୀ ମୋଡ୍ୟୁଲ୍‌କୁ ଠାବ କରାଯାଇଛି । ଏହି ମାମଲାରେ ଜଣେ ମୁଖ୍ୟ ଅପରେଟିଭ୍ ବା ସହଯୋଗୀଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ନିକଟରୁ ୮୬-ପି ହ୍ୟାଣ୍ଡ ଗ୍ରେନେଡ୍ ଜବତ କରାଯାଇଛି । ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଏହି ଆତଙ୍କୀ ନେଟୱର୍କକୁ ସୀମାପାରରୁ ଅର୍ଥାତ୍ ବିଦେଶରେ ବସିଥିବା ଆତଙ୍କୀ ହ୍ୟାଣ୍ଡଲରମାନେ ପରିଚାଳନା କରୁଥିଲେ । ଗିରଫ ଅଭିଯୁକ୍ତ ଜଣକ ବିଦେଶୀ ଆକାମାନଙ୍କ ନିର୍ଦ୍ଦେଶକ୍ରମେ ଜଳନ୍ଧରର ଆଦମପୁର ନିକଟସ୍ଥ ଏକ ଡେଡ୍ ଲେଟର ବକ୍ସ ଜରିଆରେ ଏହି ବିପୁଳ ପରିମାଣର ହ୍ୟାଣ୍ଡ ଗ୍ରେନେଡ୍‌ଗୁଡ଼ିକୁ ହାତେଇଥିଲା । ଡେଡ୍ ଲେଟର ବକ୍ସ ହେଉଛି ଆତଙ୍କବାଦୀ ଏବଂ ଅପରାଧୀମାନଙ୍କ ଦ୍ୱାରା ବ୍ୟବହୃତ ଏକ ଗୁପ୍ତ ଯୋଗାଯୋଗ କୌଶଳ, ଯେଉଁଥିରେ ସାକ୍ଷାତ ନ ହୋଇ ବିସ୍ଫୋରକ ବା ଅର୍ଥ ଆଦାନପ୍ରଦାନ କରାଯାଇଥାଏ । ଏସବିଏସ୍ ନଗରର ସଦର ନଓ୍ୱାଂଶହର ଥାନାରେ ଭାରତୀୟ ନ୍ୟାୟ ସଂହିତା ଏବଂ ବିସ୍ଫୋରକ ପଦାର୍ଥ ଆଇନର ପ୍ରାସଙ୍ଗିକଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି । ପୁଲିସର କହିବାନୁସାରେ, ଏହି ମୋଡ୍ୟୁଲ୍ ପଛରେ ଆଉ କେଉଁ କେଉଁ ସ୍ଥାନୀୟ ସହାୟକ ଏବଂ ଅପରାଧୀ ସଂପୃକ୍ତ ଅଛନ୍ତି, ସେନେଇ ଫରୱାର୍ଡ ଏବଂ ବ୍ୟାକ୍‌ୱାର୍ଡ ଲିଙ୍କ୍‌ଗୁଡ଼ିକର ଯାଞ୍ଚ କରାଯାଉଛି । ଏହି ବିସ୍ଫୋରକଗୁଡ଼ିକ କେଉଁ ସ୍ଥାନରେ କିମ୍ବା କାହାକୁ ଟାର୍ଗେଟ୍ କରି ବ୍ୟବହାର ହେବାର ଥିଲା, ତାହା ପୁଲିସର ତଦନ୍ତ ପରେ ସ୍ପଷ୍ଟ ହେବ । ପଞ୍ଜାବରେ ଶାନ୍ତି ଏବଂ ସୁରକ୍ଷା ବଜାୟ ରଖିବା ପାଇଁ ସୀମାପାର୍ ଆତଙ୍କୀ ନେଟୱର୍କ ବିରୁଦ୍ଧରେ ଏପରି ଅଭିଯାନ ଜାରି ରହିବ ବୋଲି ପୁଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ରୁଷ୍ ତୈଳ ରିଫାଇନରୀ ଉପରେ ଭୟଙ୍କର ଆକ୍ରମଣ

ୟୁକ୍ରେନର ଡ୍ରୋନ ମାଡ଼ରେ ୧୨ ମୃତ, ୩୯ ଆହତ



ନୂଆଦିଲ୍ଲୀ, ୧୦।୮: ପୁଣିଥରେ ରୁଷ ଓ ୟୁକ୍ରେନ ମଧ୍ୟରେ ଉତ୍ତେଜନା ତୀବ୍ର ହୋଇଛି। ରୁଷର ତାତାରସ୍ତାନ ରିଜିନର ନିଜ୍ନେକାମସ୍କ ସହରରେ ଥିବା ଶିଳ୍ପ ଓ ନାଗରିକ ପ୍ରତିଷ୍ଠାନକୁ ଲକ୍ଷ୍ୟ କରି ୟୁକ୍ରେନ୍ କରିଛି ଡ୍ରୋନ ଆଟାକ। ଏହି ଡ୍ରୋନ୍ ଆକ୍ରମଣରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଅତି କମ୍‌ରେ ୧୨ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଅନ୍ୟ ୩୯ ଜଣ ଆହତ ହୋଇଛନ୍ତି। ସୋମବାର ସହରର ମେୟର ରାଦମିର ବେଲିୟାଏଭ ଏହି ସୂଚନା ଦେଇଛନ୍ତି। ବିଭିନ୍ନ ରୁଷ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଆକ୍ରମଣରେ ତାତାରସ୍ତାନର ଗୋଟିଏ ପ୍ରମୁଖ ତୈଳ ବିଶୋଧନାଗାରକୁ ମଧ୍ୟ ଟାର୍ଗେଟ୍ କରାଯାଇଛି। ଏହା ରୁଷର ସବୁଠାରୁ ଅତ୍ୟାଧୁନିକ ତୈଳ ବିଶୋଧନାଗାର ମଧ୍ୟରୁ ଗୋଟିଏ। ସୋଶାଲ ମିଡିଆରେ ଭାଇରାଲ୍ ହୋଇଥିବା କିଛି ଭିଡିଓରେ ଗୋଟିଏ ତୈଳ ବିଶୋଧନାଗାର ଉପରୁ ଧୂଆଁ ଉଠୁଥିବା ଦେଖାଯାଉଛି। ସେଠାରେ ଲୋକମାନେ ଆତଙ୍କିତ ଅବସ୍ଥାରେ ଏଣେତେଣେ ଦୌଡୁଥିବା ଦେଖାଯାଉଛି। ଏହାପୂର୍ବରୁ ଜୁନ ମାସରେ ୟୁକ୍ରେନ ପକ୍ଷରୁ ଟାଟନେଫ୍‌ର ଟାନେକୋ ତୈଳ ବିଶୋଧନାଗାର ଉପରେ ଆକ୍ରମଣ କରାଯାଇଥିଲା। ୨୦୨୪ ମସିହାରେ ଏହି ବିଶୋଧନାଗାରରେ ୧ କୋଟି ୭୦ ଲକ୍ଷ ଟନ୍? ଅଶୋଧିତ ତୈଳକୁ ପ୍ରକ୍ରିୟାକରଣ କରାଯାଇଥିଲା। ଏଥିରୁ ୨୭ ଲକ୍ଷ ଟନ୍ ପେଟ୍ରୋଲ୍? ଓ ୮୫ ଲକ୍ଷ ଟନ୍ ଡିଜେଲ୍ ଉତ୍ପାଦନ ହୋଇଥିଲା। ଏବେ ୟୁକ୍ରେନ୍, ଆଉ ଏକ ପ୍ରମୁଖ ରିଫାଇନାରୀକୁ ଟାର୍ଗେଟ କରିଛି। ଆକ୍ରମଣ ପରେ ତାତାରସ୍ତାନ ରିଜନରେ ପୂରା ଶୋକର ଛାୟା ଖେଳି ଯାଇଛି। ବିଭିନ୍ନ ସ୍ଥାନରେ ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି। ତେବେ ରିଫାଇନାରୀ ଉପରେ ସୋମବାର ୟୁକ୍ରେନ କରିଥିବା ଆକ୍ରମଣ କେତେ କ୍ଷୟକ୍

ଅନ୍ଧାରରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ

ଦୁର୍ଦ୍ଦଶା ଭୋଗୁଛନ୍ତି କାଉଡ଼ିଆ

କୋଣାର୍କ(ଅମୃତ ମିଡିଆ): ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କଠାରୁ ୪ କି.ମି. ଦୂରରେ ଅବସ୍ଥିତ ତୀର୍ଥ ପୁଷ୍କରିଣୀ ଅନ୍ଧକାର ମଧ୍ୟରେ ରହିଥିବାରୁ କାଉଡ଼ିଆମାନେ ଜଳ ଉଠାଇବା ପାଇଁ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଯେ, ଶ୍ରାବଣର ପ୍ରତ୍ୟେକ ସୋମବାର କାଉଡ଼ିଆମାନେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀଠାରେ ପୂଜାର୍ଚ୍ଚନା କରିବା ସହ ପବିତ୍ର ତୀର୍ଥକ୍ଷେତ୍ରରୁ ଜଳ ଉଠାଇ କୋଣାର୍କ ତଥା ଆଖପାଖ ଅଞ୍ଚଳର ଶୈବପୀଠ ଅଭିମୁଖେ ଯାତ୍ରା ଆରମ୍ଭ କରିଥାନ୍ତି। ଦ୍ୱିତୀୟ ସୋମବାର ଅବସରରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀଠାରେ କାଉଡ଼ିଆଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ତୀର୍ଥକ୍ଷେତ୍ରରେ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ଅନ୍ଧକାର ପରିବେଶ ମଧ୍ୟରେ କାଉଡ଼ିଆମାନେ ଜଳଉଠାଇବା ଓ ପୂଜାର୍ଚ୍ଚନା ଆଦି କାର୍ଯ୍ୟ ବିଶେଷ ଭାବେ ପ୍ରଭାବିତ ହୋଇଛି। ଏହି ସମସ୍ୟା ଯୋଗୁ କାଉଡ଼ିଆଙ୍କ ଧାର୍ମିକ ଭାବନା ପ୍ରଭାବିତ ହେଉଛି। କାଉଡ଼ିଆଙ୍କ ସୁରକ୍ଷିତ ଜଳ ଉଠାଇବା ପାଇଁ କୋଣାର୍କ ଏନ୍‌ଏସି

ପ୍ରଶାସନ ପକ୍ଷରୁ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀଠାରେ ଆଲୋକୀକରଣ ବ୍ୟବସ୍ଥା କରିବା ପାଇଁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଶ୍ରଦ୍ଧାଳୁ ଭକ୍ତସମାଜ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।

ମୁଗେଇନଦୀ ଗର୍ଭରେ ଲୀନ ହେବ ଇଟାକୁଦ ଗାଁ

କୋଟି କୋଟି ଟଙ୍କାର ନଦୀବନ୍ଧ ସୁଦୃଢ଼ୀକରଣ ଯୋଜନା ଫେଲ୍

ଗୋପ(ଅମୃତ ମିଡିଆ): ମୁଗେଇନଦୀ ଗର୍ଭରେ ଲୀନ ହେବ ଗୋପ ବ୍ଲକ ଅନ୍ତର୍ଗତ ଡଭାର ପଞ୍ଚାୟତର ଇଟାକୁଦ ଗାଁ। ଏହି ଗାଁରେ ବସବାସ କରୁଥିବା ୫୦ ପରିବାର ଏବେ ଗାଁ ଛାଡୁଥିବା ଭଳି ଅଭିଯୋଗ

ଗାଁ ଛାଡ଼ିବେ ୫୦ ପରିବାର

ହୋଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ଇଟାକୁଦ ଗାଁଠାରୁ ଗୋପବନ୍ଧୁ ଦାସଙ୍କ କର୍ମସ୍ଥଳ କୁହାଯାଉଥିବା ଡିଭାର ପର୍ଯ୍ୟନ୍ତ ନଦୀବନ୍ଧ ସଂଯୋଗୀକରଣ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ତାହା ଏବେ କୌଣସି କାମରେ ଲାଗୁ ନ ଥିବା ଅଭିଯୋଗ ହୋଇଛି। ଚଳିତବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ନଦୀବନ୍ଧ କାର୍ଯ୍ୟ କରାଯାଇଥିଲେ ମଧ୍ୟ ଗତ ସପ୍ତାହରେ ନଦୀବନ୍ଧ ଭୁଶୁଡ଼ି ପଡ଼ିବା ଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ପ୍ରକାଶ ଯେ, ଉତ୍କଳମଣି ଗୋପବନ୍ଧୁ ଦାସ ନଅଁଙ୍କ ଦୁର୍ଭିକ୍ଷ ପରେ ଗୋପ ବ୍ଲକର ଡଭାର ଗ୍ରାମରେ ରହି ଗରିବଙ୍କ ସେବା କରୁଥିଲେ। ଏପରିକି ମୁଗେଇ, ଧନୁଆ ନଦୀ ବନ୍ୟା ସମୟରେ ମୁଠି ଚାଉଳ ଆଦାୟ କରି କାଠ ଡଙ୍ଗାରେ ଯାଇ ବିପନ୍ନଙ୍କ ନିକଟରେ ପହଞ୍ଚୁଥିଲେ। ବ୍ରିଟିଶ ସରକାରଙ୍କ ସମୟରେ ମଧ୍ୟ ବନ୍ୟା ନିୟନ୍ତ୍ରଣ ହେବା ଉଦ୍ଦେଶ୍ୟରେ ଆଡ଼ିବନ୍ଧ ନିର୍ମାଣ କରିଥିଲେ। ସେବେଠାରୁ ଗୋପ ବ୍ଲକ ଅନ୍ତର୍ଗତ ଡଭାର ଗାଁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କର୍ମସ୍ଥଳ ଭାବେ ପରିଚିତ। ସେଥିପାଇଁ ସାଧାରଣ

ଲୋକଙ୍କ ସମସ୍ୟା ଦୂର କରିବା ଓ ଇଟାକୁଦ ଗାଁ ଠାରୁ ଗୋପବନ୍ଧୁ ଦାସଙ୍କ କର୍ମସ୍ଥଳ ଡଭାର ଗାଁ ସହିତ ନଦୀ ବନ୍ଧ ସଂଯୋଗୀକରଣ ହାତକୁ ନିଆଯାଇ ମୁଗେଇ ନଦୀବନ୍ଧର ସୁଦୃଢ଼ୀକରଣ ଯୋଜନା ପ୍ରସ୍ତୁତ ହୋଇଥିଲା। ପ୍ରତିବର୍ଷ ଏହି ମୁଗେଇ ଇଟାକୁଦ ନିକଟସ୍ଥ ମୁଗେଇ ନଦୀବନ୍ଧ ଭୁଶୁଡ଼ି ପଡ଼ୁଛି । ନଦୀବନ୍ଧର ସୁରକ୍ଷା ଲାଗି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଚଳିତବର୍ଷ ମଧ୍ୟ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ଚଳିତ ବର୍ଷା ସମୟରେ ମୁଗେଇ ଓ ଧନୁଆ ନଦୀର ମିଳନସ୍ଥଳ କୁହାଯାଉଥିବା ଇଟାକୁଦ ଗାଁ ନିକଟ ମୁଗେଇ ନଦୀ ଅଧିକ ମାତ୍ରାରେ ବର୍ଷାଜଳ ଆସିବା ଫଳରେ ନଦୀବନ୍ଧ ଭୁଶୁଡ଼ି ପଡ଼ିଥିଲା। ଅଭିଯୋଗ ଆସିବା ପରେ ନିମାପଡ଼ା ଜଳସମ୍ପଦ ବିଭାଗ ପକ୍ଷରୁ ବାଲିବସ୍ତା ଦିଆଯାଇଥିବା ବେଳେ ଆଗକୁ ଅଧିକ ମାତ୍ରାରେ ବିପଦ ସୃଷ୍ଟି କରିବ ବୋଲି ଡଭାର ପଞ୍ଚାୟତର ସମିତସଭ୍ୟା ନମିତା ଗୁରୁ, ସନ୍ତୋଷ କୁମାର ପରିଡ଼ା, କୃଷ୍ଣଚନ୍ଦ୍ର ଗୁରୁ, ରବୀନ୍ଦ୍ର ଗୁରୁ, ପ୍ରଫୁଲ୍ଲ ଚନ୍ଦ୍ର ପରିଡ଼ା, ରବୀନ୍ଦ୍ର କୁମାର ପରିଡ଼ା ପ୍ରମୁଖ ଅଭିଯୋଗ କରିଛନ୍ତି। ମୁଗେଇ ନଦୀବନ୍ଧ ସୁଦୃଢ଼ୀକରଣ ନାଁରେ କେବଳ ଯନ୍ତ୍ରୀ ଓ ଠିକାଦାର ମାଲାମାଲ ହେଉଥ?ବା ଭଳି ଅଭିଯୋଗ ହୋଇଛି। ଏନେଇ ନିମାପଡ଼ା ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ ତେତନ ପୋଥାଲ କହିଛନ୍ତି ଅଭିଯୋଗକୁ ଗୁରୁତ୍ୱ ଦେବା ସହ କିପରି ଇଟାକୁଦ ଗାଁ ସୁରକ୍ଷିତ ରହିବା ସହିତ ମୁଗେଇ ନଦୀବନ୍ଧ ସୁଦୃଢ଼ୀକରଣ ଠିକ ଭାବରେ ହେବ ତା' ଉପରେ ଦେଖିବି ବୋଲି କହିଥିଲେ।

ସ୍ମାର୍ଟ ପାର୍କ ପାଲଟିଛି ଘାସପଡିଆ

ଅଧାପନ୍ତରିଆ ଘରେ ଶିଶୁଙ୍କ ଭବିଷ୍ୟତ

- ୧୭୮ ଅଙ୍ଗନବାଡି କେନ୍ଦ୍ରର ବାସ୍ତବ ଚିତ୍ର
- ୧୨୬ର ଶୌଚାଳୟ ଓ ୧୩୫ରେ ବିଦ୍ୟୁତ୍ ନାହିଁ
- ଭିତ୍ତିଭୂମି ଅଭାବରୁ ବାଧାପ୍ରାପ୍ତ ପ୍ରାକ୍ ଶିକ୍ଷା

କୋଣାର୍କ(ଅମୃତ ମିଡିଆ): ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କସ୍ଥିତ । ସ୍ମାର୍ଟ ପାର୍କ ନିର୍ମାଣସ୍ଥଳ କୋଣାର୍କ-କାକଟପୁର ପୂର୍ବବିଭାଗ ରାଷ୍ଟାର ରାଜଳପାଟଣା ଗ୍ରାମର ଏକ ସ୍ଥାନରେ ନଗର ଉନ୍ନୟନ ବିଭାଗ ଅନୁଦାନରେ କୋଣାର୍କ ଏନ୍‌ଏସି ପକ୍ଷରୁ ଗତ ୨୦୨୧ ଅଗଷ୍ଟ ୩।୧ରେ ଶିଳାନ୍ୟାସ କରାଯାଇ ସ୍ମାର୍ଟ ପାର୍କ ନିର୍ମାଣ ଆରମ୍ଭ କରାଯାଇଥିଲା। କାର୍ଯ୍ୟର ଅବଧି ୫ବର୍ଷ ପୂରିବାକୁ ବସିଥିବା ବେଳେ କାମ ଅଧାପନ୍ତରିଆ ଭାବେ ପଡ଼ି ରହିଥିବା ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ୧କୋଟି ଟଙ୍କା ବ୍ୟୟବରାଦ କରାଯାଇ କୋଣାର୍କ ଏନ୍‌ଏସି ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଠିକାଦାର ଚୟନ କରାଯାଇ କୋଣାର୍କ ସହର ସ୍ମାର୍ଟ ପାର୍କ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟରେ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ତତ୍କାଳୀନ କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ତଥା ବର୍ତ୍ତମାନର କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଯୋଗଦାନ କରିଥିଲେ। ଏହି କାର୍ଯ୍ୟ ଦାୟିତ୍ୱରେ ଥିବା କୋଣାର୍କ ଏନ୍‌ଏସି ପ୍ରଶାସନର ଦିଶାହୀନ ଯୋଜନା ଯୋଗୁ ସ୍ମାର୍ଟପାର୍କ କାର୍ଯ୍ୟ ଆଗେଇ ପାରି ନଥିଲା। ଏହି କାର୍ଯ୍ୟର ୩୦ଭାଗ କାମ ଶେଷ ହୋଇ ନଥିଲା ବେଳେ କେବଳ ପାର୍କର ମୁଖ୍ୟ ଫାଟକ ନିର୍ମାଣ, ପ୍ରାଚୀର ନିର୍ମାଣ କାର୍ଯ୍ୟ ମଧ୍ୟରେ ସୀମିତ ରହିଯାଇଛି । ଫଳରେ କାର୍ଯ୍ୟ ଆରମ୍ଭର ୫ବର୍ଷ ବିତିଯାଇଥିଲେ । ମଧ୍ୟ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ି ରହିଥିବା ବେଳେ ପାର୍କ ନିର୍ମାଣସ୍ଥଳୀ ଏକ ବୃହତ୍ ଘାସ ପଡ଼ିଆରେ ପରିଣତ ହୋଇଥିବା ଦେଖିବାକୁ ମିଳିଛି । ଯେଉଁ ଲକ୍ଷ୍ୟ ନେଇ ଏହି ସ୍ମାର୍ଟ ପାର୍କ ନିର୍ମାଣ କରାଯାଇଥିଲା ତାହା ସମ୍ପୂର୍ଣ୍ଣ ଭାବେ ଦିଗହରା ହୋଇପଡ଼ିଛି । କୋଣାର୍କ ସହର ସ୍ମାର୍ଟ ପାର୍କ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ନଗର ଉନ୍ନୟନ ସଚିବ ଓ ପୁରୀ ଜିଲାପାଳ ପ୍ରମୁଖ ଦୃଷ୍ଟିଦେବାକୁ ଦାବି ହେଉଛି ।

କାକଟପୁର /ଅନ୍ତରଙ୍ଗ(ଅମୃତ ମିଡିଆ): ଶିଶୁ ହେଉଛନ୍ତି ଜାତିର ଭବିଷ୍ୟତ। ଆଉ ସେହି ଭବିଷ୍ୟତର ପ୍ରଥମ ସୋପାନ ହେଉଛି ଅଙ୍ଗନବାଡି କେନ୍ଦ୍ର। କିନ୍ତୁ ପୁରୀ ଜିଲ୍ଲା ଅନ୍ତରଙ୍ଗ ବ୍ଲକରେ ସେହି ସୋପାନ ହିଁ ଭାଙ୍ଗି ପଡିଛି। ଭିତ୍ତିଭୂମିର ଅଭାବ ଯୋଗୁଁ ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ସେବା କାର୍ଯ୍ୟ ଠପ୍ ହେବାକୁ ବସିଛି। ବ୍ଲକର ୧୫ଟି ପଞ୍ଚାୟତରେ ମୋଟ ୧୭୮ ଟି ଅଙ୍ଗନବାଡି କେନ୍ଦ୍ର ରହିଛି। ସରକାରୀ ରେକର୍ଡ ଅନୁଯାୟୀ ଏଥିମଧ୍ୟରୁ ମାତ୍ର ୧୨୨ ଟିରେ ନିଜସ୍ୱ ଗୃହ ରହିଛି। ବାକି ୨୯ ଟି ବିଦ୍ୟାଳୟ ପରିସର ରେ, ୧୨ ଟି ଭଡା ଘରେ ଓ ୧୫ ଟି କମ୍ୟୁନିଟି ସେଣ୍ଟରରେ ଚାଲୁଛି। ଯେଉଁ ୧୨୨ ଟି ଗୃହ ଅଛି ତା ମଧ୍ୟରୁ ଅନେକ ଅଧାପନ୍ତରିଆ। ଛାତ ନାହିଁ, କାନ୍ଥ ଫାଟିଛି, ଉପରେ ଜଙ୍ଗଲ ମାଡିଯାଇଛି। ଆଉ କିଛି ଗୃହ ଗୋଚର ଜମିରେ ନିର୍ମାଣ ହୋଇଥିବାରୁ ମାମଲା ଏବେ ବି କୋର୍ଟରେ ବିଚାରାଧୀନ ଅବସ୍ଥାରେ ରହିଛି। ଘର ଅଭାବ ଯୋଗୁଁ ଅଙ୍ଗନବାଡି କର୍ମୀମାନେ ବାଧ ହୋଇ ରାଜୀବ ଗାନ୍ଧୀ ସେବା ଘରେ ପିଲାଙ୍କୁ ପାଠ ପଢାଉଛନ୍ତି ତ କିଏ ଗାଁ କୋଠ ଘରେ । ସ୍ଥାନ ଅଭାବ ଯୋଗୁଁ ଖେଳ, ନାଚ, ଗୀତ ମାଧ୍ୟମରେ ଶିକ୍ଷାଦାନ ସମ୍ଭବ ହେଉନାହିଁ। ଅଙ୍ଗନବାଡି କର୍ମୀ ଲକ୍ଷ୍ମୀପ୍ରିୟା ମଲ୍ଲିକ କହିଛନ୍ତି , 'ଛୋଟ ଜାଗାରେ ୨୦ ପିଲାଙ୍କୁ ସମ୍ଭାଳିବା କଷ୍ଟ। ପିଲାମାନେ ଠିକ୍ ଭାବେ ବସିପାରୁନାହାନ୍ତି, ଶିକ୍ଷଣ ସାମଗ୍ରୀ ରଖିବା ପାଇଁ ଜାଗା ନାହିଁ।' ସମସ୍ୟା ସେତିକି ନୁହେଁ, ୧୭୮ଟି କେନ୍ଦ୍ର ମଧ୍ୟରୁ ମାତ୍ର ୫୨ଟିରେ ଶୌଚାଳୟ ରହିଛି। ଅର୍ଥାତ ୧୨୬ ଟି କେନ୍ଦ୍ର ରେ ଶୌଚାଳୟ ନାହିଁ। ୩ରୁ ୬ବର୍ଷର ଛୋଟ ଛୋଟ ପିଲାମାନଙ୍କୁ ଶୌଚ ପାଇଁ ଖୋଲା ଜାଗାକୁ ଯିବାକୁ ପଡୁଛି। ବର୍ଷା ଦିନରେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗର୍ଭବତୀ ଓ ପ୍ରସୂତି ମହିଳାମାନେ ମଧ୍ୟ ଏହି ସମସ୍ୟା ଯୋଗୁଁ କେନ୍ଦ୍ରକୁ ଆସିବାକୁ ଅନିଚ୍ଛା ପ୍ରକଟ କରୁଛନ୍ତି। ସେହିଭଳି ବିଦ୍ୟୁତ ସଂଯୋଗ ମଧ୍ୟ ନାମକୁ ମାତ୍ର। ୧୭୮ ରୁ ମାତ୍ର ୪୩ଟି କେନ୍ଦ୍ର ରେ ବିଦ୍ୟୁତ ଅଛି। ୧୩୫ ଟି କେନ୍ଦ୍ର ଅନ୍ଧାରରେ ରହିଛି। ଗ୍ରୀଷ୍ମ ଦିନରେ ପ୍ରବଳ ଗରମ ଯୋଗୁଁ ପିଲାମାନେ ଅଧିକ ସମୟ ରହିପାରୁନାହାନ୍ତି। ପଙ୍କା ନଥିବାରୁ ଅସ୍ୱସ୍ଥିକର ପରିବେଶ। ମେଘୁଆ ଦିନରେ ଆଲୋକ ଅଭାବରୁ ପାଠପଢା ବନ୍ଦ। ସରକାର ଡିଜିଟାଲ ଶିକ୍ଷା କଥା କହୁଥିବା ବେଳେ ଏଠାରେ ପିଲାଙ୍କ ସୁରକ୍ଷା ନାହିଁ, ସ୍ୱଚ୍ଛତା ନାହିଁ, ସେଠାକୁ ଆମେ ପିଲାଙ୍କୁ କେମିତି ଛାଡିବୁ?' ଫଳରେ ଅନେକ କେନ୍ଦ୍ରରେ ପିଲାଙ୍କ ଉପସ୍ଥାନ ମଧ୍ୟ କମିଯାଇଛି। ଏ ନେଇ ଖୋଦ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ତୁରନ୍ତ ହସ୍ତକ୍ଷେପ ଦାବି ହୋଇଛି। ସ୍ଥାନୀୟ ଲୋକେ କହୁଛନ୍ତି, ପ୍ରତି ପଞ୍ଚାୟତରେ ପର୍ଯ୍ୟାପ୍ତ ସଂଖ୍ୟାରେ ନିଜସ୍ୱ ଗୃହ, ଶୌଚାଳୟ ଓ ବିଦ୍ୟୁତ ସହ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କରାଯାଉ। ଅନ୍ତରଙ୍ଗ ସିଡିପିଓ କହିଛନ୍ତି, 'ସମସ୍ତ ସମସ୍ୟା ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଛି। ଜିଲ୍ଲାପାଳ ଏହାକୁ ଗୁରୁତ୍ୱ ଦେଇ ସମାଧାନ କରିବେ ବୋଲି ଆଶା ରଖିଛୁ।' ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଶିଶୁ ବିକାଶ ଯୋଜନା କରୁଛନ୍ତି। କିନ୍ତୁ ଯେଉଁଠି ସେ ଯୋଜନା କାର୍ଯ୍ୟକାରୀ ହେଉଛି ସେହି ଅଙ୍ଗନବାଡିର ଭିତ୍ତିଭୂମି ଯଦି ଏମିତି ଦୁର୍ବଳ ରୁହେ , ତେବେ ଲକ୍ଷ୍ୟ କେମିତି ହାସଲ ହେବ? ଶିଶୁର ଭବିଷ୍ୟତ ଗଢିବା ପାଇଁ ପ୍ରଥମେ ଅଙ୍ଗନବାଡିର ଭିତ୍ତି ମଜବୁତ କରିବା ଜରୁରୀ। ନଚେତ୍ ସବୁ ଉନ୍ନତି କେବଳ କାଗଜ କଲମରେ ହିଁ ସୀମିତ ରହିଯିବ।

ବିଧାୟକଙ୍କ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ପିପିଲି(ଅମୃତ ମିଡିଆ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ସାରା ଦେଶରେ ଜାରି ରହିଛି ସ୍ୱଚ୍ଛ ଭାରତ ଅଭିଯାନ। ସ୍ୱଚ୍ଛତାକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହ ପରିବେଶକୁ ପରିଷ୍କାର ରଖିବା ଉଦ୍ଦେଶ୍ୟରେ

ବିଭିନ୍ନ ସ୍ଥାନରେ ଚାଲିଛି ସ୍ୱଚ୍ଛତା କାର୍ଯ୍ୟକ୍ରମ।ଏହି କ୍ରମରେ ଆଜି ପିପିଲି ଦୁର୍ଗାଦାଶପୁର ସ୍ଥିତ ମହାବୀର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ଯୁବମୋର୍ଚ୍ଚା ପକ୍ଷରୁ ଏହି ସ୍ୱଚ୍ଛତା ଅଭିଯାନ କରାଯାଇଛି । ପବିତ୍ର ମହାବୀର ମନ୍ଦିର ପରିସର କିଛି ଦିନ ପୂର୍ବରୁ ଏହି ସ୍ଥାନରେ ଶ୍ରାବଣ ମାସ ଅବସରରେ କାଉଡ଼ିଆ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ସେବା ଶିବିର ଆୟୋଜନ ହୋଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ଖାଦ୍ୟ ଓ ପାନୀୟ ସହ ବିଭିନ୍ନ ସେବା ଯୋଗାଇ ଦିଆଯାଇଥିଲା। ତେବେ ସେବା ଶିବିର ପରେ ମନ୍ଦିର ପରିସର ଓ ଏହାର ଆଖପାଖ ଅଞ୍ଚଳକୁ ସ୍ୱଚ୍ଛ କରିବାର ଆବଶ୍ୟକତା ରହିଥିଲା। ଏହାକୁ ଦୃଷ୍ଟିରେ ରଖି ଆଜି ସ୍ଥାନୀୟ ଯୁବମୋର୍ଚ୍ଚା ପକ୍ଷରୁ ଆରମ୍ଭ କରାଯାଇଥିଲା ସ୍ୱଚ୍ଛତା ଅଭିଯାନ। ଏହି କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ନିଜେ ଯୁବକ ମାନଙ୍କ ସହ ସାମିଲ ହୋଇ ମନ୍ଦିର ପରିସର ସଫେଇ କରିଥିଲେ। ଯୁବମୋର୍ଚ୍ଚାର କର୍ମକର୍ତ୍ତା ଓ ସ୍ଥାନୀୟ ଯୁବକମାନେ ମଧ୍ୟ ହାତରେ ସଫେଇ ସାମଗ୍ରୀ ଧରି ମନ୍ଦିର ପରିସରରୁ ଅଳିଆ ଆବର୍ଜନା ସଫା କରିଥିଲେ। ସ୍ୱଚ୍ଛତା କେବଳ ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ନିଜ ଘର, ଗାଁ, ସହର ଓ ଆଖପାଖ ପରିବେଶକୁ ସବୁବେଳେ ସ୍ୱଚ୍ଛ ରଖିବା ପ୍ରତ୍ୟେକଙ୍କ ଦାୟିତ୍ୱ ବୋଲି ବିଧାୟକ ଶ୍ରୀଯୁକ୍ତ ପଟ୍ଟନାୟକ କହିଛନ୍ତି। ବିଶେଷକରି ଧାର୍ମିକ ସ୍ଥାନଗୁଡ଼ିକର ପରିମଳ ଓ ପରିବେଶ ସ୍ୱଚ୍ଛ ରଖିବା ସହ ଶ୍ରଦ୍ଧାଳୁମାନେ ମଧ୍ୟ ମନ୍ଦିର ପରିସରରେ ଅଳିଆ ଆବର୍ଜନା ନ ପକାଇବା ପାଇଁ ସଚେତନ ହେବା ଆବଶ୍ୟକ ବୋଲି ଯୁବମୋର୍ଚ୍ଚା ସଭାପତି ଦେବୀ ପ୍ରସାଦ ମଲିକ କହିଛନ୍ତି। ପିପିଲି ବିଧାୟକଙ୍କ ସହ ସ୍ଥାନୀୟ ଯୁବମୋର୍ଚ୍ଚାର କର୍ମକର୍ତ୍ତା ଓ ଯୁବକମାନଙ୍କ ଏଭଳି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଇଛି ।

॥ ବ୍ୟବସାୟୀ ସଂଘ ନିର୍ବାଚନ ॥

ସାରଦା ସଭାପତି, ଅଜୟ ସାଧାରଣ ସମ୍ପାଦକ

ପିପିଲି(ଅମୃତ ମିଡିଆ): ଶେଷ ହେଲା ପିପିଲି ବଜାର ବ୍ୟବସାୟୀ ସଂଘର ବହୁ ପ୍ରତୀକ୍ଷିତ ନିର୍ବାଚନ। ସଂଘର ନୂତନ ସଭାପତି ଭାବେ ସାରଦା ପ୍ରସନ୍ନ ସିଂହ ବିଜୟୀ ହୋଇଛନ୍ତି। ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରାକେଶ ମହାପାତ୍ରଙ୍କୁ ୪୫ ଭୋଟରେ ପରାସ୍ତ କରି ସେ ସଭାପତି ପଦ ହାତେଇଛନ୍ତି। ପିପିଲି ବଜାର ବ୍ୟବସାୟୀ ସଂଘରେ ମୋଟ ୫୧୩ ଜଣ ସଦସ୍ୟ ରହିଥିବା ବେଳେ ସଭାପତି, ଉପସଭାପତି, ସମ୍ପାଦକ, ସହ-ସମ୍ପାଦକ ଓ କୋଷାଧ୍ୟକ୍ଷ—ଏହି ୫ଟି ପଦବୀ ପାଇଁ ମୋଟ ୧୧ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଥିଲେ। କଡ଼ା ପୋଲିସ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସକାଳ ୯ଟାରୁ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇ ଦିନତମାମ ଚାଲିଥିଲା। ସେହିଭଳି ଉପସଭାପତି ପଦରେ ଅଜଗର ଅଲ୍ଲୀ ସାହା ଓ ମାନସ ଦାସଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା।ମାତ୍ର ୧୧ ଭୋଟରେ ଅଜଗର ଅଲ୍ଲୀ ସାହା ବିଜୟୀ ହୋଇଛନ୍ତି। ସମ୍ପାଦକ ପଦରେ ଅଜୟ କୁମାର ମହାନ୍ତି ଓ ପ୍ରବୀର ହାଲଦାର ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୨୬୨ ଭୋଟର ବିପୁଳ ବ୍ୟବଧାନରେ ଅଜୟ ମହାନ୍ତି ବିଜୟୀ ହୋଇଛନ୍ତି। ସହ-ସମ୍ପାଦକ ପଦ ପାଇଁ ଶରତ ଚନ୍ଦ୍ର ମିଶ୍ର ବିଜୟୀ ହୋଇଛନ୍ତି। କୋଷାଧକ୍ଷ ପଦ ପାଇଁ ଅରୁଣ କୁମାର ଦତ୍ତ ଓ ତାଜ ମହମ୍ମଦଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଅରୁଣ ଦତ୍ତ ୨୫୫ ଭୋଟ ପାଇଥିବା ବେଳେ ତାଜ ମହମ୍ମଦଙ୍କୁ ମିଳିଥିଲା ୨୪୫ ଭୋଟ।

ଭତ୍ତା ପାଉଥିବା ଲୋକ ଶ୍ରମିକ ଭାବେ ନିଯୁକ୍ତ

ସତରେ ନା କାଗଜ କଲମରେ, ଭିଜିଲାନ୍ସ ତଦନ୍ତ ଦାବି

କାକଟପୁର /ଅନ୍ତରଙ୍ଗ(ଅମୃତ ମିଡିଆ): 'ସବୁଜ ଓଡ଼ିଶା' ନାଁରେ କୋଟି କୋଟି ଟଙ୍କାର ସରକାରୀ ଡକାୟତି ସାଧାରଣ ଅଭିଯୋଗ । ପୁରୀ ଜିଲ୍ଲା ବନଖଣ୍ଡ ଅଧୀନ ଅନ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳର ଛୁରୀଆନା ରୁ ଗଙ୍ଗାଦେବୀ ପର୍ଯ୍ୟନ୍ତ ସମୁଦ୍ର କୂଳରେ ୨୦୨୪-୨୫ ମସିହାରେ ହୋଇଥିବା ଝାଉଁ ଚାରା ରୋପଣକୁ ନେଇ ଏବେ ପ୍ରଶ୍ନ ଉଠୁଛି - ଟ

ରସୁଲପୁର ବ୍ଲକ୍‌ରେ ଜନ ଅଭିଯୋଗ ଶୁଣାଣି

ଯାଜପୁର (ଅମୃତ ମିଡିଆ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ରସୁଲପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପଡି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୭୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୬ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୦୨ ଗୋଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା

ନିମନ୍ତେ ୨୬ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୨୬ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର ଯଶପ୍ରତାପ ଶ୍ରୀମାଳ, ଅତିରିକ୍ତ ଜିଲ୍ଲାପାଳ, ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଉପସ୍ଥିତ ରହି ଜନସାଧାରଣଙ୍କର ଆପରି ଅଭିଯୋଗର ଶୁଣାଣି କରିଥିଲେ ।

ଏହି ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ରସୁଲପୁର ବ୍ଲକ୍ ବାହାତେଲାପୁର ପଞ୍ଚାୟତର ଅର୍ଜୁନ ଚରଣ ପଣ୍ଡାଙ୍କୁ ଜିଲ୍ଲାପାଳ ଏକ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ ।

ଟ୍ରେନ୍‌ତଳେ ଚାପିହୋଇ ଶକ୍ତିଙ୍କର ମୃତ୍ୟୁ
ଯୁବଇଞ୍ଜିନିୟରଙ୍କୁ ହରାଇ ହିନ୍ଦୋଳ ସ୍ତବ୍ଧ

ହିନ୍ଦୋଳ (ଅମୃତ ମିଡିଆ): ହିନ୍ଦୋଳ ଉପଖଣ୍ଡ ଡିହସାହିର ଜଣେ ଯୁବଇଞ୍ଜିନିୟରଙ୍କ ମୃତ୍ୟୁକୁ ନେଇ ହିନ୍ଦୋଳ ସ୍ତବ୍ଧ ହୋଇଯାଇଛି । ସୂଚନା ମୁତାବକ ବାଉଁଶପୋଖରୀ ପଞ୍ଚାୟତ ଅନ୍ତର୍ଗତ ନୂଆକୋଟ ଡ଼ିହସାହି ଗ୍ରାମର ଜିତେନ୍ଦ୍ର ବେହେରାଙ୍କ ବଡପୁଅ ଶକ୍ତି ପ୍ରସାଦ ବେହେରା(୨୧) ଚେନ୍ନାଇର ଏକ କମ୍ପାନୀରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ । ଶନିବାର ଚେନ୍ନାଇରୁ ଟ୍ରେନ୍ ଯୋଗେ ଶକ୍ତି ନିଜ ଘରକୁ ଫେରୁଥିବା କଥା ଦିନ ୧୧ଟା ସମୟରେ ନିଜ ମାଆକୁ ଫୋନକରି କହିଥିଲେ । ଆଉ ଆଜି ରାତି

ସୁଦ୍ଧା ଘରେ ପହଞ୍ଚିବି ବୋଲି ମଧ୍ୟ କହିଥିଲେ । କିନ୍ତୁ ବଡ଼ ଦୁଃଖର ବିଷୟ କି ପୁଅ କେତେବାଟ ଆସିଲା ମାଆ ଫୋନ୍ କଲାବେଳକୁ ପୁଅ ଆଉ ଫୋନ୍ ଉଠାଇ ନ ଥିଲା । ବାରମ୍ବାର ପୁଅକୁ ଫୋନ୍ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ । ଫଳରେ ପରିବାର ଲୋକେ ଚିନ୍ତାରେ ପଡ଼ି ଯାଇଥିଲେ । କିନ୍ତୁ ହଠାତ୍ ୫ଟା ପରେ ବ୍ରହ୍ମପୁର ରେଳଷ୍ଟେସନରୁ ଫୋନ୍ ଆସିଥିଲା ଯେ ଟ୍ରେନ୍ ତଳେ ଚାପିହୋଇ ଶକ୍ତିଙ୍କର ମୃତ୍ୟୁ ଘଟିଛି । ଏହି ଦୁଃଖଦ ଖବର ଶୁଣି ପରିବାର ଲୋକେ ସଂପୂର୍ଣ୍ଣ ଭାଙ୍ଗିପଡିଥିଲେ । ଏହି ଖବର ପ୍ରଘଟ ହେବା ପରେ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା । ଶକ୍ତିଙ୍କ ଦିବ୍ୟାଙ୍ଗ ବାପା ଜଣେ ୨୧ ବର୍ଷର ରୋଜଗାରିଆ ଭେଣ୍ଟିଆ ପୁଅକୁ ହରାଇ ଭାଙ୍ଗି ପଡ଼ିଛନ୍ତି । ବିଶେଷକରି ପୁତୁରାକୁ ହରାଇ ଯୁବ ସାମ୍ବାଦିକ ସୁଜିତ୍ କୁମାର ବେହେରା ସଂପୂର୍ଣ୍ଣ ଭାଙ୍ଗି ପଡିଛନ୍ତି । ବ୍ରହ୍ମପୁରରେ ଶକ୍ତିଙ୍କ ଶବ ବ୍ୟବଚ୍ଛେଦ ହେବା ପରେ ରବିବାର ସନ୍ଧ୍ୟା ସମୟରେ ନିଜ ଗ୍ରାମକୁ ଆଣି ଶବ ସଂସ୍କାର କରାଯାଇଛି । ଶକ୍ତିଙ୍କୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଶତାଧିକ ଲୋକ ଗ୍ରାମରେ ପହଞ୍ଚି ଯାଇଥିଲେ । ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଶକ୍ତି ଜଣେ ମେଳାପୀ ଓ ପରୋପକାରୀ ଯୁବକ ଥିଲେ ।

ଅବକାରୀ ଚଢ଼ଉ
ଦେଢ଼କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ଘଟଗାଁ (ଅମୃତ ମିଡିଆ): କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ପୋଇପାଣି ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଏକ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉରେ ଦେଢ଼ କିଲୋଗ୍ରାମ ଗଞ୍ଜେଇ ଜବତ କରାଯିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି । ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଆଜି ଘଟଗାଁ ଅବକାରୀ ଥାନାର ଏକ ଟିମ୍ ପୋଇପାଣି ଗ୍ରାମରେ ହଠାତ୍ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ବେଆଇନ ଭାବେ ମହଜୁଦ ରହିଥିବା ଦେଢ଼ କିଲୋ ଗଞ୍ଜେଇକୁ ଜବତ କରାଯିବା ସହ ଏଥିରେ ସଂପୃକ୍ତ ଥିବା ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା । ଅଭିଯୁକ୍ତ ଜଣକ ହେଲେ ଗ୍ରାମର ସୁଦର୍ଶନ ନାଏକ ।

ଗିରଫ ଅଭିଯୁକ୍ତଙ୍କୁ ଆଇନଗତ ପ୍ରକ୍ରିୟା ଅନୁଯାୟୀ ଆଜି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି । ଏହି ଚଢ଼ାଉ ବେଳେ ଅବକାରୀ ଥାନା ଅଧିକାରୀ ସନ୍ତୋଷ କୁମାର ଦାସଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ସାମିଲ ଥିଲେ ।

ଥାନାରୁ ଜେସିବି ଚୋରି : ୪ ଅଟକ

ବାରିପଦା (ଅମୃତ ମିଡିଆ): ପୋଲିସ ଜବତ କରିଥିବା ଜେସିବିକୁ ବାଲି ମାଫିଆମାନେ ଚୋରାଇ ନେଇଥିଲେ । ମାତ୍ର ଏହାକୁ ପୁଣି ଜବତ କରି ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ରାସଗୋବିନ୍ଦପୁର ଥାନା ପୁଲିସ । ତେବେ ଜେସିବି ମାଲିକ, ଅନ୍ୟ ୨ ଜଣ ଅଟକ ଥିବା ସୂଚନା ମିଳିଛି । ସୂଚନା ଅନୁସାରେ, ଦେବଶୋଳ ଅଞ୍ଚଳରେ କେତେକ ସ୍ଥାନରେ ଗଚ୍ଛିତ ଚୋରା ବାଲିକୁ ଜେସିବି ସାହାଯ୍ୟରେ ଡମ୍ପରରେ ବୋଝେଇ କରି ଚାଲାଣ ହେଉଥିଲା । ଖବର ପାଇ ରାସଗୋବିନ୍ଦପୁର ପୁଲିସ ବିଳମ୍ବିତ ରାତିରେ ଚଢ଼ାଉ କରିଥିଲା । ଘଟଣାସ୍ଥଳରୁ ଡମ୍ପର ଚମ୍ପଟ ମାରିଥିବା ବେଳେ ଜେସିବି ମେସିନକୁ ଜବତ କରି ଚାଳକ ସହ ଥାନାକୁ ଆଣିଥିଲା ପୁଲିସ । ବିଳମ୍ବିତ ରାତ୍ରିରେ ପୁଲିସ ରଖିଥିବା ସ୍ଥାନରୁ ମାଫିଆମାନେ ଜେସିବି ଚୋରେଇ ନେଇ ଚମ୍ପଟ ମାରିଲେ । ଏହା ଜାଣିବା ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସାରୁମୂଳା ଅଞ୍ଚଳରୁ ଜେସିବିକୁ ଠାବ କରି ପୁଣିଥରେ ଜବତକରି ଥାନାକୁ ଆଣିଛି । ଉକ୍ତ ଘଟଣାକୁ ନେଇ ତିନିରୁ ଚାରି ଜଣକୁ ପୋଲିସ ଅଟକ ରଖି ଅଧିକ ତଦନ୍ତ ଆରମ୍ଭ କରିଛି । ତେବେ ରାସଗୋବିନ୍ଦପୁର ଥାନା ପରିସରରେ ଜାଗା ନଥିବା ରୁ ଜେସିବି କୁ ଥାନା ସମ୍ମୁଖ ରାସ୍ତାରେ ରଖିଥିଲା । ଅପରପକ୍ଷରେ ବାଲି ଚୋର ମାନେ କେଉଁଠୁ ଏତେ ସାହସ ପାଇଲେ ତାହାକୁ ନେଇ ବିଭିନ୍ନ ମହଲରେ ବିଭିନ୍ନ ପ୍ରକାରର ଆଲୋଚନା ହେଉଥିବାର ଲକ୍ଷ୍ୟ କରାଯାଇଛି ।

ଉଠାଦୋକାନୀ ସଙ୍ଘ ପକ୍ଷରୁ ମହାପ୍ରସାଦ ବଣ୍ଟନ

ଘଟଗାଁ (ଅମୃତ ମିଡିଆ): କେନ୍ଦୁଝର ଜିଲ୍ଲାର ପ୍ରସିଦ୍ଧ ପୀଠ ଘଟଗାଁ ସ୍ଥିତ ମା' ତାରିଣୀ ମନ୍ଦିର ପରିସରରେ ଉଠାଦୋକାନୀ ସଙ୍ଘ ପକ୍ଷରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଏକ ବିଶେଷ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପବିତ୍ର ଶ୍ରାବଣ ସୋମବାର ଅବସରରେ ମା' ତାରିଣୀ ମନ୍ଦିର ପରିସରରେ ଅବସ୍ଥିତ ପ୍ରସିଦ୍ଧ ଘଟକେଶ୍ୱର ଶିବ ମନ୍ଦିରକୁ ଜଳଲାଗାଇବା ପାଇଁ ଆସିଥିବା କାଉଡ଼ିଆ ଏବଂ ମା'ଙ୍କ ଦର୍ଶନ ନିମନ୍ତେ ଦୂରଦୂରାନ୍ତରୁ ଆସିଥିବା ଅନେକ ଶ୍ରଦ୍ଧାଳୁଙ୍କ ପାଇଁ ସଙ୍ଘ ପକ୍ଷରୁ ପ୍ରସାଦ ସେବାର ବ୍ୟବସ୍ଥା କରାଯାଇଥିଲା । ହଜାର ହଜାର ଭକ୍ତ ଏହି ପ୍ରସାଦ ଗ୍ରହଣ କରି କୃତଜ୍ଞତା ଜ୍ଞାପନ କରିଛନ୍ତି ।

ସଙ୍ଘର କର୍ମକର୍ତ୍ତାମାନଙ୍କ ସୂଚନା ଅନୁଯାୟୀ, ଗତ ୫ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଏହି ସେବା କାର୍ଯ୍ୟକ୍ରମ କରାଯାଇଆସୁଛି । ଆଗାମୀ ଦିନରେ ମଧ୍ୟ ଏହି ମହତ୍ କାର୍ଯ୍ୟକୁ ଅଧିକ ବ୍ୟାପକ କରାଯିବ ଏବଂ ଏହା କ୍ରମାଗତ ଭାବେ ଜାରି ରହିବ ବୋଲି ଉଠାଦୋକାନୀ ସଙ୍ଘ ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ କରାଯାଇଛି । ସଙ୍ଘର ସଭାପତି ଗୋଲବାସ ଦେହୁରୀ ଏବଂ ସମ୍ପାଦକ ଭରତ କିଶୋର ପଳେଇଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ତୁଲାଇଥିଲେ ।ଏପରି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ଏବଂ ବୁଦ୍ଧିଜୀବୀ ମହଲରେ ବେଶ୍ ପ୍ରଶଂସା କରାଯାଇଛି ।

କାଉଡ଼ିଆଙ୍କୁ ଖାଦ୍ୟ ବଣ୍ଟନ କଲେ ବିଧାୟକ

ଚଣ୍ଡିଖୋଲ (ଅମୃତ ମିଡିଆ): ବଡ଼ଚଣା ଅଞ୍ଚଳରେ ଥିବା ପ୍ରସିଦ୍ଧ ପଞ୍ଚଲିଙ୍ଗ ପ୍ରଭୁ ମହାବିନାୟକ ପୀଠ କୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଆସି ଆଜି ଜଳାଭିଷେକ କରିଥିଲେ । ତେବେ କାଉଡ଼ି ଆଙ୍କ ସେବା କରିବା ସହିତ ସେମାନଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ ବଡ଼ଚଣା ବିଧାୟକ ଅମର କୁମାର ନାୟକ । ଶ୍ରୀ ନାୟକ ରବିବାର ମହାବିନାୟକ ପୀଠ ତଳେ ଥିବା ହନୁମାନ ମନ୍ଦିର ସମ୍ମୁଖରେ କାଉଡିଆ ମାନଙ୍କୁ ବିଧାୟକଙ୍କ ସହିତ ଜିଲ୍ଲା ବିଜେପି ସଭାପତି ଦେବଯାନି ପ୍ରଧାନ, ଜିଲ୍ଲା ଉପସଭାପତି ପ୍ରମୋଦ ଜେନା, ଜିଲ୍ଲାପରିଷଦ ସଭ୍ୟ ଜିତେନ୍ଦ୍ର ପ୍ରସାଦ ନାୟକ,ହରିଶଙ୍କର ପଣ୍ଡା, ମଣ୍ଡଳ ସଭାପତି ମାନସ ରାଉତରାୟ ପ୍ରମୁଖ ଉପସ୍ଥିତରହି ପ୍ରସାଦ ବାଣ୍ଟି ଥିଲେ । ଏହି କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟା ରୁ ଆରମ୍ଭ ହୋଇ ରାତି ୧୧ ପର୍ଯ୍ୟନ୍ତ ଚାଲିଥିଲା ।



ଜିଲ୍ଲାସ୍ତରୀୟ ଜାତୀୟ କୃମି ନାଶକ ଦିବସ

ରାଜନଗର (ଅମୃତ ମିଡିଆ): ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ସ୍ଥାନୀୟ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି । କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ନମିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ରଘୁରାମ ଆର ଆୟାର ଜଗନ୍ନାଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ପଂଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଉପାଧକ୍ଷ ଗଣେଶଚନ୍ଦ୍ର ଗୁଡିଆ, ବିଡିଓ ଅଶୋକ କୁମାର ମହାନ୍ତି, ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ଅନୁଷ୍ଠାନର ଅଧକ୍ଷ ଅମୀୟ କୁମାର ଦାସ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଡାକ୍ତର ମନୋରଂଜନ ସାହୁ, ଉପ-ପରିଚାଳକ ସୁକା'କୁମାର ପ୍ରଧାନ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଶୁଭନାରାୟଣ ନାୟକ, ସିଡିପିଓ ଦିପାଳୀ ମିଶ୍ର, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରଶ୍ମିରଂଜନ ମହାନ୍ତି ଉପସ୍ଥିତ ରହି କୃମି ନାଶକ ଔଷଧ ସେବାର ଉପକାରୀତା ସଂପର୍କରେ ଆଲୋକପାତ କରିଥିଲେ । ମହାବିଦ୍ୟାଳୟର ୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ କୃମି ନାଶକ ଔଷଧ ଖାଇବାକୁ ଦିଆଯାଇଥିଲା । ସୋମବାର ଦିନ ବ୍ଲକର ମୋଟ ୩୬ହଜାର ୨୦୧ଜଣ ପିଲାଙ୍କୁ କୃମି ନାଶକ ଔଷଧ ପ୍ରଦାନ କରାଯାଇଛି । ଅବଶିଷ୍ଟ ୪ହଜାର ୭୧୨ଜଣ ପିଲାଙ୍କୁ ଆସନ୍ତା ୧୭ତାରିଖରେ ବଂଟନ କରାଯିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ଡାକ୍ତର ମହାନ୍ତି ପ୍ରକାଶ କରିଛନ୍ତି ।

ଓଡିଶା ଜନତା କଂଗ୍ରେସ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଚଣ୍ଡିଖୋଲ (ଅମୃତ ମିଡିଆ): ଓଡ଼ିଶା ଜନତା କଂଗ୍ରେସ(ଓଜେସି) ସେବା ସଙ୍ଗଠନର ତିନିଦିନିଆ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି । ଯାଜପୁର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଓଳାଶୁଣୀ ପାହାଡ଼ ଶୀର୍ଷଦେଶରେ ଏହି ଶିବିର ଚାଲିଥିଲା । ସଙ୍ଗଠନର ରାଜ୍ୟ ଅଧକ୍ଷ ମନୋଜ ଜେନାଙ୍କ ସଭାପତିତ୍ୱରେ ଚାଲିଥିବା ଶିବିରର ଅନ୍ତିମ ଦିବସରେ ମୁଖ୍ୟ ଅତିଥି ଭାବେ ପାର୍ଟିର ସଭାପତି ମହମଦ ମୋକିମ ଯୋଗଦେଇ ଯୁବଶକ୍ତିକୁ ଅଧିକ ଗୁରୁତ୍ୱ ପ୍ରଦାନ କରି ଦଳୀୟ କାର୍ଯ୍ୟକ୍ରମକୁ ଆଗେଇ ନେବାକୁ କହିଥିଲେ । ଓଡ଼ିଶା ସାମ୍ବାଦିକ ୟୁନିୟନ ସଭାପତି ପ୍ରସନ୍ନ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୁବପିଢି ଚାହିଁଲେ ଦେଶକୁ ବଦଳାଇ ପାରିବେ ବୋଲି କହି ଥିଲେ । ଏଥିସହିତ ସାମ୍ବାଦିକଙ୍କ ପ୍ରତି ସରକାର ସାମାନ୍ୟ ସମବେଦନା ରହୁନାହିଁ ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଜେସିର ରାଜ୍ୟ ଉପସଭାପତି ନିକୁଞ୍ଜ ପଶାୟତ, ପ୍ରଦୀପ ପ୍ରଧାନ, ଗିରିବଳା ବେହେରା, ରଞ୍ଜିବା ଭାରତ, ସାଧାରଣ ସମ୍ପାଦକ ସଞ୍ଜୟ ରାୟ, ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ଶୈଳବାଳା ଜେନା, ରାଜ୍ୟ ଯୁବମୋର୍ଚ୍ଚା

ସଭାପତି ଆର୍ଯ୍ୟବୀର ଲେଙ୍କା, କୃଷକ ମୋର୍ଚ୍ଚା ସଭାପତି ସଂଗ୍ରାମ ମାଝୀ, ରାଜ୍ୟ ସମ୍ପାଦକ ଦିଲୀପ ରାଉତ, ପ୍ରତିଷ୍ଠାତା ସଭ୍ୟ ସୁରେଶ ସାହାଣୀ, ଜିଲା ସଭାପତି ବିଦ୍ୟାଧର ମହାରି, ଅନିଲ ବେହେରା ପ୍ରମୁଖ ସମସ୍ତ ରାଜ୍ୟ ଓ ଜିଲାପୁରୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ ସଙ୍ଗଠନ ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟ ସଙ୍ଗଠନ ସମ୍ପାଦକ ଶୁଭେନ୍ଦୁ ମଲିକ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଦଳର ସଭାପତି ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ପ୍ରଦୀପ ଧଳ ଧନ୍ୟବାଦ ବାଦ ଦେଇଥିଲେ ।

ଅଷ୍ଟମ ଦିନରେ ଠିକାଦାରଙ୍କ ଆମରଣ ଅନଶନ, ଧାରଣା ଗେଟ୍‌ରେ ତାଲା ପକାଇବାକୁ ଚେତାବନୀ

ଚଣ୍ଡିଖୋଲ (ଅମୃତ ମିଡିଆ): ଦୀର୍ଘ ଦୁଇବର୍ଷ ବିତି ଯାଇଥିଲେ ମଧ୍ୟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗରେ କାର୍ଯ୍ୟ କରି ସେମାନଙ୍କ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଥିବା ଠିକାଦାର ମାନେ ଚଳାଇ ଆସିଥିବା ଧାରଣା ଆଜି ଅଷ୍ଟମ ଦିନରେ ପହଞ୍ଚିଛି । ବିଭାଗ ପକ୍ଷରୁ ଆଜି ସୁଦ୍ଧା ଧାରଣାରତ ଠିକାଦାର ମାନଙ୍କ ସହିତ କୌଣସି କଥାବାର୍ତ୍ତା ବା ସମସ୍ୟାର ସମାଧାନ ଦିଗରେ ବିଭାଗୀୟ ଅଧିକାରୀ ଆଲୋଚନ ନ କରିବା, ଠିକାଦାର ମାନଙ୍କ ବକେୟା ପ୍ରାପ୍ୟ ପ୍ରଦାନ ରେ ଅହେତୁକ ବିଳମ୍ବ କରିବାକୁ ନେଇ ଠିକାଦାର ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ସମସ୍ୟାର ସମାଧାନ ଦିଗରେ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ ନକଲେ ସେମାନେ ବାଧ ହୋଇ ଆମରଣ ଅନଶନ କରିବା ସହିତ ମଙ୍ଗଳବାର ଠାରୁ ଗେଟ୍ରେ ତାଲା ପକାଇବା ସହିତ କୌଣସି କର୍ମଚାରୀଙ୍କୁ କାର୍ଯ୍ୟାଳୟ ଭିତରେ ପୁରାଇ ଦେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ଆଜି ସଙ୍ଘ ପକ୍ଷରୁ ନିଆଯାଇଥିବା ଆମରଣ ଅନଶନ ବିଷୟରେ ସଙ୍ଘର ସଭାପତି ବିଶ୍ୱଜିତ୍ ବିଶ୍ୱାଳ, ସୁଜିତ୍ ମହାରଣା, ବିଶ୍ୱଜିତ୍ ସାମଲ, ଶରତ ଚନ୍ଦ୍ର ସାମାଲ, ପରେଶ ସାହୁ, ଜମିଲା ଅକ୍ତର ଗଣମାଧ୍ୟମ କୁ ସୂଚନା ଦେଇ ଛନ୍ତି । ଖବର ଲେଖା ହେବା ପର୍ଯ୍ୟନ୍ତ ଠିକାଦାର ମାନେ ପ୍ରବଳ ବର୍ଷା ଘଡ଼ ଘଡି ମଧ୍ୟରେ ଅସ୍ଥାୟୀ ଟେଣ୍ଟ ତଳେ ବିପଦ ସଙ୍କୁଳ ଅବସ୍ଥାରେ ବସି ରହିଛନ୍ତି ।

ଶ୍ରାବଣ ସୋମବାର: ବାବା ବାଣେଶ୍ୱର ଶୈବପୀଠରେ କାଉଡ଼ିଆଙ୍କ ଜଳଲାଗି

ଘଟଗାଁ (ଅମୃତ ମିଡିଆ): ପବିତ୍ର ଶ୍ରାବଣ ସୋମବାର ଅବସରରେ ଚାରିଆଡ଼େ ମୁଖରିତ ହୋଇଉଠିଛି 'ବୋଲବମ୍' ଡାକ । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକର ସୁପ୍ରସିଦ୍ଧ ତଥା ବହୁ ପୁରାତନ ପୀଠ ବାବା ବାଣେଶ୍ୱର ଶୈବପୀଠରେ ଆଜି ସକାଳୁ ସକାଳୁ ଜଳଲାଗି ପାଇଁ କାଉଡ଼ିଆଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ବହୁ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ଓ କାଉଡ଼ିଆମାନେ ଅତ୍ୟନ୍ତ ନିଷ୍ଠାର ସହ 'ବୋଲବମ୍' ଧ୍ୱନି ଦେଇ ନିକଟସ୍ଥ ନଦୀରୁ ପବିତ୍ର ଜଳ ସଂଗ୍ରହ କରି ପ୍ରଭୁ ବାଣେଶ୍ୱରଙ୍କ ନିକଟରେ ଜଳଲାଗି କରିଥିଲେ । ଶ୍ରାବଣ ମାସରେ ଏହି ପୀଠରେ ମହାଦେବଙ୍କୁ ଜଳଲାଗି କଲେ ଭକ୍ତମାନଙ୍କର ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବହୁପୁରାକାଳରୁ ଗୋଟିଏ ଦୃଢ଼ ବିଶ୍ୱାସ ରହିଆସିଛି । ଶ୍ରଦ୍ଧାଳୁମାନଙ୍କର ଶୃଙ୍ଖଳିତ ଦର୍ଶନ ନିମନ୍ତେ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବା ସହ ପୋଲିସ ମୁତୟନ କରାଯାଇଥିଲା । ମନ୍ଦିର ପରିସରରେ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ଭ

ବିସ୍ଥାପିତଙ୍କୁ ଥଇଥାନ କରିବାକୁ ଦାବି

ରଘୁନାଥପୁର (ଅମୃତ ମିଡିଆ) : କମିଛି ମହାନଦୀର ଜଳସ୍ତର। ଚଳିଯାଇଛି ବନ୍ୟାର ଭୟ। କିନ୍ତୁ ଦେଇ ଯାଇଛି ବହୁ ଗୁଡ଼ିଏ ଅପ୍ରିୟ ଅନୁଭୂତି।ଗତ ଲଘୁଚାପଜନିତ ପ୍ରବଳ ବର୍ଷାରେ ହିରାକୁଦର ୨୨ଟି ଗେଟ୍ ଖୋଲାଯିବା ଫଳରେ ମହାନଦୀ ଜଳସ୍ତର ଫୁଲି ଉଠିଥିଲା। ଏହା ପ୍ରଭାବରେ ରଘୁନାଥପୁର ବ୍ଲକ ପୁରଣ ଓଡ଼ପଡ଼ା ଗ୍ରାମରେ ପ୍ରବାହିତ ହେଉଥିବା ପାଇକା ନଦୀରେ ମଧ୍ୟ ଉଦବୃତ୍ତ ବର୍ଷାଜଳ ନିଷ୍କାସନ ହୋଇନପାରି ଜଳସ୍ତର ଫୁଲି ଉଠି ଏହାର ଅବବାହିକା ଜଳମଗ୍ନ ହୋଇଥିଲା। ଫଳରେ ଏହି ଗ୍ରାମର ଗ୍ରାମବାସୀମାନଙ୍କର ହେକ୍ଟର ହେକ୍ଟର ଫୁଲ ଓ ପନିପରିବା ଚାଷ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। କିନ୍ତୁ ଏହି ଅବବାହିକାରେ ଅସ୍ଥାୟୀ ଘର କରି ରହିଥିବା କିଛି ବିସ୍ଥାପିତ ଜନଜାତି ଲୋକମାନେ ପାଣି ଘେରରେ ରହି ଯାଇଥିଲେ। ଏମାନଙ୍କୁ ରଘୁନାଥପୁର ବ୍ଲକ ପ୍ରଶାସନ ବହୁ ପୂର୍ବରୁ ସତର୍କ କରିବା ସହ ଉପରକୁ ଚାଲି ଆସିବାକୁ ବହୁ ବାଧ୍ୟ କରିଥିଲେ ମଧ୍ୟ ସେମାନେ ନ ଆସି ବ୍ଲକ

ପ୍ରଶାସନର ଅସହାୟତାକୁ ବେଶ୍ ଉପଭୋଗ କରିଥିଲେ। ଶେଷରେ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପରେ ରଘୁନାଥପୁର ପୋଲିସ ପାଣିରେ ପଶି ସେମାନଙ୍କୁ ଜୋରକରି ଉପରକୁ ଆଣିଥିଲେ। ନିଜ ଜୀବନ ବିପନ୍ନ ଥିବା ବେଳେ ଉକ୍ତ ଲୋକ ମାନେ ରହିଥିବା ସ୍ଥାନକୁ ରାସ୍ତା, ଆବାସ ଯୋଜନାରେ ଗୃହ, ପାନୀୟ ଜଳର ସୁବ୍ୟବସ୍ଥା ଓ ଆଲୋକିକରଣ ଭଳି ଦାବି ଜିଲ୍ଲା ପ୍ରଶାସନ ନିକଟରେ ରଖିଥିଲେ। ଏତଦଭିନ୍ନ ଏମାନେ ଜଗତସିଂହପୁର ଜିଲ୍ଲାର ବନ୍ୟା ଆଶ୍ରୟସ୍ଥଳୀରେ ନରହି କଟକ ଜିଲ୍ଲାର ବନ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଏହା ସହିତ ଏହି ବିସ୍ଥାପିତ ମାନଙ୍କୁ ରଘୁନାଥପୁର ବ୍ଲକ ପ୍ରଶାସନ ନିରନ୍ତର ୫ଦିନ ଧରି ବନ୍ୟା ଆଶ୍ରୟସ୍ଥଳୀରେ ଜଗି ରହିବା ଫଳରେ ବ୍ଲକ କାର୍ଯ୍ୟ ଏକପ୍ରକାର ଠପ୍ ହୋଇ ଯାଇଥିଲା। ପ୍ରତିବର୍ଷ ବର୍ଷାଦିନେ ପାଇକା ନଦୀର ଜଳରାଶି ଫୁଲିଉଠି ଏହାର ଅବବାହିକା ବନ୍ୟା ପ୍ଲାବିତ ହୋଇ ସଂପୃକ୍ତ ଲୋକମାନେ ପାଣି ଘେରରେ ରହୁଥିବା ଓ ଏଥିପାଇଁ ବ୍ଲକ ଏବଂ ଜିଲ୍ଲା ପ୍ରଶାସନ ନାକେଦମ୍ ହେଉଥିବା ଦେଖିବାକୁ ମିଳିଛି। ଏହାକୁ ଦୃଷ୍ଟିରେ ରଖି ଉକ୍ତ ବିସ୍ଥାପିତମାନେ ନା ନିଜେ କୈଣସି ଉଚ୍ଚା ସ୍ଥାନରେ ଘର କରି ରହୁଛନ୍ତି ନା ଏଥିପ୍ରତି ଜିଲ୍ଲା ପ୍ରଶାସନର ନିଘା ଅଛି।ରାତ୍ ଗୟି,ବାତ୍ ଗୟି ଉଦ୍ଭିରେ ପ୍ରତିବର୍ଷ ବନ୍ୟା ବେଳେ ଉକ୍ତ ଲୋକମାନଙ୍କ କଥା ଜିଲ୍ଲା ଓ ବ୍ଲକ ପ୍ରଶାସନର ମନେ ପଡ଼ିଥାଏ। ତେଣୁ ପୁରଣ ଓଡ଼ପଡ଼ା ଗ୍ରାମବାସୀମାନଙ୍କ ଦାବି ଅନୁଯାୟୀ ଏହି ଲୋକଙ୍କ ମୂଳ ବାସସ୍ଥାନକୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରି, ସେମାନଙ୍କୁ ଜିଲ୍ଲାର କୈଣସି ଉଚ୍ଚ ସ୍ଥାନରେ ସମସ୍ତ ପ୍ରକାର ସୁବିଧା କରି ଥଇଥାନ କରିବାକୁ ଦାବି କରାଯାଇଛି। ଅନ୍ୟ ପକ୍ଷରେ ଏହି ବିସ୍ଥାପିତ ମାନଙ୍କ ଯୋଗୁଁ ପୁରଣ ଓଡ଼ପଡ଼ା ଗ୍ରାମରେ ଦିନକୁଦିନ ସ୍ଥାନାଭାବର ସଂକଟ ଦେଖା ଯାଉଥିବା ନେଇ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି।

ଯୋରକୁ ଗାଧୋଇବାକୁ ଯାଇ ଯୁବକ ନିଖୋଜ

ହିନ୍ଦୋଳ (ଅମୃତ ମିଡିଆ) : ହିନ୍ଦୋଳ ଉପଖଣ୍ଡ ବାଲିମୀ ଥାନା ଅନ୍ତର୍ଗତ ଦୁଦୁରକୋଟ ମାନପୁର ଗ୍ରାମର କିଶୋର ଗୋଛାୟତଙ୍କ ପୁଅ ଦିନେଶ ଗୋଛାୟତ(୧୫) ନିଜ ପିଉସା ଘର ସରପାକୁ ବୁଲିବାକୁ ଯାଇଥିଲେ। କିନ୍ତୁ ସରପାରେ ଥିବା ଲିଙ୍ଗରା ଯୋରକୁ ଶନିବାର ସକାଳ ସମୟରେ ଦିନେଶ ଗାଧୋଇବାକୁ ଯାଇ ଘରକୁ ଫେରିନଥିଲେ। ଘରକୁ ଫେରିବା ବିଳମ୍ବ ହେବାରୁ ପିଉସା ଘର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। ଏ ସଂପର୍କରେ ଖବର ପାଇ ବଆଁରପାଳ ବୁଢାପଙ୍କ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ ମଧ୍ୟ ପାଇନଥିଲେ। ସେ ଦଶମ ଶ୍ରେଣୀରେ ପଢୁଥିବାର ଜଣାପଡ଼ିଛି। ଦୀର୍ଘସମୟ ପର୍ଯ୍ୟନ୍ତ ଦମକଳବାହିନୀ ପାଣିରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। ଯୋରରେ ବହୁ ପାଣି ଚାଲୁଥିବାରୁ ସେ ପାଣିରେ ଭାସିଯାଇ ଥାଇପାରନ୍ତି ବୋଲକମାନେ ଅନୁମାନ କରୁଛନ୍ତି। ପରିବାର ଲୋକେ ଫୁଆକୁ ନପାଇ ଦୁଃଖରେ ଭାଙ୍ଗି ପଡିଛନ୍ତି। ଖବର ଲେଖିବା ସୁଦ୍ଧା ଦିନେଶଙ୍କର କୌଣସି ସନ୍ଧାନ ମିଳିପାରିନାହିଁ।

ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

ଚାଷୀଙ୍କ...

୨୦,୪୬,୧୮୫ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ପୂର୍ବ ବର୍ଷ (୨୦୨୪-୨୫)ରେ ୧୯,୧୮,୫୨୮ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିବା ବେଳେ ଏଥର ସଂଗ୍ରହ ପରିମାଣରେ ବୃଦ୍ଧି ଘଟିଛି। ରବି ଋତୁରେ ଆଜି ସୁଦ୍ଧା ୩ ଲକ୍ଷ ୬୩ ହଜାର ୧୪୯ ଚାଷୀଙ୍କୁ ୪ ହଜାର ୮୪୪ କୋଟି ଟଙ୍କା ଏମଏସପି ଓ ଇନପୁଟ ସହାୟତା ବାବଦରେ ପ୍ରଦାନ କରାଯାଇଛି। କମିଟି ପକ୍ଷରୁ କୁହାଯାଇଛି ଯେ ଅନ୍ତତଃ ୫୦% ଚାଷୀଙ୍କୁ ପଞ୍ଜୀକୃତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ କୃଷି ଓ କୃଷକ ସଶକ୍ତିକରଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମିଳିତ ଭାବେ କାର୍ଯ୍ୟାଳୟ ସ୍ତରରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ। ରାଜସ୍ୱ ବିଭାଗ ଏଥିନିମନ୍ତେ ଆବଶ୍ୟକୀୟ ସହାୟତା ପ୍ରଦାନ କରିବ। ପଞ୍ଜିକରଣ ନିକଟସ୍ଥ ପାକ୍ସ କେନ୍ଦ୍ର, କମନ ସର୍ଭିସ ସେଣ୍ଟର ଓ ସହାୟକ ମୋଡ଼ରେ କରାଯାଉଛି। ଆଜି ସୁଦ୍ଧା ଖରିଫ ୨୬-୨୭ ପାଇଁ ୯୪,୬୫୭ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିସାରିଛନ୍ତି। ଏଥିରେ ସର୍ବାଧିକ ପଞ୍ଜିକରଣ ବାଲେଶ୍ୱର ଜିଲ୍ଲାର ହୋଇଛି। ପଞ୍ଜିକରଣ ଓ ଧାନ ବିକ୍ରି ନେଇ ଚାଲୁଥିବା ଭୁଲ ତଥ୍ୟକୁ ରୋକିବା ପାଇଁ ପ୍ରତ୍ୟେକ ସବ-ଡିଭିଜନ ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏଥିପାଇଁ ଭିଏଡବ୍ଲୁମାନେ ଚାଷୀମାନଙ୍କୁ ଆବେଦନ ପାଇଁ ସହଯୋଗ କରିବେ। ଆବେଦନ ପରେ ସମ୍ପୃକ୍ତ ଚାଷୀଙ୍କୁ ପଞ୍ଜିକରଣ ରସିଦ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଲାଲ୍‌କିଲ୍ଲାରୁ ...

୨୦୪୭ ସୁଦ୍ଧା ଭାରତକୁ ବିକଶିତ ଦେଶରେ ପରିଣତ କରିବାର ଯାତ୍ରାରେ ଦେଶର ଯୁବପିଢ଼ିର ଅବଦାନ ଓ ଭୂମିକାକୁ ଏଥିରେ ପ୍ରମୁଖତା ଦିଆଯିବ। ଏହି ସମୟରେ 'ବନ୍ଦେ ମାତରମ୍'କୁ ନେଇ ଆଇନଗତ ପଦକ୍ଷେପ ମଧ୍ୟ ଚର୍ଚ୍ଚାରେ ରହିଛି। ସଂସଦ ନିକଟରେ 'ପ୍ରିଭେନ୍‌ସନ୍ ଅଫ୍ ଇନ୍‌ସଲ୍ଟସ୍ ଟୁ ନ୍ୟାସନାଲ୍ ଅନର (ଆମେଣ୍ଡମେଣ୍ଟ) ବିଲ୍, ୨୦୨୬' ପାରିତ କରିଛି। ଏହାଦ୍ୱାରା 'ବନ୍ଦେ ମାତରମ୍'କୁ ଅପମାନରୁ ଆଇନଗତ ସୁରକ୍ଷା ମିଳିବା ସହ ଜାତୀୟ ସଙ୍ଗୀତ ଭଳି ଏହାର ମର୍ଯ୍ୟାଦାକୁ ଆଇନର ଆଧାର ଦିଆଯାଇଛି। ତେବେ ଏହି ପଦକ୍ଷେପକୁ ନେଇ ଲୋକସଭାରେ ରାଜନୈତିକ ତର୍କ ମଧ୍ୟ ହୋଇଥିଲା।

୯ଟି ...

ପ୍ରକୃତ ଉପଯୋଗ ପାଇଁ ଶିକ୍ଷାୟନର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ଶିକ୍ଷ ଅଭିବୃଦ୍ଧି ପାଇଁ ଆମେ ଉଦ୍ୟମ ଜାରି ରଖିଛୁ। ଏଥିପାଇଁ ଦେଶ ଭିତରେ ଓ ଦେଶ ବାହାରକୁ ଯାଇ ଶିଳ୍ପପତି ମାନଙ୍କୁ ଭେଟି ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆକର୍ଷିତ କରୁଛୁ। ଫଳସ୍ୱରୂପ ଗତ ଦୁଇ ବର୍ଷ ମଧ୍ୟରେ ପ୍ରାୟ ୨୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆସିଛି ଏବଂ ଏଥିରୁ ୨୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଦୁଇ ଦିନ ତଳେ ନୂଆ ଦିଲ୍ଲୀ ଓ ନୋଇଡାରେ ଓଡିଶା ଫୁଡ୍ ପ୍ରୋସେସିଙ୍ଗ୍ ରୋଡ୍ ସୋ ରେ ଯୋଗଦେଇ ଶିଳ୍ପପତିମାନଙ୍କ ସହ ଓଡିଶାରେ ନିବେଶ ପାଇଁ ଆଲୋଚନା କରାଯାଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଗସ୍ତ ସମୟରେ ୪୬ଟି ବୈଠକରେ ୨୦୮ ଜଣ ନିବେଶକଙ୍କ ସହିତ ବ୍ୟକ୍ତିଗତ ଆଲୋଚନା ହୋଇଛି, ୩୮ଟି ଗଣ୍ଟଟ ସ୍ୱାକ୍ଷରିତ ହୋଇଛି। ଏଥିରେ ସମୁଦାୟ ୬୬,୩୯୨ କୋଟି ଟଙ୍କାର ପୁଞ୍ଜି ନିବେଶ ସହିତ ୫୪,୧୩୫ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏବେ ଓଡିଶାରେ ରିଭର୍ସ ମାଇଗ୍ରେସନ୍ ଆରମ୍ଭ ହେଲାଣି ବୋଲି କହି ଆଗାମୀ ଦିନରେ ଶିକ୍ଷାୟନ ଓ ନିଯୁକ୍ତି କ୍ଷେତ୍ରରେ ରାଜ୍ୟରେ ବ୍ୟାପକ ପରିବର୍ତ୍ତନ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶେଷରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଓ ସେମାନଙ୍କ ପରିବାର ବର୍ଗଙ୍କୁ ଶୁଭେଚ୍ଛା ଜଣାଇବା ସହିତ ନବନିଯୁକ୍ତଙ୍କୁ ଦୁର୍ନୀତିରୁ ସବୁବେଳେ ଦୂରରେ ରହିବା ପାଇଁ ପରାମର୍ଶ ଦେଇଥିଲେ।

ଅନ୍ନଦାତାଙ୍କୁ ...

୨ ଲକ୍ଷ ୩୭ ହଜାର ୨୦୨ ଟନ୍ ସାର ମହଜୁଦ ରହିଛି ବୋଲି ସରକାର କହିଛନ୍ତି। ୧୪୨୬ ଟନ୍ ସାର ଡିଲରମାନଙ୍କୁ ଦିଆଯାଇଥିବା ବେଳେ ଏବେ ରାଜ୍ୟରେ ପ୍ରାୟ ୨୯ ହଜାର ଟନ୍ ସାର ଷ୍ଟକ୍ ରହିଛି ବୋଲି ଦର୍ଶାଯାଇଛି। ଚାଷୀ ସାର ପାଉନଥିବା ବେଳେ ଏଭଳି ଷ୍ଟକ୍ କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠିଛି। ସେପଟେ ପୁଣି ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ବିଷ ପିଇବାକୁ ଉଦ୍ୟମ କରିଛନ୍ତି ଦୁଇ ଚାଷୀ । ଡାଳତୁଆ ଓ ଢୋଲମରା ଗାଁର ଗଣେଶ ଚନ୍ଦ୍ର ଓ ରାମକୃଷ୍ଣ ମଣ୍ଡଳ ଏଭଳି ଉଦ୍ୟମ କରୁଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରିଥିଲା। ଚାଷୀଙ୍କ ଅଭିଯୋଗ ଅନୁସାରେ, ସେମାନଙ୍କ ଚାଷଜମିକୁ ଲାଗି ଦେଆଇନ ଭାବେ ଚିଙ୍ଗୁଡ଼ି ଘେରି ନିର୍ମାଣ ହୋଇଛି। ଘେରିର ଲୁଣି ଓ ଦୂଷିତ ପାଣି ଚାଷଜମିକୁ ମାଡ଼ି ଆସିବାରୁ ବର୍ଷ ବର୍ଷ ଧରି ଫସଲ ନଷ୍ଟ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏନେଇ ଜିଲ୍ଲାପାଳ ଓ ସମ୍ପୃକ୍ତ ବିଭାଗକୁ ବାରମ୍ବାର ଜଣାଇଥିଲେ ମଧ୍ୟ ସମାଧାନ ହୋଇନଥିବା ଦାବି କରିଛନ୍ତି ଚାଷୀ। ଫଳରେ ଜନଶୁଣାଣି ଶିବିରରେ ଏଭଳି ଚରମ ପଦକ୍ଷେପ ନେବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି।ସରକାର ନିୟମ ପରେ ନିୟମ କରିଚାଲିଛନ୍ତି। ହେଲେ ଗରିବ, ନିରୀହ, ଅପାଢୁଆ ଚାଷୀ ସେ ସବୁକୁ ହଜମ କରିପାରୁନି। ସହଜରେ ସାର, ବିହନ ଯୋଗାଇ ଦେଲେ ସେମାନେ କାମରେ ଲାଗିପଡ଼ିବେ। ହେଲେ ସରକାରୀ ଫନ୍ଦିଫିକରରେ ଯୁଝିହୋଇ ସେମାନେ ନାକେଦମ ହେଲେ ସରକାର ଫସିଯିବାର ଆଶଙ୍କା ରହିଛି। ଆଗକୁ ପଞ୍ଚାୟତ ଓ ପୌର ଭୋଟ ଥିବାବେଳେ ସରକାର ଏହି ସମ୍ବେଦନଶୀଳ ଘଟଣାଗୁଡ଼ିକ ଉପରେ ଚିନ୍ତାକରି ନିୟମକୁ ସରଳ କରିବା ନିହାତି ଜରୁରୀ। ନହେଲେ ଚାଷୀଙ୍କ ନିଃଶ୍ୱାସରେ ସରକାର ଫସିଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ।

ଗ୍ୟାସ୍ ସିଲିଣ୍ଡର ଚୋରି ଘଟଣାରେ ଜଣେ ଗିରଫ

ବିଭିନ୍ନ କମ୍ପାନୀର ୧୨ଟି ସିଲିଣ୍ଡର ଜବତ

ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) : ଚୌଦ୍ୱାର ଥାନା ଅନ୍ତର୍ଗତ ଗାନ୍ଧିଚକ ଗ୍ୟାସ୍ ଏଜେନ୍ସିର ଏକ ଗ୍ୟାସ୍ ସିଲିଣ୍ଡର ବିତରଣ ଗାଡ଼ିର ଚାଳକ ଭାବେ କାର୍ଯ୍ୟ କରୁଥିବା ଉତ୍ତମ କୁମାର ସାହୁ ଗତ ୫ତାରିଖ ସକାଳେ ଗ୍ରାହକମାନଙ୍କୁ ବିତରଣ ପାଇଁ ୨୩ଟି ଗ୍ୟାସ୍ ସିଲିଣ୍ଡର ଗାଡ଼ିରେ ଲୋଡ଼ କରି ଯାଇଥିଲେ। ଅପରାହ୍ନ ପ୍ରାୟ ୨ଟା୫୦ମିନିଟ୍ ସମୟରେ ସେ ଏକ ହୋଟେଲ ସମ୍ମୁଖରେ ଗାଡ଼ି ରଖି ଖାଇବା ପାଇଁ ଯାଇଥିଲେ। ସେ ଖାଇସାରି ଆସି ଦେଖିଥିଲେ ଯେ ଅଜଣା ଦୁର୍ବୃତ୍ତମାନେ ଗାଡ଼ିରୁ ଗୋଟିଏ ଗ୍ୟାସ୍ ସିଲିଣ୍ଡର ଚୋରି କରି ନେଇଯାଇଥିବାର ଦେଖି ସେ ଚୌଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ପକ୍ଷରୁ ଏ ନେଇ ତଦନ୍ତ ଜାରି ରହିବା ସହ ଥାନା ଅଧିକାରୀ ରଜନୀକାନ୍ତ ଦାସଙ୍କ ନିର୍ଦ୍ଦେଶକ୍ରମେ ସିସିଟିଭି ଫୁଟେଜ୍ ସଂଗ୍ରହ କରି ଯାଂଚ୍ କରି ଯାଂଚ୍ କରିବା ପରେ ଟୁଙ୍ଗା ଓରଫ୍ ସନ୍ତୋଷ ବାରିକ୍ ଏହି ଘଟଣାରେ ସାମିଲ ଥିବା ନେଇ ପୁଲିସ୍ ଜାଣିବାକୁ ପାଇଥିଲା। ଅଭିଯୁକ୍ତକୁ ଗିରଫ୍ କରି ପଚରାଉଚୁରା କରିବା ପରେ ସେ ତାର ସହଯୋଗୀମାନଙ୍କ ସହ ମିଶି ଚୌଦ୍ୱାର ଏବଂ ଜଗତ୍‌ପୁର ଥାନା ଅଂଚଳର ବିଭିନ୍ନ ସ୍ଥାନରୁ ଏକାଧିକ ଗ୍ୟାସ୍ ସିଲିଣ୍ଡର ଚୋରି କରିବା ସହ ସେଗୁଡ଼ିକୁ ଚୌଦ୍ୱାର ଥାନା ଅନ୍ତର୍ଗତ ଓଟିଏମ୍ ବଜାର ସ୍ଥିତ ମା ତାରିଣୀ ଗ୍ୟାସ୍ ଆଣ୍ଡ ପାର୍ଟସ୍ ଦୋକାନର ମାଲିକ ବିକ୍ରମ ରାଉତଙ୍କୁ ବିକ୍ରି କରୁଥିଲେ। ପୁଲିସ୍ ତଲାସି କରିବା ସମୟରେ ବିଭିନ୍ନ କମ୍ପାନୀର ୧୨ଟି ଗ୍ୟାସ୍ ସିଲିଣ୍ଡର ଯଥା ଭାରତ ଗ୍ୟାସ୍‌ର ୫ଟି, ଇଣ୍ଡେନ୍ ଗ୍ୟାସ୍‌ର ୫ଟି ଓ ଏଚ୍‌ପି ଗ୍ୟାସ୍‌ର ୨ଟି ସିଲିଣ୍ଡର ଜବତ କରିଥିଲେ। ଏହା ସହ ଏହି ଚୋରିରେ ବ୍ୟବହୃତ ଏକ ବଜାର ପଲସର ମୋଟର ସାଇକେଲକୁ ମଧ୍ୟ ଜବତ କରାଯାଇଛି। ଗିରଫ୍ ସନ୍ତୋଷ ନାମରେ ପୂର୍ବରୁ ଚୌଦ୍ୱାର ଓ ଜଗତ୍‌ପୁର ଥାନାରେ ଏକାଧିକ ମାମଲା ରୁଜୁ ହୋଇଥିବା ବେଳେ ଏହି ଘଟଣାରେ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ନେଇ ପ୍ରେସ୍ ବିବୃତ୍ତି ମାଧ୍ୟମରେ ପୁଲିସ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଚିଲିକାରାଣୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ନୂତନ ପରିଚାଳନା କମିଟି

ବାଲୁଗାଁ (ଅମୃତ ମିଡିଆ) : ରାଜ୍ୟ ସରକାରଙ୍କ ନୂତନ ପ୍ରାବଦ୍ଧନ ଅନୁସାରେ ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ଚିଲିକାରାଣୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ନୂତନ ପରିଚାଳନା କମିଟି ରବିବାର ଅପରାହ୍ନରେ ଗଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନୀଳାଦ୍ରି ଭୂଷଣ ବେହେରାଙ୍କ ସଭାପତିତ୍ୱରେ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଦ୍ୟାଳୟ ପରିଚାଳନା କମିଟି ଓ ମ୍ୟାନେଜିଂ କମିଟି ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ବିଦ୍ୟାଳୟ ପରିଚାଳନା କମିଟିର କ୍ଷମତା ଓ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଧାନ ଶିକ୍ଷକ ଶ୍ରୀ ବେହେରା ସମ୍ୟକ ସୂଚନା ଦେଇଥିଲେ। ଏହା ପରେ ସର୍ବସମ୍ମତି କ୍ରମେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ମଧ୍ୟରେ ମତଦାନ କରାଯାଇଥିଲା। ସଭାପତି ଭାବେ ରମାକାନ୍ତ ପଟ୍ଟନାୟକ ଓ ଉପ ସଭାପତି ଭାବେ ଅଭିଜିତ ବିଶ୍ୱାଳ ନିର୍ବାଚିତ ହୋଇଥିଲେ। ନିର୍ବାଚିତ ପ୍ରତିନିଧି ଦ୍ୱୟ ବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ଉନ୍ନତମାନର କରିବାସହ ପ୍ରତି କ୍ଷେତ୍ରରେ ବିଦ୍ୟାଳୟର ଅଗ୍ରଗତି କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନିର୍ବାଚନୀ ଅଧିକାରୀ ଭାବେ ମ୍ୟାନେଜିଂ କମିଟି ସଦସ୍ୟ ବୃନ୍ଦ ଦାୟିତ୍ୱ ବହନ କରିଥିଲେ।

ରାହୁଲ ଗାନ୍ଧୀ ସେନା ପକ୍ଷରୁ ଯୁବ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳନ

ବାସୁଦେବପୁର (ଅମୃତ ମିଡିଆ) : ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପରିଷଦରେ ରାହୁଲ ଗାନ୍ଧୀ ସେନା ବାସୁଦେବପୁର ପକ୍ଷରୁ ଯୁବ କଂଗ୍ରେସ ପ୍ରତିଷ୍ଠା ଦିସ ପାଳନ ହୋଇ ଯାଇଛି। ଏହି ଅବସରରେ ବିଭିନ୍ନ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନୀଳମଣୀ ଚାଉନ ହଲ ଆଗରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ପରେ ଯୁବ କଂଗ୍ରେସ ର ପତାକା ଉତ୍ତୋଳନ କରାଯାଇଥିଲା। ପରେ ମିଷ୍ଟାନ ବଣ୍ଟନ ହୋଇଥିଲା। ଏହି ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାହୁଲ୍ ଗାନ୍ଧୀ ସେନା ପକ୍ଷରୁ ରମେଶ ଚନ୍ଦ୍ର ଚନ୍ଦ, ସନ୍ତୋଷ ନାୟକ, ଲତିକେଶ୍ୱର ନାୟକ, ସନ୍ତୋଷ କୁମାର ପଣ୍ଡା, ଦୀପକ ନାୟକ, ଲକ୍ଷ୍ମଣ କୁମାର ବେହେରା, ଜଗଦୀଶ ଦାସ, ଦୀପକ ଦାସ ଉପସ୍ଥିତ ରହିଥିଲେ।

ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ବାସୁଦେବପୁର (ଅମୃତ ମିଡିଆ) : ଭଦ୍ରକ ଜିଲ୍ଲା ବାସୁଦେବପୁର ପୌର ପରିଷଦରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସୁଶିଲ କୁମାର ପାତ୍ର ଅଧ୍ୟାପକ ରସାୟନ ବିଭାଗ ମଣ୍ଡାରୀ କଲେଜ, ଉପସଭାପତି ପରିଚାଳନା କମିଟି ଗଙ୍ଗାଧର ସେଠୀ ଓ ପ୍ରଧାନ ଆଚାର୍ଯ୍ୟ ମଦନ ମୋହନ ମହାନ୍ତ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ବିଦ୍ୟା ମନ୍ଦିରରେ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ରହି ସଫଳ କରାଇଛନ୍ତି। ବିଚାରକ ଭାବରେ ବିଭିନ୍ନ ବିଦ୍ୟାଳୟରୁ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ବିଦ୍ୟାର୍ଥୀମାନେ ନିଜ ନିଜର ସୁଦର ଭାବରେ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।

ସମାଜସେବୀଙ୍କୁ ଶ୍ରଦ୍ଧାଞ୍ଜଳି

ଜାତୀୟ ୧୧ ବର୍ଷରୁ କମ୍ ଚେସ୍ ଚାମ୍ପିୟନସିପ୍‌ରେ

ରନର୍ସ ଅପ୍ ସାତ୍ତ୍ୱିକ ସ୍ୱାଇଁଙ୍କୁ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ସମ୍ବର୍ଦ୍ଧନା

ଭୁବନେଶ୍ୱର(ବ୍ୟୁରୋ): ମଙ୍ଗାଲୋର ଠାରେ ହୋଇଥିବା ଜାତୀୟ ୧୧ ବର୍ଷରୁ କମ୍ ଚେସ ଚାମ୍ପିୟନସିପ ରେ ଓଡିଶାର ଶିଶୁ ଚେସ ଖେଳାଳୀ କ୍ୟାଣ୍ଡି ଡେଟ ମାଷ୍ଟର ସାତ୍ତ୍ୱିକ ସ୍ୱାଇଁ ଉଲ୍ଲେଖନୀୟ ଖେଳ ପ୍ରଦର୍ଶନ କରି ରନର୍ସ ଅପ ହୋଇ ରାଜ୍ୟର ଗୌରବ ଆଣିବା ସହିତ ଜାତୀୟ ସ୍ତରରେ ରାଜ୍ୟର ଦବଦବା ଜାହିର କରିଛନ୍ତି, ଗତ ବର୍ଷ ସାତ୍ତ୍ୱିକ ଜାତୀୟ ୯ ବର୍ଷରୁ କମ ଚେସ ଚାମ୍ପିୟନସିପରେ ଚାମ୍ପିୟନ ହୋଇଥିଲେ । ସେହିଭଳି ନିକଟରେ ଶ୍ରୀଲଙ୍କାରେ ହୋଇଥିବା କମନୱେଲଥ ଚାମ୍ପିୟନସିପରେ, ୧ଟି ରୋପ୍ୟ ସହିତ ୨ଟି ବ୍ରୋଞ୍ଜ ପଦକ, ଏବଂ ବିଶ୍ୱ କ୍ୟାଡେଟ କପରେ ବ୍ରୋଞ୍ଜ ପଦକ ଆଣି ରାଜ୍ୟ ଏବଂ ଦେଶ ପାଇଁ ଗୌରବ ଆଣିଛନ୍ତି.. ଆଜି ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ତାଙ୍କୁ କିଙ୍ଗ ଚେସ ସେଣ୍ଟର ତରଫରୁ ଉଚ୍ଛସିତ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା.। କିଙ୍ଗଚେସ ର ପ୍ରତିଷ୍ଠାତା ତଥା ବରିଷ୍ଠ ଚେସ କୋଚ ଶ୍ରୀ ବିଶ୍ୱଜିତ ରାୟ, ଆନ୍ତର୍ଜାତୀୟ ଆର୍ବିଟର ଶ୍ରୀଯୁକ୍ତ ସୁରେଶ ସାହୁ, ଟ୍ରିପଲ ସି ଚେସ କ୍ଲବ ର ସମ୍ପାଦକ ଶ୍ରୀଯୁକ୍ତ ବିରଞ୍ଚି ନାରାୟଣ ସାହୁ, ଶିଳ୍ପପତି ଅର୍ଘ୍ୟ ଅର୍ପଣ ପରିଡା, ଶ୍ରୀଯୁକ୍ତ ଅର୍ଘ୍ୟ ଅର୍ପଣ ପରିଡା, ପ୍ରଶାନ୍ତ ଜେନା, କିଙ୍ଗ ଚେସ ସେଣ୍ଟରର କୋଚଙ୍କ ସହିତ ବିଭିନ୍ନ ଖେଳାଳି ମାନେ ସାତ୍ତ୍ୱିକଙ୍କ ପରିବାର ପରିଜନଙ୍କ ସହିତ ଅନେକ ଶୁଭେଚ୍ଛୁ ସାତ୍ତ୍ୱିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ରାଜ୍ୟଗୋଷ୍ଠୀ ଫେନ୍‌ସିଂରେ ଭାରତ ଜିତିଲା ୧୭ ପଦକ

ନୂଆଦିଲ୍ଲୀ : ନାଇଜେରିଆର ଲାଗୋସରେ ଚାଲିଥିବା ୨୩ ବର୍ଷରୁ କମ୍ ରାଜ୍ୟଗୋଷ୍ଠୀ ଫେନ୍‌ସିଂ ଚାମ୍ପିୟନଶିପ୍‌ରେ ଭାରତ ଉଭୟ ପୁରୁଷ ଓ ମହିଳା ବିଭାଗରେ ଆଧିପତ୍ୟ ବିସ୍ତାର କରିଛି। ଇଭେଣ୍ଟର ପ୍ରଥମ ଦିବସରେ ଭାରତ ୪ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୯ଟି ବ୍ରୋଞ୍ଜ ପଦକ ଲାଭ କରିଛି। ରବିବାରଠାରୁ ଆରମ୍ଭ ହୋଇଥିବା ଏହି ଇଭେଣ୍ଟ ଅଗଷ୍ଟ ୧୪ ପର୍ଯ୍ୟନ୍ତ ଚାଲିବ। ଭାରତୀୟ ଦଳ ପ୍ରତ୍ୟେକ ବିଭାଗରେ ପ୍ରଭାବୀ ପ୍ରଦର୍ଶନ କରିଛି। ସାବ୍ରେ, ଫଏଲ୍ ଓ ଏପି ସମେତ ସମସ୍ତ ୬ ବ୍ୟକ୍ତିଗତ ଇଭେଣ୍ଟରେ ଅତିକମ୍‌ରେ ଜଣେ ଲେଖାଏ ଭାରତୀୟ ପୋଡିୟମରେ ପହଞ୍ଚିପାରିଥିବା ଫେନ୍‌ସିଂ ଆସୋସିଏଶନ ଅଫ୍ ଇଣ୍ଡିଆ ପ୍ରକାଶ କରିଛି। ପୁରୁଷ ସାବ୍ରେ ପ୍ରତିଯୋଗିତାରେ ନିଖିଲ ୱାଗ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଲକ୍ଷ୍ୟ ବଡସର ଏକ ରୌପ୍ୟ ପାଇଥିବାବେଳେ ଅଶ୍ୱିନୀ ଆର୍ଯ୍ୟ ଓ ଲାଇଶ୍ରାମ୍ ମୋରାୟା ବ୍ରୋଞ୍ଜ ବାଣ୍ଟିକରି ନେଇଛନ୍ତି। ପରୁଷ ଫଏଲରେ ତେଜସ ପାଟିଲ ରୌପ୍ୟ ଏବଂ ହିମାଶ ସାନାସାମ୍ ବ୍ରୋଞ୍ଜ ପାଇଛନ୍ତି। ପୁରୁଷ ଏପି'ରେ ଲୋକେଶ ଭିମାନି ଦେଶ ପାଇଁ ଏକ ରୌପ୍ୟ ଆଣିଦେଇଥିବା ବେଳେ ସୌର୍ଯ୍ୟ ଅଶ୍ୱିନୀ ଓ ଗଡ୍‌ୱିନ ଅନବକେସ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଭାରତୀୟ ମହିଳା ଫେନ୍‌ସରମାନେ ମଧ୍ୟ ଆଧିପତ୍ୟ ବିସ୍ତାର କରିଥିବା ଦେଖିବାକୁ ମିଳିଛି। ସେମାନେ ତିନୋଟି କାଟେଗୋରି ମଧ୍ୟରୁ ଦୁଇଟିରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଜୟସ ଆଶିତା ମହିଳା ଫଏଲ୍‌ରେ ସ୍ୱର୍ଣ୍ଣ ଜିତିଥିବା ବେଳେ ତାଙ୍କ ସାଥୀ କନଗଲକ୍ଷ୍ମୀ ରୌପ୍ୟ ଲାଭ କରିଛନ୍ତି। ମହିଳା ଏପିରେ ପ୍ରାଚୀ ଲୋହାନ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ନିବେଦ୍ୟା ନାୟର ଓ ଅନୁପ୍ରିୟା ଉଭୟେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।ମହିଳା ସାବ୍ରେରେ ଜେଫରଲିନ୍‌ଙ୍କୁ ସ୍ୱର୍ଣ୍ଣ ମିଳିଥିବା ବେଳେ ଶେୟା ଗୁପ୍ତା ବ୍ରୋଞ୍ଜ ଜିତିଛନ୍ତି। ଦଳର ଏହି ସଫଳତା ପାଇଁ ଫେନ୍‌ସିଂ ଆସୋସିଏଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

ଭାରତୀୟ ଡେଭିସ୍ କପ୍ ଦଳରେ ମାନସ

ନୂଆଦିଲ୍ଲୀ: ଦକ୍ଷିଣ କୋରିଆ ବିପକ୍ଷ ଡେଭିସ୍ କପ୍ କ୍ୱାଲିଫାୟର୍ସ-୨ ମ୍ୟାଚ୍ ଲାଗି ସୋମବାର ଭାରତୀୟ ଦଳଘୋଷିତ ହୋଇଛି। ଏହି ଦଳରେ ପ୍ରଥମ ଥର ମାନସ ଧାମ୍‌ନେଙ୍କୁ ସ୍ଥାନ ମିଳିଛି। ୧୮ ବର୍ଷୀୟ ଧାମ୍‌ନେଙ୍କ ସହ ଏହି ୫ ଜଣିଆ ଦଳରେ ସୁମିତ ନଗଲ, ଦକ୍ଷିଣେଶ୍ୱର ସୁରେଶ, ୟୁକି ଭାମ୍ବ୍ରି ଓ ଏନ୍ ଶ୍ରୀରାମ ବାଲାଜୀ ରହିଛନ୍ତି। ଏହି ମ୍ୟାଚ୍ ସେପ୍ଟେମ୍ବର ୧୮ ଓ ୧୯ ତାରିଖରେ ସଓଲର ଅଲିମ୍ପିକ୍ସ ଟେନିସ୍ ସେଣ୍ଟର ହାର୍ଡ କୋର୍ଟରେ ଖେଳାଯିବ। ବିଶ୍ୱର ୨୩୫ ନମ୍ବର ସୁମିତ ଓ ୩୯୩ ନମ୍ବର ଦକ୍ଷିଣେଶ୍ୱରଙ୍କ ପରେ ୩୬୨ ନମ୍ବର ଧାମ୍‌ନେଙ୍କୁ ଅଧିନାୟକ ରୋହଟି ରାଜପାଲ୍ ତୃତୀୟ ଏକକ ବିକଳ୍ପ ଭାବେ ରଖିଛନ୍ତି। କନିଷ୍ଠ ଗ୍ରାଣ୍ଡ ସ୍ଲାମ୍‌ରେ ଭାଗ ନେଇଥିବା ଯୁବ ତାରକା ଅର୍ଣ୍ଣବ ପାପରକର ଓ ସିଦ୍ଧାର୍ଥ ରାୱତ (ବିଶ୍ୱର ୫୩୬ ନଂ) ରିଜର୍ଭ ଖେଳାଳି ଭାବେ ଦଳରେ ରହିଛନ୍ତି। ଦୁଇ ଅଭିଜ୍ଞ ଖେଳାଳି ବଶ୍ୱର ୨୮ ନମ୍ବର ଭାମ୍ବ୍ରି ଓ ୫୭ ନମ୍ବର ବାଲାଜୀଙ୍କ ସହ ଦକ୍ଷିଣେଶ୍ୱରଙ୍କୁ ରାଜପାଲ ଯୁଗଳରେ ସୁଯୋଗ ଦେଇ ପାରନ୍ତି। ଗତ ଫେବ୍ରୁଆରିରେ ରାଉଣ୍ଡ-୧ରେ ୩-୨ରେ ନେଦରଲାଣ୍ଡସ୍‌କୁ ହରାଇବାରେ ଦକ୍ଷିଣେଶ୍ୱରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସେ ୨ଟି ଯାକ ଏକକ ଜିତିଥିଲା ବେଳେ ଭାମ୍ବ୍ରିଙ୍କ ସହ ଯୁଗଳରେ ଦଳକୁ ବିଜୟ ଦେଇଥିଲେ। କୋରିଆକୁ ହରାଇ ପାରିଲେ ଭାରତ ନଭେମ୍ବରରେ ଡେଭିସ୍ କପ୍ ଫାଇନାଲ୍ସ୍‌କୁ ଯୋଗ୍ୟତା ଅର୍ଜନ କରିବ। ସଂପ୍ରତି ଭାରତର ମାନ୍ୟତା ୧୯ ଥିଲା ବେଳେ କୋରିଆର ୧୬ ରହିଛି। ଉଭୟ ୧୧ ଥର ମୁହାଁମୁହିଁ ହୋଇଥିଲା ବେଳେ ଭାରତ ୫-୬ରେ ପଛରେ ରହିଛି। ଶେଷ ଥର ଉଭୟ ଦଳ ୨୦୧୬ରେ ଚଣ୍ଡିଗଡ଼ରେ ମୁହାଁମୁହିଁ ହୋଇଥିଲେ। ଏଥିରେ ଭାରତ ୪-୧ରେ ବିଜୟୀ ହୋଇଥିଲା। ଭାରତୀୟ ଡେଭିସ୍ କପ୍ ଦଳ: ସୁମିତ ନଗଲ, ଦକ୍ଷିଣେଶ୍ୱର ସୁରେଶ, ମାନସ ଧାମ୍‌ନେ (ଏକକ), ୟୁକି ଭାମ୍ବ୍ରି, ଏନ୍ ଶ୍ରୀରାମ ବାଲାଜୀ (ଯୁଗଳ), ଅର୍ଣ୍ଣବ ପାପରକର, ସିଦ୍ଧାର୍ଥ ରାୱତ (ରିଜର୍ଭ)।

ଦୁଇବର୍ଷ ପରେ ଟିମ୍‌କୁ ଫେରିଲେ ସରଫରାଜ ଖାନ

କଲମ୍ବୋ : ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜରୁ ସାଇ ସୁଦର୍ଶନ ବାଦ୍ ପଡ଼ିବା ପରେ ସରଫରାଜ ଖାନଙ୍କୁ ଟିମ୍ ଇଣ୍ଡିଆରେ ସୁଯୋଗ ମିଳିଛି । ଶ୍ରୀଲଙ୍କା ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ସାଇ ସୁଦର୍ଶନ ଆହତ ଜନିତ ସମସ୍ୟା ଯୋଗୁଁ ବାଦ୍ ପଡିଛନ୍ତି । ଟପ୍ ଅର୍ଡର ବ୍ୟାଟର୍ ବି. ସାଇ ସୁଦର୍ଶନ ଡାହାଣ ପାଦ ଆଙ୍ଗୁଠିରେ ଷ୍ଟେସ୍ ଫ୍ରାକ୍ଚର ଯୋଗୁଁ ସମ୍ପୂର୍ଣ୍ଣ ସିରିଜରୁ ବାଦ୍ ପଡ଼ିଛନ୍ତି । ତାଙ୍କ ସ୍ଥାନରେ ସରଫରାଜ ଖାନଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି । ଟିମ୍ ଇଣ୍ଡିଆକୁ ଫେରିବା ପରେ ସରଫରାଜ ସୋସିଆଲ ମିଡିଆରେ ପ୍ରଥମ ପୋଷ୍ଟ କରି ଖୁସି ଜାହିର କରିଛନ୍ତି । ସରଫରାଜ ଟିମ୍ ଇଣ୍ଡିଆର ଟ୍ରାଭେଲିଂ ଜର୍ସି ପିନ୍ଧି ଇନଷ୍ଟାଗ୍ରାମରେ ଦୁଇଟି ଫଟୋ ସେୟାର କରିଛନ୍ତି । ଏହି ଫଟୋରେ ସରଫରାଜଙ୍କ ବାପା ନୌଶାଦ ଖାନ ମଧ୍ୟ ତାଙ୍କ ସହିତ ଉପସ୍ଥିତ ରହିଛନ୍ତି । ସରଫରାଜ ଲଗାତାର ଘରୋଇ କ୍ରିକେଟରେ ଦମଦାର ପ୍ରଦର୍ଶନ କରୁଥିବାର ନଜର ଆସିଛନ୍ତି । କିନ୍ତୁ ଭାରତୀୟ ଟିମରେ ତାଙ୍କ ଚୟନ ହେଉନଥିଲା । ସରଫରାଜ ୨୦୨୪ ନଭେମ୍ବରରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଖେଳିଥିଲେ । କୁଲାଇରେ ଭାରତ ଏହି ଟିମ୍ ଶ୍ରୀଲଙ୍କା ଗସ୍ତ ସମୟରେ ସୁଦର୍ଶନ ଆହତ ହୋଇଥିଲେ । ଶ୍ରୀଲଙ୍କା ଏ ବିପକ୍ଷ ଦ୍ୱିତୀୟ ଅନଅଫିସିଆଲ୍ ଟେଷ୍ଟରେ ତାଙ୍କ ପାଦ ଆଙ୍ଗୁଠିରେ ବଲ୍ ବାଜିଥିଲା । ଶ୍ରୀଲଙ୍କା ଗସ୍ତରେ ୧୩୨ ଓ ୧୬୮ ରନ୍ କରିଥିଲେ ସାଇ ସୁଦର୍ଶନ । ପ୍ରାରମ୍ଭିକ ୧୫ ଜଣିଆ ଟେଷ୍ଟ ଦଳରେ ସୁଦର୍ଶନଙ୍କୁ ସ୍ଥାନ ମିଳିଥିଲେ ମଧ୍ୟ ତାଙ୍କ ଖେଳିବା ବେଙ୍ଗାଲୁରୁ ସ୍ଥିତ ଇଉଉଓ ଉରଭଶ୍ମଜର କ୍ଲଲ ରଙ୍ଗମରକ୍ଷରଭମରର ଫିଟନେସ୍ କ୍ଲିୟରାନ୍ସ ଉପରେ ନିର୍ଭର କରୁଥିଲା । ସେ ମୁଖ୍ୟ ଦଳ ସହ ଶ୍ରୀଲଙ୍କା ଯାଇନଥିଲେ ଏବଂ ବେଙ୍ଗାଲୁରୁରେ ରିହାବିଲିଟେସନରେ ରହିଥିଲେ । ୬ଟି ଟେଷ୍ଟ ଖେଳିଥିବା ସରଫରାଜ କଲମ୍ବୋରେ ଟିମ୍ ଇଣ୍ଡିଆ ସହ ଯୋଗଦେବା ପରେ ଦଳ ସହ ଯିବେ । ସୁଦର୍ଶନଙ୍କୁ ଭାରତର ନମ୍ବର-୩ ବ୍ୟାଟର୍ ଭାବେ ସୁଯୋଗ ଦେବାକୁ ଚୟନକର୍ତ୍ତା ଯୋଜନା କରିଥିଲେ । କିନ୍ତୁ ତାଙ୍କ ଅନୁପସ୍ଥିତିରେ ଦେବଦତ୍ତ ପାଡିକ୍କଲ ଏହି ସ୍ଥାନ ପାଇଁ ଆଗରେ ରହିଛନ୍ତି । ୱାର୍ମଅପ୍ ମ୍ୟାଚରେ ନମ୍ବର-୩ରେ ବ୍ୟାଟିଂ କରି ପାଡିକ୍କଲ ଶତକ ହାସଲ କରିଛନ୍ତି । ଆଣ୍ଠୁ ସମସ୍ୟା ଯୋଗୁଁ ଜସପ୍ରୀତ ବୁମରା ପୂର୍ବରୁ ସିରିଜରୁ ବାଦ୍ ପଡ଼ିଥିବା ବେଳେ ତାଙ୍କ ସ୍ଥାନରେ ଆକିବ ନବିଙ୍କୁ ନିଆଯାଇଛି । ହର୍ଷିତ ରାଣା, ନୀତୀଶ କୁମାର ରେଡ୍ଡୀ ଓ ଆକାଶ ଦୀପ ମଧ୍ୟ ଉପଲବ୍ଧ ନାହାନ୍ତି । ଓଉଉ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ୨୦୨୫-୨୭ର ଅଂଶ ଥିବା ଏହି ସିରିଜର ପ୍ରଥମ ଟେଷ୍ଟ ଅଗଷ୍ଟ ୧୫ରୁ ୧୯ ଗଲ୍ ରେ ଏବଂ ଦ୍ୱିତୀୟ ଟେଷ୍ଟ ଅଗଷ୍ଟ ୨୩ରୁ ୨୭ କଲମ୍ବୋର ୯୯ଉରେ ଖେଳାଯିବ । ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳ : ଶୁବମନ ଗିଲ (ଅଧିନାୟକ), କେଏଲ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ସରଫରାଜ ଖାନ, ରିଷଭ ପନ୍ତ, (ଓ୍ୱିକେଟ କିପର), ଦେବଦତ୍ତ ପାଡିକ୍କଲ, ଧ୍ରୁବ ଜୁରେଲ, ରବିନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମାନବ ସୁଥାର, ଆକିବ ନବି, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଗୁରନର ବ୍ରାର ଏବଂ ସାରାଂଶ ଜୈନ ।

ଶ୍ରୀଲଙ୍କା ବିପକ୍ଷ ସିରିଜ୍ ଜିତିଲେ ଟେଷ୍ଟ କ୍ରିକେଟ୍‌ରେ ଇତିହାସ ରଚିବ ଭାରତ

ନୂଆଦିଲ୍ଲୀ: ଶ୍ରୀଲଙ୍କା ଗସ୍ତରେ ରହିଛି ଟିମ୍ ଇଣ୍ଡିଆ । ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବ ଭାରତ । ସ୍ୱାଧୀନତା ଦିବସ ଅଥବା ଅଗଷ୍ଟ ୧୫ରୁ ଆରମ୍ଭ ହେବାକୁ ଯାଉଛି ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ । ତେବେ ଟିମ୍ ଇଣ୍ଡିଆ ପାଇଁ ଏହି ୨ ମ୍ୟାଚ୍ ଜିତିବା ବେଶ ଗୁରୁତ୍ୱପୂର୍ଣ୍ଣ ରହିଛି । କାରଣ ଏହି ମ୍ୟାଚ୍ ଜିତିଲେ ଭାରତ ପାଇଁ ଇତିହାସ ରଚିବାର ସୁଯୋଗ ରହିଛି । ଟେଷ୍ଟ କ୍ରିକେଟରେ ସର୍ବାଧିକ ମ୍ୟାଚ୍ ଜିତିବାର ତାଲିକାରେ ଉପରକୁ ଉଠିବ ଗିଲ୍ ବାହିନୀ । ଭାରତ ଏହି ୨ ମ୍ୟାଚ ଜିତିଲେ ସର୍ବାଧିକ ଟେଷ୍ଟ ମ୍ୟାଚ୍ ଜିତିବାର ତାଲିକାରେ ଚତୁର୍ଥ ସ୍ଥାନକୁ ଉଠିବ । ଓ୍ୱେଷ୍ଟଇଣ୍ଡିଜକୁ ପଛରେ ପକାଇ ଉପରକୁ ଉଠିବାର ସୁଯୋଗ ରହିଛି । ଯଦି ଆମେ କହିବା ୧୯୩୨ ମସିହାରୁ ଆଜି ପର୍ଯ୍ୟନ୍ତ ଭାରତ ମୋଟ ୫୯୯ଟି ଟେଷ୍ଟ ମ୍ୟାଚ୍ ଖେଳି ୧୮୬ଟି ବିଜୟ ହାସଲ କରିଛି । ବର୍ତ୍ତମାନ ଟେଷ୍ଟ କ୍ରିକେଟ୍ ଇତିହାସରେ ସର୍ବାଧିକ ମ୍ୟାଚ୍ ଜିତିବା ତାଲିକାରେ ଭାରତ ୫ମ ସ୍ଥାନରେ ରହିଛି । ତେବେ ଶ୍ରୀଲଙ୍କା ବିପକ୍ଷ ସିରିଜ୍ ପରେ ଏହି ସ୍ଥିତିରେ ପରିବର୍ତ୍ତନ ଆସିପାରେ। ଯଦି ଶୁଭମନ୍ ଗିଲଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ଶ୍ରୀଲଙ୍କାକୁ ୨-୦ରେ କ୍ଲିନ୍ ସ୍ୱିପ୍ କରେ, ତେବେ ଭାରତର ମୋଟ ଟେଷ୍ଟ ବିଜୟ ସଂଖ୍ୟା ୧୮୮ରେ ପହଞ୍ଚିବ । ଏହାଦ୍ୱାରା ଭାରତ ୧୮୭ଟି ବିଜୟ ସହ ଚତୁର୍ଥ ସ୍ଥାନରେ ଥିବା ଓ୍ୱେଷ୍ଟଇଣ୍ଡିଜକୁ ପଛରେ ପକାଇ ଚତୁର୍ଥ ସ୍ଥାନ ଦଖଲ କରିବ ।

ବିଶ୍ୱ ୨୦ବର୍ଷରୁ କମ୍ ଦୌଡ଼କୁଦ ଉଦ୍‌ଯାପିତ

ନୂଆଦିଲ୍ଲୀ : ବିଶ୍ୱ ୨୦ବର୍ଷରୁ କମ୍ ଦୌଡ଼କୁଦ ପ୍ରତିଯୋଗିତାରେ ଭାରତ ୩ ପଦକ ସହ ପଦକ ତାଲିକାରେ ୨୭ତମ ସ୍ଥାନରେ ରହିଛି। ପ୍ରତିଯୋଗିତାର ଶେଷ ଦିନରେ ଭାରତ କୌଣସି ପଦକ ଜିତିପାରିନଥିବାରୁ ମୋଟ ପଦକ ସଂଖ୍ୟା ୩ରେ ସୀମିତ ରହିଛି। ଏହି ୩ ପଦକ ମଧ୍ୟରେ ୨ଟି ରୌପ୍ୟ ଓ ୧ଟି କାଂସ୍ୟ ରହିଛି। ପୁରୁଷ ହାଇଜମ୍ପରେ ବସନ୍ତ କୁମାର ମେଘୱାଲ ରୌପ୍ୟ ପଦକ ଜିତିଥିବାବେଳେ ପୁରୁଷ ଲଙ୍ଗଜମ୍ପରେ ଶାହନୱାଜ ଖାଁ କାଂସ୍ୟ ପଦକ ହାସଲ କରିଛନ୍ତି। ଏହାପୂର୍ବରୁ ଶୁକ୍ରବାର ପୁରୁଷ ଜାଭେଲିନ୍ ଥ୍ରୋ'ରେ ଆଶିଷ ଯାଦବ ରୌପ୍ୟ ପଦକ ଜିତି ଭାରତର ପଦକ ଖାତା ଖୋଲିଥିଲେ। ଶେଷ ଦିନରେ ଅନୁଷ୍ଠିତ ମହିଳା ହାଇଜମ୍ପ ଫାଇନାଲ୍‌ରେ ଭାରତର ପୂଜା ସିଂହ ୭ମ ସ୍ଥାନରେ ରହିଥିଲେ। ସେ ନିଜର ଜାତୀୟ ରେକର୍ଡର ମଧ୍ୟ ନିକଟବର୍ତ୍ତୀ ହୋଇପାରି ନଥିଲେ। ସେହିପରି ଭାରତର ୪୪୦୦ ପଦକ ତାଲିକାରେ ଆୟୋଜକ ଆମେରିକା ୨୪ଟି ପଦକ ସହ ଶୀର୍ଷ ସ୍ଥାନରେ ରହିଛି। କେନିଆ ୧୧ଟି ପଦକ ସହ ଦ୍ୱିତୀୟ ଏବଂ ଇଟାଲୀ ୫ଟି ପଦକ ସହ ତୃତୀୟ ସ୍ଥାନରେ ରହିଛି। ଚତୁର୍ଥ ସ୍ଥାନରେ ଜାମାଇକା ଥିବାବେଳେ ୫ମ ସ୍ଥାନରେ ଅଷ୍ଟ୍ରେଲିଆ ଓ ୬ଷ୍ଠରେ ଇଥିଓପିଆ ରହିଛି।

ଦିନିକିଆ ବିଶ୍ୱକପ୍‌କୁ ସିଧାସଳଖ ପ୍ରବେଶରେ ବିଫଳ ଓ୍ୱେଷ୍ଟଇଣ୍ଡିଜ୍

ନୂଆଦିଲ୍ଲୀ ; ଏକଦା ଦୁର୍ଦ୍ଦଶ ଟିମ୍ ବୋଲାଉଥିଲା । ବିଶ୍ୱ କ୍ରିକେଟରେ ରାଜ କରୁଥିଲା । ୨ ଥରର ବିଶ୍ୱ ବିଜୟୀ ଟିମ୍ । ଏବେ ପୁଣି ଅଡୁଆରେ ପଡିଛି ଦଳ । ଓ୍ୱେଷ୍ଟଇଣ୍ଡିଜ୍ କ୍ରିକେଟ୍ ଦଳ ଆଗାମୀ ଦିନିକିଆ ବିଶ୍ୱକପ୍ ୨୦୨୭କୁ ସିଧାସଳଖ ଯୋଗ୍ୟତା ହାସଲରେ ବିଫଳ ହୋଇଛି । ଫଳରେ ଦଳ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଖେଳିବ । ଚଳିତ ଆଫଗାନିସ୍ତାନ ଆୟର୍ଲାଣ୍ଡ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ୍‌ରେ ଆଫଗାନିସ୍ତାନ ୯୨ରନ୍‌ରେ ବିଜୟୀ ହେବା ପରେ ଓ୍ୱେଷ୍ଟଇଣ୍ଡିଜ୍ ସିଧାସଳଖ ଟିକେଟ୍ ଆଶା ମଉଳି ଯାଇଥିଲା । ବିଶ୍ୱକପ ୨୦୨୭ରେ ସିଧା ସଳଖ ସ୍ଥାନ ବଜାୟ ରଖିବାକୁ ବିଫଳ ହୋଇଛି ଇଣ୍ଡିଜ ଟିମ୍ । ଅନ୍ୟ ପଟରେ ଆଫଗାନିସ୍ତାନ ଦଳ ସିଧାସଳଖ ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିବା ନିଶ୍ଚିତ ହୋଇଛି । ନିୟମ ଅନୁଯାୟୀ, ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ଆୟୋଜକ ଦଳ ଭାବେ ସିଧାସଳଖ ଟିକେଟ୍ ହାସଲ କରିଛନ୍ତି । ଆଇସିସି ମାନ୍ୟତା ତାଲିକା ଆଧାରରେ ଆଉ ୮ଟି ଦଳ ସିଧାସଳଖ ଯୋଗ୍ୟତା ହାସଲ କରିବେ । ଆସନ୍ତା ସେପ୍ଟେମ୍ବର ୩୦ ତାରିଖରେ ପ୍ରକାଶିତ ହେବାକୁ ଥିବା ମାନ୍ୟତା ତାଲିକାରେ ଶ୍ରେଷ୍ଠ ୭ଟି ଦଳ ଟିକେଟ ପାଇବେ । ଓ୍ୱେଷ୍ଟଇଣ୍ଡିଜ୍ ଏବେ ଦଶମ ସ୍ଥାନରେ ରହିଛି । ଆଫଗାନିସ୍ତାନ ଅଷ୍ଟମ ଓ ବାଂଲାଦେଶ ନବମ ସ୍ଥାନରେ ରହିଛନ୍ତି । ଜିମ୍ବାୱେ ୧୧ତମ ସ୍ଥାନରେ ରହିଛି । ଓ୍ୱେଷ୍ଟଇଣ୍ଡିଜ୍ ଦଳ ଆସନ୍ତା ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ଭାରତ ଗସ୍ତ କରି ଦିନିକିଆ ସିରିଜ ଖେଳିବ । ମାତ୍ର ଏହି ସିରିଜ ଜିତିଲେ ମଧ୍ୟ ଦଳର ମାନ୍ୟତାରେ କୌଣସି ପ୍ରଭାବ ପଡ଼ିବ ନାହିଁ । ଫଳରେ ବିଶ୍ୱକପ୍ ଖେଳିବାର ସ୍ୱପ୍ନ ପୂରଣ କରିବାକୁ ହେଲେ ଓ୍ୱେଷ୍ଟଇଣ୍ଡିଜ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ । ଯୋଗ୍ୟତା ପର୍ଯ୍ୟାୟରୁ ବାକି ୪ଟି ଦଳ ଟିକେଟ୍ ପାଇବେ । ଏଥର ମୋଟ ୧୪ଟି ଦଳ ବିଶ୍ୱକପ୍‌ରେ ଭାଗ ନେବେ । ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଖେଳି ଦଳ ଟିକେଟ୍ ହାସଲ କରିଥିଲା । ମାତ୍ର ୨୦୨୩ରେ ଦଳ ଯୋଗ୍ୟତା ପର୍ଯ୍ୟାୟରୁ ବିଦାୟ ନେଇଥିଲା । ଫଳରେ ଦଳ ବିଶ୍ୱକପ୍ ଖେଳିବାରୁ ବଞ୍ଚିତ ହୋଇଥିଲା । ଆସନ୍ତା ବର୍ଷ ହେବାକୁ ଥିବା ଆଇସିସି ଦିନିକିଆ ବିଶ୍ୱକପ୍ ପାଇଁ ଭେନ୍ୟୁ ଏବଂ ଲୋଗା ଘୋଷଣା ହୋଇ ସାରିଛି । ବିଶ୍ୱକପର ୧୪ତମ ସଂସ୍କରଣକୁ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମ

ମାତିଛନ୍ତି ଦଲାଲ : ଆବାସ ଗୃହ ଗୋଟିକୁ ୨୦ହଜାର ଲାଞ୍ଚ

ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ଆଣିଲେ ଉପାଧକ୍ଷ ବେଣୁ ପ୍ରଧାନ

ଖଣ୍ଡପଡା (ଅମୃତ ମିଡ଼ିଆ) : ସମଗ୍ର ଖଣ୍ଡପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪୨ ଗୋଟି ଗ୍ରାମପଂଚାୟତରେ ଦଲାଲ୍‌ଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଗରୀବ ପରିବାର ଗୁଡ଼ିକ ବର୍ତମାନ ସରକାରଙ୍କ ଠାରୁ ଆବାସ ଯୋଜନା ଅନ୍ତର୍ଗତ ପାଉଥିବା ଗୃହ ଗୁଡ଼ିକ ମଧ୍ୟରୁ ପ୍ରତି ଗୃହ ପିଛା ୨୦ ହଜାର ଟଙ୍କା ଲେଖାଏଁ ଲାଂଚ ସଂଗ୍ରହ କରାଯାଉଥିବାର ଜଣାପଡ଼ିଛି। ଏ ନେଇ ୧୦ ତାରିଖ ସୋମବାର ଦିନ ଖଣ୍ଡପଡ଼ା ବ୍ଲକ୍ ସମ୍ମିଳନୀ କକ୍ଷରେ ନୟାଗଡ଼ ଜିଲ୍ଲାପାଳ ଶ୍ରୀମତୀ- ମଧୁମିତା ରଥଙ୍କ ଜନଶୁଣାଣୀ ଶିବିର ମଧ୍ୟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଛନ୍ତି ଭାପୁର ବ୍ଲକ୍ ଉପାଧକ୍ଷ ବେଣୁଧର ପ୍ରଧାନ। ତୁରନ୍ତ ଦଲାଲମାନଙ୍କୁ ଧରାଯାଇ ସେମାନଙ୍କ ବିରୁଦ୍ଧରେ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିବା ବେଳେ ଚାକ୍ଷୁସ ପ୍ରମାଣ ପାଇଲେ ଦଲାଲମାନଙ୍କ ବିରୁଦ୍ଧେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୟାଗଡ଼ ଜିଲ୍ଲାପାଳ ଶ୍ରୀମତୀ-ରଥ ଦୃଢ଼ ପ୍ରତିଶ୍ରୁତି ପ୍ରଦାନ କରିଥିବାର ଦେଖାଯାଇଥିଲା। ୧୦ ତାରିଖ ଦିନର କାର୍ଯ୍ୟକ୍ରମ ମଧ୍ୟରେ ନୟାଗଡ଼ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ୱୟଂ ଜିଲ୍ଲାପାଳ ଯୋଗଦେଇଥିବା ବେଳେ ଆରକ୍ଷୀ ଅଧିକ୍ଷକଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ୍ ରାଉତ, ଖଣ୍ଡପଡ଼ା ଉପଖଣ୍ଡ ଆରକ୍ଷୀ ଅଧିକାରୀ ସରୋଜ କୁମାର ସାହୁ ପ୍ରମୁଖ ଭାଗ ନେଇ ଜନସାଧାରଣଙ୍କ ଅଭିଯୋଗ ଉପରେ ବିଚାର ବିମର୍ଶ କରିବା ପୂର୍ବକ ନିଷ୍ପତି ଗ୍ରହଣ କରିଥିଲେ। ଖଣ୍ଡପଡ଼ା ବ୍ଲକ୍ ମଣ୍ଡଳ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷଙ୍କ ସଂଯୋଜନା ମଧ୍ୟରେ ଅନୁଷ୍ଠିତ ଉକ୍ତ ଶିବିରରେ ଅଧକ୍ଷା ଉପମା ବେହେରା, ଅତିରିକ୍ତ ତହସିଲଦାର ରୀନାରାଣୀ ସ୍ୱାଇଁ, ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ. ସୁଶାନ୍ତ କୁମାର ସ୍ୱାଇଁ, ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ଼ଃ. ଅଭିଷାର ପଣ୍ଡା, ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ତ୍ରିଲୋଚନ ବେହେରା, କ୍ଷୁଦ୍ରଜଳସେଚନ ବିଭାଗର କନିଷ୍ଠଯନ୍ତ୍ରୀ ମୟୁର ଚନ୍ଦ୍ରିକା ସାମଲ, ଉଠା ଜଳସେଚନ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ଅନୁ ଦାସଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଏଥିରେ ଭାଗ ନେଇ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ। ସମୁଦାୟ ୧୪୭ ଗୋଟି ଅଭିଯୋଗ ଜନସାଧାରଣଙ୍କ ପକ୍ଷରୁ ଉକ୍ତ ଶିବିରରେ ଆଗତ ହୋଇଥିବା ବେଳେ ସେଥି ମଧ୍ୟରୁ ୬୪ ଗୋଟି ଅଭିଯୋଗର ତୁରନ୍ତ ବିଚାର ମଧ୍ୟେ ସମାଧାନ କରାଯାଇଥିଲା। ୧୪୭ ଗୋଟି ଅଭିଯୋଗ ମଧ୍ୟରୁ ୧୧୬ଟି ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଥିବାବେଳେ ୪ଗୋଟି ଗ୍ରାମ୍ୟ ସମସ୍ୟା, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟାତା ୨୭ଟି ସ୍ୱତନ୍ତ୍ର ସହାୟତ ସମ୍ପର୍କିତ ଅଭିଯୋଗ ପତ୍ରକୁ ବିଚାରକୁ ନିଆଯାଇଥିବା ଜଣାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ଏନ୍‌ଏସି ନିର୍ବାହୀ ଯନ୍ତ୍ରୀ ଅଭିଶେଷ ମିଶ୍ର, ବ୍ଲକ୍ ନିର୍ବାହୀ ଅଧିକାରୀ ସୁନିତା ଜେନା, ଉପନିବନ୍ଧକ ସନ୍ତୋଷ କୁମାର ଦଳବେହେରା, ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର, ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ କନକଲତା ପୁଜାରୀଙ୍କ ସମେତ ଅନ୍ୟ ବହୁ କର୍ମଚାରୀ ଯୋଗଦେଇଥିବା ଦେଖାଯାଇଛି।

ରେଡିଓ ସ୍ୱରସଙ୍ଗମ ୯୦.୮ଏଫଏମ ତରଫରୁ ଗୀତ ଓ ନୃତ୍ୟ ପ୍ରତିଯୋଗିତା

ସିନାପାଲି (ଅମୃତ ମିଡିଆ) : ନୂଆପଡା ଜିଲ୍ଲା ସିନାପାଲି ସ୍ଥିତ ଅଗ୍ରଣୀ ସଙ୍ଗୀତ ଅନୁଷ୍ଠାନ ସ୍ୱରସଙ୍ଗମ କଳାପରିଷଦ ତଥା ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ସ୍ୱରସଙ୍ଗମ ୯୦.୮ଏଫଏମ ତରଫରୁ ବ୍ଲକ ସ୍ତରୀୟ ଗୀତ ଓ ନୃତ୍ୟ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ଦିବସ ଉପଲକ୍ଷେ ଅନ୍ତର୍ଧର୍ମୀୟ ସହଭାଗିତା ଲକ୍ଷ ନେଇ ସ୍ଥାନୀୟ ଫିଏମଶ୍ରୀ ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ଉଦଘାଟନୀ ସଭାରେ ପରିଷଦର ସଭାପତି ତଥା ବେତାର କେନ୍ଦ୍ରର ନିର୍ବେଶକ ତ୍ରିନାଥ ମେହେର ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଏବିଡ଼ିଓ ସୁବ୍ରତ ପରିଡ଼ା ଓ ସମ୍ମାନିତ ଅତିଥି ଭାବରେ ସଂଗୀତଜ୍ଞ ଅଶୋକ ମିଶ୍ର, ପ୍ରଧାନ ଶିକ୍ଷକ ମନୋରଞ୍ଜନ ମେହେର, ପରିଷଦର ସମ୍ପାଦକ ବୈଷ୍ଣବ ମେହେର ଯୋଗ ଦେଇଥିଲେ। ପ୍ରାରମ୍ଭରେ ବେତାର କେନ୍ଦ୍ରର ପରିଚାଳକ ପ୍ରଦ୍ୟୁମ୍ନ ସିଂହ ଚିନ୍ଦା ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଏଡିଟର ଲିଙ୍ଗରାଜ ଜଗତ ଧନ୍ୟବାଦ ଦେଇଥିଲେ। ପ୍ରତିଯୋଗିତାରେ ସିନାପାଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଗୀତର ବରିଷ୍ଠ ବର୍ଗରେ ଦୋଳଗୋବିନ୍ଦ ବାଗ, ତେଜସ୍ୱନୀ ଧୀବର, ଅର୍ଚ୍ଚିତା ମେହେର ଓ କନିଷ୍ଠ ବର୍ଗରେ କାଜଲ ଧାକଡ଼, ଦୀକ୍ଷିତା ବୈଠାରୁ, ପ୍ରଲିପ୍ତା ପଣ୍ଡା ଏବଂ ନୃତ୍ୟ ପ୍ରତିଯୋଗିତାର ବରିଷ୍ଠ ବର୍ଗରେ ବନ୍ଦନା କଟା ଓ ମଲ୍ଲିକା ପଟେଲ, ପ୍ରିୟଙ୍କା ମାଝୀ, ଅନୁଶ୍ରୀ ଦଣ୍ଡସେନା ଓ କନିଷ୍ଠ ବର୍ଗରେ ରୋଜାଲି ମେହେର, କରିସ୍ମା ମାଝୀ, ଚନ୍ଦ୍ରକଳା ମଶ୍ରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମର ବିଚାରକ ଭାବରେ ଗୀତରେ ନିକୁଞ୍ଜ ବିହାରୀ ସା, ସନ୍ତୋଷ ନାଏକ, ବଂଶାଧର ଜଗତ,ନମିତା ମେହେର, ଜଳଧର ନିଆଲ ଓ ନୃତ୍ୟରେ ଜିତେନ୍ଦ୍ର ମେହେର, ନେତ୍ରନନ୍ଦ ମହାନନ୍ଦ, ପ୍ରିନ୍ସ ବାଗ, ରୋହିଣୀ ମାଝୀ, ହରିପ୍ରିୟା ବଛା ଦାଇତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ତ୍ରିନାଥ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଶ୍ରୀ ପରିଡ଼ା, ସମ୍ମାନିତ ଅତିଥି ଶ୍ରୀ ମିଶ୍ର ଓ ପ୍ରଧାନ ଶିକ୍ଷକ ଶ୍ରୀ ମେହେର ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିବା ବେଳେ ସମସ୍ତ ପ୍ରତିଭାଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅତୁଳ ପାତ୍ର ପୁରସ୍କାର ବିତରଣକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଉଦନ୍ତୀ ୟୁଥ କ୍ଲବ, କର୍ମୀଦେବୀ ଯୁବକ ସଂଘ, ସଂକଳ୍ପ ସେବା ସଂଘ, ସାମୁହିକ ନୂଆଁଖାଇ ଭେଟଘାଟ ପରିବାରର ସଦସ୍ୟଙ୍କ ସହ ସତ୍ୟବ୍ରତ ଗହୀର, ସାନୁର୍ଯ୍ୟ ମେହେର, ଶିବପ୍ରସାଦ ମେହେର, ନରେନ୍ଦ୍ର ନାଏକ, ଲୋଚନ ମେହେର, ଦୀପକ ସା, ଗୌତମ ମେହେର, ପ୍ରେମାନନ୍ଦ ମେହେର, ତପ୍ତିନ ମେହେର, ହରେକୃଷ୍ଣ ମେହେର ପ୍ରମୁଖ ସହଯୋଗ କରିଥିଲେ।

'ରଚନା' ଦ୍ୱାରା ଆୟୋଜିତ 'ଆମ ଦେଶର ପ୍ରଗତିରେ ଯୁବପିଢିଙ୍କ ଭୂମିକା' ଆଲୋଚନା

ବଲାଙ୍ଗୀର (ଅମୃତ ମିଡିଆ) : ବ୍ୟକ୍ତିଗତ ସ୍ୱାର୍ଥକୁ ପାଶୋରି ଯୁବବର୍ଗ ଦେଶର ପ୍ରଗତି ରଥର ବାହକ ହେଲେଯାଇ ଆମେ ବିକଶିତ ଭାରତ ଗଠନ କରିପାରିବା। ବର୍ତମାନର ଯୁବପିଢି ନୂତନ ଜ୍ଞାନ କୌଶଳର ଅଧିକାରୀ, ସେମାନଙ୍କ ଭିତରେ ନେତୃତ୍ୱ ନେବା ତଥା ଦେଶ ଗଠନ କରିବାର ଦକ୍ଷତା ରହିଛି, କେବଳ ସେମାନଙ୍କୁ ଜଣେ ଉତମ ମାର୍ଗଦର୍ଶକ ଦରକାର। ସ୍ଥାନୀୟ ସଂସ୍କୃତି ଭବନ ସଭାକକ୍ଷରେ ବଲାଙ୍ଗୀରର ଅଗ୍ରଣୀ ସାହିତ୍ୟିକ-ସାମାଜିକ-ସାଂସ୍କୃତିକ ଅନୁଷ୍ଠାନ 'ରଚନା' ଦ୍ୱାରା ଆୟୋଜିତ 'ଆମ ଦେଶର ପ୍ରଗତିରେ ଯୁବପିଢିଙ୍କ ଭୂମିକା' ଶୀର୍ଷକ ରଚନା ସନ୍ଧ୍ୟା କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି। ଏଥିରେ ଟିଟିଲାଗଡ ଡ଼ିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧାପିକା ଡ଼ ଶବ୍ୟାରାଣୀ ସୁନା, ପୁଇଁତଲା ରେନବୋ କଲେଜର ଅଧ୍ୟାପକ ଦିଲୁ ବାଗ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଛାତ୍ର ବ୍ୟୋମକେଶ ଦତ ତ୍ରିପାଠୀ, ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ସ୍ୱୟଂପ୍ରଭା ପୂଜାରୀ ଓ ଆଁଚଲ ମହାପାତ୍ର ଅତିଥିବକ୍ତା ଭାବରେ ଯୋଗଦେଇ ସାମ୍ପ୍ରତିକ ଯୁବପିଢିଙ୍କ ଭିତରେ ଦକ୍ଷତା, ପାରଦର୍ଶିତା ଓ ଦୂରଦୃଷ୍ଟି ରହିଛି, ନୂତନ ଜ୍ଞାନ କୌଶଳର ସେମାନେ ଅଧିକାରୀ, ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ସେମାନେ ସଫଳତା ପାଉଛନ୍ତି, ତେଣୁ ସେମାନଙ୍କୁ ସମାଜର ଶିକ୍ଷାବିତ ଏବଂ ବୁଦ୍ଧିଜୀବୀମାନେ ସଠିକ ମାର୍ଗଦର୍ଶନ କରି ଉତ୍ସାହିତ କରିବା ଆବଶ୍ୟକ ବୋଲି ମତ ରଖିଥିଲେ। ପରେ ପରେ ମତ ବିନିମୟ କାର୍ଯ୍ୟକ୍ରମରେ ଜିଲ୍ଲା ପାଠାଗାରର ଛାତ୍ର ଜିତେନ୍ଦ୍ର ଛତ୍ରିଆ, କବୟିତ୍ରୀ କସ୍ତୁରୀ ରଥ ଓ ଅନୁପ୍ରିୟା ମିଶ୍ର ନିଜ ନିଜ ମତ ରଖିଥିଲେ। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ 'ରଚନା'ର ବରିଷ୍ଠ ସଦସ୍ୟ ଓଁ ପ୍ରଣବ ନାୟକ ଏବଂ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ହରେକୃଷ୍ଣ ନାୟକ। ଏହି କାର୍ଯ୍ୟକ୍ରମରେ ସହରର ଅନେକ ବୁଦ୍ଧିଜୀବୀ, ସଂସ୍କୃତିପ୍ରେମୀ, ସାହିତ୍ୟିକ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

କ୍ଲଷ୍ଟରସ୍ତରୀୟ ସେବା ନିବୃତ ସମ୍ବର୍ଦ୍ଧନା ସଭା

ବଲାଙ୍ଗୀର (ଅମୃତ ମିଡିଆ) : ସଦରବ୍ଲକ ଅଧିନସ୍ଥ ସକମା କ୍ଲଷ୍ଟରର ସକମା ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ସେବା ନିବୃତ୍ତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସକମା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜକୁମାର ବରାଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ବଲାଙ୍ଗିର ସଦର ବ୍ଲକ ବିଇଓ ଦିଲ୍ଲୀପ ଯୋଶୀ ପ୍ରମୁଖ ଅତିଥି ଭାବେ ପୂର୍ବତନ ବିଇଓ ନୀଳମଣି ପଟେଲ ସମ୍ମାନୀତ ଅତିଥି ଭାବେ ଏବିଇଓ ସବ୍ୟସାଚୀ ଧରୁଆ ଶିକ୍ଷକ ସଂଘ ସମ୍ପାଦକ ପ୍ରଦୀପ ଖମାରି ଅବସରପ୍ରାପ୍ତ ଶିକ୍ଷକ/ଶିକ୍ଷୟତ୍ରୀ ଡିଙ୍ଗର ବଡକା ଶ୍ରୀମତୀ ଆରତି ସାହୁ ବିମଳା ତ୍ରିପାଠି ଓ ସିଆରସିସି ରାଜକୁମାର ରଣା ମଞ୍ଚାସୀନ ଥିଲେ। ରାମସିଂହା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଂକୀର୍ତନ ମହାଲିଙ୍ଗ ସଭା ସଂଯୋଜନା କରିଥିଲେ। ବିଇଓ କାର୍ଯ୍ୟାଳୟରୁ ଦୁଲାଜ ନାଥ, ସାଗରିକା ଖମାରି, ଅସ୍ମିତା ତ୍ରୀପାଠି ସୁନେତ୍ରି ମିଶ୍ର ଓ ଗରିବ ସେଟ ଯୋଗଦେଇଥିଲେ। ଏହି ସଭାରେ ଶ୍ରୀଯୁକ୍ତ ପଟେଲ ସମ୍ପୂର୍ଣ୍ଣ ସମର୍ପଣ ଭାବ ନେଇ ଛାତ୍ରଛାତ୍ରୀଙ୍କ ବିକାଶ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବିଇଓ ଶ୍ରୀଯୁକ୍ତ ଯୋଶୀ ଶିକ୍ଷକମାନେ ହିଁ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ କରି ସମାଜରେ ସଂସ୍କାର ଆଣିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ବିଷୟରେ ଶ୍ରୀଯୁକ୍ତ ଖମାରି ଆଲୋଚନା କରିଥିବା ବେଳେ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନରେ ଶିକ୍ଷକଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ବି ଇ ଓ ଶ୍ରୀଯୁକ୍ତ ପଟେଲଙ୍କ ସମେତ ଅବସରପ୍ରାପ୍ତ ଶିକ୍ଷକ/ଶିକ୍ଷୟତ୍ରୀ ଶ୍ରୀଯୁକ୍ତ ବଡକା ଶ୍ରୀମତୀ ସାହୁ ଓ ଶ୍ରୀମତୀ ତ୍ରୀପାଠିଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସିଆରସିସି ଶ୍ରୀଯୁକ୍ତ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନଶିକ୍ଷକ ବିଜୟ କୁମାର ସାହୁ ଗୋପୀନାଥ ଦଣ୍ଡସେନା, ମହେଶ ବେହେରା, ଯମୁନା ପଧାନ, ନିକିତା ରାଉତ ତଥା କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

ଜିଲ୍ଲା ସିଭିଲ ସୋସାଇଟିର ସାଧାରଣ ବୈଠକ

ବଲାଙ୍ଗୀର (ଅମୃତ ମିଡିଆ) : ସ୍ଥାନୀୟ ଜେ. ଏସ୍ ଏମ୍ କଲେଜର ସମ୍ମେଳନି କକ୍ଷ ଠାରେ ବଲାଙ୍ଗିର ଜିଲ୍ଲା ସିଭିଲ ସୋସାଇଟିର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗିରର ବୁଦ୍ଧିଜୀବୀ ମାନଙ୍କୁ ନେଇ ସଂଗଠନକୁ ମଜଭୁତ କରି ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ କରିବା ପାଇଁ ପ୍ରଶାସନ ଓ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବା ପ୍ରସ୍ତାବ ଗ୍ରହଣ କରାଯାଇଛି। ଆବାହକ ଇଂ ବେଲାରସିଂ ଭୋଇଙ୍କ ସଭାପତିତ୍ୱରେ ସଂଯୋଜକ ମନୋରଞ୍ଜନ ସାହୁ ପୂର୍ବ ବିବରଣୀ ପାଠକରି ଗୃହରେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ବରିଷ୍ଠ ସଭ୍ୟ ମନୋରଞ୍ଜନ ମିଶ୍ର ସୋସାଇଟିର ନୂଆ ନିୟମ ଅନୁସାରେ ସମ୍ବିଧାନ ପ୍ରସ୍ତୁତି କରିବା ଉପରେ ଧାରଣା ଦେଇଥିଲେ। ଅନ୍ୟାନ୍ୟ ମାନଙ୍କ ମଧ୍ୟରୁ ଗୋପବ୍ଭୂଷଣ ନାଥ, ମନୋରଞ୍ଜନ ପୁରୋହିତ, ଗୋବିନ୍ଦ ମିଶ୍ର, ବିମଳ ଚୋପଦାର, ପ୍ରସନ୍ନ ମିଶ୍ର, ଦିବାକର ହୋତା, ପୀତବାସ ପଣ୍ଡା, ସିଏ ଶ୍ରୀକାନ୍ତ ଶର୍ମା, ଜ୍ଞାନରଞ୍ଜନ ପଟ୍ଟନାୟକ, ହରେ କୃଷ୍ଣ ପଟେଇ, ବିଶ୍ୱ ନାଥ ତ୍ରିପାଠୀ, ସୁବୋଧ ନାଗ, ରବି ନାରାୟଣ ସାହୁ, ଲିଲି ପଟେଲ, ସନ୍ତୋଷୀ ମେହେର, ସଚଳା ମେହେର, ସଂଯନି ଶତପଥି, ନରେନ୍ଦ୍ର ମିଶ୍ର, ଦୁର୍ବାଦଳ ମହାକୁର, ତରଣୀ ସେନ ପଟେଇ, ସୁବାଷ ଶତପଥି, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସରୋଜ ମେସ୍ୱା ଆଲୋଚନାରେ ଅଂଶ ଗ୍ରହଣ କରିଥିବା ବେଳେ ରବିଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସବୁଜ ସଂକଳ୍ପ

ଶିକ୍ଷାନୁଷ୍ଠାନ ସବୁଜିମାରେ ସଜାଇବାକୁ ଆହ୍ୱାନ

ବଲାଙ୍ଗୀର (ଅମୃତ ମିଡିଆ) : ଆଜି ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସ୍ଥାନୀୟ ଟାଉନ୍ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସୁନ୍ଦର ବୃକ୍ଷରୋପଣ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ, ସମ୍ମାନିତ ଅତିଥି ବଲାଙ୍ଗିର ପୌର ପରିଷଦ ପୌର ଅଧକ୍ଷା ଲିକା ସାହୁ ଏବଂ ବଲାଙ୍ଗିର ସଦର ବ୍ଲକ୍ ଅଧକ୍ଷା ସରିତା ବାଗ ପ୍ରମୁଖ ଯୋଗଦେଇ ନିଜ ହାତରେ ବୃକ୍ଷରୋପଣ କରିବା ସହ ଅନ୍ୟମାନଙ୍କୁ ପରିବେଶ ସୁରକ୍ଷା ପାଇଁ ଉତ୍ସାହିତ କରିଥିଲେ। ଏହାସହ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ, ଶିକ୍ଷକ-ଶିକ୍ଷୟତ୍ରୀ, କୋମଳମତି ଛାତ୍ର ଏବଂ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସମସ୍ତ ସଦସ୍ୟ-ସଦସ୍ୟାଙ୍କ ସହିତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଆଗ୍ରହର ସହ ଅଂଶଗ୍ରହଣ କରି ଗଛ ଲଗାଇଥିଲେ। କେବଳ ବୃକ୍ଷରୋପଣରେ ଏହି କାର୍ଯ୍ୟକ୍ରମ ସୀମିତ ନଥିଲା, ପରିବେଶ ସଚେତନତା ସୃଷ୍ଟି କରିବା ସହ ଲଗାଯାଇଥିବା ଗଛଗୁଡ଼ିକର ସଠିକ୍ ଯତ୍ନ ଓ ରକ୍ଷଣାବେକ୍ଷଣ ନେବା ପାଇଁ ସଂଗଠନ ପକ୍ଷରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ବିଦ୍ୟାଳୟ ପରିସରରେ ଆହୁରି ଅଧିକ ଫଳପ୍ରଦ ଓ ଉପଯୋଗୀ ବୃକ୍ଷରୋପଣ କରାଯିବା ନେଇ ଏକ ସୁନ୍ଦର ଯୋଜନା ପ୍ରସ୍ତୁତ କରାଯାଇଛି।

ସରକାରଙ୍କ ତ୍ରୁଟିପୂର୍ଣ୍ଣ ଚାଷୀ ପଞ୍ଜୀକରଣ ନୀତି

ପ୍ରଭାବିତ ହେବ ଜିଲ୍ଲାର ୫୦ହଜାର ହେକ୍ଟର ଚାଷଜମି

ବଲାଙ୍ଗୀର (ଅମୃତ ମିଡିଆ) : ରାଜ୍ୟରେ ନୂଆ ସରକାର ଆସିଲା ପରେ ଧାନର ଦର ବଢାଇ ଚାଷିଙ୍କୁ ଖୁସି ଆଣିଦେଇଥିଲା। କିନ୍ତୁ ଦ୍ୱିତୀୟବର୍ଷଠାରୁ ଧାନକିଣାରେ ବ୍ୟାପକ ଅନୀୟମିତତା କରାଗଲା ଯାହାକି ଚାଷିଙ୍କୁ ହଇରାଣରେ ପକାଇଲା। ଏବେ ଚଳିତବର୍ଷ ଖରିଫଋତୁର ଧାନବିକ୍ରୀ ପାଇଁ ଚାଷିପଞ୍ଜିକରଣ ଆରମ୍ଭ ହୋ

ବେତନଟୀ ଲ୍ୟାମ୍ପରେ ଚାଲିଛି ଖୁଲମଖୁଲା ଲୁଟ୍

ବିନା ବିଲ୍‌ରେ ଚାଷୀଙ୍କୁ ବଞ୍ଚାଯାଉଛି ନାନୋ ରସାୟନ

ବେତନଟୀ (ଅମୃତ ମିଡିଆ) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ବୃହଦାକାର ଆଦିବାସୀ ବହୁମୁଖି ସମବାୟ ସମିତି ଶାଖା ପକ୍ଷରୁ ଚାଷୀଙ୍କୁ ସାର ଓ ରସାୟନ ଯୋଗାଣ ଚାଲୁ ରହିଥିବା ବେଳେ ଏଥିରେ ଏକ ପ୍ରକାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଚାଷୀଙ୍କୁ ସାର ବିକ୍ରି ସମୟରେ ସାର ବିକ୍ରିର ଅନଲାଇନ ରସିଦ ଦିଆଯାଉଥିବା ବେଳେ ନାନୋ ନାମକ ଏକ ରସାୟନ ବିକ୍ରି ବାବଦକୁ ଚାଷୀଙ୍କ ନିକଟରୁ ବିନା ରସିଦରେ ୧୮୦ଟଙ୍କା ଲେଖାଏଁ ନିଆ ଯାଉଛି । ହେଲେ ଏହି ରସାୟନ ବିକ୍ରିର କୌଣସି ରସିଦ ଲ୍ୟାମ୍ପ ପକ୍ଷରୁ ଚାଷୀଙ୍କୁ ମିଳୁନଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ଗତ ବର୍ଷ ବେତନଟୀ ଲ୍ୟାମ୍ପ କୁ ପାଖା ପାଖି ୩୦୦୦୦ ଟଙ୍କା ମୂଲ୍ୟର ନାନୋ ରସାୟନ କ୍ଷତି ସହିବାକୁ ପଡ଼ିଥିଲା । ଏହାସତ୍ୱେ ଚଳିତ ବର୍ଷ ଏହି ନାନୋ ରସାୟନ ଟଙ୍କା ନେଇ ବିନା ବିଲରେ କିପରି ଓ କାହା ସ୍ୱାର୍ଥରେ ବଣ୍ଟା ଯାଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

ତେବେ ଶନିବାର ଦିନ ଲ୍ୟାମ୍ପରେ ସାର ବିକ୍ରି ସମୟରେ ବେତନଟୀ ବ୍ଲକ ଦହିକୁଟି ଅଞ୍ଚଳର ଗୌର ଚରଣ ମହାନ୍ତ ୨୧୫୦ ଟଙ୍କାର ସାର କିଣିବା ପରେ ତାଙ୍କୁ ଏକ ଅନଲାଇନ ରସିଦ ଦିଆ ଯାଇଥିଲା ଓ ନାନୋ ନାମକ ରସାୟନ ନାନୋର ମୂଲ୍ୟକୁ ହାତରେ ଲେଖି ଦେଉଥିବାର ଦେଖିବାକୁ ମିଳିଥିଲା । ଯେଉଁ ଚାଷୀ କିଛି ପ୍ରଶ୍ନ କଲେ ତାଙ୍କୁ ଖରାପ ବ୍ୟବହାର ମିଳୁଥିଲା । ପୂର୍ବରୁ ମଧ୍ୟ ସେହି କର୍ମଚାରୀଙ୍କର ଚାଷୀଙ୍କ ସହ ଯୁକ୍ତି ତର୍କ ପାଇଁ ୧୮୦ଟଙ୍କାର କୌଣସି ବିଲ ନଦିଆ ଯାଇ ସେହି ସାର ରସିଦରେ ହାତରେ ୧୮୦ ଟଙ୍କା ଲେଖି ଦେଇ ଦିଆ ଯାଇଥିଲା । ସାର ବିକ୍ରି କରୁଥିବା କର୍ମଚାରୀ ମନଇଚ୍ଛା ଏହି ୧୮୦ଟଙ୍କା ଲ୍ୟାମ୍ପକୁ ନଯାଇ କାହା ପକେଟ ଯାଉଛି ତାହା ଏବେ ବ ସନ୍ଦେହ ଘେରରେ ରହିଛି ପ୍ରଶାସନିକ ସ୍ତରରେ ଏହାର ସଠିକ ଯାଞ୍ଚ ପାଇଁ ଚାଷୀଙ୍କ ନିକଟରୁ ଦାବି କରାଯାଇଛି । ନାନୋ ରସାୟନ ବିକ୍ରିରେ ଲାଗୁଥିବାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରଲ ହୋଇଥିବାର ଦେଖିବାକୁ ମିଳିଥିଲା । ତେବେ ପ୍ରତ୍ୟେକ ଚାଷୀଙ୍କ ନିକଟରୁ ରସାୟନ ବାବଦକୁ ଆଦାୟ ହେଉଥିବା ଏହି ଟଙ୍କା ବାଟମାରଣା ହେଉଥିବା ଅଭିଯୋଗ ଆସୁଥିବା ବେଳେ ଆଗକୁ ଧାନ କିଣା ସମୟ ଆସୁଥିବା ବେଳେ ଏସବୁ ଉପରେ ପ୍ରଶାସନସ୍ତରରେ କଡା ନଜର ରଖିବା ପାଇଁ ଚାଷୀଙ୍କ ପକ୍ଷରୁ ଦାବି ହୋଇଛି ।

ରାଇକିଆ ବ୍ଲକ ଢେପାଗୁଡ଼ା ଗ୍ରାମରେ ପୁଣି ଭୂସ୍ଖଳନ

ଗ୍ରାମବାସୀଙ୍କ ମଧ୍ୟରେ ଭୟ

ଫୁଲବାଣୀ (ଅମୃତ ମିଡିଆ) : କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ୍ ଇନ୍ଦ୍ରଗଡ଼ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଢେପାଗୁଡ଼ା ଗ୍ରାମରେ ପୁଣିଥରେ ଭୂସ୍ଖଳନ ଘଟିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଗତ କିଛି ଦିନ ଧରି ଲଗାଣ ବର୍ଷା ଯୋଗୁଁ ଗାଁକୁ ସଂଯୋଗ କରୁଥିବା କଂକ୍ରିଟ୍ ରାସ୍ତାରେ ପ୍ରାୟ ୧୨ ଫୁଟ୍ ଗଭୀର ଗାତ ସୃଷ୍ଟି ହୋଇଛି । ଫଳରେ ଏହି ରାସ୍ତାରେ ଯାତାୟାତ ବନ୍ଦ ରହିଛି । ଗାଁରେ ୧୫ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଭୂସ୍ଖଳନ ଯୋଗୁଁ ଆସନ୍ନ ବିପଦକୁ ନେଇ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି । ପରିସ୍ଥିତିକୁ ଗୁରୁତର ଭାବେ ନେଇ ଢେପାଗୁଡ଼ା ହରିଜନ ସାହିର ୪ଟି ପରିବାରକୁ ନିକଟସ୍ଥ ହାଇସ୍କୁଲକୁ ସ୍ଥାନାନ୍ତର କରାଯାଇଛି । ପୂର୍ବରୁ ୨୦୧୬ ମସିହାରେ ଏ ଭଳି ଭୂସ୍ଖଳନ ହୋଇଥିଲା ବହୁତ ଗଭୀର ଗାତ ହୋଇଯାଇଥିଲା । ବ୍ଲକ ପ୍ରଶାସନ ପକ୍ଷରୁ ପୋତା ଯାଇଥିଲା । ଏବଂ ସେହି ପରିବାର ଲୋକ ମାନଙ୍କ ନିମନ୍ତେ ସରକାର ପକ୍ଷରୁ ଇନ୍ଦ୍ରଗଡ ନିକଟ ସୁବର୍ଣ୍ଣ ପୁର ଗ୍ରାମରେ ଜାଗା ଦିଆଯାଇ ଘର ତିଆରି କରିଦେଇ କଲୋନୀ କରି ଦେଇଛନ୍ତି । ଢେପାଗୁଡ଼ା ଗ୍ରାମରେ ସେମାନଙ୍କର ଜମିବାଡ଼ି ରହିଥିବାରୁ ସେଠାକୁ ପୁଣି ଚାଲି ଆସୁଛନ୍ତି । ସେଠାରେ ରହୁନାହାନ୍ତି ବୋଲି ରାଇକିଆ ବ୍ଲକ୍ ଜିପିଡିଓ ମହେଶ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ବ୍ଲକ୍ ପ୍ରଶାସନ ପକ୍ଷରୁ ଗାଁର ପରିସ୍ଥିତି ଅନୁଧ୍ୟାନ କରାଯିବା ସହ ରାସ୍ତାର ଅବସ୍ଥା ନେଇ ଜିଲ୍ଲା ପ୍ରଶାସନକୁ ରିପୋର୍ଟ କରାଯାଇଛି । ଏଥିସହ ଯୁଦ୍ଧକାଳୀନ ଭିତରେ ରାସ୍ତା ମରାମତି କରିବା ପାଇଁ ପଦକ୍ଷେପ ନିଆଯାଉଛି । ଲଗାଣ ବର୍ଷା ଜାରି ରହିଥିବାରୁ ଆଗକୁ ଭୂସ୍ଖଳନର ପରିମାଣ ଆହୁରି ବଢ଼ିବା ଆଶଙ୍କା ଥିବାରୁ ଗ୍ରାମବାସୀଙ୍କ ସୁରକ୍ଷା ଯୋଗାଯୋଗ ବ୍ୟବସ୍ଥା ପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି ।

ଓଡିଶା ଜନତା କଂଗ୍ରେସ ପାର୍ଟିର ୩ଦିନିଆ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଯୁବଶକ୍ତିକୁ ଗୁରୁତ୍ୱ ଦେଇ ବଢିବାକୁ ଉଦ୍ୟମ କରୁଛୁ : ମୋକିମ

ବାଲିଚନ୍ଦ୍ରପୁର (ଅମୃତ ମିଡିଆ) : ଯୁବଶକ୍ତିକୁ ଗୁରୁତ୍ୱ ପ୍ରଦାନ କରି ଦଳୀୟ ସଙ୍ଗଠନକୁ ଆଗକୁ ବଢିବାକୁ ଉଦ୍ୟମ କରୁଛୁ,ସେବା ଓ ଶୃଙ୍ଖଳା ମନୋଭାବ ନେଇ କାର୍ଯ୍ୟକରି ସାଧାରଣ ଲୋକଙ୍କ ସ୍ୱର ହେବାକୁ ଓଡ଼ିଶା ଜନତା କଂଗ୍ରେସର ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିରର ଉଦଯାପନୀ ଦିବସରେ ଦଳର ପ୍ରତିଷ୍ଠାତା ତଥା ପ୍ରାକ୍ତନ ବିଧାୟକ ମହମ୍ମଦ ମୋକିମ ପ୍ରକାଶ କରିଛନ୍ତି । ଯାଜପୁର ଜିଲା ବଡଚଣା ବ୍ଲକ ପଲାଇ ପଞ୍ଚାୟତ ଅନ୍ତର୍ଗତ ଓଳାଶୁଣୀ ପାହାଡ ସ୍ଥିତ ମଣ୍ଡପ ଠାରେ ସେବା ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ମନୋଜ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଉଥିବା ତିନି ଦିନିଆ ପ୍ରଶିକ୍ଷଣ ଶିବିରର ଅନ୍ତିମ ଦିବସରେ ଓଡିଶା ସାମ୍ବାଦିକ ୟୁନୀୟନର ସଭାପତି ପ୍ରସନ୍ନ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ବର୍ତ୍ତମାନ ଯୁବକ, ଛାତ୍ରମାନେ ସବୁଠାରୁ ଅଧିକ ଅବହେଳିତ, ସେମାନଙ୍କୁ ସଠିକ ମାର୍ଗଦର୍ଶନ କରାଗଲେ ସେମାନେ ଦେଶକୁ ବଦଳାଇ ପାରିବେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଜେସିର ରାଜ୍ୟ ଉପସଭାପତି ନିକୁଞ୍ଜ ପଶାୟତ, ପ୍ରଦୀପ ପ୍ରଧାନ, ଗିରିବଳା ବେହେରା, ପ୍ରଭାତ ଜିଲ୍ଲାପରିଷଦ ଅଧକ୍ଷା ରଞ୍ଜିତା ରାଉତ, ସାଧାରଣ ସମ୍ପାଦକ ସଞ୍ଜୟ ରାୟ, ସୋମନାଥ ରାଉତରାୟ, ସୁଜିତ ସ୍ୱାଇଁ, ନରେଶ ମହାନ୍ତି, ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ଶୈଳବାଳା ଜେନା, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଆର୍ଯ୍ୟବିର ଲେଙ୍କା, କୃଷକ ମୋର୍ଚ୍ଚା ସଭାପତି ସଂଗ୍ରାମ ମାଝୀ, ରାଜ୍ୟ ସମ୍ପାଦକ ଦିଲୀପ କୁମାର ରାଉତ, ପ୍ରତିଷ୍ଠାତା ସଭ୍ୟ ସୁରେଶ ସାହାଣୀ, ଜିଲା ସଭାପତି ବିଦ୍ୟାଧର ମହାନ୍ତି, ଅନିଲ ବେହେରା ପ୍ରମୁଖ ସମସ୍ତ ରାଜ୍ୟ ଓ ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତା ମାନେ ଯୋଗଦେଇ ସଙ୍ଗଠନ ସମ୍ପର୍କରେ ଆଲୋଚନା କରିଥିଲେ । ସମସ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରଯାଇଥିଲା, ସଙ୍ଗଠନ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଦୀପ୍ତ କୁମାର ଧଳ ଧନ୍ୟବାଦ ପ୍ରଦାନ କରିଥିଲେ ।

ବିଜ୍ଞାନ ମେଳା ଅନୁଷ୍ଠିତ

ବାସୁଦେବପୁର (ଅମୃତ ମିଡିଆ) : ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ସ୍ଥାନୀୟ ବେତଡାରେ ଥିବା ପ୍ରଶାନ୍ତି ଶିଶୁ ବିହାର ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ପ୍ରଧାନ ଶିକ୍ଷକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରମେଶ ଚନ୍ଦ୍ର ସାହୁ, ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି ପରିଚାଳନା କମିଟି ସଞ୍ଜୀବ ପାଣିଗ୍ରାହୀ, ସହ ସମ୍ପାଦିକା ଅନିତା ପଣ୍ଡା, କୋଷାଧକ୍ଷ ମୁରଲୀଧର ମହାନ୍ତି, ଶିକ୍ଷକ ଦେତାରି ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନ ଉତ୍ସବ ରେ ଇନ୍ଦ୍ରଜିତ୍ ଦେ ମୁଖ୍ୟ ପରିଚାଳକ ଶ୍ରୀରାମ ଆବାସିକ ମହାବିଦ୍ୟାଳୟ ସୋରୋ ଯୋଗ ଦେଇଥିଲେ । ଏହି ଅବସରରେ ବିଚାରକ ଭାବରେ ବିଭିନ୍ନ ବିଦ୍ୟାଳୟରୁ ବିଜ୍ଞାନ ଶିକ୍ଷକମାନେ ଉପସ୍ଥିତ ରହିଥିଲେ । ମୋଟ ୧୫୦ଟି ପ୍ରକଳ୍ପ ସ୍ଥାନ ପାଇଛି । ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ରହି ସଫଳ କରାଇଛନ୍ତି ।

ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ଜୟପୁର (ଅମୃତ ମିଡିଆ) : ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଅରବିନ୍ଦନଗର ଜୟପୁର ଠାରେ ଜୟପୁର ସଙ୍କୁଳର ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଆଜିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୀଳାଞ୍ଚଳ ପ୍ରଧାନ ଯୋଗଦେଇ ଭାରତୀୟ ବୈଜ୍ଞାନିକ ଓ ଦାର୍ଶନିକମାନଙ୍କ ବିଭିନ୍ନ ତଥ୍ୟ ଶିଶୁମାନଙ୍କୁ କହି ଉତ୍ସାହିତ କରିଥିଲେ । ସଙ୍କୁଳ ପ୍ରମୁଖ ହେମନ୍ତ କୁମାର ଚାନ୍ଦ ବିଜ୍ଞାନମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଶିଶୁଙ୍କୁ ଜଣାଇଥିଲେ । ସଙ୍କୁଳ ସଂଯୋଜକ ସତ୍ୟ ନାରାୟଣ ସେଠୀ ବର୍ଗ ସମ୍ପର୍କିତ ସୂଚନା ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ରାଜେଶ କୁମାର ବାହିନୀପତି ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ ଓ କୋଷାଧକ୍ଷ ମିହିର କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ କୋରାପୁଟ ଜିଲ୍ଲାର ୭ଟି ବ୍ଲକ୍‌ରୁ ୨୫୪ ଜଣ ଛାତ୍ରଛାତ୍ରୀ, ୯ ଜଣ ପ୍ରଧାନ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ଏବଂ ୩୧ ଜଣ ପରିଚାଳକ ଯୋଗ ଦେଇଥିଲେ । ଏହି ବିଜ୍ଞାନ ମେଳାରେ ୨୫ ଜଣ ଉଚ୍ଚ ଶିକ୍ଷାବିତ୍ ବିଚାରକ ଭାବରେ ଯୋଗଦେଇ ଶିଶୁମାନଙ୍କର ମୂଲ୍ୟାଙ୍କନ କରିଥିଲେ । ସେହିଭଳି ସମାରୋପ କାର୍ଯ୍ୟକ୍ରମରେ କୁଳମଣି ନାଏକ ଉପ-ଜିଲ୍ଲାପାଳ ଜୟପୁର ମୁଖ ଅତିଥି ଭାବରେ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ । ଡ. ମନୋରଞ୍ଜନ ପ୍ରଧାନ ଦକ୍ଷିଣ ସମ୍ବାଗର ସଂପାଦକ ତଥା ବିକ୍ରମଦେବ ବିଶ୍ୱବିଦ୍ୟାଳୟର ସହକାରୀ ଅଧ୍ୟାପକ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଶିଶୁଙ୍କ ମାର୍ଗଦର୍ଶନ କରିଥିଲା ବେଳେ ସୁଶାନ୍ତ କୁମାର ପାଣିଗ୍ରାହୀ ସମ୍ବାଗ ସଂପାଦକ, ସଙ୍କୁଳ ସଂଯୋଜକ ସତ୍ୟ ନାରାୟଣ ସେଠୀ, ସଙ୍କୁଳ ପ୍ରମୁଖ ହେମନ୍ତ କୁମାର ଚାନ୍ଦ, କୋଷାଧକ୍ଷ ମିହିର କୁମାର ମିଶ୍ର ଏବଂ ପ୍ରଧାନ ଆଚାର୍ଯ୍ୟ ରାଜେଶ କୁମାର ବାହିନୀପତି ଉପସ୍ଥିତ ରହିଥିଲେ । ସମାରୋପ ଉତ୍ସବରେ କୃତି ଶିଶୁ ଭାଇଭଉଣୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ସ୍ଥାନୀୟ ବିଦ୍ୟାଳୟର ଗୁରୁଜୀ ଗୁରୁମା ଓ ସେବକ ସେବିକା ତଥା ପରିଚାଳନା ସମିତିଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୂଚାରୁ ରୂପେ ସମ୍ପାଦିତ ହୋଇଥିଲା ।

ଜିଲ୍ଲା ଅମଲା ସଂଘର ସାଧାରଣ ବୈଠକ

କଟକ (ବ୍ୟୁରୋ) : କଟକ ଶତାବ୍ଦୀ ଭବନ ଠାରେ ଓଡ଼ିଶା ଅମଲା ସଂଘ କଟକ ଜିଲ୍ଲା ଶାଖାର ସଭାପତି ଚିତ୍ତରଞ୍ଜନ ପଟ୍ଟନାୟକ ସଭାପତିତ୍ୱରେ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ଅମଲା ସଂଘର ବିଭିନ୍ନ କର୍ମକର୍ତ୍ତା ତଥା ନେତୃମଣ୍ଡଳୀ ଓ ସଭ୍ୟ ମାନେ ଯୋଗ ଦେଇ ଅମଲା ମାନଙ୍କର ସମସ୍ୟା ମଧ୍ୟରେ ପ୍ରବେଶିକା ଗ୍ରେଡ ପେ ୪୨୦୦ ଟଙ୍କା ବୃଦ୍ଧି କରିବା, ଅମଲା କ୍ୟାଡ଼ର ୨୦୨୪ର ପୁନର୍ଗଠନ କରାଯିବା, ପ୍ରତ୍ୟେକ ଅମଲାଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ଭଳି ଦାବି ଗୁଡିକ ବୈଠକରେ ଉପସ୍ଥାପନା କରାଯାଇଥିଲା ପରେ ପରେ ଉପୋରକ୍ତ ପ୍ରସ୍ତାବ ଗୁଡ଼ିକ ସର୍ବ ସମ୍ମତି କ୍ରମେ ଗୃହୀତ ହୋଇଥିଲା । ଏଥି ସହିତ ଅନ୍ୟ ଏକ ପ୍ରସ୍ତାବ ସଂଘର କର୍ମକର୍ତ୍ତା ପକ୍ଷରୁ ସଂଘକୁ ସୁଦୃଢ କରଣ କରାଯିବା ସହିତ ସଂଘର ଏକ ସ୍ଥାୟୀ କାର୍ଯ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ମତ ପ୍ରକାଶ ପାଇଥିଲା । ଉକ୍ତ ବୈଠକରେ ଅମଲା ସଂଘର ଅଧକ୍ଷ ବିରଞ୍ଚି ନାରାୟଣ ବରାଳ, ମୁଖ୍ୟ ଉପଦେଷ୍ଟା ହୃଦୟ ବିହାରୀ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ପାଣି, ସମ୍ପାଦକ ବିଜୟ କୁମାର ସ୍ୱାଇଁ, ମଞ୍ଜାସୀନ ବକ୍ତା ଭାବରେ ନିଜସ୍ୱ ବକ୍ତବ୍ୟ ରଖିଥିଲେ । ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ଲଳିତ କୁମାର ଶତପଥୀ,ଅଜୟ କୁମାର ଜେନା, ସୁଚିତ ମିଶ୍ର, ମାନସ ରଞ୍ଜନ ପତି, ଅବଦୁଲ କାଲାମ ଖାନ୍, ଭରତ ଚନ୍ଦ୍ର ସ୍ୱାଇଁ, ବିପଦ ବାନ୍ଧବ ମହାନ୍ତି, ସୌମ୍ୟରଞ୍ଜନ ସାମଲ, ସୁଦୀପ କୁମାର ପ୍ରଧାନ, ତପନ କୁମାର ମହାପାତ୍ର, କିର୍ତ୍ତୀ ରଞ୍ଜନ ନାୟକ, ସଂଗ୍ରାମ ନାୟକ, ମନୋଜ କୁମାର ତ୍ରିପାଠୀ, ସୂନାକର ମଲ୍ଲିକ, ସାବନା ଆଜମି, ନିରଞ୍ଜନ ପରିଡ଼ା, ଦୀପକ ସେଠ୍, ଦେବାଶିଷ ମହାନ୍ତି, ଦେବାଶିଷ ରଥ, ଗୁରୁପ୍ରସାଦ ସିନ୍ହା, ଅରୁଣ ବାରିକ, ଅଭିଜିତ୍ ସିଂହ, ନିରଞ୍ଜନ ଆରୁଖ, ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପରିଶେଷରେ କୋଷାଧକ୍ଷ ଗୁରୁ ଗୋବିନ୍ଦ ଦଳାଇଙ୍କ ସ୍ଥାନରେ ସୁଜିତ କୁମାର ମିଶ୍ରଙ୍କୁ କୋଷାଧକ୍ଷ ଭାବେ ଦାୟିତ୍ୱ ତୁଲାଇବା ପାଇଁ ସର୍ବ ସମ୍ମତି କ୍ରମେ ସ୍ଥିର କରାଗଲା । ଶେଷରେ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରାଯାଇଥିଲା ।

ମୟୂର ସାହିତ୍ୟ ସଂସଦର ୩୧ତମ ବାର୍ଷିକ ସାରସ୍ୱତ ସମାରୋହ

ସାହିତ୍ୟ ବାସ୍ତବର କଥା କହେ/ସାହିତ୍ୟ ସୃଷ୍ଟି ବୟସକୁ ଅପେକ୍ଷା କରେନାହିଁ

ବେତନଟୀ (ଅମୃତ ମିଡିଆ) : ଉତ୍ତର ଓଡ଼ିଶାର ସ୍ୱନାମଧନ୍ୟ ସାରସ୍ୱତ ଅନୁଷ୍ଠାନ ମୟୂର ସାହିତ୍ୟ ସଂସଦ, ବେତନଟୀର ୩୧ତମ ବାର୍ଷିକ ସାରସ୍ୱତ ସମାରୋହ ସ୍ଥାନୀୟ ଏମ୍‌ପିସି. ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଦୁଇଟି ପର୍ଯ୍ୟାୟରେ ସଂପାଦିତ ଏହି କାର୍ଯ୍ୟକ୍ରମକୁ ଏମ୍‌ପିସି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜୁନ କୁମାର ସିଂ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । କବୟିତ୍ରୀ ଡ. ମନ୍ଦାକିନୀ ସାହୁ ଏହି ଅବସରରେ ବେଦପାଠ କରିଥିଲେ । ସ୍ଥାନୀୟ ବିବେକାନନ ଶିକ୍ଷା କେନ୍ଦ୍ରର ଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ରାଜ୍ୟ ସଙ୍ଗୀତର ଗାନ ସହିତ ପ୍ରଥମ ଅଧିବେଶନ କବିମାନଙ୍କର ସ୍ୱରଚିତ କବିତା ପାଠ ଆରମ୍ଭ ହୋଇଥିଲା । ମଞ୍ଚ ଆହ୍ୱାନ କରିଥିଲେ କବୟିତ୍ରୀ ସୌଦାମିନୀ ପଣ୍ଡା ଏବଂ ଅଧ୍ୟକ୍ଷତା କରିଥିଲେ ସଂସଦର କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ମହାନ୍ତି । ବିଭିନ୍ନ ଅଞ୍ଚଳରୁ ଆସିଥିବା କବି କବୟିତ୍ରୀ ଗଣ ସ୍ୱରଚିତ କବିତା ପାଠ କରିଥିଲେ । କବିତା ଗୁଡିକର ସଂଯୋଜନା କରିଥିଲେ କବୟିତ୍ରୀ ସବିତା ମହାନ୍ତି ଓ କବି ଡାନଶ୍ରୀ ପାଣିଗ୍ରାହୀ । ଏହି ପର୍ଯ୍ୟାୟରେ ସମ୍ମାନିତ ଅତିଥି ଭାବେ ମଞ୍ଜାସୀନ ଥିଲେ ସୁନାଚାନ୍ଦ ର ସଂପାଦକ ଡ. କୁମାର ବାବୁଲି , ବଣମଲ୍ଲୀର ସଂପାଦକ ପ୍ରଭାତ କୁମାର ଆଚାର୍ଯ୍ୟ, ତତ୍ତ୍ୱମସିର ସମ୍ପାଦକ ରାଜେନ୍ଦ୍ର ସାମଲ, ସମୟର ଚକ୍ରର ସଂପାଦକ ସର୍ବେଶ୍ୱର ଜେନା, ଶିକ୍ଷାବିତ୍ ସରୋଜ କୁମାର ଓଝା, ମୟୂର ସାହିତ୍ୟ ସଂସଦର ପୂର୍ବତନ ସଂପାଦକ ଯତୀନ୍ଦ୍ରନାଥ ସାହୁ । ପ୍ରଥମ ପର୍ଯ୍ୟାୟରେ ଅତିଥି ଓ କବିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ କବୟିତ୍ରୀ ମିନତି ସିଂହ। ୨ୟ ପର୍ଯ୍ୟାୟରେ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ ସଂସଦର ଯୁଗ୍ମ ସଂପାଦକ କବି ରତିକାନ୍ତ ବେହେରା । ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷିତ ହୋଇଥିଲା । ଉକ୍ତ ଅଧିବେଶନରେ ସଂସଦର ସଭାପତି ବିପ୍ଳବୀ କବି ଭାସ୍କର ଦ୍ୱିବେଦୀ ଅଧକ୍ଷତା କରି ପ୍ରାରମ୍ଭରେ ସଂସଦର ଗୌରବମୟ କାର୍ଯ୍ୟକାରିତା ସଂପର୍କରେ ସୂଚନା ପ୍ରଦାନ କରିଥିଲାବେଳେ ସଂସଦର ସାଧାରଣ ସମ୍ପାଦକ ନୀରଦ ସୁନ୍ଦର ଜେନା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅଧିବେଶନରେ ମୁଖ୍ୟ ଅତିଥି ଭାବର ଅବସରପ୍ରାପ୍ତ ପ୍ରାଧାପକ ତଥା ଗବେଷକ ଭୂମିପୁତ୍ର ଡ

ଓଡ଼ିଶା ଲାଇବ୍ରେରୀ ଏକାଡେମୀର ୧୧ଶ ବାର୍ଷିକ ସମ୍ମିଳନୀ

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଓ ଡିଜିଟାଲ୍ ବ୍ୟବସ୍ଥା ଦ୍ୱାରା ଲାଇବ୍ରେରୀ ସେବାର ରୂପାନ୍ତରଣ

ଭୁବନେଶ୍ୱର (ବ୍ୟୁରୋ) : ଓଡ଼ିଶା ଲାଇବ୍ରେରୀ ଏକାଡେମୀ ପକ୍ଷରୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପରିସରରେ 'ଅନଲାଇନ୍ ଲାଇବ୍ରେରୀ ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମାଧ୍ୟମରେ ସୂଚନା ଓ ଶିକ୍ଷାର ପୁନର୍ବିକାଶ' ଶୀର୍ଷକ ୧୧ଶ ବାର୍ଷିକ ସମ୍ମିଳନୀ, ସେମିନାର ଏବଂ ଗ୍ରନ୍ଥାଗାରିକ ଦିବସ ସମାରୋହ ସଫଳତାର ସହ ଆୟୋଜିତ ହୋଇଯାଇଛି। ଭାରତର ଗ୍ରନ୍ଥାଗାର ବିଜ୍ଞାନର ଜନକ ଡ. ଏସ୍. ଆର ରଙ୍ଗନାଥନ୍‌ଙ୍କ ୧୩୪ତମ ଜୟନ୍ତୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷା ଓ ଗବେଷଣାରେ ଏଆଇ, ଡିଜିଟାଲ୍ ଟେକ୍ନୋଲୋଜି ଏବଂ ଅନଲାଇନ୍ ଲାଇବ୍ରେରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଏହି ସମାରୋହରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଆଇଏଏସ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକାଶ କରିଥିଲେ ଯେ, ପୁସ୍ତକ ଓ ଗ୍ରନ୍ଥାଗାର ତାଙ୍କର ପ୍ରିୟ ପସନ୍ଦ। ଏଥିସହ ଚଳିତ ବର୍ଷ ଗ୍ରନ୍ଥାଗାରିକ ପଦବୀ ପାଇଁ ହୋଇଥିବା ନିଯୁକ୍ତି ପ୍ରକ୍ରିୟା ପରି ଭବିଷ୍ୟତରେ ପ୍ରତିବର୍ଷ ନିୟମିତ ନିଯୁକ୍ତି ପ୍ରକ୍ରିୟା ଜାରି ରହିବ, ଯାହା ଦ୍ୱାରା ହଜାର ହଜାର ଯୋଗ୍ୟ ପ୍ରାର୍ଥୀଙ୍କ ସ୍ୱପ୍ନ ପୂରଣ ହୋଇପାରିବ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର (ଶ୍ରୀମତୀ) ମାନସୀ ଗୋସ୍ୱାମୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଗ୍ରନ୍ଥାଗାର ଏବଂ ଶିକ୍ଷାନୁଷ୍ଠାନ ଏକାପରି ପରିପୂରକ; ଗ୍ରନ୍ଥାଗାର ବିନା ଶିକ୍ଷା ଅପୂର୍ଣ୍ଣ।କାର୍ଯ୍ୟକ୍ରମ ଆରମ୍ଭରେ ଓଡ଼ିଶା ଲାଇବ୍ରେରୀ ଏକାଡେମୀ ସମ୍ପାଦକ ବିଜୟ କେତନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସଭାପତି ଡ. ବିଭୂତି ଭୂଷଣ ସାହୁ ସଭାପତିତ୍ୱ କରିଥିଲେ। ଆଇସିଏମ୍ ଆରଆରଏମ୍‌ଆରସିର ଅବସରପ୍ରାପ୍ତ ଲାଇବ୍ରେରୀ ଓ ଆଇଟି ପ୍ରମୁଖ ଡ. ବନାମ୍ବର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ବଦଳୁଥିବା ସମୟରେ ଲାଇବ୍ରେରୀ ପେଷାଦାରମାନଙ୍କ ଦାୟିତ୍ୱ ଓ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଗ୍ରନ୍ଥାଗାର ସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପାରିଜା ଲାଇବ୍ରେରୀର ଅବସରପ୍ରାପ୍ତ ଲାଇବ୍ରେରିଆନ୍ ଡ. ନୀଳକଣ୍ଠ ସାରଙ୍ଗୀ ଏବଂ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ଅବସରପ୍ରାପ୍ତ ଲାଇବ୍ରେରିଆନ୍ ଶଶ୍ମିତା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଷୟିକ ଅଧିବେଶନରେ ପ୍ରଯୁକ୍ତିର ନୂତନ ବିକାଶ ଏବଂ ଶିକ୍ଷା, ଗବେଷଣା ଓ ପୁସ୍ତକାଳୟ ସେବାରେ ଏହାର ପ୍ରୟୋଗ ଉପରେ ଆଲୋଚନା ହୋଇଥିଲା। ଭୁବନେଶ୍ୱରସ୍ଥିତ ଟିସିଏସ୍‌ର ଡ. ନିହାର ରଞ୍ଜନ ମହାପାତ୍ର ଝଭ୍ତଙ୍କକ୍ଟଷ୍ଣ;କ୍ଟୁଉଡ, ବ୍ଲକଚେନ୍, ଆଇଓଟି , ବିଜନେସ୍ ଆନାଲିଟିକ୍ସ, ଇନୋଭେସନ୍ ଏବଂ ଡିଜାଇନ୍ ବିଷୟବସ୍ତୁ ଉପରେ ଏକ ଉପସ୍ଥାପନା ପ୍ରଦାନ କରିଥିଲେ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରଫେସର ଡ. ରମାକାନ୍ତ ମହାଲିକ ଏନ୍‌ସିଇଆରଟି ଏବଂ ସିଆଇଇଟିର ବିଦ୍ୟାଳୟ ଶିକ୍ଷା ପଦକ୍ଷେପ ପାଇଁ ଡିଜିଟାଲ୍ ସମ୍ବଳ ବିଷୟରେ ଆଲୋଚନା କରିଥିଲେ। ସେ ପ୍ରଯୁକ୍ତିବିଦ୍ୟା-ଆଧାରିତ ଶିକ୍ଷାଦାନକୁ ସୁଦୃଢ଼ କରିବାରେ ଡିଜିଟାଲ୍ ଶିକ୍ଷଣୀୟ ସମ୍ବଳର ବର୍ଦ୍ଧିତ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ବୈଷୟିକ ଅଧିବେଶନରେ, ଭୁବନେଶ୍ୱରସ୍ଥିତ ଆଇ.ଏମ୍.ଏସ୍. ଓ ସମ୍ ହସ୍ପିଟାଲ୍‌ର ହସ୍ପିଟାଲ୍ ଆଡମିନିଷ୍ଟ୍ରେସନ୍ ବିଭାଗର ଅଧ୍ୟାପିକା ପ୍ରଫେସର ଓରୋଲିପି ବିୟଣ୍ଡ ବୁକ୍: ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏଣ୍ଡ ଦ ଫ୍ୟୁଚର ଅଫ୍ ଲାଇବ୍ରେରୀଜ୍ (ବହିର ସୀମା ବାହାରେ: କୃତ୍ରିମ ବୁଦ୍ଧିମତ୍ତା ଏବଂ ଗ୍ରନ୍ଥାଗାରର ଭବିଷ୍ୟତ) ଶୀର୍ଷକ ବିଷୟବସ୍ତୁ ଉପରେ ଏକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅଧିବେଶନରେ ଲାଇବ୍ରେରୀ ସ୍ୱୟଂଚାଳନ (ଅଟୋମେସନ୍), ସୂଚନା ସନ୍ଧାନ, ଗବେଷଣା ସହାୟତା, ବ୍ୟକ୍ତିଗତ ସେବା ଏବଂ ଡିଜିଟାଲ୍ ଜ୍ଞାନ ପରିଚାଳନାରେ ଏଆଇର ସମ୍ଭାବନା ବିଷୟରେ ଆଲୋଚନା କରାଯାଇଥିଲା। ଏହି ସମ୍ମିଳନୀର ଅଂଶବିଶେଷ ଭାବରେ ଏକ କୁଇଜ୍ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ମଧୁସ୍ମିତା ପଟି ମୁଖ୍ୟ ଅତିଥି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ବାମନ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ଲାଇବ୍ରେରୀ ଏକାଡେମୀର ଉପସଭାପତି ଡ. ଦୀପକ କୁମାର ଖୁଣ୍ଟିଆ ଏହି ଅଧିବେଶନରେ ପୌରୋହିତ୍ୟ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଡ. ପ୍ରଜ୍ଞା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଲାଇବ୍ରେରୀଗୁଡ଼ିକୁ କେବଳ ପୁସ୍ତକ ଗଚ୍ଛିତ ସ୍ଥାନ ନରଖି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ଡିଜିଟାଲ୍ ଜ୍ଞାନକୌଶଳ ସମ୍ପନ୍ନ ଆଧୁନିକ ଜ୍ଞାନକେନ୍ଦ୍ରରେ ରୂପାନ୍ତରିତ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଶେଷରେ ଏକାଡେମୀର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

ଟେକ୍ନୋଲୋଜୀ ମାଧ୍ୟମରେ ସେଭିଙ୍ଗ୍‌ସ କଷ୍ଟ୍-ଟୁ-ପ୍ରିମିୟମ ରେସିଓ ହ୍ରାସ କରିଛି ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍

ଭୁବନେଶ୍ୱର (ବ୍ୟୁରୋ) : ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସର ଟେକ୍ନୋଲୋଜି ଓ ଅଟୋମେଶନ କ୍ଷେତ୍ରରେ ସ୍ଥାୟୀ ନିବେଶ ଏବଂ ଅନ୍ୟାନ୍ୟ ମୂଲ୍ୟ ଅପ୍ଟିମାଇଜେଶନ ପଦକ୍ଷେପଗୁଡିକ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ବ୍ୟବସାୟର ସଂଚୟ ଲାଇନ ପାଇଁ ଏହାର କଷ୍ଟ-ଟୁ-ପ୍ରିମିୟମ ରେସିଓକୁ ୧୩.୬%କୁ ହ୍ରାସ କରିଛନ୍ତି। କମ୍ପାନୀ ଏହାର ବ୍ୟବସାୟ ବୃଦ୍ଧି ଜାରି ରଖିଥିବା ସତ୍ତ୍ୱେ ଏହା ଗତ ବର୍ଷ ତୁଳାରେ ୫୦ ବେସିସ ପଏଂଟ ହ୍ରାସ ହୋଇଛି। ୨୦୨୬-୨୭ର ପ୍ରଥମ ତ୍ରୈମାସିକରେ ପ୍ରାୟ ୫୮% ବୀମା ଡିଜିଟାଲ କେଓ୍ୱାଇସିର ବ୍ୟବହାର କରି ଜାରି କରାଯାଉଛି ଏବଂ ପ୍ରାୟ ୫୪% ସଂଚୟ ବୀମାକୁ ସମାନ ଦିନରେ ଜାରି କରାଯାଇଛି। କମ୍ପାନୀ ଏଣ୍ଡ-ଟୁ-ଏଣ୍ଡ ଡିଜିଟାଲ କ୍ଲେମ ରେଜିଷ୍ଟ୍ରେଶନ ମାଧ୍ୟମରେ ଶୀଘ୍ର ଦାବି ସହଯୋଗକୁ ସକ୍ଷମ କରୁଛି, ଯାହା ଚାଟ୍‌ବୋଟ ଆସ୍ଥ ଖୁଶ୍‌ମଣି ମାଧ୍ୟମରେ ରିଅଲ-ଟାଇମ ଟ୍ରାକିଂ, ହ୍ୱାଟସଆପ ଏବଂ ଏଆଇ-ପରିଚାଳିତ ପ୍ରି-କ୍ଲେମ ଆସେସମେଂଟ ଓ ପ୍ରୋସେସିଂ ଦ୍ୱାରା ସମର୍ଥିତ। ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଗ୍ରାହକଙ୍କୁ ସେବା ପ୍ରଦାନ କରିବାର ୨୫ ବର୍ଷ ପୂରଣ କରୁଥିବାରୁ, ଏହି ଟେକ୍ନୋଲୋଜି-ପରିଚାଳିତ ଆଭିମୁଖ୍ୟ ଆଗାମୀ ବର୍ଷଗୁଡିକରେ ଲାଭଜନକ ଭାବେ ବୃଦ୍ଧି ପାଇବା ପାଇଁ କମ୍ପାନୀର ରଣନୀତିରେ ଅନ୍ତର୍ନିହିତ ରହିଛି। ଏ ସମ୍ପର୍କରେ ମତବ୍ୟକ୍ତ କରି ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସର ମୁଖ୍ୟ ପ୍ରଯୁକ୍ତିବିଦ୍ୟା ଅଧିକାରୀ ଗଣେଷନ ସୌନ୍ଦିରାମ କହିଛନ୍ତି, "ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସରେ କମ୍ପାନୀର ଡିଜିଟାଲ ଭିତିଭୂମି ଉନ୍ନତ କରିବା କ୍ଷେତ୍ରରେ ଆମର ନିବେଶ, କେବଳ ଆମର ଗ୍ରାହକଙ୍କୁ ସଶକ୍ତ କରିନାହିଁ ବରଂ ଆମକୁ ସେମାନଙ୍କର ବୀମା ଚକ୍ରରେ ଏକ ଉନ୍ନତ ଗ୍ରାହକ ଅନୁଭୂତି ପ୍ରଦାନ କରିବା ପାଇଁ ସକ୍ଷମ କରୁଛି। ଆମେ ଗ୍ରାହକ ଅଧିଗ୍ରହଣ, ବିତରକ ପ୍ରଭାବଶାଳୀତା, ସେବା ଓ ପରିଚାଳନାଗତ ଦକ୍ଷତାକୁ ସୁଦୃଢ଼ କରିବା ପାଇଁ ଏଆଇ, ଆନାଲିଟିକ୍ସ ଏବଂ ଆଇସିଆଇସିଆଇ ପ୍ରୁ ପାର୍ଟନର ଷ୍ଟାକ୍, ଆଇପ୍ରୁ ଏଜ୍ ଭଳି ପ୍ଲାଟଫର୍ମଗୁଡିକର ବ୍ୟବହାର କରୁଛୁ। ଟେକ୍ନୋଲୋଜି ଷ୍ଟାକ୍‌ର ନିର୍ମାଣ ସମୟରେ ଆମର ଲକ୍ଷ୍ୟ କେବେବି ନିଜ ପାଇଁ ଅଟୋମେଶନ ନଥିଲା। ଏହା ମାନୁଆଲ ପ୍ରୋସେସରୁ ଆସୁଥିବା ବାଧା ଓ ଖର୍ଚ୍ଚକୁ ଦୂର କରିବା ସମ୍ପର୍କରେ ଥିଲା, ଯାହାଫଳରେ ସଂଚୟ ଅଧିକ ଦକ୍ଷତାର ସହ ପ୍ରସାରିତ ହୋଇଥାଏ ଏବଂ ଗ୍ରାହକମାନେ ଏକ ଦ୍ରୁତ, ସରଳ ଅନୁଭୂତି ପାଇଥାନ୍ତି। ସେହି ବିଚାରଧାରା ଏବେ ଆମକୁ ପରିଚାଳନାଗତ ଦକ୍ଷତା ଉନ୍ନତ କରିବାରେ ସାହାଯ୍ୟ କରୁଛି।

ବନ୍ଧନ କଣ୍ଟ୍ରା ଫଣ୍ଡ୍ ଶୁଭାରମ୍ଭ

ଭୁବନେଶ୍ୱର (ବ୍ୟୁରୋ) : ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଆଜି ଏକ ଓପନ-ଏଣ୍ଡେଡ ଇକ୍ୱିଟି ସ୍କିମ ବନ୍ଧନ କଂଟ୍ରା ଫଣ୍ଡର ଲଂଚ ଘୋଷଣା କରାଯାଇଛି ଯାହା ଏକ ବିପରୀତ ନିବେଶ ରଣନୀତି ଅନୁସରଣ କରୁଛି। ଏହି ଫଣ୍ଡ ମୌଳିକ ରୂପେ ମଜବୁତ ବ୍ୟବସାୟଗୁଡିକୁ ଚିହ୍ନଟ କରିବା ପାଇଁ ଲକ୍ଷ୍ୟ ରଖିଛି ଯାହା କ୍ଷେତ୍ର-ସ୍ତରୀୟ ଚିନ୍ତା, ଚକ୍ରିୟ ଆହ୍ୱାନ, ସାମଗ୍ରିକ ଅର୍ଥନୈତିକ ଅନିଶ୍ଚିତତା କିମ୍ବା ବର୍ତମାନର ବଜାର ମନୋଭାବ କାରଣରୁ ଅସ୍ଥାୟୀ ଭାବେ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇପାରେ, କିନ୍ତୁ ସମୟ ସହିତ ଧାରଣା ଓ ମୌଳିକ ସ୍ଥିତିରେ ଉନ୍ନତି ଆସିଲେ ସେଗୁଡିକର ମୂଲ୍ୟାୟନରେ ସୁଧାର ଆସିବାର ସମ୍ଭାବନା ରହିଥାଏ। ଏହି ନୂତନ ଫଣ୍ଡ ଅଫର (ଏନଏଫଓ) ଆସନ୍ତା ସୋମବାର, ଅଗଷ୍ଟ ୧୦ତାରିଖରେ ଆରମ୍ଭ ହେବ ଏବଂ ସୋମବାର, ଅଗଷ୍ଟ ୨୪ ତାରିଖ ୨୦୨୬ରେ ବନ୍ଦ ହେବ। ବନ୍ଧନ କଂଟ୍ରା ଫଣ୍ଡରେ ନିବେଶ ଲାଇସେନ୍ସପ୍ରାପ୍ତ ମ୍ୟୁଚୁଆଲ ଫଣ୍ଡ ବିତରକ, ଅନ୍‌ଲାଇନ ପ୍ଲାଟଫର୍ମ ମାଧ୍ୟମରେ କରାଯାଇପାରିବ। ଏହି ଲଂଚ ସମ୍ପର୍କରେ ବନ୍ଧନ ଏଏମସିର ସିଇଓ ବିକାଶ କପୁର କହିଛନ୍ତି, "ବନ୍ଧନ କଂଟ୍ରା ଫଣ୍ଡର ଲଂଚ ଏପରି ଏକ ସମୟରେ ହୋଇଛି ଯେତେବେଳେ ବିଭିନ୍ନ କ୍ଷେତ୍ରରେ ବିସ୍ତାରିତ ମୂଲ୍ୟାଙ୍କନ ଯଥେଷ୍ଟ ବୃଦ୍ଧି ପାଇଛି ଯାହା ନିର୍ଦ୍ଦିଷ୍ଟ କଂଟ୍ରାରିଆନ ନିବେଶ ପାଇଁ ସୁଯୋଗ ସୃଷ୍ଟି କରୁଛି।। ଅନେକ କ୍ଷେତ୍ର ଏବଂ କମ୍ପାନୀ ଦୃଢ ବ୍ୟବସାୟ ମଡେଲ ରଖିବା, ଆୟ ଦୃଶ୍ୟମାନତାରେ ଉନ୍ନତି ଆଣିବା ଏବଂ ବାଲାନ୍ସ ସିଟ ମଜବୁତ କରିବା ସତ୍ତ୍ୱେ ସେମାନଙ୍କର ଦୀର୍ଘକାଳିନ କ୍ଷମତାରୁ ନିମ୍ନରେ ବାଣିଜ୍ୟ କରୁଛନ୍ତି। ଏପରି କ୍ଷେତ୍ରୀୟ ଭିନ୍ନତା, ପ୍ରଚଳିତ ବଜାର ସହମତି ବାହାରେ ସୁଯୋଗ ଖୋଜୁଥିବା ନିବେଶକଙ୍କ ପାଇଁ ଉତମ ଭିତିଭୂମି ପ୍ରଦାନ କରିପାରିଥାଏ। ବନ୍ଧନ କଂଟ୍ରା ଫଣ୍ଡକୁ ଏକ ଅଭିବୃଦ୍ଧି ଆଧାର ସହ ଏକ ଶୃଙ୍ଖଳିତ କଂଟ୍ରାରିୟାନ ଫ୍ରେମୱର୍କ ଅନୁସରଣ କରିବା ପାଇଁ ଡିଜାଇନ କରାଯାଇଛି। ବନ୍ଧନ କଂଟ୍ରା ଫଣ୍ଡକୁ ଏକ ପୃଥକ ଇକ୍ୱିଟି ରଣନୀତି ଖୋଜୁଥିବା ନିବେଶକଙ୍କ ପାଇଁ ମଧ୍ୟ ପରିକଳ୍ପନା କରାଯାଇଛି ଯାହା ପାରମ୍ପରିକ ଅଭିବୃଦ୍ଧି ଓ ମୂଲ୍ୟ ଆବଂଟନକୁ ପରିପୂର୍ଣ୍ଣ କରିପାରୁଥିବ। ଏହି ଫଣ୍ଡ ଦୀର୍ଘକାଳିନ ନିବେଶ ରଣନୀତିକୁ ଅନୁବାଦ କରିବାର କ୍ଷମତାକୁ ପୁନଃନିଶ୍ଚିତ କରୁଛି। କୃଷକମାନେ ପୁନର୍ଜୀବିତ ମୌସୁମୀ ଓ ଖରିବ ବୁଣାରେ ପ୍ରଗତି ମଧ୍ୟରେ ଆଗାମୀ ଋତୁ ଦିଗରେ ସକ୍ରିୟ ପଦକ୍ଷେପ ଗ୍ରହଣ କରିବା ଜାରି ରଖିଥିବାରୁ ଉତ୍ପାଦକତା ସର୍ବାଧିକ କରିବା ପଯାଇଁ ଉଚ୍ଚ କ୍ଷମତାଯୁକ୍ତ ଟ୍ରାକ୍ଟରଗୁଡିକ ଦିଗରେ ଏକ ସ୍ପଷ୍ଟ ପରିବର୍ତନ ଦେଖିବାକୁ ମିଳିଛି। ସୋନାଲିକାର ସମଗ୍ର ପ୍ରଡକ୍ଟ ପୋର୍ଟଫୋଲିଓକୁ ଦକ୍ଷତା, ନିର୍ଭରଯୋଗ୍ୟତା ଓ ସଫଳ ହେବା ପାଇଁ ସେମାନେ ଆବଶ୍ୟକ କରୁଥିବା ଟେକ୍ନୋଲୋଜି ସହିତ କୃଷକମାନଙ୍କୁ ସଶକ୍ତ କରିବା ପାଇଁ ନିର୍ମିତ। ଏହି ରେକର୍ଡ ପ୍ରଦର୍ଶନ ସମ୍ପର୍କରେ ଇଂଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, "ଆମର ୨୭.୨%ର ଘରୋଇ ଅଭିବୃଦ୍ଧି ଏକ ଶିଳ୍ପ-ଅଗ୍ରଣୀ ସଫଳତା ଭାବେ ଉଭା ହୋଇଛି ଏବଂ ଏହା ଆମକୁ ଏହି କ୍ଷେତ୍ରରେ ସର୍ବୋଚ୍ଚ ବଜାର ଅଂଶଧାରକ ଭାବେ ଅବସ୍ଥାପିତ କରିଥିବାରୁ ଆମେ ଗର୍ବିତ। ଆମେ ମଧ୍ୟ ଜୁଲାଇ ମାସରେ ସର୍ବାଧିକ ୧୧୪୪୨ଟି ଟ୍ରାକ୍ଟର ବିକ୍ରିର ରେକର୍ଡ ହାସଲ କରି ଆନନ୍ଦିତ ଯାହା କୃଷକଙ୍କୁ ସର୍ବୋତମ ସେବା ପ୍ରଦାନ କରିବା ପାଇଁ ଆମର ରଣନୈତିକ ପ୍ରତିବଦ୍ଧତାର ଶକ୍ତିକୁ ପ୍ରତିଫଳନ କରୁଛି। ଚାହିଦା ଧୀରେ ଧୀରେ ଉଚ୍ଚ କ୍ଷମତାଯୁକ୍ତ ଏଚପି ଟ୍ରାକ୍ଟରଗୁଡିକ ଆଡକୁ ପରିବର୍ତନ ହେଉଥିବାରୁ ଆଜିର କୃଷକମାନେ ବହୁମାତ୍ରାରେ ଏଭଳି ଟ୍ରାକ୍ଟରଗୁଡିକରେ ନିବେଶ କରୁଛନ୍ତି ଯାହା ଦକ୍ଷ ହେବା ସହ ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତା ପ୍ରଦାନ କରୁଛି ଏବଂ ସେମାନଙ୍କର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ସର୍ବୋଚ୍ଚ ଉତ୍ପାଦକତା ନିଶ୍ଚିତ କରୁଛି। ଆମେ ସେହି ଉତ୍ପାଦଗୁଡିକୁ ଯେପରି ଆଗାମୀ ପାର୍ବଣ ଋତୁରେ କୃଷକଙ୍କ ବର୍ଦ୍ଧିତ ଚାହିକୁ ପୂରଣ କରିବା ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରାଯିବ ତାହା ନିଶ୍ଚିତ କରିବା ଉପରେ ଗୁରୁତ୍ୱ ବଜାୟ ରଖିଛୁ।

ଭାରତୀୟ ପ୍ରବାସୀ ସମୁଦାୟ ପାଇଁ ଗୌରବ

ସମାଜସେବୀ ରେଖା ବ୍ରିଟିଶ୍ ସିଟିଜେନ୍ ଆୱାର୍ଡରେ ସମ୍ମାନିତ

ଭୁବନେଶ୍ୱର (ବ୍ୟୁରୋ) : ଓଡ଼ିଶାର ବ୍ରହ୍ମପୁରର ମୂଳ ବାସିନ୍ଦା, ସମାଜସେବୀ ତଥା ବ୍ୟବସାୟୀ ରେଖା ସେନାପତିଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଲଣ୍ଡନର ପ୍ୟାଲେସ୍ ଅଫ୍ ୱେଷ୍ଟମିନଷ୍ଟରସ୍ଥିତ ହାଉସ୍ ଅଫ୍ ଲର୍ଡସ୍‌ରେ ପ୍ରତିଷ୍ଠିତ 'ବ୍ରିଟିଶ୍ ସିଟିଜେନ୍ ଆୱାର୍ଡ–ଦ ପିପୁଲ୍ସ ଚଏସ୍'ରେ ସମ୍ମାନିତ କରାଯାଇଛି। ଟିଭି ଉପସ୍ଥାପକ ଓ ସାମ୍ବାଦିକ ମ୍ୟାଟ୍ ଅଲ୍‌ରାଇଟ୍ ଏବଂ ସ୍ୱେଚ୍ଛସେଭର୍ସର ପ୍ରତିଷ୍ଠାତା ଡେମ୍ ମେରି ପର୍କିନ୍‌ଟାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଏହି ସମାରୋହରେ ସମ୍ମାନିତ ୨୬ ଜଣ ପଦକ ବିଜେତାଙ୍କ ମଧ୍ୟରେରେଖା ସେନାପତି ଏକମାତ୍ର ଭାରତୀୟ ବଂଶୋଦ୍ଭବ ବ୍ରିଟିଶ୍ ହିନ୍ଦୁଭାବେ ଏହି ସମ୍ମାନ ପାଇଛନ୍ତି। ସେ ଚଳିତ ବର୍ଷ ସ୍ଥାନୀୟ ସ୍ତରରେ ତଥା ୟୁନାଇଟେଡ୍ କିଙ୍ଗଡମରେ ନିଜର ସାମାଜିକ ସେବା ପାଇଁ ଅନେକ ପୁରସ୍କାର ଓ ସମ୍ମାନ ପାଇଛନ୍ତି। ତାଙ୍କର ସାମ୍ପ୍ରତିକ ସମ୍ମାନଗୁଡ଼ିକ ମଧ୍ୟରେ ଚଳିତ ବର୍ଷ ମେ' ମାସରେ ମାଞ୍ଚେଷ୍ଟରର ସାଲଫୋର୍ଡ ମେୟରଙ୍କ ଠାରୁ ପାଇଥିବା 'ମେୟର୍ସ ସିଟିଜେନ୍ ଆୱାର୍ଡ'ଅନ୍ୟତମ। ସେହିପରି, ମାର୍ଚ୍ଚ ମାସରେ ମାଞ୍ଚେଷ୍ଟରରେ ଆୟୋଜିତ ଏକ ସମାରୋହରେ ତାଙ୍କୁ 'ଶକ୍ତି ପବ୍ଲିକ ସର୍ଭିସ୍ ଷ୍ଟାର୍ ଆୱାର୍ଡ'ରେ ସମ୍ମାନିତ କରାଯାଇଛି। ଗତ କିଛି ବର୍ଷ ମଧ୍ୟରେ ସମାଜ ପ୍ରତି ତାଙ୍କର ମୂଲ୍ୟବାନ ଅବଦାନ ପାଇଁ ସେ ଅନେକ ପ୍ରତିଷ୍ଠିତ ପୁରସ୍କାର ହାସଲ କରିଛନ୍ତି। ଗତ ୨୫ ବର୍ଷରୁ ଅଧିକ ସମୟ ଧରି ସ୍ୱେଚ୍ଛାସେବୀ ଭାବରେ ସେ ହସ୍ପିସ୍ ?ରେ ଚିକିତ୍ସାଧୀନ ରୋଗୀ, ବିଭିନ୍ନ ଜାତୀୟ ସମୁଦାୟର ମହିଳା, ଜଟିଳ ଅବସ୍ଥାରେ ଥିବା ଦିବ୍ୟାଙ୍ଗ ଶିଶୁ ଏବଂ ଅବହେଳିତ ବର୍ଗଙ୍କ ପାଇଁ କାର୍ଯ୍ୟ କରିଆସୁଛନ୍ତି। ସେ ସ୍ୱାସ୍ଥ୍ୟ ସମ୍ବଳିତ ବିଭିନ୍ନ ଦାତବ୍ୟ ସଂସ୍ଥା ପାଇଁ ପାଣ୍ଠି ସଂଗ୍ରହ କରିବା ସହ ଗୃହହୀନ ଓ ଅସହାୟ ଲୋକଙ୍କ ପାଇଁ ଖାଦ୍ୟ ଯୋଗାଣ ଏବଂ ସାଂସ୍କୃତିକ ଓ ସୃଜନଶୀଳ କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ ସମାବେଶକୁ ପ୍ରୋତ୍ସାହିତ କରିଛନ୍ତି। ତାଙ୍କ ନେତୃତ୍ୱ ଓ ସଂଗଠନ କ୍ଷମତା ଫଳରେ ରଥଯାତ୍ରା, ମାଞ୍ଚେଷ୍ଟର ଏବଂ ଉତ୍ତର-ପଶ୍ଚିମ ଇଂଲଣ୍ଡର ଏକ ପ୍ରମୁଖ ହିନ୍ଦୁ ଧାର୍ମିକ ଓ ସାଂସ୍କୃତିକ ଆୟୋଜନରେ ପରିଣତ ହୋଇପାରିଛି। ଗତ ୮ ବର୍ଷ ଧରି ଏହା ହିନ୍ଦୁ କ

ଓଡ଼ିଶାରେ ଆରମ୍ଭ ହେଲା ଆରକ୍ଷଣ ବିରୋଧୀ ଆନ୍ଦୋଳନ

୫ ଦଫା ଦାବି ନେଇ ବିଧାନସଭା ସାମ୍ନାରେ ଅବିଭକ୍ତ ସାଧାରଣବର୍ଗ

ଭୁବନେଶ୍ୱର (ବ୍ୟୁରୋ) : ଜାତିଭିତ୍ତିକ ଆରକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଉଚ୍ଛେଦ ଦାବିରେ ଆଜି ଅବିଭକ୍ତ ସାଧାରଣ ବର୍ଗ ପକ୍ଷରୁ ଏକ ବିଶାଳ ଜନ ପ୍ରତିବାଦ ସଭା ଓଡ଼ିଶା ବିଧାନସଭା ସମ୍ମୁଖରେ ଆୟୋଜିତ ହୋଇଯାଇଛି। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଜାତିଗତ ପକ୍ଷପାତ ନୀତି ବିରୁଦ୍ଧରେ ଓ ସାଧାରଣ ବର୍ଗର ନ୍ୟାୟସଙ୍ଗତ ଅଧିକାର ସୁରକ୍ଷା ଦାବି ନେଇ ଏହି ଆନ୍ଦୋଳନ ଜାରି ରହିଛି। ଅର୍ନ୍ତରାଷ୍ଟ୍ରୀୟ ଯୋଗ ଦିବସ ଜୁନ୍ ୨୧ରୁ ଏ ନେଇ ଆରମ୍ଭ ହୋଇଥିବା ଅନିର୍ଦ୍ଦିଷ୍ଟକାଳୀନ ଗଣଧାରଣା ଆଜି ୫୦ ଦିନରେ ପହଞ୍ଚିଛି। ତଥାପି ସରାକରଙ୍କ ପକ୍ଷରୁ କୌଣସି ସକାରାତ୍ମକ ଆଭିମୁଖ୍ୟ ଆସି ନଥିବାରୁ ବର୍ଗ ପକ୍ଷରୁ ଆଜି ବିଧାନସଭା ସମ୍ମୁଖରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯାଇଛି। ପାଞ୍ଚ ଦଫା ଦାବିକୁ ନେଇ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ସାଧାରଣ ବର୍ଗ ପ୍ରତି ଦୀର୍ଘଦିନର ଅବହେଳା, ପ୍ରବଞ୍ଚନା ଓ ଅଧିକାର ହନନ ବିରୋଧରେ ଏକ ଗଣତାନ୍ତ୍ରିକ ପ୍ରତିବାଦ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଆନ୍ଦୋଳନକୁ ଆହ୍ୱାନ କରି ଅବିଭକ୍ତ ସାଧାରଣ ବର୍ଗର ଆବାହକ ଜେନେରାଲ ଦୀନବନ୍ଧୁ ଷଡ଼ଙ୍ଗୀ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଟଏଚ ବିଲ୍ ଉଚ୍ଚ ଶିକ୍ଷା କ୍ଷେତ୍ରରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସାଧାରଣ ବର୍ଗର ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଅନ୍ଧାର କରି ଦେଇଛି। ସରକାରଙ୍କ କୃତ ଜାତିଭିତ୍ତିକ ବର୍ଗୀକରଣ ସମାଜରେ ଜାତିଗତ ଭେଦଭାବକୁ ଆହୁରି ବ୍ୟାପକ କରିଛି। ଓଡ଼ିଶାରେ ଡାକ୍ତରୀ, ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ବୃତ୍ତିଗତ ଶିକ୍ଷା ପ୍ରତିଷ୍ଠାନରେ ସଂରକ୍ଷଣ ବୃଦ୍ଧି ଫଳରେ ସାଧାରଣବର୍ଗର ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଭବିଷ୍ୟତ ଅନ୍ଧାର ହୋଇଯାଉଛି। ସାମାଜିକ ସଚେତନତା ଅଭିଯାନର ସଦସ୍ୟ ଅଶୋକ କୁମାର ପଣ୍ଡା ଅଭିଯୋଗ କରି କହିଛନ୍ତି ଯେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ସାଧାରଣ ବର୍ଗର ପିଲାଙ୍କ ପାଇଁ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୯ରୁ ଲାଗୁ ହୋଇଥିବା ୧୦% ସଂରକ୍ଷଣ ବ୍ୟବସ୍ଥାକୁ ଓଡ଼ିଶା ସରକାର ଏପର୍ଯ୍ୟନ୍ତ ଲାଗୁ କଲେ ନାହିଁ। ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ଅଧିକାରୀ ଉଦ୍ଧବ କର କହିଛନ୍ତି ଯେ ରାଜ୍ୟର ୭୦ରୁ ଉର୍ଦ୍ଧ୍ୱ ସରକାରୀ ବିଭାଗରେ କାର୍ଯ୍ୟରତ ଓବିସି ଓ ସାଧାରଣ ବର୍ଗର କର୍ମଚାରୀମାନେ ପଦୋନ୍ନତି କ୍ଷେତ୍ରରେ ସରାକରଙ୍କ ପକ୍ଷରୁ ଚରମ ଅବହେଳାର ଶିକାର ହେଉଛନ୍ତି ଏବଂ ସେମାନଙ୍କ ନ୍ୟାୟସଙ୍ଗତ ପଦୋନ୍ନତି ଦିଆଯାଉନାହିଁ। ହିନ୍ଦୁ ସୁରକ୍ଷା ବାହିନୀ ପକ୍ଷରୁ ସାଙ୍ଗଠନିକ କାର୍ଯ୍ୟକାରୀ ସଭାପତି ଟାଇଫୁନ୍ ଦାସ ନିଜର ବକ୍ତବ୍ୟରେ ଏସସି ଏସଟି ଆଟ୍ରୋସିଟି ଆକ୍ଟର ଭୟଙ୍କର ଦୁରୁପଯୋଗ ଉପରେ ଆଲୋକପାତ କରିଥିଲେ। ଏହା ହିନ୍ଦୁ ସମାଜର ଲୋକଙ୍କୁ ପରସ୍ପର ଭିତରେ ଲଢ଼ାଇ ଦେଶକୁ ଭାଙ୍ଗିବାର ଯୋଜନା ବୋଲି ସେ କହିଥିଲେ। ନିରୀହ ଓବିସି ଓ ସାଧାରଣ ବର୍ଗର ନିରୀହ ଲୋକଙ୍କୁ ମିଛ ମାମଲାରେ ଛନ୍ଦି ପଇସା ରୋଜଗାର କରିବାର ବ୍ୟବସାୟ ପାଲଟିଛି ଏହି ଅନ୍ଧ ଧୃତରାଷ୍ଟ୍ର ଆଇନ୍ ବୋଲି କହିଛନ୍ତି ସାମାଜିକ କର୍ମୀ ତଥା ବସୁନ୍ଧରା ପରିବାରର ମୁଖ୍ୟ ସୁଶାନ୍ତ ମିଶ୍ର। ଏଭଳି ମିଛ ମାମଲା କରି ସାଧାରଣ ବର୍ଗର ଲୋକଙ୍କୁ ହଇରାଣ କରିବା ପାଇଁ ସରାକରଙ୍କ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ଦେବା ଏକ ସଭ୍ୟ ସମାଜ ପାଇଁ ନିନ୍ଦନୀୟ ଘଟଣା ବୋଲି ସେ କହିଛନ୍ତି। ଏହାଦ୍ୱାରା ଆମ ହିନ୍ଦୁ ସମାଜର ଏକତା ଓ ସାମାଜିକ ସଂହତି ନଷ୍ଟ ହେଉଛି ଯାହା ସରକାରଙ୍କ ପକ୍ଷରୁ ହେଉଛି କହି ସେ ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ ପକ୍ଷରୁ ବରିଷ୍ଠ ସଦସ୍ୟ ଅମରେନ୍ଦ୍ର ପ୍ରସାଦ ସାହୁ ଯୋଗ ଦେଇ ଅବିଭକ୍ତ ସାଧାରଣ ବର୍ଗ ପ୍ରତି ସଙ୍ଗଠନର ସମର୍ଥନ ଜଣାଇବା ସହ ସମାଜର ଏକତା ଓ ଜାତୀୟ ସଂହତି ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ପ୍ରଶ୍ନ ଉଠାଇଥିଲେ। ଓଡ଼ିଶା ବ୍ରାହ୍ମଣ ମହାସଭା ପକ୍ଷରୁ ମହିଳା ସଭାପତି ଶ୍ରୀମତୀ ଶୁଶ୍ରୀ ଷଡ଼ଙ୍ଗୀ ନିଜର କ୍ଷୋଭ ବ୍ୟକ୍ତ କରି କହିଥିଲେ ଯେ ସରକାର ଭାରତୀୟଙ୍କ ଭିତରେ ଥିବା ବୈଶିଷ୍ଟ୍ୟକୁ ଭୁଲି ବୈଷମ୍ୟତା ବଢ଼ାଇବାରେ ମାତିଛନ୍ତି। ଓଡ଼ିଶା ବ୍ରାହ୍ମଣ ମହାସଂଘ ପକ୍ଷରୁ ଶ୍ରୀଯୁକ୍ତ ଦୁଃଶାସନ ଶତପଥୀ ଯୋଗ ଦେଇ କହିଥିଲେ ଯେ ଭାରତ ବର୍ଷ ଜ୍ଞାନର ଦେଶ। ଜ୍ଞାନ ମନୁଷ୍ୟକୁ ସମର୍ଥ ଓ ଦେଶକୁ ସଶକ୍ତ କରେ। ଜାତି ଭିତ୍ତିକ ସଂରକ୍ଷଣ ଯୋଗୁଁ ଜ୍ଞାନର ଅପମାନ ହେଉଛି। ସରକାର ଅତି କମରେ ମାନବିକତାକୁ ସୁରକ୍ଷା ଦେବା ଉଚିତ୍। ରାଜ୍ୟ କ୍ଷତ୍ରୀୟ ମହାସଂଘର ସାଧାରଣ ସମ୍ପାଦକ ସୁଶାନ୍ତ ମହାନ୍ତି ଓ ସକ୍ରିୟ ଯୁବ ସଦସ୍ୟ ପ୍ରୀତମ୍ ରାଉତ ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରିବା ପାଇଁ ଆହ୍ୱାନ ଦେଇଛନ୍ତି। ରାଜ୍ୟ ସଂସ୍କୃତ ମହାମଣ୍ଡଳର କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ଶୈଳେନ୍ଦ୍ର ନାରାୟଣ ପାଢ଼ୀ କହିଛନ୍ତି ଯେ ଏହି ସମସ୍ୟାଗୁଡ଼ିକ ଦୀର୍ଘଦିନ ଧରି ରହିଥିଲେ ମଧ୍ୟ ରାଜ୍ୟର ଶାସକ କିମ୍ବା ବିରୋଧୀ ଦଳର କୌଣସି ଜନପ୍ରତିନିଧି ଏହାର ସ୍ଥାୟୀ ସମାଧାନ ଦିଗରେ ଆନ୍ତରିକତା ଦେଖାଇ ନାହାନ୍ତି। ଫଳସ୍ୱରୂପ, ପୀଡ଼ିତ ଓବିସି ଓ ସାଧାରଣ ବର୍ଗର ଲୋକମାନେ ଆଜି ଦେଶ ସ୍ୱାଧୀନ ହେବାର ଅଶୀ ବର୍ଷ ପରେ ବି ନିଜର ସାମାନ୍ୟତମ ମୌଳିକ ଅଧିକାର ପାଇଁ ରାଜ ରାସ୍ତାରେ ଆନ୍ଦୋଳନ କରୁଛନ୍ତି। ଏହା ଏକ ଦୁର୍ଭାଗ୍ୟଜନକ କଥା ବୋଲି ସେ କହିଛନ୍ତି। ଅବସରପ୍ରାପ୍ତ ବରିଷ୍ଠ ବ୍ୟାଙ୍କ ପ୍ରବନ୍ଧକ ତଥା ବରିଷ୍ଠ ସାମାଜିକ କର୍ମୀ ଜୟକୃଷ୍ଣ ସାହୁ, ଜଂ ଜଗବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତାମତ ରଖିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଆଶିଷ କୁମାର ମିଶ୍ର, ପଦ୍ମନ ଷଣ୍ଢ, ଚାରୁଶ୍ରୀ ମିଶ୍ର, ସୁଷମା ପଣ୍ଡା, ପ୍ରମୋଦ କୁମାର ପତି, ଦେବେନ୍ଦ୍ର ନାଥ ତ୍ରିପାଠୀ, ସୁଶାନ୍ତ ଦାସ ପ୍ରମୁଖ ସଦସ୍ୟମାନେ ଯୋଗଦେଇଥିଲେ। ସଂଗଠନ ପକ୍ଷରୁ ରାଜ୍ୟର ସମସ୍ତ ଶୁଭେଚ୍ଛୁ, ସାମାଜିକ କର୍ମୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସଚେତନ ନାଗରିକମାନଙ୍କୁ ଏହି ଗଣତାନ୍ତ୍ରିକ ଆନ୍ଦୋଳନରେ ସାମିଲ ହୋଇ ସମସ୍ତଙ୍କ ପାଇଁ ସମାନ ନ୍ୟାୟ, ସମାନ ସୁଯୋଗ ଓ ସମାନ ଅଧିକାର ପାଇଁ ସମର୍ଥନ ଜଣାଇବାକୁ ଆହ୍ୱାନ କରାଯାଇଛି।

ଭାରତୀୟ ପୋଷ୍ଟାଲ୍ ପ୍ରଶାସନିକ କର୍ମଚାରୀ ସଂଘର ଦ୍ୱିବାର୍ଷିକ ଅଧିବେଶନ

ଭୁବନେଶ୍ୱର (ବ୍ୟୁରୋ) : ସ୍ଥାନୀୟ ଭାରତୀୟ ବିଦ୍ୟାଭବନ ସନ୍ନିଳନୀ କକ୍ଷରେ ପୋଷ୍ଟାଲ୍ ପ୍ରଶାସନିକ କାର୍ଯ୍ୟାଳୟର କର୍ମଚାରୀ ସଂଘ ଓଡ଼ିଶା ଶାଖାର ପ୍ରଥମ ରାଜ୍ୟସ୍ତରୀୟ ଅଧିବେଶନ ଅନୁଷ୍ଠିତ ହୋଇଯାଇଅଛି। ସଂଘର ସଭାପତି ମନୋରଂଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ଅଧିବେଶନରେ ଭାରତୀୟ ଜନତା ପାର୍ଟିର ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମୁଖ୍ୟ ଡାକ ସେବାର ନିର୍ଦ୍ଦେଶକ ଶ୍ରୀ ଏ. କୋରଗୋପା ଯୋଗଦେଇଥିବା ବେଳେ ଭାରତୀୟ ମଜଦୁର ସଂଘର ସରକାରୀ କର୍ମଚାରୀ ରାଷ୍ଟ୍ରୀୟ ପରିସଂଘର ସାଧାରଣ ସମ୍ପାଦକ କିଶୋର କୁମାର କର, ସର୍ବଭାରତୀୟ ସ୍ତରର ସଂଘର ରାଷ୍ଟ୍ରୀୟ ମହାମନ୍ତ୍ରୀ ଶ୍ରୀଯୁକ୍ତ ଅପୂର୍ବା କାଡ଼ିଆ, ଭାରତୀୟ ଡାକ କର୍ମଚାରୀ ସଂଘର ନୂଆଦିଲ୍ଲୀର ସଭାପତି ତ୍ରିଲୋକୀ ତଣ୍ଟନ ଓ ଓଡ଼ିଶା ବିଧାନସଭାର ବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ଖଗେଶ୍ୱର ମଲ୍ଲିକ ବିଶେଷ ଅତିଥିଭାବେ ଯୋଗଦେଇଥିଲେ। ନିଜ ନିଜ ବକ୍ତବ୍ୟରେ ଅତିଥିମାନେ ଡାକ ବିଭାଗର ଉନ୍ନତିକରଣ, ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ, ଆଗାମୀ ଅଷ୍ଟମ ବେତନ କମିଶନ ଓ ପୁରୁଣା ପେନ୍‌ସନ୍ ଲାଗୁ କରିବା ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘର ମୁଖ୍ୟ କର୍ମକର୍ତ୍ତା ଅଜିତ୍ କୁମାର ଦାସଙ୍କ ପ୍ରଚେଷ୍ଟାରେ ଗଠିତ ଏହି ଅଧିବେଶନର ମୂଳ ଉଦ୍ଦେଶ୍ୟ ହେଉଛି ପୋଷ୍ଟାଲ୍ କର୍ମଚାରୀ ସମସ୍ତ ଭାଇ ଭଉଣୀମାନେ ଏକମନ ହୋଇ ସମସ୍ତ ଅନ୍ୟାୟ, ଦୁଃଖ, କଷ୍ଟ ବିରୋଧରେ ଛିଡ଼ା ହେବା ଏବଂ ଜନସାଧାରଣଙ୍କୁ ସମସ୍ତ ପ୍ରକାର ସେବା ଯୋଗାଇଦେବା। ଏହି ଅଧିବେଶନକୁ ମଞ୍ଚ ପରିଚାଳନା କରିଥିଲେ ଶ୍ରୀଧର ଜେନା, ପରେପରେ ସଂଘର ନୂତନ କର୍ମକର୍ତ୍ତା ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ମନୋରଂଜନ ଦାସ ପୁର୍ନବାର ସଭାପତି ହୋଇଥିଲା ବେଳେ ସାଧାରଣ ସମ୍ପାଦକ ଭାବେ ସୁଧାଂଶୁ ତ୍ରିପାଠୀ ଓ କୋଷାଧକ୍ଷ ଭାବେ ଜ୍ଞାନରଂଜନ ମିଶ୍ର ନିର୍ବାଚିତ ହୋଇଛନ୍ତି। ସର୍ବଶେଷରେ ସଂଘର ମୁଖ୍ୟ କର୍ମକର୍ତ୍ତା ହରପ୍ରସାଦ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଂଘର ସମସ୍ତ ୧୦୮ ସଦସ୍ୟଙ୍କୁ ଆଗାମୀ ଦିନରେ ସଂଘର ବିଭିନ୍ନ ସମସ୍ୟାର ସମଧାନ ପାଇଁ ଚେଷ୍ଟା କରିବାକୁ ଆହ୍ୱାନ ଦେଇଥିଲେ।

ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ଏକକ ସଙ୍ଗୀତ ପ୍ରତିଯୋଗିତା 'ମୋ କଣ୍ଠ, ମୋ ପରିଚୟ'

ଭୁବନେଶ୍ୱର (ବ୍ୟୁରୋ) : 'ସଙ୍ଗୀତ ହେଉଛି ଆତ୍ମାର ଭାଷା'। ଏହା ଜୀବନର ଗୁପ୍ତ ରହସ୍ୟକୁ ଉନ୍ମୋଚନ କରି ଶାନ୍ତି ପ୍ରଦାନ କରେ ଏବଂ ମନର ସମସ୍ତ ଦ୍ୱନ୍ଦ୍ୱକୁ ଦୂର କରେ। ଏହି ଭାବନାକୁ ଆଧାର କରି ଡି.ଏ.ଭି. ପବ୍ଲିକ୍ ସ୍କୁଲ୍, କଳିଙ୍ଗନଗର, ଭୁବନେଶ୍ୱର ପକ୍ଷରୁ ଅଭିଭାବକମାନଙ୍କ ମଧ୍ୟରେ 'ମୋ କଣ୍ଠ, ମୋ ପରିଚୟ' ଶୀର୍ଷକ ଏକକ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ଅଭିଭାବକମାନଙ୍କ ସକ୍ରିୟ ସହଭାଗିତା ସୁନିଶ୍ଚିତ କରିବା ସହ ବିଦ୍ୟାଳୟ ଓ ଅଭିଭାବକମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଏବଂ ସୁଦୃଢ଼ ସମ୍ପର୍କ ସ୍ଥାପନ କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ପ୍ରତିଯୋଗିତାରେ ୫୦ରୁ ଅଧିକ ଅଭିଭାବକ ଉତ୍ସାହର ସହିତ ନିଜ ନାମ ପଞ୍ଜୀକୃତ କରି ଅଂଶଗ୍ରହଣ କରି ବିଭିନ୍ନ ପ୍ରକାରର ଓଡ଼ିଆ ଓ ହିନ୍ଦୀ ଭାଷାର ଲୋକପ୍ରିୟ ଭକ୍ତିମୂଳକ ଓ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରି ନିଜର ଆତ୍ମବିଶ୍ୱାସ, ସୃଜନଶୀଳତା, ସଙ୍ଗୀତ ପ୍ରତିଭା ଓ ଅପାର ଉତ୍ସାହର ପରିଚୟ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ପ୍ରଚ୍ଛଦପଟ ଗାୟିକା ପ୍ରଫେସର ମିତାଲି ଚିନାରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଏହି ଅଭିନବ ପ୍ରୟାସକୁ ପ୍ରଶଂସା କରିବା ସହ ନିଜର ମଧୁର ସ୍ୱରରେ ସଙ୍ଗୀତ ପରିବେଷଣ କରି ଅଂଶଗ୍ରହଣକାରୀ ମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମର ଶୁଭାରମ୍ଭ ପାରମ୍ପରିକ ଦୀପ ପ୍ରଜ୍ୱଳନ ଏବଂ ଡି.ଏ.ଭି. ଗାନ ପରିବେଷଣ ସହ ମଙ୍ଗଳମୟ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ହୋଇଥିଲା। ବିଦ୍ୟାଳୟର ଅଧକ୍ଷ ବଳରାମ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରି ସଙ୍ଗୀତର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଅଂଶଗ୍ରହଣକାରୀମାନଙ୍କ ସଙ୍ଗୀତ ପ୍ରତିଭାର ମୂଲ୍ୟାୟନ, ବିଶିଷ୍ଟ ସଙ୍ଗୀତଜ୍ଞ ସନ୍ତୋଷ କୁମାର କର, ରୂପକ କୁମାର ପରିଡ଼ା ଏବଂ ମାନସ କୁମାର ପରେଇଙ୍କୁ ନେଇ ଏକ ବିଚାରକମଣ୍ଡଳୀ ଦ୍ୱାରା କରାଯାଇଥିଲା। ପ୍ରତିଯୋଗିତାରେ ରଞ୍ଜିତା ସାରଙ୍ଗୀ, ସ୍ମରଣିକା ସାହୁ, ଯୁଧିଷ୍ଠିର କୁମାର ଖୁଣ୍ଟିଆ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଅଂଶଗ୍ରହଣକାରୀମାନଙ୍କୁ ଅଧିକ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜେଶ କୁମାର ମହାନ୍ତି ଓ ଗୀତାଞ୍ଜଳି ପ୍ରଧାନଙ୍କୁ ଚତୁର୍ଥ ଏବଂ ପଞ୍ଚମ ସ୍ଥାନ ତଥା ଉପାସନା ଚାଟାର୍ଜୀ ପାତ୍ର ଏବଂ ଗାୟତ୍ରୀ ଦାସଙ୍କୁ ସାନ୍ତ୍ୱନା ପୁରସ୍କାର ପ୍ରଦାନ କରାଯାଇଥିଲା। ସାଇରା ବାନୋ ଏବଂ ତୁଲିକା କୁଣ୍ଡୁ ନିଜର ସୁନ୍ଦର ଓ କଳାତ୍ମକ ଉପସ୍ଥାପନା ମାଧ୍ୟମରେ ସମଗ୍ର କାର୍ଯ୍ୟକ୍ରମରେ ଦର୍ଶକମାନଙ୍କୁ ଆକୃଷ୍ଟ କରି ରଖିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ବିଦ୍ୟାଳୟର ସଙ୍ଗୀତ ଶିକ୍ଷକ ରାଜକିଶୋର ଗୋଛାୟତଙ୍କ ନେତୃତ୍ୱ ତଥା ପର୍ଯ୍ୟବେକ୍ଷିକା ଗୀତା ରଥଙ୍କ ମାର୍ଗଦର୍ଶନରେ ସମସ୍ତ କର୍ମଚାରୀଙ୍କ ସମ୍ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା।

ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀର ବିଏଲ୍‌ଏ-୨ ବୈଠକ

ଭୁବନେଶ୍ୱର (ବ୍ୟୁରୋ) : ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ତତ୍ୱାବଧାନରେ ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀର ଏସଆଇଆର କଂଗ୍ରେସ ବିଏଲଏ-୨ ମାନଙ୍କର ଏକ ବୈଠକ ହାତିଆଶୁଣି ମନ୍ଦିର, ସାଲିଆସାହି ଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବ୍ଲକ ସଭାପତି ଅଶୋକ କୁମାର ଦାସ, ଜୟକୃଷ୍ଣ ସୁବୁଧି, ସଲି ସେଠୀ, ଓ ବ୍ରହ୍ମାନନ୍ଦ ସାହୁ ଯୋଗଦେଇ ବିଏଲଏ-୨ ମାନଙ୍କର ଦାୟିତ୍ୱ ଓ କାର୍ଯ୍ୟାଧାରା ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ବିଏଲଏ-୨ ଦାୟିତ୍ୱ ନିର୍ବାହ କରୁଥିବା ନେତୃବୃନ୍ଦମାନେ ନିଜ କର୍ତ୍ତବ୍ୟକୁ ଉପଯୁକ୍ତ ଭାବରେ ନିର୍ବାହ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଜିର ଏହି ବୈଠକରେ ବିଏଲଏ-୨ ଓ ଉତ୍ତର ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଶେଷରେ ଶ୍ରୀ ଜୟକୃଷ୍ଣ ସୁବୁଧି ଧନ୍ୟବାଦ ଅର୍ପଣ କରିଥିଲେ।

କଂଗ୍ରେସ ନେତୃବୃନ୍ଦଙ୍କ ରିଲିଫ୍ ସହାୟତା ପ୍ରଦାନ

ଭୁବନେଶ୍ୱର (ବ୍ୟୁରୋ) : ରାଜ୍ୟର ଅନେକ ଅଞ୍ଚଳରେ ଭୟଙ୍କର ବନ୍ୟା ଯୋଗୁଁ ହଜାର ହଜାର ପରିବାର ବହୁତ କଷ୍ଟ ଓ ଅନିଶ୍ଚିତତା ମଧ୍ୟରେ ଦିନ କାଟୁଛନ୍ତି। ତାଙ୍କ ପାଖରେ ସରକାରୀ ସାହାଯ୍ୟ ପହଞ୍ଚି ପାରୁନାହିଁ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ରିଲିଫ୍ ସହାୟତା ପ୍ରଦାନ ପାଇଁ ନିବେଦନ ଏବଂ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ରିଲିଫ୍ ସହାୟତାର ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବହୁ କଂଗ୍ରେସ ନେତୃବୃନ୍ଦ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିକୁ ରିଲିଫ୍ କାର୍ଯ୍ୟ ନେଇ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଆଜି କଂଗ୍ରେସ ଭବନରେ ଏଆଇସିସି ଓଡ଼ିଶା ପ୍ରଭାରୀ ଲାଲଜି ଭାଇ ଦେଶାଇ, ଏଆଇସିସି ସମ୍ପାଦକ ଜେଟି କୁସୁମ କୁମାର, ରିଲିଫ୍ ପରିଚାଳନା କମିଟି ଅଧକ୍ଷ ଦେବାଶିଷ ପଟ୍ଟନାୟକ, ରିଲିଫ୍ ତଦାରଖ କମିଟିର ଅଧକ୍ଷ ତଥା ବାସୁଦେବପୁର ବିଧାୟକ ଅଶୋକ ଦାସ, ସହ ଅଧକ୍ଷ ତଥା ସେବାଦଳ ଅଧକ୍ଷ ଶୁଭେନ୍ଦୁ ମହାନ୍ତି, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନା, ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ସୁବ୍ରତ ମହାପାତ୍ର, ପିସିସିର ପୂର୍ବତନ ସମ୍ପାଦକ ମିହିର ଆଚାର୍ଯ୍ୟ ଏବଂ ଅନ୍ୟ କଂଗ୍ରେସ ନେତୃବୃନ୍ଦଙ୍କ ଉପସ୍ଥିତିରେ ପୂର୍ବତନ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାଶ ୧ଲକ୍ଷ ଟଙ୍କାର ଚେକ୍ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ପ୍ରଦାନ କରିଥିବା ବେଳେ ଅନୁରୂପ ଭାବେ ଏକାମ୍ର ବିଧାୟକ ପାର୍ଥ ପ୍ରଶାନ୍ତ ଚଂଚଉ ଓ ଭୁବନେଶ୍ୱର ଉତ୍ତର ବିଧାୟକ ପାର୍ଥୀ ଅଶୋକ ଦାସ ପ୍ରତ୍ୟେକ ୫ ହଜାର ଟଙ୍କା ପିସିସିକୁ ପ୍ରଦାନ କରିଛନ୍ତି। ଏହି କଠିନ ସମୟରେ ଆମ

ନାଳରେ ଭାସିଗଲେ ଦୁଇ କାଉଡ଼ିଆ, ଜଣେ ନିଖୋଜ

ଅନୁଗୋଳ(ଅମୃତ ମିଡିଆ): ଶ୍ରାବଣ ସୋମବାରରେ ଅଘଟଣ । ନାଳରେ ଭାସିଗଲେ ଦୁଇ କାଉଡ଼ିଆ । ଜଣେ ନିଖୋଜ, ଜଣେ ଉଦ୍ଧାର ହୋଇଛନ୍ତି । ଅନୁଗୋଳ ଲିଙ୍ଗରା ନାଳର ବ୍ରିଜ ପାଖରୁ ପାଣି ଉଠାଉଥିବା ବେଳେ ଅଘଟଣ ହୋଇଛି । ସୂଚନା ଅନୁସାରେ, ଟିପିରିସିଂହା ମନ୍ଦିରରେ ଜଳାଭିଷେକ କରିବା ପାଇଁ ଦୁଇ କାଉଡ଼ିଆ ଲିଙ୍ଗରା ନାଳରୁ ପାଣି ଉଠାଉଥିଲେ। ଏହି ସମୟରେ ହଠାତ୍ ପାଣିର ପ୍ରଖର ସ୍ରୋତରେ ଦୁହେଁ ଭାସିଯାଇଥିଲେ । ଘଟଣାସ୍ଥଳରେ ଥିବା ଲୋକେ ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଅନ୍ୟ ଜଣଙ୍କର କୌଣସି ପତ୍ତା ମିଳିନାହିଁ । ଖବର ପାଇ ଅନୁଗୋଳ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଛି । ନିଖୋଜ କାଉଡ଼ିଆଙ୍କୁ ଖୋଜିବା ପାଇଁ ଅଗ୍ନିଶମ ବାହିନୀ ପକ୍ଷରୁ ଜୋରଦାର ଉଦ୍ଧାର ଓ ସର୍ଚ୍ଚ ଅପରେସନ୍ ଜାରି ରହିଛି । ତେବେ ତାଙ୍କ ପରିଚୟ ସମ୍ପର୍କରେ ଅଧିକ ତଥ୍ୟ ଏଯାଏ ସ୍ପଷ୍ଟ ହୋଇନାହିଁ । ବର୍ଷା ଯୋଗୁଁ ନାଳରେ ପାଣି ବଢ଼ିବା ସହ ସ୍ରୋତ ମଧ୍ୟ ତୀବ୍ର ରହିଛି । ଏଭଳି ସମୟରେ ନଦୀ, ନାଳ ଓ ଜଳାଶୟକୁ ଯିବାବେଳେ ସତର୍କତା ଅବଲମ୍ବନ ପାଇଁ ପ୍ରଶାସନ ପକ୍ଷରୁ ମଧ୍ୟ ଲୋକଙ୍କୁ ସଚେତନ କରାଯାଉଛି ।

କୃଷକଙ୍କ ଜେଲ୍‌ଭରୋ ଆନ୍ଦୋଳନ

ବରଗଡ଼(ଅମୃତ ମିଡିଆ): କୃଷିକ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଣୀତ ବିଭିନ୍ନ ନୀତିକୁ ନେଇ ଚାଷୀ ଅସନ୍ତୋଷ ଡେଇ ଉଠିଛି । ଏହି କ୍ରମରେ ସୋମବାର ବରଗଡ଼ ଜିଲା ସଂଯୁକ୍ତ କୃଷକ ସଂଗଠନ ନେତୃତ୍ୱରେ ଚାଷୀମାନେ ଜେଲ୍‌ଭରୋ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଚାଷୀମାରଣ ନୀତିକୁ ବିରୋଧ କରି ବହୁସଂଖ୍ୟକ ଚାଷୀ ବରଗଡ଼ ଏସପିଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଧାନବିକ୍ରି ତଥା ପଞ୍ଜୀକରଣରେ ଏଗ୍ରିଷ୍ଟାକ୍ କଟକଣାକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ସମେତ ଦ୍ୱିପାକ୍ଷିକ ଆମେରିକା ଏବଂ ଭାରତ ଡିଲ୍ ରଦ୍ଦ, ସ୍ୱାମୀନାଥନ କମିଟି ଅନୁସାରେ କୃଷିଜାତ ଦ୍ରବ୍ୟର ମୂଲ୍ୟ ଠିକ୍ କରାଯାଇ ସୁନିଶ୍ଚିତ ବଜାର ବ୍ୟବସ୍ଥା, ସମସ୍ତ ଚାଷୀଙ୍କ ଋଣଛାଡ଼, ଚାଷୀଙ୍କୁ ଆବଶ୍ୟକ ଅନୁସାରେ ସବସିଡିଯୁକ୍ତ ରାସାୟନିକ ସାର ଯୋଗାଣ, ୪ ଶ୍ରମ କୋଡ୍ ରଦ୍ଦ, ଶ୍ରମିକମାନଙ୍କୁ ମାସକୁ ସର୍ବନିମ୍ନ ୩୧ହଜାର ଟଙ୍କା ଦରମା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରି ୨୦୦ ଦିନ ରୋଜଗାର, ଚାଷ ଜମିକୁ କଂମ୍ପାନୀକରଣ କରା ନ ଯିବା ,ଏବଂ ଜମି ଅଧିଗ୍ରହଣ ବେଳେ ଚାଷୀମାନଙ୍କ ପରାମର୍ଶ ସୁନିଶ୍ଚିତ କରି ଜୋରଜବରଦସ୍ତି ଜମି ଅଧିଗ୍ରହଣ ବନ୍ଦ କରାଯିବା, ଝଡ଼ବର୍ଷାରେ ବରଗଡ଼ ବ୍ଲକର ଚକରକେନ୍ଦ ଗ୍ରାମର କ୍ଷତିଗ୍ରସ୍ତଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ ଦାବିରେ ଚାଷୀମାନେ ଏଭଳି ଆନ୍ଦୋଳନକୁ ଓହ୍ଲାଇଛନ୍ତି।

ଓଡ଼ିଶାମୁହାଁ ଆନ୍ଧ୍ରର ଚାରିଟିକିଆ ହାତୀପଲ

ଗୁଣପୁର(ଅମୃତ ମିଡିଆ): ରାୟଗଡ଼ାଜିଲ୍ଲା ଗୁଣପୁର ବ୍ଲକ ଆନ୍ଧ୍ର ସୀମାନ୍ତ ଗୋଠଳ ପଦର ଗ୍ରାମ ନିକଟରେ ଚାରିଟିକିଆ ହାତୀପଲ ରହିଥିବା ଦେଖିବାକୁ ମିଳିଛି । ଉକ୍ତ ହାତୀ ଗଜପତି ଜିଲ୍ଲା କାଶୀନଗର ଅଞ୍ଚଳରେ ଅବାଧରେ ବିଚରଣ କରି ଆସୁଥିଲେ । ତେବେ ଖାଦ୍ୟ ଆଉ ପାଣି ଅନ୍ୱେଷଣରେ ବଂଶଧାରା ନଦୀ ପାର ହୋଇ ଆନ୍ଧ୍ର ଦେଇ ଗୋଠଳ ପଦର ଅଞ୍ଚଳକୁ ଚାଲି ଆସିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି । ବର୍ତ୍ତମାନ ଚାଷ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ହାତୀ ଉପଦ୍ରବ ଯୋଗୁଁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି । ସୂଚନାଯୋଗ୍ୟ, ଗତ ଦୁଇ ବର୍ଷ ପୂର୍ବେ ଗୁଣପୁର ଅଞ୍ଚଳରେ ଚାରିଟି ହାତୀ ପଲ ରହି ବହୁ ଧନଜୀବନ ନଷ୍ଟ କରିଦେଇଥିଲେ। ଏଥିପାଇଁ ବନ ବିଭାଗ ଚାରି ବର୍ଷ କାଳ ନାକେଦମ୍ ହେବାକୁ ପଡ଼ିଥିଲା। ତେବେ ଉକ୍ତ ହାତୀପଲ ଆନ୍ଧ୍ର ଅଭିମୁଖେ ଚାଲିଯାଇଥିବା ବେଳେ ସେଠାରେ ବିଦ୍ୟୁତ୍ ସମ୍ପୃକ୍ତ ତାର ସଂସ୍ପର୍ଶରେ ଆସି ମୃତ୍ୟୁମୁଖରେ ପଡ଼ିଥିଲେ। ତେବେ ବର୍ତ୍ତମାନ ପୁଣି ଥରେ ଗୁଣପୁର ବ୍ଲକରେ ଚାରିଟିକିଆ ହାତୀପଲ ରହିଥିବାରୁ ବନ ବିଭାଗ ସଜାଗ ରହି ହାତୀଠାରୁ ମନୁଷ୍ୟର ସୁରକ୍ଷା ଏବଂ ମନୁଷ୍ୟଠାରୁ ହାତୀର ସୁରକ୍ଷା ଦିଗରେ ନଜର ରଖିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ରାଉରକେଲା ରେଳ ଷ୍ଟେସନରେ ଏକ ବଡ଼ ଦୁର୍ଘଟଣା

ସେଡ୍ ଭୁଶୁଡ଼ିଲା, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ସୁନ୍ଦରଗଡ(ଅମୃତ ମିଡିଆ): ଚକ୍ରଧରପୁର ରେଳ ମଣ୍ଡଳ ଅଧୀନସ୍ଥ ରାଉରକେଲା ରେଳ ଷ୍ଟେସନରେ ଆଜି ସକାଳ ୯ଟା ବେଳେ ଏକ ବଡ଼ ଦୁର୍ଘଟଣା ଘଟିଛି । ଷ୍ଟେସନର ମୁଖ୍ୟ ପ୍ରବେଶଦ୍ୱାର ସମ୍ମୁଖରେ ପ୍ରାୟ ଏକ କୋଟି ଟଙ୍କା ବ୍ୟୟରେ ଦୁଇ ମାସ ତଳେ ନିର୍ମାଣ ହୋଇଥିବା ଏକ ନୂଆ ସେଡ୍ ହଠାତ୍ ଭୁଶୁଡ଼ି ପଡ଼ିଛି । ସେଡ୍‌ର ମଲବା ତଳେ ରହିଥିବା ଏକ କାର ଓ ଟେମ୍ପୋ ଉପରେ ପଡ଼ିବାରୁ ଉଭୟ ଯାନ କ୍ଷତିଗ୍ରସ୍ତ ହୋଇଛି । ଯାତ୍ରୀ ଓ ଯାନ ଚାଳକମାନଙ୍କୁ ଖରା ଏବଂ ବର୍ଷାରୁ ସୁରକ୍ଷା ଦେବା ପାଇଁ ଏହି ସେଡ୍ ନିର୍ମାଣ କରାଯାଇଥିଲା । ମାତ୍ର ଏହି ନିର୍ମାଣର ମାତ୍ର ତିନି ମାସ ମଧ୍ୟରେ ଏହା ଭୁଶୁଡ଼ି ପଡ଼ିବା ଘଟଣା ନିର୍ମାଣ କାର୍ଯ୍ୟର ମାନ ଉପରେ ପ୍ରଶ୍ନ ଚିହ୍ନ ସୃଷ୍ଟି କରି ଦେଇଛି । ଘଟଣା ସମୟରେ ସେଡ୍ ତଳେ କିଛି ଯାତ୍ରୀ ମଧ୍ୟ ଉପସ୍ଥିତ ଥିବା ଜଣାପଡ଼ିଛି । ହଠାତ୍ ସେଡ୍ ଭୁଶୁଡ଼ି ପଡ଼ିବାରୁ ସେଠାରେ ଆତଙ୍କ ଖେଳିଯାଇଥିଲା । ଲୋକମାନେ ଦୌଡ଼ି ପଳାଇ କୌଣସିମତେ ନିଜ ଜୀବନ ବଞ୍ଚାଇଥିଲେ। ସୌଭାଗ୍ୟବଶତଃ ଏହି ଘଟଣାରେ କୌଣସି ଯାତ୍ରୀଙ୍କ ମୃତାହତ ହୋଇଥିବା ତତ୍କାଳୀନ ସୂଚନା ନାହିଁ। ସେଡ୍ ତଳେ ଥିବା ଯାନଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବାରୁ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା ଆଶଙ୍କା କରାଯାଉଛି। ଏହି ଘଟଣା ପୁଣିଥରେ ଚକ୍ରଧରପୁର ରେଳ ମଣ୍ଡଳରେ ଚାଲିଥିବା ନିର୍ମାଣ କାର୍ଯ୍ୟର ମାନ ଏବଂ ତଦାରଖ ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନ ଉଠାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଷ୍ଟେସନର ମୁଖ୍ୟ ଦ୍ୱାର ନିକଟରେ ନିର୍ମାଣ ହେଉଥିବା ଏହି ସେଡ୍‌ର ଗୁଣବତ୍ତାକୁ ନେଇ ପୂର୍ବରୁ ମଧ୍ୟ ଚିନ୍ତା ପ୍ରକାଶ ପାଇଥିଲା।

ଷ୍ଟିଲ୍‌ସିଟି ରାଉରକେଲାରେ ବର୍ଷା ବିପ୍ଲାତ

ରାଉରକେଲା(ଅମୃତ ମିଡିଆ): ରାଉରକେଲାରେ ବର୍ଷାର ତାଣ୍ଡବ। ଜଳାର୍ଣ୍ଣବ ହୋଇଛି ସହର । ଷ୍ଟେସନରେ ଭୁଶୁଡ଼ି ପଡ଼ିଛି ନିର୍ମାଣାଧିନ ସେଡ୍ । ବଡ଼ ଅଘଟଣ ଟଳିଥିଲେ ବି ୩ ଯାତ୍ରୀ ଆହତ ହୋଇଛନ୍ତି । ଜଳବନ୍ଦୀ ସ୍ଥିତି ଏବେ ଲୋକଙ୍କୁ ନାକରେ କନ୍ଦାଇଲାଣି। ରାସ୍ତାରେ ଲହଡ଼ି ଭାଙ୍ଗୁଛି ପାଣି। କେଉଁଠି ଘରେ ପଶିଛି, ଆଉ କେଉଁଠି ଘର ବୁଡ଼ିବା ଉପରେ। ଷ୍ଟିଲ୍ ସିଟି ରାଉରକେଲାରେ ପ୍ରବଳ ବର୍ଷା ପରେ ସଙ୍ଗିନ ସ୍ଥିତି। ରାସ୍ତା, ଡ୍ରେନ୍ ସବୁ ପାଣିରେ ଏକାକାର। ଇନ୍ଦିରାନଗର, ମାଲଗୋଦାମ, ଗୁରୁଦ୍ୱାର ରୋଡ୍, ଜଗନ୍ନାଥ କଲୋନୀ, ପାନପୋଷ ଅଞ୍ଚଳରେ କୃତ୍ରିମ ବନ୍ୟା ସ୍ଥିତି। ଅନେକ ବସ୍ତି ଏବଂ ତଳିଆ ଅଞ୍ଚଳରେ ଲହଡ଼ି ଭାଙ୍ଗୁଛି ବର୍ଷା ପାଣି। ଫଳରେ ଘରୁ ବାହାରିବା ମୁସକିଲ୍ ହୋଇପଡ଼ିଛି। ରେଳ ଷ୍ଟେସନର ୪ ନମ୍ବର ପ୍ଲାଟଫର୍ମ ଉପରେ। ଆଣ୍ଠୁଏ ଆଣ୍ଠୁଏ ପାଣି। ପାର୍କିଂରେ ଥିବା ଦୁଇଚକିଆ ଓ ଚାରିଚକିଆ ଗାଡ଼ି ମଧ୍ୟ ପାଣିରେ ବୁଡ଼ି ରହିଛି। ଏପଟେ ଲଗାଣ ବର୍ଷାରେ ରେଳ ଷ୍ଟେସନରେ ବଡ଼ ଅଘଟଣ। ୧ ନମ୍ବର ପ୍ଲାଟଫର୍ମରେ ନିର୍ମାଣାଧୀନ ସେଡ୍ ହଠାତ୍ ଭୁଶୁଡ଼ି ପଡ଼ିବା ଫଳରେ ୩ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେଡ୍ ଭୁଶୁଡ଼ି ତଳେ ଥିବା ଏକ କାର ଉପରେ ପଡ଼ିଥିଲା। ଫଳରେ କାରରେ ଥିବା ୩ ଯାତ୍ରୀ ଚାପି ହୋଇଯାଇଥିଲେ। ପରେ ଜିଆରପି ଏବଂ ଆରପିଏଫ୍ ଟିମ୍ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ମେଡିକାଲ ନେଇଛନ୍ତି । ଏ ଅଘଟଣ ପରେ ଏବେ ଅନେକ ପ୍ରଶ୍ନ ଉଠିଛି। କିଭଳି ସ୍ଥିତିରେ ଭୁଶୁଡ଼ିଲା ନିର୍ମାଣାଧୀନ ସେଡ୍? ଲଗାଣ ବର୍ଷା ଯୋଗୁଁ ଭୁଶୁଡ଼ିଲା ନା ନିର୍ମାଣରେ ଥିଲା ତ୍ରୁଟି? ଧନ ଜୀବନ କ୍ଷତି ହୋଇଥିଲେ କିଏ ହୋଇଥାନ୍ତା ଦାୟୀ?

ଜଳପ୍ରପାତର ଅପରୂପ ସୌନ୍ଦର୍ଯ୍ୟ 'ତଳମିଟିଂ'

ମୌଳିକ ସୁବିଧା ସୁଯୋଗ ଏଯାଏଁ ପହଞ୍ଚି ପାରିନି

କୋରାପୁଟ(ଅମୃତ ମିଡିଆ): ପ୍ରାକୃତିକ ଶୋଭାରାଜି ମଧ୍ୟରେ ରହିଛି ତଳମିଟିଂ। ଗାଁକୁ ଲାଗି ପଥୁରିଆ ଝରଣା ଦେଇ ବହିଯାଇଛି ଜଳପ୍ରପାତ, ଯାହା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଜଳପ୍ରପାତର ଅପରୂପ ସୌନ୍ଦର୍ଯ୍ୟ ଉପଭୋଗ ପାଇଁ ଦୂରଦୂରାନ୍ତରୁ ଛୁଟି ଆସୁଛନ୍ତି ପର୍ଯ୍ୟଟକ। କିନ୍ତୁ ଗାଁରେ ମୌଳିକ ସୁବିଧା ସୁଯୋଗ ଏଯାଏଁ ପହଞ୍ଚି ପାରିନି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତ୍, ମୋବାଇଲ୍ ଭଳି ସୁବିଧାରୁ ବଞ୍ଚିତ ହୋଇ ଡିଜିଟାଲ୍ ଦୁନିଆ ବାହାରେ ରହିଛନ୍ତି ଗ୍ରାମବାସୀ। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଗୌଡ଼ଗୁଡ଼ା ପଞ୍ଚାୟତରେ ରହିଛି ତଳମିଟିଂ ଗାଁ। ଖଣି ଅଞ୍ଚଳରୁ ମାତ୍ର ୨ କିମି ଦୂରରେ ରହିଥିବା ଏହି ଗାଁରେ ରହୁଛନ୍ତି ୫୦ ପରିବାର। ପିଢ଼ି ପରେ ପିଢ଼ି ଜଙ୍ଗଲ ଓ ପାହାଡ଼ଘେରା ମଧ୍ୟରେ ରହିଥିଲେ ମଧ୍ୟ ପ୍ରଶାସନର ଶୁଭଦୃଷ୍ଟି ପଡୁନି ସେମାନଙ୍କ ଉପରେ। ଆଜି ପର୍ଯ୍ୟନ୍ତ ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇନି। ୨୦୧୭ ମସିହାରେ ଉକ୍ତ ଗାଁକୁ ସୌରଚାଳିତ ପ୍ରକଳ୍ପ ମାଧ୍ୟମରେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଥିଲା। ମରାମତି ଅଭାବରୁ ଅଧା ସୋଲାର ଲାଇଟ୍ ଜଳୁଥିବା ବେଳେ ଅଧା ଅଚଳ ହୋଇ ରହିଥିବା କହିଛନ୍ତି ଗ୍ରାମବାସୀ। ଗାଁରେ ବିଏସ୍‌ଏନ୍‌ଏଲ୍ ମୋବାଇଲ୍ ଟାୱାର ସ୍ଥାପନ ହେବାର ବର୍ଷେ ବିତିଲାଣି। ଅଦ୍ୟାବଧି ତାହା କାର୍ଯ୍ୟକ୍ଷମ ହୋଇନାହିଁ। ଗ୍ରାମବାସୀ ମୋବାଇଲ୍ ନେଟୱର୍କ ପାଇଁ ପାହାଡ଼ ଚଢୁଛନ୍ତି। ଗାଁରେ ଥିବା ପ୍ରାଥମିକ ସ୍କୁଲକୁ କମ୍ ଉପସ୍ଥାନ ଦର୍ଶାଇ ଶିକ୍ଷା ବିଭାଗ ବନ୍ଦ କରିଦେବା ପରେ ଗାଁରୁ ୪ କିମି ଦୂରରେ ଥିବା ଲଛମଣି ଗାଁ ସ୍କୁଲକୁ ପଢ଼ିବାକୁ ଯାଉଛନ୍ତି ଛାତ୍ରଛାତ୍ରୀ। ପ୍ରତିଦିନ ୪ କିମି ଯିବା ଆସିବା ସମ୍ଭବ ନଥିବାରୁ ସେବାଶ୍ରମରେ ରହିବା ଅନୁମତି ନ ମିଳିଲେ ପିଲା ବାଧ ହୋଇ ପାଠ ଛାଡୁଛନ୍ତି। ପାହାଡ଼ଘେରା ଗାଁରେ ଚାଷ ଜମି ଅଭାବ ଯୋଗୁଁ ବାଉଁଶ ଡିଆରି ସାମଗ୍ରୀ ଗ୍ରାମବାସୀଙ୍କୁ ରୋଜଗାର ପ୍ରଦାନ କରୁଥିଲା। ସମୟକ୍ରମେ ଜଙ୍ଗଲ ନଷ୍ଟ କାରଣରୁ ବାଉଁଶ ବି ପର୍ଯ୍ୟାପ୍ତ ପରିମାଣରେ ମିଳୁନି। ଗାଁଠାରୁ ୫୦୦ ମିଟର ଦୂରରେ ଜଳପ୍ରପାତ ରହିଛି। ଅଥଚ ସେଠାକୁ ଯିବା ପାଇଁ ପକ୍କା ରାସ୍ତା ନ ଥିବାବେଳେ ପର୍ଯ୍ୟଟକଙ୍କ ଲାଗି ବିଶ୍ରାମଗୃହ ଓ ପାର୍କିଂ ବ୍ୟବସ୍ଥା ନାହିଁ। ପର୍ଯ୍ୟଟନର ଅନନ୍ୟ ସମ୍ଭାର ତଳମିଟିଂ ସହ ଗାଁର ବିକାଶ ଦିଗରେ ତୁରନ୍ତ ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ପଦକ୍ଷେପ ନେବା ପାଇଁ ପୂର୍ବତନ ସରପଞ୍ଚ ଡମ୍ବରୁଧର ମୁଦୁଲି ଦାବି କରିଛନ୍ତି।

କୋର୍ଟରୁ କାମ ସାରି ଫେରୁଥିଲେ, ଓକିଲଙ୍କୁ ଭୁଜାଲିରେ ହାଣିଲେ ଦୁର୍ବୃତ୍ତ

ଜଳେଶ୍ୱର(ଅମୃତ ମିଡିଆ): ଜଳେଶ୍ୱରରେ ଜଣେ ଆଇନଜୀବୀଙ୍କ ଉପରେ ଭୁଜାଲିରେ ଆକ୍ରମଣ ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। କୋର୍ଟରୁ କାର୍ଯ୍ୟ ସାରି ଫେରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଛନ୍ତି। ଗୁରୁତର ଆହତ ଆଇନଜୀବୀଙ୍କୁ ଜଳେଶ୍ୱର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାର ତଦନ୍ତ ଆରମ୍ଭ କରିଛି ଜଳେଶ୍ୱର ପୋଲିସ। ଆଇନଜୀବୀ ଜଣକ ହେଲେ ସିଦ୍ଧାର୍ଥ ଦାସ । ଜଳେଶ୍ୱରର ବିଶିଷ୍ଟ ଆଇନଜୀବୀ ସିଦ୍ଧାର୍ଥ ଦାସ କୋର୍ଟରୁ ନିଜ କାର୍ଯ୍ୟ ସାରି ଫେରୁଥିବା ବେଳେ ଜାତୀୟ ରାଜପଥ-୧୬ର ଶାନ୍ତିଆ ନିକଟରେ କିଛି ଦୁର୍ବୃତ୍ତ ତାଙ୍କ ଉପରେ ହଠାତ୍ ଭୁଜାଲିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ତାଙ୍କ ଡାହାଣ ପାର୍ଶ୍ୱ କାନ୍ଧ ଓ ଦୁଇ ପାପୁଲିରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଜଳେଶ୍ୱର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତରମାନେ ଆହତ ଆଇନଜୀବୀଙ୍କ ଚିକିତ୍ସା କରୁଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିଛନ୍ତି। ଘଟଣାର ଖବର ପାଇ ଜଳେଶ୍ୱର ପୋଲିସ ହସ୍ପିଟାଲରେ ପହଞ୍ଚି ଆହତଙ୍କ ବୟାନ ରେକର୍ଡ କରିବା ସହ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି। ଆକ୍ରମଣର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ଦୁର୍ବୃତ୍ତଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

ଅମାନିଆ ଗାଡ଼ି ଚାଳକ; ୪ ମାସରେ ୨୮ ହଜାର ଚାଳକଙ୍କୁ ଇ-ଚାଲାଣ

ରାଉରକେଲା(ଅମୃତ ମିଡିଆ): ସ୍ମାର୍ଟସିଟି ରାଉରକେଲାରେ ଟ୍ରାଫିକ୍ ନିୟମର ଖୋଲା ଉଲ୍ଲଂଘନ ଚାଲିଛି। କିଏ ବିନା ହେଲ୍‌ମେଟ୍ ପିନ୍ଧି ଗାଡ଼ି ଚଳାଉଥିବାବେଳେ ପୁଣି କିଏ ନିଶାସେବନ, ମୋବାଇଲ ବ୍ୟବହାର କରି ଗାଡ଼ି ଚାଳନା କରୁଛନ୍ତି। ଯଦ୍ୱାରା ସଡ଼କ ଦୁର୍ଘଟଣା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଅବଶ୍ୟ, ପୁଲିସ ପ୍ରଶାସନ ପକ୍ଷରୁ ଇ-ଚାଲାଣ କଟାଯାଉଛି। ଗତ ୪ ମାସ ଭିତରେ ରାଉରକେଲା ପୁଲିସ ପକ୍ଷରୁ ପ୍ରାୟ ୨୮ ହଜାର ନିୟମ ଉଲ୍ଲଂଘନକାରୀଙ୍କୁ ଇ-ଚାଲାଣ ଜାରି କରାଯାଇଛି। ସହରର ପ୍ରମୁଖ ଛକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ଟ୍ରାଫିକ ଉଲ୍ଲଂଘନକାରୀଙ୍କ ଉପରେ ନଜର ରଖିବା ପାଇଁ ପ୍ରାୟ ୧୧୦୦ଟି ସିସି କ୍ୟାମେରା ଖଞ୍ଜାଯାଇଛି। ଗତ ୪ ମାସ ଭିତରେ ନିୟମ ଉଲ୍ଲଂଘନକାରୀଙ୍କ ଠାରୁ ପ୍ରାୟ ୩ କୋଟି ଟଙ୍କାର ଜରିମାନା ଆଦାୟ କରାଯାଇଛି, ଯାହା ସହରରେ ବଢୁଥିବା ଅସନ୍ତୋଷଜନକ ଟ୍ରାଫିକ୍ ସ୍ଥିତିକୁ ସ୍ପଷ୍ଟ କରୁଛି। ଏହି ସମୟରେ ବିନା ହେଲମେଟରେ ଗାଡ଼ି ଚଳାଉଥିବା ୩,୬୦୦ ଜଣ ଚାଳକଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୯୮ଟି ମାମଲା ସାମ୍ନାକୁ ଆସିଛି। ସେହିପରି ନିଶାସେବନ କରି ଗାଡ଼ି ଚଳାଉଥିବା ୧୨୦ ଜଣ ଏବଂ ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ଫୋନ ବ୍ୟବହାର କରୁଥିବା ୧୪୦ ଜଣ ବେପରୁଆ ଚାଳକଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଚାଳକଙ୍କ ସାମାନ୍ୟ ଅସାବଧାନତା ତଥା ନିୟମ ଉଲ୍ଲଂଘନ ଯୋଗୁ ନିୟମିତ ବ୍ୟବଧାନରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ତେବେ ଅମାନିଆଙ୍କ ଉପରେ ଯେଭଳି କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା କଥା, ତାହା ଦେଖିବାକୁ ମିଳୁନି। ଉଲ୍ଲଂଘନକାରୀଙ୍କ ବିରୋଧରେ ମୋଟା ଅଙ୍କର ଜରିମାନା, ଡ୍ରାଇଭିଂ ଲାଇସେନ୍ସ ବାତିଲ, ଗାଡ଼ି ଜବତ ଭଳି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉନି। ଯଦ୍ୱାରା ବେପରୁଆ ଗାଡ଼ିଚାଳନା ହ୍ରାସ ପାଉନି। ସହରର ସୁରକ୍ଷା ଓ ଶୃଙ୍ଖଳା ବଜାୟ ରଖିବା ପାଇଁ ତତ୍ତଡ ଓ ଯାଞ୍ଚ ପ୍ରକ୍ରିୟାକୁ ବ୍ୟାପକ କରିବାକୁ ଦାବି ହେଉଛି।

ଜିଲ୍ଲାରେ ନାମକୁ ମାତ୍ର ଚାଲିଛି ଶିକ୍ଷା ବ୍ୟବସ୍ଥା

୬ ବିଇଓ, ୧୦ ଏବିଇଓ ସହ ୯୨୭ରୁ ଅଧିକ ପଦବି ଖାଲି

ଭଦ୍ରକ(ଅମୃତ ମିଡିଆ): ଭଦ୍ରକ ଜିଲ୍ଲାରେ ନାମକୁ ମାତ୍ର ଚାଲିଛି ଶିକ୍ଷା ବ୍ୟବସ୍ଥା। ବିଭିନ୍ନ ସ୍ତରରେ ବହୁଳ ପଦବି ଖାଲି ପଡ଼ିଛି। ୭ ବ୍ଲକ୍‌ରୁ ୬ ବ୍ଲକ୍‌ରେ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ପଦବି ଖାଲି ରହିଥିବା ବେଳେ ୬ଶହରୁ ଊର୍ଦ୍ଧ୍ୱ ଶିକ୍ଷକ ପଦବି ଖାଲି ରହିଛି। ଭଦ୍ରକ ବ୍ଲକ୍ ବ୍ୟତୀତ ଅନ୍ୟ ୬ଟି ବ୍ଲକ୍- ବାସୁଦେବପୁର, ଚାନ୍ଦବାଲି, ଚିହିଡ଼ି, ଧାମନଗର , ଭଞ୍ଜାରିପୋଖରୀ, ବନ୍ତ ବ୍ଲକ୍‌ରେ ବ୍ଲକ୍ ଶିକ୍ଷା ଅଧିକାରୀ ପଦବି ଖାଲି ରହିଛି। ଏହା ସହ ୧୦ ଜଣ ଏବିଇଓ ପଦବି ଖାଲି ପଡ଼ିଛି। ୭ଟି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ୭ ଜଣ ମୁଖ୍

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.113, Tuesday, 11 August 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୩, ମଙ୍ଗଳବାର, ୧୧ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା